# ଆଇ.ସି.- 38

# କର୍ପୋରେଟ୍ ଏଜେଣ୍ଟଗୁଡିକ
# ସାଧାରଣ

**ସ୍ୱୀକାରୋକ୍ତି**

ଏହି ପାଠ୍ୟକ୍ରମଟି ଭାରତୀୟ ବୀମା ବିନିୟାମକ ଓ ବିକାଶ ପ୍ରାଧିକରଣ (ଆଇ.ଆର.ଡି.ଏ.ଆଇ.) ଦ୍ୱାରା ନିର୍ଦ୍ଧାରିତ ସଂଶୋଧିତ ପାଠ୍ୟ ବିବରଣ ଉପରେ ଆଧାରିତ ଅଟେ ଏବଂ ଭାରତୀୟ ବୀମା ସଂସ୍ଥାନ, ମୁମ୍ବାଇ ଦ୍ୱାରା ପ୍ରସ୍ତୁତ କରାଯାଇଛି ।

**ଲେଖକ/ସମୀକ୍ଷକ (ବର୍ଣ୍ଣମାଳା କ୍ରମରେ)**

**ଡ. ଆର୍. କେ. ଦୁଗ୍ଗାଲ୍**
**ଡ. ଶଶୀଧରନ କେ. କୁଟ୍ଟୀ**
**ସି.ଏ.ପି. କୋଟେଶ୍ୱର ରାଓ**
**ଡ. ପ୍ରଦୀପ ସରକାର**
**ପ୍ରୋ. ମାଧୁରୀ ଶର୍ମା**
**ଡ. ଜର୍ଜ ଇ. ଥମାସ୍**
**ପ୍ରୋ. ଅର୍ଚ୍ଚନା ବାଜେ**

**ଏହି ପାଠ୍ୟକ୍ରମକୁ ସି-ଡ୍ୟାକ୍, ପୁନା ର ସହାୟତାରେ ଓଡ଼ିଆରେ ଅନୁବାଦ ଓ ସମୀକ୍ଷା କରାଯାଇଛି ।**
**ଶ୍ରୀ ନୃସିଂହ ଚରଣ ନାୟକ**
**ଶ୍ରୀ କିଶୋର କୃଷ୍ଣ ପଣ୍ଡା**

भारतीय बीमा संस्थान
INSURANCE INSTITUTE OF INDIA
॥ ज्ञानयोगात सिद्धिः ॥

ଜି-ବ୍ଲକ୍, ପ୍ଲଟ୍ ନଂ. ସି-46, ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା (ପୂ), ମୁମ୍ବାଇ-400051.

# କର୍ପୋରେଟ୍ ଏଜେଣ୍ଟଗୁଡିକ
# ସାଧାରଣ

# ଆଇ.ସି.-38

**ସଂସ୍କରଣ ବର୍ଷ:** 2023

## ସମସ୍ତ ଅଧିକାର ସଂରକ୍ଷିତ

ଏହି ପାଠ୍ୟକ୍ରମ ବିଷୟବସ୍ତୁଟି ଭାରତୀୟ ବୀମା ସଂସ୍ଥାନ (III) ର ସତ୍ତ୍ୱାଧିକାର ଅଟେ । ଏହି ପାଠ୍ୟକ୍ରମର ପରିକଳ୍ପନା ଭାରତୀୟ ବୀମା ସଂସ୍ଥାନ ପରୀକ୍ଷାରେ ଉପସ୍ଥିତ ହେଉଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଶୈକ୍ଷଣିକ ନିବେଶ (ଇନପୁଟ) ଯୋଗାଇବା ସକାଶେ କରାଯାଇଛି । ଏହି ପାଠ୍ୟକ୍ରମ ବିଷୟବସ୍ତୁକୁ, ଆଂଶିକ ରୂପେ କିମ୍ବା ସଂପୂର୍ଣ୍ଣ ରୂପେ ହେଉ, ସଂସ୍ଥାନର ପୂର୍ବ ବ୍ୟକ୍ତ ଲିଖିତ ଅନୁମତି ବିନା, ବ୍ୟବସାୟିକ ଉଦ୍ଦେଶ୍ୟରେ ପୁନଃପ୍ରସ୍ତୁତ କରାଯାଇ ନ ପାରେ ।

ବିଷୟବସ୍ତୁ ପ୍ରଚଳିତ ସର୍ବୋତ୍ତମ ପ୍ରଥା ଉପରେ ପର୍ଯ୍ୟବେଶିତ ଅଟେ ଏବଂ ବୈଧିକ କିମ୍ବା ଅନ୍ୟ ପ୍ରକାରର ବିବାଦ ପରିପ୍ରେକ୍ଷୀରେ ବ୍ୟାଖ୍ୟା କିମ୍ବା ସମାଧାନ ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ ନୁହେଁ ।

ଏହା କେବଳ ଏକ ସଙ୍କେତାତ୍ମକ ଅଧ୍ୟୟନ ବିଷୟବସ୍ତୁ ଅଟେ । ଦୟାକରି ଧ୍ୟାନ ଦିଅନ୍ତୁ ଯେ, ପରୀକ୍ଷାରେ ଆସୁଥିବା ପ୍ରଶ୍ନସବୁ କେବଳ ଏହି ଅଧ୍ୟୟନ ବିଷୟବସ୍ତୁ ମଧ୍ୟରେ ସୀମିତ ରହିବ ନାହିଁ ।

ପ୍ରକାଶିତ: ମହା ସଚିବ, ଭାରତୀୟ ବୀମା ସଂସ୍ଥାନ, ଜି-ବ୍ଲକ୍, ପ୍ଲଟ୍ ସି-46, ବାନ୍ଦ୍ରା-କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା (ପୂ), ମୁମ୍ବାଇ-400 051 ଦ୍ୱାରା ଏବଂ ମୁଦ୍ରିତ

ଏହି ଅଧ୍ୟୟନ ବିଷୟବସ୍ତୁ ସମ୍ବନ୍ଧିତ କୌଣସି ବି ସୂଚନାକୁ ଆବରଣ ପୃଷ୍ଠାରେ ଉଲ୍ଲିଖିତ ବିଷୟ ଶୀର୍ଷକ ଓ ଅନନ୍ୟ ପ୍ରକାଶନ ସଂଖ୍ୟାକୁ ଉଲ୍ଲେଖ କରି ctd@iii.org.in କୁ ପ୍ରେରଣ  କରାଯାଇ ପାରେ ।

# ପ୍ରସ୍ତାବନା

ଭାରତୀୟ ବୀମା ସଂସ୍ଥାନ, ଭାରତୀୟ ବୀମା ବିନିୟାମକ ଓ ବିକାଶ ପ୍ରାଧିକରଣ (ଆଇ.ଆର୍.ଡି.ଏ.ଆଇ) ଦ୍ୱାରା ନିର୍ଦ୍ଧାରିତ ପାଠ୍ୟକ୍ରମ ଆଧାରରେ ବୀମା ଅଭିକର୍ତ୍ତାମାନଙ୍କ ପାଇଁ ଏହି ପାଠ୍ୟକ୍ରମ ବିଷୟବସ୍ତୁକୁ ବିକଶିତ କରିଛି । ପାଠ୍ୟକ୍ରମ ବିଷୟବସ୍ତୁକୁ ପ୍ରସ୍ତୁତ କରିବାରେ ଉଦ୍ୟୋଗ ବିଶେଷଜ୍ଞମାନେ ସଂପୃକ୍ତ ହୋଇଥିଲେ ।

ପାଠ୍ୟକ୍ରମଟି ସମ୍ୟକ୍ ଦୃଷ୍ଟିକୋଣରେ, ସେମାନଙ୍କ ବ୍ୟବସାୟିକ ବୃତ୍ତିକୁ ବୁଝିବା ଓ ପ୍ରଶଂସା କରିବାକୁ ସମ୍ବନ୍ଧିତ ବ୍ୟାପାର ପଙ୍କ୍ତିରେ ଅଭିକର୍ତ୍ତାମାନଙ୍କୁ ସକ୍ଷମ କରିବାପାଇଁ ଜୀବନ, ସାଧାରଣ ଏବଂ ସ୍ୱାସ୍ଥ୍ୟ ବୀମାର ମୂଳଭୂତ ଜ୍ଞାନ ପ୍ରଦାନ କରେ ।

ପାଠ୍ୟକ୍ରମର ସଂରଚନା ଚାରି ବିଭାଗରେ କରାଯାଇଛି । (1) ବିହଙ୍ଗାବଲୋକନ—ଏକ ସାଧାରଣ ବିଭାଗ ଯାହା ବୀମା ସିଦ୍ଧାନ୍ତ, ବୈଧିକ ସିଦ୍ଧାନ୍ତ ଏବଂ ବିନିୟାମକ ବିଷୟକୁ ବର୍ଣ୍ଣନା କରେ ଯାହା ବୀମା ଅଭିକର୍ତ୍ତାମାନେ ଜାଣିବା ଆବଶ୍ୟକ (2) ଜୀବନ ବୀମା ଅଭିକର୍ତ୍ତା, (3) ସାଧାରଣ ବୀମା ଅଭିକର୍ତ୍ତା ଏବଂ (4) ସ୍ୱାସ୍ଥ୍ୟ ବୀମା ଅଭିକର୍ତ୍ତା ହେବାପାଇଁ ଆକାଂକ୍ଷା ରଖିଥିବା ବ୍ୟକ୍ତିମାନଙ୍କ ପାଇଁ ଅଲଗା ଅଲଗା ବିଭାଗ ଦିଆ ଯାଇଛି ।

ଛାତ୍ରଛାତ୍ରୀମାନଙ୍କୁ ପରୀକ୍ଷା ନମୂନାର ଏବଂ ପଚରାଯିବାକୁ ଥିବା ବସ୍ତୁନିଷ୍ଠ ପ୍ରଶ୍ନାବଳୀର ପ୍ରକାରର ଧାରଣା ଦେବାପାଇଁ ପାଠ୍ୟକ୍ରମରେ ଆଦର୍ଶ ପ୍ରଶ୍ନାବଳୀର ଏକ ସମୁଚ୍ଚୟକୁ ଅନ୍ତର୍ଭୁକ୍ତ କରାଯାଇଛି । ସେମାନେ ଯାହା ଶିଖିଛନ୍ତି, ତାକୁ ପୁନଃ ପରୀକ୍ଷିତ କରିବାରେ ମଧ୍ୟ ଏହି ଆଦର୍ଶ ପ୍ରଶ୍ନାବଳୀ ସେମାନଙ୍କୁ ସାହାଯ୍ୟ କରିବ ।

ବୀମା ଏକ ଗତିଶୀଳ ପରିବେଶରେ କାର୍ଯ୍ୟ କରେ । ଅଭିକର୍ତ୍ତାମାନଙ୍କୁ ବଜାରରେ ଘଟୁଥିବା ପରିବର୍ତ୍ତନଗୁଡିକ ସମ୍ବନ୍ଧରେ ସର୍ବଶେଷ ଜ୍ଞାନ (ଅପଟୁଡେଟ୍) ରହିବା ଆବଶ୍ୟକ । ସେମାନେ ବ୍ୟକ୍ତିଗତ ଅଧ୍ୟୟନ ଏବଂ ସମ୍ବନ୍ଧିତ ବୀମାକର୍ତ୍ତାମାନଙ୍କ ଦ୍ୱାରା ବ୍ୟବସ୍ଥା କରାଯାଉଥିବା ଇନ୍-ହାଉସ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମମାନଙ୍କରେ ଅଂଶଗ୍ରହଣ ଜରିଆରେ ସକ୍ରିୟରୂପେ ଜ୍ଞାନ ପ୍ରାପ୍ତିର ଲକ୍ଷ୍ୟ ରଖିବା ଉଚିତ୍ ।

ସଂସ୍ଥାନ ଉପରେ ଏହି କାର୍ଯ୍ୟ ନ୍ୟସ୍ତ କରିଥିବାରୁ ସଂସ୍ଥାନ ଆଇ.ଆର୍.ଡି.ଏ. ଆଇ. କୁ ଧନ୍ୟବାଦ ଅର୍ପଣ କରୁଛି । ସଂସ୍ଥାନ ଏହି ବିଷୟବସ୍ତୁକୁ ଅଧ୍ୟୟନ କରିବାରେ ଆଗ୍ରହୀ ଥିବା ସମସ୍ତ ବ୍ୟକ୍ତିଙ୍କୁ ବୀମା ବିପଣନରେ ଏକ ସଫଳ ଜୀବିକା ପାଇଁ ଶୁଭେଚ୍ଛା ଜଣାଉଛି ।

# ସୂଚୀପତ୍ର


| ଅଧ୍ୟାୟ ସଂ. | ଶୀର୍ଷକ | ପୃଷ୍ଠା ସଂ. |
|---|---|---|
| **ବିଭାଗ** | **ସାଧାରଣ ବୀମା** | |
| G-01 | ସାଧାରଣ ବୀମା ଦଲିଲୀକରଣ | 2 |
| G-02 | ସଙ୍କଟାଙ୍କନ ଏବଂ ମୂଲ୍ୟ ନିର୍ଦ୍ଧାରଣ | 21 |
| G-03 | ବ୍ୟକ୍ତିଗତ ଏବଂ ଖୁଚୁରା ବୀମା | 32 |
| G-04 | ବ୍ୟାପାରିକ ବୀମା | 43 |
| G-05 | ସାଧାରଣ ବୀମା ଦାବୀ | 73 |
| **ବିଭାଗ** | **ସଂଲଗ୍ନ** | |
| A-01 | ସଂଲଗ୍ନ – ପୂରଣ କରିବାକୁ ଥିବା ନମୂନା ପ୍ରସ୍ତାବ ଫର୍ମ ଏବଂ ଦାବୀ ଫର୍ମ | 83 |

# ବିଭାଗ

# ସାଧାରଣ ବୀମା

# ଅଧ୍ୟାୟ G-01

## ସାଧାରଣ ବୀମା ଦଲିଲୀକରଣ

**ଅଧ୍ୟାୟ ପରିଚୟ**

ଅଧ୍ୟାୟ 7 ରେ ଆଲୋଚିତ ହୋଇଥିବା ଭଳି, ପ୍ରସ୍ତାବ ଫର୍ମରେ ସେହି ସବୁ ସୂଚନା ଥାଏ ଯାହା ବୀମା ପାଇଁ ପ୍ରଦାନ କରାଯାଉଥିବା ସଙ୍କଟକୁ ସ୍ୱୀକାର କରିବାରେ ବୀମା କମ୍ପାନୀ ପାଇଁ ଉପଯୋଗୀ ହୋଇଥାଏ ।

ଆମେମାନେ ଦେଖିଛୁ ଯେ ବୀମାର ବିଭିନ୍ନ ଶାଖାରେ, ଦଲିଲୀକରଣ ଆବଶ୍ୟକତାଗୁଡିକ ବୀମିତ ବିଷୟ ବସ୍ତୁ, ବୀମା ସୁରକ୍ଷାର ପ୍ରକାର ଏବଂ ଉତ୍ପନ୍ନ ହେବାକୁ ଥିବା ଦାବୀଗୁଡିକର ପ୍ରକାର ଆଧାରରେ ଭିନ୍ନ ଭିନ୍ନ ହୋଇଥାଏ ।

**ଅଧ୍ୟୟନ ପରିଣାମ**

A. ପ୍ରସ୍ତାବ ଫର୍ମ
B. *ପ୍ରସ୍ତାବର ସ୍ୱୀକୃତି (ସଙ୍କଟାଙ୍କନ)*
C. ପ୍ରିମିୟମ ରସିଦ
D. *ବୀମା ସୁରକ୍ଷା ଟିପ୍ପଣୀ/ ବୀମାର ପ୍ରମାଣପତ୍ର / ପଲିସୀ ଦସ୍ତାବିଜ*
E. *ୱାରେଣ୍ଟି*
F. *ପୃଷ୍ଠାଙ୍କନ*
G. *ପଲିସୀଗୁଡିକର ବ୍ୟାଖ୍ୟା*
H. *ନୂତନୀକରଣ ସୂଚନା*

ଏହି ଅଧ୍ୟାୟର ଅଧ୍ୟୟନ ପରେ, ଆପଣମାନେ ସକ୍ଷମ ହେବେ:

a) ଏକ ପ୍ରସ୍ତାବ ଫର୍ମର ବିଷୟବସ୍ତୁକୁ ବ୍ୟାଖ୍ୟା କରିବା ପାଇଁ

b) ବିବରଣୀ ପୁସ୍ତିକାର ମହତ୍ୱକୁ ବର୍ଣ୍ଣନା କରିବା ପାଇଁ

c) ପ୍ରିମିୟମ ରସିଦକୁ ବୁଝିବା ପାଇଁ

d) ବୀମା ପଲିସୀ ଦସ୍ତାବିଜରେ ଥିବା ପଦଗୁଡିକୁ ଏବଂ ଶବ୍ଦଗୁଡିକୁ ବ୍ୟାଖ୍ୟା କରିବା ପାଇଁ

e) ପଲିସୀ ସର୍ତ୍ତାବଳୀ ଏବଂ ୱାରେଣ୍ଟିଗୁଡିକ ଉପରେ ଆଲୋଚନା କରିବା ପାଇଁ

f) ପୃଷ୍ଠାଙ୍କନଗୁଡିକ କାହିଁକି ଜାରୀ କରାଯାଏ, ତାହାର ମୂଲ୍ୟାଙ୍କନ କରିବା ପାଇଁ

g) ନୂତନୀକରଣ ସୂଚନା କାହିଁକି ଜାରୀ କରାଯାଏ, ତାହାର ମୂଲ୍ୟାଙ୍କନ କରିବା ପାଇଁ

## A. ପ୍ରସ୍ତାବ ଫର୍ମ

ପ୍ରସ୍ତାବ ଫର୍ମରେ ସେହି ସୂଚନା ଥାଏ ଯାହା ବୀମାପାଇଁ ପ୍ରସ୍ତାବ କରାଯାଉଥିବା ସଙ୍କଟକୁ ସ୍ୱୀକାର କରିବାକୁ ବୀମା କମ୍ପାନୀ ପାଇଁ ଉପଯୋଗୀ ହୋଇଥାଏ । ପରମ ସଦ୍ଭାବର ସିଦ୍ଧାନ୍ତ ଏବଂ ଆବଶ୍ୟକୀୟ ସୂଚନାର ପ୍ରକଟୀକରଣର କର୍ତ୍ତବ୍ୟ ବୀମା ପାଇଁ ପ୍ରସ୍ତାବ ଫର୍ମ ସହିତ ଆରମ୍ଭ ହୋଇଥାଏ ।

**ଉଦାହରଣ**

ଯଦି ଏକ ବୀମିତକୁ ଏକ ଆଲାର୍ମ ରଖିବାର ଆବଶ୍ୟକତା ଥିଲା ଏବଂ ଉଲ୍ଲେଖ କରିଥିଲା ଯେ ତାର ସୁନା ଅଳଙ୍କାର ଶୋରୁମରେ ଏକ ସ୍ୱୟଂଚାଳିତ ଆଲାର୍ମ ସିଷ୍ଟମ ଅଛି, ତେବେ ତାକୁ ନା କେବଳ ଏହାକୁ ପ୍ରକଟ କରିବାର ଆବଶ୍ୟକତା ଅଛି, କିନ୍ତୁ ତାକୁ ସୁନିଶ୍ଚିତ କରିବାକୁ ପଡିବ ଯେ ତାହା ସମଗ୍ର ପଲିସୀ ଅବଧିରେ କାର୍ଯ୍ୟକ୍ଷମ ଅବସ୍ଥାରେ ରହେ । ଆଲାର୍ମର ବିଦ୍ୟମାନତା ବୀମାକର୍ତ୍ତା ପାଇଁ ଏକ ଆବଶ୍ୟକୀୟ ତଥ୍ୟ ଅଟେ ଯିଏ ଏହି ସବୁ ତଥ୍ୟ ଆଧାରରେ ପ୍ରସ୍ତାବକୁ ସ୍ୱୀକାର କରିବ ଏବଂ ତଦନୁସାରେ ସଙ୍କଟର ପ୍ରିମିୟମ ନିର୍ଦ୍ଧାରଣ କରିବ ।

### 1. ଏକ ପ୍ରସ୍ତାବ ଫର୍ମରେ ପ୍ରଶ୍ନଗୁଡିକର ସ୍ୱରୂପ

ଏକ ପ୍ରସ୍ତାବ ଫର୍ମରେ ଥିବା ପ୍ରଶ୍ନଗୁଡିକର ସଂଖ୍ୟା ଓ ସ୍ୱରୂପ ସମ୍ବନ୍ଧିତ ବୀମାର ଶ୍ରେଣୀ ଅନୁସାରେ ଭିନ୍ନ ଭିନ୍ନ ହୋଇଥାଏ ।

i. ଅଗ୍ନି ବୀମା ପ୍ରସ୍ତାବ ଫର୍ମଗୁଡିକ ସାଧାରଣତଃ ଘର, ଦୋକାନ ଇତ୍ୟାଦି ଭଳି ଅପେକ୍ଷାକୃତ ସରଳ/ମାନକ ସଙ୍କଟଗୁଡିକ ପାଇଁ ଉପଯୋଗ କରାଯାଇଥାଏ । ବଡ଼ ବଡ଼ ଔଦ୍ୟୋଗିକ ସଙ୍କଟଗୁଡିକ ପାଇଁ, ସଙ୍କଟର ସ୍ୱୀକୃତି ପୂର୍ବରୁ ବୀମାକର୍ତ୍ତା ଦ୍ୱାରା ସଙ୍କଟର ପ୍ରାକ୍-ବୀମା ନିରୀକ୍ଷଣର ବ୍ୟବସ୍ଥା କରାଯାଏ । ବିଶେଷ ସୂଚନା ସଂଗ୍ରହ କରିବା ପାଇଁ ପ୍ରସ୍ତାବ ଫର୍ମ ଅତିରିକ୍ତ ବେଳେବେଳେ ବିଶିଷ୍ଟ ପ୍ରଶ୍ନାବଳୀର ଉପଯୋଗ କରାଯାଏ ।

   ଅଗ୍ନି ବୀମା ପ୍ରସ୍ତାବ ଫର୍ମ, ଅନ୍ୟ ଜିନିଷମାନଙ୍କ ମଧ୍ୟରେ ସେହି ସମ୍ପତ୍ତିର ବିବରଣ ମାଗେ ଯାହା ନିମ୍ନଲିଖିତ ସୂଚନାଗୁଡିକୁ ସମ୍ମିଳିତ କରିଥିବ:

   - ✓ ବାହ୍ୟ କାନ୍ଥ ଓ ଛାତର ନିର୍ମାଣ, ତାଲା ମହଲା ସଂଖ୍ୟା
   - ✓ ଘରର ପ୍ରତ୍ୟେକ ଅଂଶର ବ୍ୟବହାର/ଉପଯୋଗ
   - ✓ ବିପତ୍ତିପୂର୍ଣ୍ଣ ଜିନିଷଗୁଡିକର ଉପସ୍ଥିତି
   - ✓ କଞ୍ଚା ପଦାର୍ଥ (Raw material) **ଏବଂ** ନିର୍ମିତ ବସ୍ତୁ ସମେତ ନିର୍ମାଣର ପ୍ରକ୍ରିୟା
   - ✓ ବୀମା ପାଇଁ ପ୍ରସ୍ତାବିତ ରାଶି
   - ✓ ବୀମାର ଅବଧି, ଇତ୍ୟାଦି

ii. ମୋଟର ବୀମା ପାଇଁ ବାହନ, ଏହାର ସଂଚାଳନ, ପ୍ରସ୍ତୁତି ଏବଂ ଧାରଣ କରିବା କ୍ଷମତା, ମାଲିକ ଦ୍ୱାରା ଏହାକୁ କେମିତି ଉପଯୋଗ କରାଯାଏ ଏବଂ ସମ୍ବନ୍ଧୀୟ ବୀମା ଇତିହାସ ବିଷୟରେ ପ୍ରଶ୍ନ ସବୁ ପଚରା ଯାଇଥାଏ ।

iii. ବ୍ୟକ୍ତିଗତ ଶ୍ରେଣୀର ଯେପରିକି ସ୍ୱାସ୍ଥ୍ୟ, ବ୍ୟକ୍ତିଗତ ଦୁର୍ଘଟଣା ଏବଂ ଯାତ୍ରା ବୀମାରେ, ପ୍ରସ୍ତାବ ଫର୍ମଗୁଡିକୁ ପ୍ରସ୍ତାବକର ସ୍ୱାସ୍ଥ୍ୟ, ଜୀବନ ଶୈଳୀ ଓ ଅଭ୍ୟାସ, ପୂର୍ବରୁ ବିଦ୍ୟମାନ ସ୍ୱାସ୍ଥ୍ୟ ଅବସ୍ଥା, ଚିକିତ୍ସୀୟ ଇତିହାସ, ଆନୁବଂଶିକ ଗୁଣ, ଅତୀତର ବୀମା ଅନୁଭୂତି ଇତ୍ୟାଦି ସମ୍ବନ୍ଧରେ ସୂଚନା ପାଇବା ପାଇଁ ଡିଜାଇନ୍ କରାଯାଏ ।

iv. ଅନ୍ୟାନ୍ୟ ବିବିଧ ବୀମାରେ, ପ୍ରସ୍ତାବ ଫର୍ମଗୁଡିକ ଅନିବାର୍ଯ୍ୟ ଅଟେ ଏବଂ ସେମାନେ ଏକ ଘୋଷଣାପତ୍ର ସମ୍ମିଳିତ କରନ୍ତି ଯାହା ସଭାବର କର୍ତ୍ତବ୍ୟର ସାଧାରଣ ନିୟମକୁ ବିସ୍ତାରିତ କରିଥାଏ ।

2. **ଏକ ପ୍ରସ୍ତାବର ମୂଳ ତତ୍ତ୍ୱ**

**i. ପ୍ରସ୍ତାବକର ପୂରା ନାମ**

ପ୍ରସ୍ତାବକ ନିଜକୁ ସ୍ୱଷ୍ଟ ରୂପେ ପରିଚିତ କରିବାରେ ସକ୍ଷମ ହେବା ଉଚିତ୍ । ବୀମାକର୍ତ୍ତା ପାଇଁ ଏହା ଜାଣିବା ମହତ୍ୱପୂର୍ଣ୍ଣ ଅଟେ ଯେ କାହା ସହିତ ଚୁକ୍ତିରେ ପ୍ରବେଶ କରାଯାଇଛି, ଯାହା ଦ୍ୱାରା ପଲିସୀ ଅନ୍ତର୍ଗତ ଲାଭଗୁଡିକ ବୀମିତ ଦ୍ୱାରା ହିଁ କେବଳ ପ୍ରାପ୍ତ ହୋଇ ପାରିବ ।

**ii. ପ୍ରସ୍ତାବକର ଠିକଣା ଏବଂ ସଂପର୍କ ବିବରଣୀ**

ଉପରେ ଉଲ୍ଲେଖ କରାଯାଇଥିବା କାରଣସବୁ ପ୍ରସ୍ତାବକର ଠିକଣା ଓ ସଂପର୍କ ବିବରଣୀ ବି ସଂଗ୍ରହ କରିବା ପାଇଁ ପ୍ରଯୁଜ୍ୟ ଅଟେ ।

**iii. ପ୍ରସ୍ତାବକର ବୃତ୍ତି, ରୋଜଗାର କିମ୍ବା ବ୍ୟବସାୟ**

ସ୍ୱାସ୍ଥ୍ୟ ଏବଂ ବ୍ୟକ୍ତିଗତ ଦୁର୍ଘଟଣା ବୀମା ଭଳି କେତେକ କ୍ଷେତ୍ରରେ, ପ୍ରସ୍ତାବକର ବୃତ୍ତି, ରୋଜଗାର କିମ୍ବା ବ୍ୟବସାୟ ମହତ୍ୱପୂର୍ଣ୍ଣ ଅଟେ ଯେହେତୁ ସେଗୁଡିକ ସଙ୍କଟ ସହିତ ସମ୍ପର୍କୀୟ ।

**iv. ବୀମାର ବିଷୟବସ୍ତୁର ବିବରଣୀ ଓ ପରିଚୟ**

ପ୍ରସ୍ତାବକକୁ ସ୍ୱଷ୍ଟ ରୂପେ ସେହି ବିଷୟ ବସ୍ତୁକୁ ଉଲ୍ଲେଖ କରିବା ଆବଶ୍ୟକ ଅଟେ ଯାହା ବୀମା ପାଇଁ ପ୍ରସ୍ତାବିତ ହୋଇଥାଏ ।

**ଉଦାହରଣ**

ପ୍ରସ୍ତାବକକୁ ଏହା ଉଲ୍ଲେଖ କରିବା ଆବଶ୍ୟକ ଯେ ଏହା ହେଉଛି:

i. ଏକ ପ୍ରାଇଭେଟ୍ କାର [ଏହାର ଇଞ୍ଜିନ ନମ୍ବର, ଚ୍ୟାସିସ୍ ନମ୍ବର, ରେଜିଷ୍ଟ୍ରେଶନ୍ ନମ୍ବର ଭଳି ପରିଚୟ ଥାଇ] କିମ୍ବା

ii. ଏକ ଆବାସିକ ଗୃହ [ଏହାର ସଂପୂର୍ଣ୍ଣ ଠିକଣା ଓ ପରିଚୟ ସଂଖ୍ୟା ଥାଇ] କିମ୍ବା

iii. ଏକ ସମୁଦ୍ରପାରୀ /ବିଦେଶ ଯାତ୍ରା [କାହା ଦ୍ୱାରା, କେବେ, କେଉଁ ଦେଶକୁ, କେଉଁ ଉଦ୍ଦେଶ୍ୟରେ]କିମ୍ବା

iv. ଏକ ବ୍ୟକ୍ତିର ସ୍ୱାସ୍ଥ୍ୟ [ବ୍ୟକ୍ତିର ନାମ, ଠିକଣା ଓ ପରିଚୟ ସହିତ] ଇତ୍ୟାଦି ପ୍ରକରଣ ଆଧାରରେ

v. ବୀମା ରାଶି ପଲିସୀ ଅନ୍ତର୍ଗତ ବୀମାକର୍ତ୍ତାର ସର୍ବାଧିକ ଦାୟିତ୍ୱକୁ ସୂଚୀତ କରେ ଏବଂ ତାହାକୁ ସମସ୍ତ ପ୍ରସ୍ତାବ ଫର୍ମରେ ସୂଚୀତ କରିବାକୁ ପଡ଼େ ।

vi. ପୂର୍ବବର୍ତ୍ତୀ ଏବଂ ବର୍ତ୍ତମାନର ବୀମା: ସାଧାରଣ ଅଧ୍ୟାୟମାନଙ୍କରେ ଦେଖାଯାଇଥିବା ଭଳି, ପ୍ରସ୍ତାବକକୁ ବୀମାକର୍ତ୍ତାକୁ ତା' ପୂର୍ବବର୍ତ୍ତୀ ବୀମାଗୁଡିକ ସମ୍ବନ୍ଧୀୟ ବିବରଣୀ ସୂଚୀତ କରିବା ଆବଶ୍ୟକ ।

ସମ୍ପତ୍ତି ବୀମାରେ, ଏକ ସମ୍ଭାବନା ରହିଥାଏ ଯେ ବୀମିତ ବିଭିନ୍ନ ବୀମାକର୍ତ୍ତାଠାରୁ ପଲିସୀ ନେଇପାରେ ଏବଂ ଯେତେବେଳେ ଏକ ହାନି ହୁଏ, ଏକାଧିକ ବୀମାକର୍ତ୍ତାଠାରୁ ଦାବୀ କରିପାରେ । ଏହି ସୂଚନାଟି ଏହା ସୁନିଶ୍ଚିତ କରିବା

ପାଇଁ ଆବଶ୍ୟକ ଅଟେ ଯେ ଅଂଶଦାନର ସିଦ୍ଧାନ୍ତ ଲାଗୁ କରାଯାଏ ଯାହାଦ୍ୱାରା ବୀମିତର କ୍ଷତିପୂର୍ତ୍ତି କରାଯାଏ ଏବଂ ସେହି ଏକା ସଙ୍କଟ ପାଇଁ ବିଭିନ୍ନ ବୀମାକର୍ତ୍ତାଠୁ ପୃଥକ୍ ପୃଥକ୍ ଲାଭ ନ ପାଏ ।

ଆହୁରି, ବ୍ୟକ୍ତିଗତ ଦୁର୍ଘଟଣା ବୀମାରେ, ଏକ ବୀମାକର୍ତ୍ତା, ସେହି ଏକା ବୀମିତ ଦ୍ୱାରା ନିଆଯାଇଥିବା ଅନ୍ୟ PA ପଲିସୀଗୁଡ଼ିକ ଅନ୍ତର୍ଗତ ବୀମା ରାଶି ଆଧାରରେ ବୀମା ସୁରକ୍ଷାର ରାଶି (ବୀମା ରାଶି)କୁ ସୀମିତ କରିପାରେ ।

### vii. ହାନି ଅନୁଭୂତି (ଅତୀତ କ୍ଷତି ଇତିହାସ)

ପ୍ରସ୍ତାବକକୁ, ତା' ଦ୍ୱାରା ଆକ୍ରାନ୍ତ ହୋଇଥିବା ସମସ୍ତ ହାନିର ସଂପୂର୍ଣ୍ଣ ବିବରଣୀ ଘୋଷିତ କରିବାକୁ କୁହାଯାଏ, ସେଗୁଡ଼ିକୁ ବୀମିତ ଥାଉ କିମ୍ବା କରାଯାଇ ନ ଥାଉ । ଏହା ବୀମାକର୍ତ୍ତାଙ୍କୁ ବୀମାର ବିଷୟ ବସ୍ତୁ ଏବଂ ବୀମିତ ଅତୀତରେ ସଙ୍କଟର ପ୍ରବନ୍ଧ କେମିତି କରିଛି, ତାହା ସମ୍ବନ୍ଧୀୟ ସୂଚନା ଦେବ ସଙ୍କଟାଙ୍କକମାନେ ସେହିଭଳି ଉତ୍ତରଗୁଡ଼ିକଠାରୁ ସଙ୍କଟକୁ ଆହୁରି ଭଲ ଭାବେ ବୁଝି ପାରିବେ ଏବଂ ସଙ୍କଟ ନିରୀକ୍ଷଣ ଆୟୋଜିତ କରିବା ଉପରେ କିମ୍ବା ଆହୁରି ବିବରଣୀ ସଂଗ୍ରହ କରିବା ପାଇଁ ନିର୍ଣ୍ଣୟ ନିଅନ୍ତି ।

### viii. ବୀମିତ ଦ୍ୱାରା ଘୋଷଣାପତ୍ର

ଯେହେତୁ ପ୍ରସ୍ତାବ ଫର୍ମର ଉଦ୍ଦେଶ୍ୟ ହେଉଛି ବୀମାକର୍ତ୍ତାମାନଙ୍କୁ ସମସ୍ତ ଆବଶ୍ୟକୀୟ ସୂଚନା ଯୋଗାଇବା, ଫର୍ମରେ ବୀମିତ ଦ୍ୱାରା ଏକ ଘୋଷଣାପତ୍ର ସମ୍ମିଳିତ ହୁଏ ଯେ ଉତ୍ତରଗୁଡ଼ିକ ସତ୍ୟ ଓ ସଠିକ୍ ଅଟନ୍ତି ଏବଂ ସେ ସମ୍ମତ ହୁଏ ଯେ ଫର୍ମ ଟି ବୀମା ଚୁକ୍ତିର ଆଧାର ହେବ । କୌଣସି ବି ଭୁଲ ଉତ୍ତର ବୀମାକର୍ତ୍ତାମାନଙ୍କୁ ଚୁକ୍ତିଟିକୁ ଅଗ୍ରାହ୍ୟ କରିବାର ଅଧିକାର ଦେବ । ସବୁ ପ୍ରସ୍ତାବ ଫର୍ମରେ ସାଧାରଣ ଥିବା ଅନ୍ୟ ବିଭାଗଗୁଡ଼ିକ ହସ୍ତାକ୍ଷର, ତାରିଖ ଏବଂ କେତେକ କ୍ଷେତ୍ରରେ ଅଭିକର୍ତ୍ତାଙ୍କ ସୁପାରିଶ ସମ୍ବନ୍ଧୀୟ ହୋଇଥାଏ ।

## B. ପ୍ରସ୍ତାବର ସ୍ୱୀକୃତି (ସଙ୍କଟାଙ୍କନ)

ଏକ ସଂପୂର୍ଣ୍ଣ କରାଯାଇଥିବା ପ୍ରସ୍ତାବ ଫର୍ମ ନିମ୍ନଲିଖିତ ସୂଚନା ଦେଇଥାଏ:

- ✓ ବୀମିତର ବିବରଣୀ
- ✓ **ବିଷୟ ବସ୍ତୁର ବିବରଣୀ**
- ✓ ଆବଶ୍ୟକୀୟ ବୀମା ସୁରକ୍ଷାର ପ୍ରକାର
- ✓ ଶାରୀରିକ ବିଶେଷତାର ବିବରଣୀ ଉଭୟ ସକାରାତ୍ମକ ଓ ନକାରାତ୍ମକ –ନିର୍ମାଣର ପ୍ରକାର ଓ ଗୁଣ, ଆୟୁ, ଅଗ୍ନି-ନିର୍ବାପକ ଉପକରଣର ଉପସ୍ଥିତି, ସୁରକ୍ଷାର ପ୍ରକାର ଇତ୍ୟାଦି ସମେତ,
- ✓ **ବୀମା ଓ ହାନିର ପୂର୍ବର ଇତିହାସ**

ସମ୍ପତ୍ତି, ମୋଟର କିମ୍ବା କାର୍ଗୋ ବୀମା କ୍ଷେତ୍ରରେ, ବୀମାକର୍ତ୍ତା , ସ୍ୱୀକୃତି ପୂର୍ବରୁ ସଙ୍କଟର ସ୍ୱରୂପ ଓ ମୂଲ୍ୟ ଆଧାରରେ ସଙ୍କଟର ପୂର୍ବ-ନିରୀକ୍ଷଣ ପାଇଁ ବ୍ୟବସ୍ଥା ବି କରିପାରନ୍ତି । ବୀମାକର୍ତ୍ତାମାନେ ପ୍ରସ୍ତାବ, ସଙ୍କଟ ନିରୀକ୍ଷଣ ରିପୋର୍ଟ, ଅତିରିକ୍ତ ପ୍ରଶ୍ନାବଳୀର ଉତ୍ତର ଏବଂ ଅନ୍ୟାନ୍ୟ ଦସ୍ତାବିଜ (ଯାହାକୁ ବୀମାକର୍ତ୍ତା ଦ୍ୱାରା ମଗାଯାଇପାରେ) ରେ ଉପଲବ୍ଧ ସୂଚନା ଆଧାରରେ ନିର୍ଣ୍ଣୟ ନେଇଥାନ୍ତି । ବୀମାକର୍ତ୍ତା ତାପରେ ସଙ୍କଟ କାରକ ଉପରେ ଲାଗୁ କରାଯିବାକୁ ଥିବା ହାର ସମ୍ବନ୍ଧରେ ନିର୍ଣ୍ଣୟ ନିଏ ଏବଂ ବିଭିନ୍ନ ମାପଦଣ୍ଡ ଆଧାରରେ ପ୍ରିମିୟମ ନିର୍ଦ୍ଧାରଣ କରିଥାଏ, ଏବଂ ବୀମିତକୁ ସୂଚୀତ କରାଯାଇଥାଏ । ପ୍ରସ୍ତାବଗୁଡ଼ିକୁ ବୀମାକର୍ତ୍ତା ଦ୍ୱାରା

ତ୍ୱରିତ ଦକ୍ଷତାର ସହିତ ପ୍ରୋସେସ୍ କରାଯାଏ ଏବଂ ତା' ସମ୍ବନ୍ଧୀୟ ସମସ୍ତ ନିର୍ଣ୍ଣୟକୁ ଏକ ଉଚିତ୍ ସମୟ ମଧ୍ୟରେ ଲିଖିତ ରୂପେ ସୂଚୀତ କରିଥାଏ ।

**ପରିଭାଷା / ସଂଜ୍ଞା**

ସଙ୍କଟାଙ୍କନ: ପଲିସୀଧାରକଙ୍କ ହିତ ସୁରକ୍ଷା ବିନିୟମନ, 2017 ଅନୁସାରେ, କମ୍ପାନୀକୁ ପ୍ରସ୍ତାବକୁ 15 ଦିନର ସମୟ ମଧ୍ୟରେ ପ୍ରୋସେସ୍ କରିବାକୁ ପଡ଼ିଥାଏ ଅଭିକର୍ତ୍ତାଙ୍କୁ ଏହି ସମୟରେଖାଗୁଡିକର ଟ୍ରାକ୍ ରଖିବାର, ଆନ୍ତରିକ ରୂପେ ପାଳନ କରିବାର ଏବଂ ଗ୍ରାହକ ସେବା ରୂପେ ସମୟ ସମୟରେ ଗ୍ରାହକ/ବୀମିତକୁ ସୂଚୀତ କରିବାର ଆଶା କରାଯାଏ । ପ୍ରସ୍ତାବର ଯାଞ୍ଚ କରିବାର ଏବଂ ସ୍ୱୀକୃତି ସମ୍ବନ୍ଧରେ ନିର୍ଣ୍ଣୟ ନେବାର ଏହି ସମଗ୍ର ପ୍ରକ୍ରିୟାକୁ ସଙ୍କଟାଙ୍କନ କୁହାଯାଏ ।

**ସ୍ୱୟଂ ପରୀକ୍ଷା କରନ୍ତୁ 1**

ପଲିସୀଧାରକଙ୍କ ହିତ ସୁରକ୍ଷା ବିନିୟମନ, 2017 ଅନୁସାରେ, ଏକ ବୀମା କମ୍ପାନୀକୁ ଏକ ବୀମା ପ୍ରସ୍ତାବକୁ __________ ମଧ୍ୟରେ ପ୍ରୋସେସ୍ କରିବାକୁ ପଡ଼ିଥାଏ ।

I. 7 ଦିନ

II. 15 ଦିନ

III. 30 ଦିନ

IV. 45 ଦିନ

## C. ପ୍ରିମିୟମ ରସିଦ

**ପ୍ରିମିୟମ** ହେଉଛି ଏକ ବୀମା ଚୁକ୍ତି ଅନ୍ତର୍ଗତ, ବୀମାର ବିଷୟ ବସ୍ତୁକୁ ବୀମିତ କରିବା ପାଇଁ ବୀମାକର୍ତ୍ତାଙ୍କୁ ବୀମିତ ଦ୍ୱାରା ପ୍ରଦାନ କରାଯାଇଥିବା ପ୍ରତିଫଳ/ଅର୍ଥ କିମ୍ବା ରାଶି ପରିମାଣ । ଅଧ୍ୟାୟ 4 ରେ ଆଲୋଚନା କରାଯାଇଥିବା ଭଳି, ଅଭିକର୍ତ୍ତା ସର୍ବଦା ସଚେତ ରହିବା ଉଚିତ୍ ଯେ ବୀମା ଅଧିନିୟମର ଧାରା 64 VB ଅନୁସାରେ **ପ୍ରିମିୟମକୁ ଅଗ୍ରୀମ ରୂପେ, ବୀମା ଚୁକ୍ତିର ପ୍ରାରମ୍ଭ ତାରିଖ ପୂର୍ବରୁ, ପ୍ରଦାନ କରିବାକୁ ପଡ଼ିଥାଏ ।**

**ମହତ୍ୱପୂର୍ଣ୍ଣ**

a) ବୀମା ଅଧିନିୟମ 1938 ର ଧାରା 64 VB ପ୍ରାବଧାନ ରଖେ ଯେ କୌଣସି ବୀମାକର୍ତ୍ତା କୌଣସି ସଙ୍କଟ ଗ୍ରହଣ କରିବ ନାହିଁ ଯେ ପର୍ଯ୍ୟନ୍ତ ପ୍ରିମିୟମଟି ଅଗ୍ରୀମରେ ପ୍ରାପ୍ତ ନ ହୁଏ କିମ୍ବା ପ୍ରଦାନ କରାଯିବ ବୋଲି ଗ୍ୟାରେଣ୍ଟି ଦିଆ ନ ଯାଏ କିମ୍ବା ନିର୍ଦ୍ଧାରିତ ପ୍ରକାରେ ଅଗ୍ରୀମ ରୂପେ ଜମା କରା ନ ଯାଏ । ବୀମା ନିୟମାବଳୀ 58 ଏବଂ 59 ରେ କେତେକ ପରିସ୍ଥିତିରେ ପ୍ରିମିୟମର ଅଗ୍ରୀମ ପ୍ରଦାନର ଏହି ସର୍ତ୍ତ ଉପରେ କିଛି ବ୍ୟତିକ୍ରମର ପ୍ରାବଧାନ ଅଛି ।

b) ଯେଉଁଠି ଏକ ବୀମା ଅଭିକର୍ତ୍ତା ଏକ ବୀମାକର୍ତ୍ତା ତରଫରୁ ବୀମାର ଏକ ପଲିସୀ ଉପରେ ପ୍ରିମିୟମ ସଂଗ୍ରହ କରେ, ସେ ବ୍ୟାଙ୍କ ଏବଂ ଡାକ ବିଭାଗର ଛୁଟି ବ୍ୟତୀତ ରାଶି ସଂଗ୍ରହର ଚବିଶ ଘଣ୍ଟା ମଧ୍ୟରେ ତାର କମିଶନକୁ ନ କାଟି ସଂଗ୍ରହ କରାଯାଇଥିବା ସଂପୂର୍ଣ୍ଣ ପ୍ରିମିୟମକୁ ବୀମାକର୍ତ୍ତା ପାଖରେ ଜମା କରିବ କିମ୍ବା ତା ପାଖକୁ ଡାକ ଯୋଗେ ପଠାଇବ ।

c) ଏହାର ମଧ୍ୟ ପ୍ରାବଧାନ ଅଛି ଯେ ସଙ୍କଟକୁ କେବଳ ସେହି ତାରିଖ ଠାରୁ ଗ୍ରହଣ କରାଯାଇପାରେ ଯେଉଁ ତାରିଖରେ ପ୍ରିମିୟମକୁ ନଗଦରେ କିମ୍ବା ଚେକ୍ ଦ୍ୱାରା ପ୍ରଦାନ କରାଯାଇ ଥିବା ।

d) ଯେଉଁଠି ପ୍ରିମିୟମକୁ ପୋଷ୍ଟାଲ କିମ୍ବା ମନିଅର୍ଡର କିମ୍ବା ଚେକ୍ ଦ୍ୱାରା ଡାକ ମାଧ୍ୟମରେ ପଠାଯାଇ ଥାଏ, ସଙ୍କଟକୁ ସେହି ତାରିଖରେ ଗ୍ରହଣ କରାଯାଇଛି ବୋଲି ମାନିବାକୁ ପଡିବ ଯେଉଁ ତାରିଖ ମନିଅର୍ଡରକୁ ବୁକ୍ କରାଯାଇଥିଲା କିମ୍ବା ଚେକ୍ କୁ ପୋଷ୍ଟ କରାଯାଇଥିଲା, ଯାହା ପ୍ରଯୁଜ୍ୟ ।

e) ପ୍ରିମିୟମର କୌଣସି ଫେରସ୍ତ ଯାହା ବୀମିତ ପାଇଁ, ପଲିସୀର ରଦ୍ଦକରଣ କିମ୍ବା ଏହାର ନିୟମ ଓ ସର୍ତ୍ତାବଳୀରେ ପରିବର୍ତ୍ତନ କାରଣରୁ କିମ୍ବା ଅନ୍ୟ କୌଣସି କାରଣରୁ, ଦେୟ ହୋଇପାରେ, ଏହାକୁ ବୀମାକର୍ତ୍ତା ଦ୍ୱାରା ବୀମିତକୁ ସିଧାସଳଖ ଏକ କ୍ରସ୍ କରାଯାଇଥିବା କିମ୍ବା ଅର୍ଡର ଚେକ୍ ଦ୍ୱାରା କିମ୍ବା ପୋଷ୍ଟାଲ/ମନି ଅର୍ଡର ଦ୍ୱାରା କିମ୍ବା ଇଲେକ୍ଟ୍ରୋନିକ୍ ମାଧ୍ୟମରେ ପ୍ରଦାନ କରାଯିବ ଏବଂ ବୀମାକର୍ତ୍ତା ଦ୍ୱାରା ବୀମିତ ଠାରୁ ଏକ ଉପଯୁକ୍ତ ରସିଦ ପ୍ରାପ୍ତ କରାଯିବ, ଏବଂ ସେହି ରିଫଣ୍ଡକୁ କେବେ ବି ଅଭିକର୍ତ୍ତାର ଖାତାରେ ଜମା କରାଯିବ ନାହିଁ ।

## D. ବୀମା ସୁରକ୍ଷା ଟିପ୍ପଣୀ (cover note) /ବୀମାର ପ୍ରମାଣପତ୍ର/ ପଲିସୀ ଦସ୍ତାବିଜ

ସଙ୍କଟାଙ୍କନ ପୂରା ହୋଇଯିବା ପରେ ପଲିସୀ ଜାରୀ ହେବା ପୂର୍ବରୁ କିଛି ସମୟ ଲାଗି ପାରେ । ପଲିସୀର ପ୍ରସ୍ତୁତିକରଣ ଅପୂର୍ଣ୍ଣ ରହିଥିଲେ କିମ୍ବା ଯେତେବେଳେ ବୀମା ପାଇଁ କଥାବାର୍ତ୍ତା ପ୍ରଗତିରେ ଥାଏ ଏବଂ ଏକ ଅନନ୍ତିମ ଆଧାରରେ ବୀମା ସୁରକ୍ଷା ପ୍ରଦାନ କରିବା ଆବଶ୍ୟକ ହୋଇଥାଏ କିମ୍ବା ଯେତେବେଳେ ପ୍ରଯୁଜ୍ୟ ପ୍ରକୃତ ହାର ନିର୍ଦ୍ଧାରଣ କରିବା ପାଇଁ ପରିସରଗୁଡିକୁ ନିରୀକ୍ଷଣ କରାଯାଉଥାଏ, ପଲିସୀ ଅନ୍ତର୍ଗତ ସୁରକ୍ଷାକୁ ପୁଷ୍ଟି କରଣ କରିବା ପାଇଁ ଏକ ବୀମା ସୁରକ୍ଷା ଟିପ୍ପଣୀ (କଭର ନୋଟ୍) ଜାରୀ କରାଯାଇଥାଏ । ଏହା ସୁରକ୍ଷାର ବିବରଣ ଦେଇଥାଏ । ବେଳେବେଳେ, ବୀମାକର୍ତ୍ତାମାନେ ଏକ କଭର ନୋଟ୍ ପରିବର୍ତ୍ତେ ଅନନ୍ତିମ ବୀମାକୁ ପୁଷ୍ଟି କରୁଥିବା ଏକ ପତ୍ର ଜାରୀ କରିଥାନ୍ତି । (Held Covered Letter)

ଯଦିଓ କଭର ନୋଟ୍ କୁ ମୁଦ୍ରାଙ୍କିତ (ପଲିସୀ ଟିକେଟ୍ ଯୁକ୍ତ) କରାଯାଇ ନ ଥାଏ, କଭର ନୋଟ୍ ର ଶବ୍ଦାବଳୀ ଏହା ସ୍ପଷ୍ଟ କରିଥାଏ ଯେ ଏହା ସମ୍ବନ୍ଧିତ ବର୍ଗର ବୀମା ପାଇଁ ବୀମାକର୍ତ୍ତାର ପଲିସୀର ସାମାନ୍ୟ ନିୟମ ଓ ସର୍ତ୍ତାବଳୀ ଅଧୀନରେ ହୋଇଥାଏ । ଯଦି ସଙ୍କଟଟି କୌଣସି ୱାରେଣ୍ଟି ଦ୍ୱାରା ସଂଚାଳିତ ହୁଏ, ତେବେ କଭର ନୋଟ୍ ଉଲ୍ଲେଖ କରିପାରେ ଯେ ବୀମାଟି ସେଭଳି ୱାରେଣ୍ଟିର ଅନ୍ତର୍ଗତ ଅଟେ । କଭର ନୋଟ୍ କୁ ବିଶେଷ ଅନୁଚ୍ଛେଦର ଅନ୍ତର୍ଗତ ମଧ୍ୟ କରାଯାଇ ଥାଏ, ଯଦି ପ୍ରଯୁଜ୍ୟ ହୋଇଥାଏ, ଉ.ସ୍ୱ ସମ୍ମତ ବ୍ୟାଙ୍କ ଅନୁଚ୍ଛେଦ (Agreed Bank Clause), ଘୋଷଣାପତ୍ର ଅନୁଚ୍ଛେଦ (Declaration Clause) ଇତ୍ୟାଦି ।

ଏକ କଭର ନୋଟ୍ ନିମ୍ନ ଗୁଡିକୁ ସମ୍ମିଳିତ କରି ପାରେ :

a) ବୀମିତର ନାମ ଏବଂ ଠିକଣା

b) ବୀମା ରାଶି

c) ବୀମାର ଅବଧି

d) ସୁରକ୍ଷାପ୍ରାପ୍ତ ସଙ୍କଟ

e) ହାର ଏବଂ ପ୍ରିମିୟମ : ଯଦି ହାର ଜଣା ନାହିଁ, ଅନ୍ତରିମ ପ୍ରିମିୟମ

f) ସୁରକ୍ଷାପ୍ରାପ୍ତ ସଙ୍କଟର ବିବରଣ: ଉଦାହରଣ ସ୍ୱରୂପ ଏକ ଅଗ୍ନି କଭର ନୋଟ୍ କୋଠା ଘରର ଚିହ୍ନିତକରଣ ବିବରଣୀ, ଏହାର ନିର୍ମାଣ ସ୍ତର ଏବଂ ବ୍ୟବହାର ସୂଚୀତ କରିପାରେ ।

g) କଭର ନୋଟ୍ ର କ୍ରମିକ ସଂଖ୍ୟା

h) ଜାରୀ ତାରିଖ

i) କଭର ନୋଟ୍ ର ବୈଧତା ସାଧାରଣତଃ ପନ୍ଦର ଦିନର ଅବଧି ପାଇଁ ହୋଇଥାଏ ଏବଂ କ୍ୱଚିତ୍ 60 ଦିନ ପର୍ଯ୍ୟନ୍ତ କରାଯାଇଥାଏ ।

**କଭର ନୋଟ୍ ଗୁଡିକ ମୂଖ୍ୟତଃ ସାମୁଦ୍ରିକ ଏବଂ ମୋଟର ଶ୍ରେଣୀର ବ୍ୟବସାୟରେ ଉପଯୋଗ କରାଯାଇଥାଏ ।**

### 1. ସାମୁଦ୍ରିକ ସୁରକ୍ଷା ଟିପ୍ପଣୀ

ଏଗୁଡିକ ସାଧାରଣତଃ ଜାରୀ କରାଯାଏ ଯେତେବେଳେ ପଲିସୀ ପାଇଁ ଆବଶ୍ୟକୀୟ ବିବରଣୀ ଯେମିତି କି ଷ୍ଟିମରର ନାମ, ପ୍ୟାକେଜ ସଂଖ୍ୟା, କିମ୍ବା ସଠିକ୍ ମୂଲ୍ୟ ଇତ୍ୟାଦି ଜଣା ନ ଥାଏ । ଏପରିକି ରପ୍ତାନୀ କ୍ଷେତ୍ରରେ, ଏକ କଭର ନୋଟ୍ ଜାରୀ କରାଯାଇପାରେ ଉ.ସ୍ୱ. ନୌବହନ ପାଇଁ ଉଦ୍ଦିଷ୍ଟ କାର୍ଗୋର ଏକ ନିର୍ଦ୍ଦିଷ୍ଟ ପରିମାଣ ରପ୍ତାନୀକର୍ତ୍ତା ଦ୍ୱାରା ବନ୍ଦରକୁ ପଠାଯାଏ । ଏହା ହୋଇପାରେ ଯେ, ଆବଶ୍ୟକୀୟ ନୌ-ପରିବହନ ସ୍ଥାନ ସୁରକ୍ଷିତ ରଖିବାର ସମସ୍ୟାଯୋଗୁଁ, ଉଦ୍ଦିଷ୍ଟ ଜାହାଜ ଦ୍ୱାରା କାର୍ଗୋର ନୌବହନ ଜଣା ପଡିବ ନାହିଁ । ଏହି ପରିସ୍ଥିତିରେ, ଏକ କଭର ନୋଟ୍ ଆବଶ୍ୟକ ହୋଇପାରେ ଯାହା ପରେ ନିୟମିତ ପଲିସୀ ଜାରୀ ହୋଇଥାଏ ଯେତେବେଳେ ସଂପୂର୍ଣ୍ଣ ବିବରଣୀ ଉପଲବ୍ଧ ହୁଏ ଏବଂ ବୀମା କମ୍ପାନୀକୁ ଜ୍ଞାତ କରାଯାଏ ।

ସାମୁଦ୍ରିକ ସୁରକ୍ଷା ଟିପ୍ପଣୀ ନିମ୍ନଲିଖିତ ଧାଡ଼ି ସହିତ ଉଲ୍ଲିଖିତ କରାଯାଇ ପାରେ:

**i.** ସାମୁଦ୍ରିକ ସୁରକ୍ଷା ଟିପ୍ପଣୀ ସଂଖ୍ୟା

**ii.** ଜାରୀ ତାରିଖ

**iii.** ବୀମିତର ନାମ

**iv.** ମିଆଦ ସୀମା ତାରିଖ

"ଅନୁରୋଧ କରାଯାଇଥିବା ରୂପେ, ଆପଣଙ୍କୁ ଏତଦ୍ଦ୍ୱାରା ଟ. _______________ ପର୍ଯ୍ୟନ୍ତ କମ୍ପାନୀର ପଲିସୀର ସାମାନ୍ୟ ସର୍ତ୍ତାବଳୀ ଅନ୍ତର୍ଗତ ବୀମା ସୁରକ୍ଷା ପ୍ରଦାନ କରାଯାଉଛି ।"

**a) ଅନୁଚ୍ଛେଦ:** ସଂସ୍ଥାନ ଅନୁଚ୍ଛେଦ ଅନୁସାରେ, କିନ୍ତୁ ରଦ୍ଦକରଣର 7 ଦିନର ସୂଚନା ଅନ୍ତର୍ଗତ, ଯୁଦ୍ଧ SRCC ସଙ୍କଟ ସମେତ ଇନଷ୍ଟିଚ୍ୟୁଟ (ସଂସ୍ଥାନ) କାର୍ଗୋ ଅନୁଚ୍ଛେଦ A, B କିମ୍ବା C ।

**b) ସର୍ତ୍ତାବଳୀ:** ପଲିସୀର ଜାରୀ ପାଇଁ ନୌବହନ ଦସ୍ତାବିଜ ଗୁଡିକର ପ୍ରାପ୍ତି ପରେ ପ୍ରଦାନ କରିବାକୁ ଥିବା ନୌପରିବହନର ବିବରଣୀ । ଷ୍ଟିମର ଥିବା ବୋର୍ଡ ଉପରେ ଘୋଷଣାପତ୍ର ଏବଂ/କିମ୍ବା ନୌପରିବହନ ପୂର୍ବରୁ ହାନି କିମ୍ବା କ୍ଷତିର ଘଟଣାରେ, ଏହା ଏତଦ୍ଦ୍ୱାରା ସମ୍ମତି ପ୍ରାପ୍ତ ହୋଇଛି ଯେ ମୂଲ୍ୟାଙ୍କନର ଆଧାର ହେବ ଜିନିଷପତ୍ରର ମୂଖ୍ୟ ମୂଲ୍ୟ ଏବଂ ପ୍ରକୃତରେ ଲାଗୁ ଖର୍ଚ୍ଚ କରାଯାଇଥିବା ଚାର୍ଜ ଯେଉଁଥିପାଇଁ ବୀମିତ ଦାୟୀ ରହେ ।

ଅନ୍ତର୍ଦେଶୀୟ ପାରବହନ ସମ୍ବନ୍ଧରେ ପଲିସୀର ଜାରୀ ପାଇଁ ଆବଶ୍ୟକୀୟ ସମସ୍ତ ପ୍ରାସଙ୍ଗିକ ତଥ୍ୟ ସାଧାରଣତଃ ଉପଲବ୍ଧ ହୋଇଥାଏ ଏବଂ ତେଣୁକରି ଏକ କଭର ନୋଟ୍ ର କ୍ୱଚିତ୍ ଆବଶ୍ୟକତା ପଡ଼ିଥାଏ । ଅବଶ୍ୟ, କେତେକ ଅବସର ଥାଇପାରେ

ଯେତେବେଳେ କଭର ନୋଟ୍ ଗୁଡିକ ଜାରୀ କରାଯାଏ ଏବଂ ପରେ ପରେ କାର୍ଗୋ ପାରବହନ ଇତ୍ୟାଦି ର ସଂପୂର୍ଣ୍ଣ ବିବରଣ ଅନ୍ତର୍ଭୂକ୍ତ କରୁଥିବା ପଲିସୀ ଦ୍ୱାରା ପ୍ରତିସ୍ଥାପିତ କରାଯାଏ ।

2. **ମୋଟର ସୁରକ୍ଷା** /Certificate

ଏଗୁଡିକୁ ସମ୍ବନ୍ଧିତ କମ୍ପାନୀମାନଙ୍କ ଦ୍ୱାରା ନିର୍ଦ୍ଧାରିତ ଫର୍ମରେ ଜାରୀ କରିବାକୁ ହୋଇଥାଏ । ଏକ ମୋଟର ସୁରକ୍ଷା ଟିପ୍ପଣୀର ଅନୁଚ୍ଛେଦକୁ ନିମ୍ନ ରୂପେ ପାଠ କରାଯାଇପାରେ:

"ଫର୍ମାରେ ବର୍ଣ୍ଣିତ ବୀମିତ, ନିମ୍ନରେ ସନ୍ଦର୍ଭିତ କରାଯାଇଥିବା, ତା ମଧ୍ୟରେ ବର୍ଣତ ମୋଟର ବାହନ (ଗୁଡିକ) ସମ୍ବନ୍ଧୀୟ ବୀମା ପାଇଁ ପ୍ରସ୍ତାବିତ କରାଯାଇ ଏବଂ ପ୍ରିମିୟମ ରୂପେ ଟ..........ର ରାଶି ପ୍ରଦାନ କରାଯାଇ, ସେଥିରେ ପ୍ରଯୁଜ୍ୟ .......... ପଲିସୀର କମ୍ପାନୀଙ୍କ ସାମାନ୍ୟ ଫର୍ମର ନିୟମାବଳୀ ଅନ୍ତର୍ଗତ ଏତଦ୍ୱାରା ସଙ୍କଟକୁ ସୁରକ୍ଷା ପ୍ରଦାନ କରାଯାଉଛି (ନିମ୍ନରେ ଉଲ୍ଲିଖିତ କୌଣସି ବିଶିଷ୍ଟ ସର୍ତ୍ତାବଳୀ ଅନ୍ତର୍ଗତ) ଯଦି ସୁରକ୍ଷାଟି କମ୍ପାନୀ ଦ୍ୱାରା ଲିଖିତ ରୂପେ ନୋଟିସ ଦ୍ୱାରା ସମାପ୍ତି କରା ଯାଏ ଯେଉଁ କ୍ଷେତ୍ରରେ ବୀମା ତା' ଉପରେ ସମାପ୍ତ ହୋଇଯିବ ଏବଂ ପ୍ରିମିୟମର ସେଭଳି ବୀମା ପାଇଁ ପ୍ରିମିୟମର ଏକ ସମାନୁପାତିକ ଅଂଶକୁ ତା' ପାଇଁ ରଖାଯିବ ।"

ମୋଟର ସୁରକ୍ଷା ଟିପ୍ପଣୀ ସାଧାରଣତଃ ନିମ୍ନ ବିବରଣୀଗୁଡିକୁ ଅନ୍ତର୍ଭୁକ୍ତ କରେ:

a) ପଞ୍ଜିକରଣ ଚିହ୍ନ ଏବଂ ସଂଖ୍ୟା, କିମ୍ବା ବୀମିତ ବାହନର ବିବରଣ/ଘନ କ୍ଷମତା/ବହନ କରିବା କ୍ଷମତା/ ନିର୍ମାଣ/ ନିର୍ମାଣର ବର୍ଷ, ଇଞ୍ଜିନ ନମ୍ବର, ଚ୍ୟାସିସ୍ ନମ୍ବର

b) ବୀମିତର ନାମ ଏବଂ ଠିକଣା

c) ଅଧିନିୟମର ଉଦ୍ଦେଶ୍ୟରେ ବୀମା ପ୍ରାରମ୍ଭର ପ୍ରଭାବଶାଳୀ ତାରିଖ ଓ ସମୟ । ସମୟ..........., ତାରିଖ.........

d) ବୀମାର ସମାପ୍ତିର ତାରିଖ

e) ଡ୍ରାଇଭ୍ କରିବାର ପାତ୍ର ହୋଇଥିବା ବ୍ୟକ୍ତିମାନେ କିମ୍ବା ବ୍ୟକ୍ତିମାନଙ୍କ ଶ୍ରେଣୀ

f) ଉପଯୋଗରେ ପରିସୀମନ

g) ଅତିରିକ୍ତ ସଙ୍କଟ, ଯଦି କିଛି ଥାଏ

ମୋଟର ସୁରକ୍ଷା ଟିପ୍ପଣୀ ଏକ ପ୍ରମାଣପତ୍ର ସମ୍ମିଳିତ କରେ ଯାହା ପ୍ରଭାବୀ କରି ଯେ ଏହାକୁ ମୋଟର ବାହନ ଅଧିନିୟମ, 1988 ର ଅଧ୍ୟାୟ X ଏବଂ XI ର ପ୍ରାବଧାନ ଅନୁଯାୟୀ ଜାରୀ କରାଯାଏ ।

**ମହତ୍ୱପୂର୍ଣ୍ଣ**

କଭର ନୋଟ୍ ର ବୈଧତାକୁ ଆହୁରି କିନ୍ତୁ କୌଣସି ପରିସ୍ଥିତିରେ ବି ,ଦିନର ଅବଧି ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରେ 15 ଏକ କଭର ନୋଟ୍ ର ବୈଧତାର ମୋଟ ସମୟାବଧିକୁ ଷାଠିଏ ଦିନରୁ ଅଧିକ ହେବ ନାହିଁ

**ଧ୍ୟାନ ଦିଅନ୍ତୁ**: କଭର ନୋଟ୍ ର ଶବ୍ଦାବଳୀ ବୀମାକର୍ତ୍ତା ବୀମାକର୍ତ୍ତା ମଧ୍ୟରେ ଭିନ୍ନ ଭିନ୍ନ ହୋଇପାରେ

ଅଧିକାଂଶ କମ୍ପାନୀ ଦ୍ୱାରା କଭର ନୋଟ୍ ର ଉପଯୋଗକୁ ହତୋତ୍ସାହିତ କରାଯାଉଛି । ବର୍ତ୍ତମାନ ସମୟରେ IT ପ୍ରୌଦ୍ୟୋଗିକୀ ପଲିସୀ ଦସ୍ତାବିଜକୁ ତୁରନ୍ତ ଜାରୀ କରିବାରେ ସହାୟକ ହୋଇଛି ।

3. **ବୀମା ପ୍ରମାଣପତ୍ର - ମୋଟର ବୀମା**

ବୀମାର ପ୍ରମାଣପତ୍ର ସେହି ସବୁ କ୍ଷେତ୍ରରେ ବୀମାର ବିଦ୍ୟମାନତାକୁ ସୂଚୀତ କରେ ଯେଉଁଠି ପ୍ରମାଣ ଆବଶ୍ୟକ ହୋଇପାରେ । ଉଦାହରଣ ସ୍ୱରୂପ, ମୋଟର ବୀମାରେ, ପଲିସୀ ଅତିରିକ୍ତ, ମୋଟର ବାହନ ଅଧିନିୟମ ଦ୍ୱାରା ଆବଶ୍ୟକ ହେଉଥିବା ରୂପେ ବୀମାର ଏକ ପ୍ରମାଣପତ୍ର ଜାରୀ କରାଯାଏ । ଏହି ପ୍ରମାଣପତ୍ର ପୋଲିସ ଏବଂ ପଞ୍ଜିକରଣ ପ୍ରାଧିକରଣ ନିକଟରେ ବୀମାର ପ୍ରମାଣ ପ୍ରଦାନ କରିଥାଏ । ବିଶେଷ ବିଶିଷ୍ଟତା ଦର୍ଶାଉଥିବା, ପ୍ରାଇଭେଟ୍ କାର ପାଇଁ ଏକ ନମୂନା ପ୍ରମାଣପତ୍ର ନିମ୍ନରେ ପ୍ରସ୍ତୁତ କରାଯାଇଛି ।

**ମୋଟର ବାହନ ଅଧିନିୟମ, 1988**

ବୀମା ପ୍ରମାଣପତ୍ର

ପ୍ରମାଣପତ୍ର ସଂ.                                    ପଲିସୀ ସଂ

1. ପଞ୍ଜିକରଣ ଚିହ୍ନ ଏବଂ ସଂଖ୍ୟା, ପଞ୍ଜିକରଣ ସ୍ଥାନ, ଇଞ୍ଜିନ ସଂ/ଚ୍ୟାସିସ୍ ସଂ/ନିର୍ମାଣ/ ନିର୍ମାଣର ବର୍ଷ
2. କଳେବରର ପ୍ରକାର/C.C/ବସିବା କ୍ଷମତା/ନେଟ୍ ପ୍ରିମିୟମ/ପଞ୍ଜିକରଣ ପ୍ରାଧିକରଣର ନାମ
3. ଭୌଗଳିକ କ୍ଷେତ୍ର - ଭାରତ
4. ବୀମିତ ଘୋଷିତ ମୂଲ୍ୟ (IDV)
5. ବୀମିତର ନାମ ଓ ଠିକଣା, ବ୍ୟବସାୟ କିମ୍ବା ପେଶା
6. ଅଧିନିୟମ ଉଦ୍ଦେଶ୍ୟରେ ବୀମା ପ୍ରାରମ୍ଭର ପ୍ରଭାବଶୀଳ ତାରିଖ ।................ ଦିନ ..............ଘଣ୍ଟା
7. ବୀମାର ସମାପ୍ତି ତାରିଖ:................ ର ମଧ୍ୟରାତ୍ରି
8. ଡ୍ରାଇଭ୍ କରିବାର ପାତ୍ର ହୋଇଥିବା ବ୍ୟକ୍ତିମାନେ କିମ୍ବା ବ୍ୟକ୍ତିମାନଙ୍କ ଶ୍ରେଣୀ ନିମ୍ନ ମଧ୍ୟରୁ କିଏ ବି:

ନିମ୍ନ ମଧ୍ୟରୁ କିଏ ବି:

(a) ବୀମିତ:

(b) କୌଣସି ଅନ୍ୟ ବ୍ୟକ୍ତି ଯିଏ ବୀମିତର ଆଦେଶରେ କିମ୍ବା ତା' ଅନୁମତିରେ ଗାଡ଼ି ଚଳାଉଛି

ଏହି ସର୍ତ୍ତରେ ଯେ ଡ୍ରାଇଭ୍ କରୁଥିବା ବ୍ୟକ୍ତି ଦୁର୍ଘଟଣା ସମୟରେ ଏକ ପ୍ରଭାବଶୀଳ ଡ୍ରାଇଭିଂ ଲାଇସେନ୍ସ ଧାରଣ କରିଥାଏ ଏବଂ ସେଭଳି ଏକ ଲାଇସେନ୍ସ ଧାରଣ କରିବା କିମ୍ବା ପ୍ରାପ୍ତି କରିବାଠାରୁ ସେ ଅଯୋଗ୍ୟତାପ୍ରାପ୍ତ ହୋଇ ନ ଥାଏ । ଆହୁରି ମଧ୍ୟ ଏହି ସର୍ତ୍ତରେ ଯେ ଏକ ପ୍ରଭାବଶୀଳ ଲାର୍ନର୍ସ ଲାଇସେନ୍ସ ଧାରଣ କରିଥିବା ବ୍ୟକ୍ତିଟି ମଧ୍ୟ ଗାଡ଼ି ଚଳାଇ ପାରେ ଏବଂ ସେଭଳି ବ୍ୟକ୍ତି କେନ୍ଦ୍ରୀୟ ମୋଟର ବାହନ ଅଧିନିୟମ 1989 ର ନିୟମ 3 ର ଆବଶ୍ୟକତାକୁ ପୂରଣ କରୁଥାଏ ।

**ଉପଯୋଗରେ ପରିସୀମନ**

ପଲିସୀଟି କୌଣସି ବି ଉଦ୍ଦେଶ୍ୟ ପାଇଁ ଉପଯୋଗକୁ ସୁରକ୍ଷା ପ୍ରଦାନ କରେ କେବଳ ନିମ୍ନଗୁଡିକ ବ୍ୟତୀତ :

(a) ଭଡ଼ା କିମ୍ବା ପାରିତୋଷିକ;

(b) ଜିନିଷପତ୍ରର ପରିବହନ ଗାଡ଼ି (ବ୍ୟକ୍ତିଗତ ଲଗେଜ ବ୍ୟତୀତ)

(c) ସଂଗଠିତ ଦୌଡ଼

(d) ଦୌଡ଼/ରେସିଙ୍ଗ୍ କରିବା,

(e) ବେଗ ପରୀକ୍ଷଣ

(f) ବିଶ୍ୱସନୀୟତା ପରୀକ୍ଷଣ

(g) ମୋଟର ବ୍ୟାପାର ସମ୍ବନ୍ଧୀୟ କୌଣସି କାର୍ଯ୍ୟକଳାପ

ମୁଁ/ଆମେ ଏତଦ୍ୱାରା ପ୍ରମାଣିତ କରେ/କରୁ ଯେ ପଲିସୀ ଯାହା ସହିତ ଏହି ପ୍ରମାଣପତ୍ର ତଥା ଏହି ବୀମା ପ୍ରମାଣପତ୍ର ସମ୍ବନ୍ଧିତ ଅଟେ, କୁ ମୋଟର ବାହନ ଅଧିନିୟମ, 1988 ର ଅଧ୍ୟାୟ X ଏବଂ ଅଧ୍ୟାୟ XI ର ପ୍ରାବଧାନ ଅନୁଯାୟୀ ଜାରୀ କରାଯାଉଛି ।

ପରୀକ୍ଷକ/ଯାଞ୍ଚକର୍ତ୍ତା .............

(ପ୍ରାଧିକୃତ ବୀମାକର୍ତ୍ତା)

ଉପଯୁକ୍ତ ପ୍ରାଧିକାରୀଙ୍କ ଯାଞ୍ଚ ପାଇଁ ମୋଟର ବୀମା ପ୍ରମାଣପତ୍ରକୁ ସବୁବେଳେ ଗାଡ଼ିରେ ରଖିବା ଆବଶ୍ୟକ ।

## 4. ପଲିସୀ ଦସ୍ତାବିଜ

ପଲିସୀ ହେଉଛି, ଏକ ଔପଚାରିକ ଦସ୍ତାବିଜ ଯାହା ବୀମା ଚୁକ୍ତିର ପ୍ରମାଣ ଦେଇଥାଏ ଏହି ଦସ୍ତାବିଜକୁ ଭାରତୀୟ ମୁଦ୍ରା ଆଇନ, 1899 ର ପ୍ରାବଧାନ ଅନୁଯାୟୀ ମୁଦ୍ରିତ (ଷ୍ଟାମ୍ପ) କରିବାକୁ ପଡ଼ିଥାଏ ।

ଏକ ସାଧାରଣ ବୀମା ପଲିସୀରେ ସାମାନ୍ୟତଃ ଅନ୍ତର୍ଭୁକ୍ତ ହୋଇଥାଏ:

a) ବୀମିତ ଏବଂ ବିଷୟବସ୍ତୁରେ ବୀମାଯୋଗ୍ୟ ହିତ ଥିବା କୌଣସି ଅନ୍ୟ ବ୍ୟକ୍ତିର ନାମ (ଗୁଡିକ) ଏବଂ ଠିକଣା (ଗୁଡିକ);

b) ସମ୍ପତ୍ତି କିମ୍ବା ବୀମିତ ହିତର ସଂପୂର୍ଣ୍ଣ ବିବରଣ;

c) ପଲିସୀ ଅନ୍ତର୍ଗତ ସମ୍ପତ୍ତି କିମ୍ବା ବୀମିତ ହିତର ସ୍ଥାନ/ଗୁଡିକ ଏବଂ ଯେଉଁଠି ଯଥାର୍ଥ, ସମ୍ବନ୍ଧିତ ବୀମିତ ମୂଲ୍ୟ;

d) ବୀମା ଅବଧି;

e) ବୀମା ରାଶି;

f) ସୁରକ୍ଷାପ୍ରାପ୍ତ ଆପଦ ଏବଂ ଅପବର୍ଜନ;

g) ପ୍ରଯୁଜ୍ୟ କୌଣସି ଅତିରିକ୍ତ (Excess)/କାଟଯୋଗ୍ୟ (Deductible);

h) ପ୍ରଦାନଯୋଗ୍ୟ ପ୍ରିମିୟମ ଏବଂ ଯେଉଁଠି ସମାୟୋଜନ ଅନ୍ତର୍ଗତ ପ୍ରିମିୟମଟି ଅନନ୍ତିମ ହୋଇଥାଏ, ପ୍ରିମିୟମର ସମାୟୋଜନର ଆଧାର;

i) ପଲିସୀ ନିୟମାବଳୀ, ସର୍ତ୍ତାବଳୀ ଏବଂ ୱାରେଣ୍ଟି;

j) ପଲିସୀ ଅନ୍ତର୍ଗତ ଏକ ଦାବୀ ଉତ୍ପନ୍ନ କରୁଥିବା ସମ୍ଭାବ୍ୟ ଆକସ୍ମିକତାର ଘଟଣାରେ ବୀମିତ ଦ୍ୱାରା ନେବାକୁ ଥିବା ପଦକ୍ଷେପ;

k) ଏକ ଦାବୀ ଉତ୍ପନ୍ନ କରୁଥିବା ଏକ ଘଟଣାର ଘଟିବାରେ ବୀମାର ବିଷୟବସ୍ତୁ ସମ୍ବନ୍ଧିତ ବୀମିତର ବୈଧିକ କର୍ତ୍ତବ୍ୟ ଏବଂ ସେହି ପରିସ୍ଥିତିରେ ବୀମାକର୍ତ୍ତାର ଅଧିକାର;

l) କୌଣସି ବିଶେଷ ସର୍ତ୍ତାବଳୀ;

m) ମିଥ୍ୟା ଉପସ୍ଥାପନା, କପଟ, ଆବଶ୍ୟକୀୟ ତଥ୍ୟଗୁଡିକର ଅଣ-ପ୍ରକଟୀକରଣ କିମ୍ବା ବୀମିତର ଅସହଯୋଗ ଆଧାରରେ ପଲିସୀର ରଦ୍ଦକରଣ ପାଇଁ ପ୍ରାବଧାନ;

n) ବୀମାକର୍ତ୍ତାର ଠିକଣା ଯେଉଁଠିକୁ ପଲିସୀ ସମ୍ବନ୍ଧୀୟ ସମସ୍ତ ସୂଚନା ପଠାଯିବ;

o) ଆଡ୍-ଅନ୍ ସୁରକ୍ଷାର ବିବରଣୀ ଏବଂ/କିମ୍ବା ପୃଷ୍ଠାଙ୍କନ ଯଦି କିଛି ଥାଏ;

p) ଅଭିଯୋଗ ନିବାରଣ ତନ୍ତ୍ରର ବିବରଣୀ ଏବଂ ଲୋକପାଳଙ୍କ ଠିକଣା;

**ସ୍ୱୟଂ ପରୀକ୍ଷା କରନ୍ତୁ 2**

ନିମ୍ନଲିଖିତ ଉକ୍ତି ମଧ୍ୟରୁ କଭର ନୋଟ୍ ଗୁଡିକ ସମ୍ବନ୍ଧରେ କେଉଁଟି ସତ୍ୟ ଅଟେ?

I. କଭର୍ ନୋଟ୍ ଗୁଡିକୁ ମୂଖ୍ୟତଃ ଜୀବନ ବୀମାରେ ଉପଯୋଗ କରାଯାଏ

II. କଭର୍ ନୋଟ୍ ଗୁଡିକୁ ମୂଖ୍ୟତଃ ସମସ୍ତ ଶ୍ରେଣୀର ସାଧାରଣ ବୀମାରେ ଉପଯୋଗ କରାଯାଏ

III. କଭର୍ ନୋଟ୍ ଗୁଡିକୁ ମୂଖ୍ୟତଃ ସ୍ୱାସ୍ଥ୍ୟ ବୀମାରେ ଉପଯୋଗ କରାଯାଏ

IV. କଭର୍ ନୋଟ୍ ଗୁଡିକୁ ମୂଖ୍ୟତଃ ସାମୁଦ୍ରିକ ଏବଂ ମୋଟର ଶ୍ରେଣୀର ସାଧାରଣ ବୀମାର ଉପଯୋଗ କରାଯାଏ

## E. ୱାରେଣ୍ଟି

ଏକ ୱାରେଣ୍ଟି ହେଉଛି ପଲିସୀରେ ସ୍ପଷ୍ଟ ରୂପେ ଉଲ୍ଲିଖିତ ଏକ ସର୍ତ୍ତ ଯାହାକୁ ଚୁକ୍ତିର ବୈଧତା ପାଇଁ ବସ୍ତୁତଃ ଅନୁପାଳନ କରିବାକୁ ପଡିଥାଏ । ୱାରେଣ୍ଟି ଏକ ଅଲଗା ଦସ୍ତାବିଜ ନୁହେଁ । ଏହା ଉଭୟ କଭର୍ ନୋଟ୍ ଓ ପଲିସୀ ଦସ୍ତାବିଜର ଅଂଶ ହୋଇଥାଏ । ଏହା ବୀମାର ପୂର୍ବବର୍ତ୍ତୀ ଏକ ସର୍ତ୍ତ ହୋଇଥାଏ । ଏହାକୁ ନିଶ୍ଚୟ କଡ଼ାକଡ଼ି ରୂପେ ଓ ବସ୍ତୁତଃ ପାଳନ ଓ ଅନୁପାଳନ କରିବା ଉଚିତ୍ । ଏହି ସତ୍ୟତା ନିର୍ବିଶେଷରେ ଯେ ଏହା ସଙ୍କଟ ପାଇଁ ଆବଶ୍ୟକୀୟ/ମହତ୍ୱପୂର୍ଣ୍ଣ ହୋଇଥାଉ ଅଥବା ହୋଇ ନ ଥାଉ । ଯଦି ଏକ ୱାରେଣ୍ଟିର ଉଲ୍ଲଘଂନ କରାଯାଏ, ବୀମାକର୍ତ୍ତାମାନଙ୍କ ଚୟନାଧିକାରରେ ପଲିସୀଟି ଅମାନ୍ୟ କରଣୀୟ ହୋଇଯାଏ ଯଦିଓ ଏହା ସ୍ପଷ୍ଟରୂପେ ସିଦ୍ଧ କରାଯାଏ ଯେ ଉଲ୍ଲଘଂନ ଏକ ନିର୍ଦ୍ଦିଷ୍ଟ ହାନିର କାରଣ ନୁହେଁ କିମ୍ବା ଏଥିରେ ତାହାର ଅବଦାନ ନାହିଁ । ଅବଶ୍ୟ, ପ୍ରଥା ଅନୁସାରେ, ଯଦି ୱାରେଣ୍ଟିର ଉଲ୍ଲଘଂନ ସ୍ପଷ୍ଟ ରୂପେ ପ୍ରାବଧିକ ସ୍ୱରୂପର ହୋଇଥାଏ ଏବଂ କୌଣସି ପ୍ରକାରେ ବି ହାନିରେ ତାହାର ଅବଦାନ ନାହିଁ କିମ୍ବା ଏହାର ଗମ୍ଭୀରତାକୁ ବଢାଇ ନାହିଁ, ବୀମାକର୍ତ୍ତାମାନେ ସେମାନଙ୍କ ବିବେକାଧିକାରରେ କମ୍ପାନୀ ପଲିସୀ ଅନୁସାରେ ମାନଦଣ୍ଡ ଓ ମାର୍ଗଦର୍ଶିକା ଅନୁସାରେ ଦାବୀଗୁଡିକର ପ୍ରୋସେସ୍ କରି ପାରନ୍ତି ।

## 1. ଅଗ୍ନି ବୀମା ୱାରେଣ୍ଟି (କେତେକ ଉଦାହରଣ) ହେଉଛି ନିମ୍ନରେ ଦିଆଯାଇଥିବା ଭଳି

ଗ୍ୟାରେଣ୍ଟି ଦିଆଯାଏ/ପ୍ରତିଜ୍ଞା କରାଯାଏ, ଯେ ପଲିସୀ ଚାଲୁ ରହିଥିବା ସମୟରେ ବୀମିତ ପରିସରରେ କୌଣସି ବିପତ୍ତି ପୂର୍ଣ୍ଣ ଜିନିଷକୁ ଗଚ୍ଛିତ କରି ରଖାଯିବ ନାହିଁ ।

**ଶାନ୍ତ ସଙ୍କଟ**: ଗ୍ୟାରେଣ୍ଟି ଦିଆଯାଏ ଯେ 30 ଦିନ କିମ୍ବା ଅଧିକର ଲଗାତାର ଅବଧି ପାଇଁ ବୀମିତ ପରିସରରେ କୌଣସି ନିର୍ମାଣକାର୍ଯ୍ୟ ସମ୍ପାଦିତ କରାଯାଉ ନାହିଁ ।

**ସିଗାରେଟ୍ ଫିଲଟର ନିର୍ମାଣ:** ଗ୍ୟାରେଣ୍ଟି ଦିଆଯାଏ ଯେ ପରିସରରେ 30°C ର ତଳକୁ ଫ୍ଲାଶ୍ ପଏଣ୍ଟ ଥିବା କୌଣସି ଦ୍ରାବକ ବ୍ୟବହାର/ଗଚ୍ଛିତ କରାଯାଉ ନାହିଁ

2. ସାମୁଦ୍ରିକ ବୀମାରେ, ଏକ ୱାରେଣ୍ଟିକୁ ନିମ୍ନ ରୂପେ ପରିଭାଷିତ କରାଯାଏ: "ଏକ ପ୍ରତିଜ୍ଞାତ୍ମକ ୱାରେଣ୍ଟି, ଅର୍ଥାତ୍ କହିବାକୁ ଗଲେ, ଏକ ୱାରେଣ୍ଟି ଯାହାଦ୍ୱାରା ବୀମିତ ବଚନ ଦିଏ ଯେ କୌଣସି ନିର୍ଦ୍ଦିଷ୍ଟ ଜିନିଷ କରାଯିବ କି କରାଯିବ ନାହିଁ, କିମ୍ବା ଯେ କିଛି ସର୍ତ୍ତ ପୂରଣ କରାଯିବ, କିମ୍ବା ଯାହାଦ୍ୱାରା ସେ ତଥ୍ୟଗୁଡିକର ଏକ ନିର୍ଦ୍ଦିଷ୍ଟ ସ୍ଥିତିର ବିଦ୍ୟମାନତାକୁ ପୁଷ୍ଟି କରେ କିମ୍ବା ଅଗ୍ରାହ୍ୟ କରେ"

ସାମୁଦ୍ରିକ କାର୍ଗୋ ବୀମାରେ, ଏକ ୱାରେଣ୍ଟିକୁ ଲାଗୁ କରାଯାଏ, ଏହା ପ୍ରଭାବୀ କରିବାପାଇଁ ଯେଉଁ ଜିନିଷ (ଉ.ସ୍ୱ. ଚା) କୁ ଟିଣ ଧାରଥିବା ଡବାଗୁଡିକରେ ପ୍ୟାକ୍ କରାଯାଉଛି । ସାମୁଦ୍ରିକ ହଲ୍ ବୀମାରେ ଏକ ୱାରେଣ୍ଟି ପ୍ରବିଷ୍ଟ କରି ଯେ ବୀମିତ ଜାହାଜଟି ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଜଳ ଯାତ୍ରା କରିବ ନାହିଁ, ଏହା ବୀମାକର୍ତ୍ତାଙ୍କୁ, ସେ ସୁରକ୍ଷା ପ୍ରଦାନ କରିବା ପାଇଁ ସମ୍ମତ ହୋଇଥିବା ସଙ୍କଟର ବିସ୍ତାର ସମ୍ବନ୍ଧରେ ଏକ ଧାରଣା ଦିଏ । ଯଦି ୱାରେଣ୍ଟିକୁ ଉଲ୍ଲଘଂନ କରାଯାଏ, ସମ୍ମତ ହୋଇଥିବା ସଙ୍କଟକୁ ଆରମ୍ଭରେ ପରିବର୍ତ୍ତିତ କରାଯାଇଥାଏ ଏବଂ ବୀମାକର୍ତ୍ତା ଉଲ୍ଲଘଂନର ତାରିଖଠାରୁ ଅଧିକ ଦାୟିତ୍ୱଠାରୁ ନିଜକୁ ମୁକ୍ତି କରିବାର ସ୍ୱୀକୃତି ଦେଇଥାଏ ।

3. ଚୋରୀ ବୀମାରେ, ଏହାର ୱାରେଣ୍ଟି ଦିଆଯାଏ ଯେ ସମ୍ପତ୍ତିକୁ ଚବିଶ ଘଣ୍ଟା ପାଇଁ ଏକ ୱାଚମେନ୍ ଦ୍ୱାରା ଜଗୁଆଳୀ କରାଯାଉଛି । ପଲିସୀର ଦର, ନିୟମାବଳୀ, ଓ ସର୍ତ୍ତାବଳୀ ସମାନ ରହିଥାଏ ଯଦି ପଲିସୀରେ ସଂଲଗ୍ନ କରାଯାଇଥିବା ୱାରେଣ୍ଟିର ଅନୁପାଳନ କରାଯାଏ ।

**ସ୍ୱୟଂ ପରୀକ୍ଷା କରନ୍ତୁ 3**

ଏକ ୱାରେଣ୍ଟି ସମ୍ବନ୍ଧରେ ନିମ୍ନ ଉକ୍ତିଗୁଡିକ ମଧ୍ୟରୁ କେଉଁଟି ଠିକ୍ ଅଟେ?

I. ଏକ ୱାରେଣ୍ଟି ହେଉଛି ଏକ ସର୍ତ୍ତ ଯାହାକୁ କେବେ ବି ପଲିସୀରେ ଉଲ୍ଲେଖ କରାଯାଇ ନ ଥାଏ

II. ଏକ ୱାରେଣ୍ଟି ଏକ ପଲିସୀ ଦସ୍ତାବିଜର ଅଂଶ ହୋଇଥାଏ

III. ଏକ ୱାରେଣ୍ଟିକୁ ସର୍ବଦା ବୀମିତକୁ ଅଲଗା ହିସାବରେ ସୂଚୀତ କରାଯାଏ ଏବଂ ଏହା ପଲିସୀ ଦସ୍ତାବିଜର ଅଂଶ ହୋଇ ନ ପାରେ

IV. ଦାବୀଗୁଡିକ ପ୍ରଦାନଯୋଗ୍ୟ ହେବ ଯଦିଓ ଏକ ୱାରେଣ୍ଟିକୁ ଉଲ୍ଲଘଂନ କରାଯାଏ ।

## F. ପୃଷ୍ଠାଙ୍କନ

କେତେକ ଆପଦକୁ ସୁରକ୍ଷା ପ୍ରଦାନ କରି ଏବଂ ଅନ୍ୟ କେତେକକୁ ବହିର୍ଭୂତ କରି, ଏକ ମାନକ ଫର୍ମରେ ପଲିସୀଗୁଡିକୁ ଜାରୀ କରିବା ବୀମାକର୍ତ୍ତାମାନଙ୍କ ସାଧାରଣ ଚଳଣି ଅଟେ ।

### ପରିଭାଷା

ଯଦି ପଲିସୀର ଜାରୀ ସମୟରେପଲିସୀ ଅବଧି ମଧ୍ୟରେ ଏହାର କିଛି ନିର୍ଦ୍ଦିଷ୍ଟ ନିୟମାବଳୀ ଓ ସର୍ତ୍ତାବଳୀକୁ ପରିବର୍ତ୍ତିତ କିମ୍ବା , ଏହାକୁ ପୃଷ୍ଠାଙ୍କନ କୁହାଯାଉଥିବା ଏକ ଦସ୍ତାବିଜ ଜରିଆରେ ସଂଶୋଧନ ,କରିବା ଆବଶ୍ୟକ ହୁଏ/ପରିବର୍ତ୍ତନଗୁଡିକୁ ସ୍ଥାପିତ କରାଯାଇଥାଏ ।

---

ଏହାକୁ ପଲିସୀରେ ସଂଲଗ୍ନ କରାଯାଇଥାଏ ଏବଂ ଏହା ପଲିସୀର ଏକ ଅଭିନ୍ନ ଅଂଶ ହୋଇଯାଏ । ପଲିସୀ ଓ ପୃଷ୍ଠାଙ୍କନ ଏକତ୍ରିତ ରୂପେ ଚୁକ୍ତିର ପ୍ରମାଣ ହୋଇଥାନ୍ତି । ପରିବର୍ତ୍ତନ/ସଂଶୋଧନଗୁଡିକୁ ରେକର୍ଡ କରିବା ପାଇଁ ପଲିସୀ ଚାଲୁ ଅବଧିରେ ମଧ୍ୟ ପୃଷ୍ଠାଙ୍କନଗୁଡିକୁ ଜାରୀ କରାଯାଇପାରେ ।

ଯେତେବେଳେ ବି ଆବଶ୍ୟକୀୟ ବସ୍ତୁସ୍ଥିତି ପରିବର୍ତ୍ତିତ ହୁଏ, ବୀମିତକୁ ବୀମା କମ୍ପାନୀକୁ ପରାମର୍ଶ ଦେବାକୁ ପଡେ ଯିଏ ଏହାକୁ ନୋଟ୍ କରେ ଏବଂ ପୃଷ୍ଠାଙ୍କନ ଜରିଆରେ ବୀମା ଚୁକ୍ତିର ଅଂଶ ରୂପେ ଏହାକୁ ସମ୍ମିଳିତ କରେ ।

ଏକ ପଲିସୀ ଅନ୍ତର୍ଗତ ସାଧାରଣତଃ ଆବଶ୍ୟକ ହେଉଥିବା ପୃଷ୍ଠାଙ୍କନଗୁଡିକ ଏପରି:

a) ବୀମା ରାଶିରେ ଅନ୍ତର/ପରିବର୍ତ୍ତନ

b) ବିକ୍ରୟ, ବନ୍ଧକ, ଇତ୍ୟାଦି ରୂପେ ବୀମାଯୋଗ୍ୟହିତର ପରିବର୍ତ୍ତନ

c) ଅତିରିକ୍ତ ଆପଦଗୁଡିକୁ ସୁରକ୍ଷା ଦେବାପାଇଁ ବୀମାର ବିସ୍ତାରଣ/ପଲିସୀ ଅବଧିର ବୃଦ୍ଧି

d) ସଙ୍କଟରେ ପରିବର୍ତ୍ତନ, ଉ.ସ୍ୱ. ଅଗ୍ନି ବୀମାରେ ନିର୍ମାଣ, କିମ୍ବା ଘରର ବ୍ୟବହାରରେ ପରିବର୍ତ୍ତନ

e) ଅନ୍ୟ ଏକ ସ୍ଥାନକୁ ସମ୍ପତ୍ତିର ସ୍ଥାନାନ୍ତରଣ

f) ବୀମାର ରଦ୍ଦକରଣ

g) ନାମ କିମ୍ବା ଠିକଣାରେ ପରିବର୍ତ୍ତନ ଇତ୍ୟାଦି

### ନମୂନା

ଦୃଷ୍ଟାନ୍ତ ଉଦ୍ଦେଶ୍ୟରେ, କେତେକ ପୃଷ୍ଠାଙ୍କନର ନମୂନା ଶବ୍ଦାବଳୀ ନିମ୍ନରେ ପ୍ରସ୍ତୁତ କରାଯାଇଛି:

**ରଦ୍ଦକରଣ**

ବୀମିତର ଅନୁରୋଧରେ ବୀମାକୁ ଏହି ପଲିସୀଦ୍ୱାରା ଏତଦ୍ଵାରା ............. ଠାରୁ ରଦ୍ଦକରଣ କରାଯାଉଛି ବୋଲି ଘୋଷଣା କରାଯାଉଛି । ବୀମାଟି ............. ମାସରୁ ଊର୍ଦ୍ଧ୍ୱ ଅବଧି ପାଇଁ ପ୍ରଭାବୀ ରହିଥିବାରୁ, ବୀମିତ ପାଇଁ କୌଣସି ଫେରସ୍ତ ଦେୟ ରହେ ନାହିଁ ।

**ଷ୍ଟକ୍ ମୂଲ୍ୟ ସୁରକ୍ଷାରେ ବୃଦ୍ଧି:**

ବୀମିତକୁ ଏହା ପରାମର୍ଶ ଦେଇ ଯେ ଏହି ପଲିସୀ ଦ୍ୱାରା ସୁରକ୍ଷାପ୍ରାପ୍ତ ଷ୍ଟକକୁ ବୃଦ୍ଧି କରାଯାଇଛି ଏତଦ୍ଦ୍ୱାରା ଏଥିରେ ସମ୍ମତି ଦିଆଯାଉଛି ଯେ ବୀମାରାଶିକୁ ତଦନୁସାରେ ନିମ୍ନ ରୂପେ ଆଲୋଚିତ ଟ............. କୁ ପରିବର୍ତ୍ତିତ କରାଯାଉଛି:

ରେ (ବର୍ଣ୍ଣନା କରନ୍ତୁ) ଟ.

ରେ (ବର୍ଣ୍ଣନା କରନ୍ତୁ) ଟ.

ଯାହାର ବିଚାରରେ ଏତଦ୍ଦ୍ୱାରା ଏକ ଅତିରିକ୍ତ ପ୍ରିମିୟମ ଲାଗୁ କରାଯାଉଛି ।

ଆଗର ବାର୍ଷିକ ପ୍ରିମିୟମ ଟ. ..............

ମୋଟ ବୀମା ବର୍ତ୍ତମାନ ସ୍ଥିର ରହେ ଟ. ........... ରେ

ଅନ୍ୟଥା ଏହି ପଲିସୀର ନିୟମାବଳୀ, ପ୍ରାବଧାନ ଓ ସର୍ତ୍ତାବଳୀ ଅନ୍ତର୍ଗତ ।

**<u>ଏକ ସାମୁଦ୍ରିକ ପଲିସୀରେ ବାହ୍ୟ ଆପଦକୁ ଅନ୍ତର୍ଭୂକ୍ତ କରିବାକୁ ସୁରକ୍ଷାର ବିସ୍ତାରଣ</u>**

ବୀମିତର ଅନୁରୋଧରେ, ଉପରୋକ୍ତ ପଲିସୀ ଅନ୍ତର୍ଗତ ଭଙ୍ଗାଭଙ୍ଗୀର ସଙ୍କଟଗୁଡିକୁ ସମ୍ମିଳିତ କରିବାପାଇଁ ଏତଦ୍ଦ୍ୱାରା ସମ୍ମତି ଦିଆଯାଉଛି ।

ଏହାର ବିଚାରରେ, ବୀମିତ ଉପରେ ନିମ୍ନ ରୂପେ ଟ. ........... ଉପରେ ଏକ ଅତିରିକ୍ତ ପ୍ରିମିୟମ ଲାଗୁ କରାଯାଉଛି ।

**ସ୍ୱୟଂ ପରୀକ୍ଷା କରନ୍ତୁ 4**

ଯଦି ପଲିସୀର ଜାରୀ ସମୟରେ କିମ୍ବା ପଲିସୀର ଅବଧିରେ ଏହାର କିଛି ନିୟମାବଳୀ ଓ ସର୍ତ୍ତାବଳୀକୁ ପରିବର୍ତ୍ତିତ କରିବା ଆବଶ୍ୟକ ହୁଏ , ___________ ଜରିଆରେ ସଂଶୋଧନଗୁଡିକୁ ସ୍ଥାପିତ କରି ଏହାକୁ କରାଯାଇଥାଏ ।

I. ୱାରେଣ୍ଟି

II. ପୃଷ୍ଠାଙ୍କନ

III. ପରିବର୍ତ୍ତନ

IV. ପରିବର୍ତ୍ତନ ସମ୍ଭବ ନୁହେଁ

## G. ପଲିସୀଗୁଡିକର ବ୍ୟାଖ୍ୟା

ବୀମାର ଚୁକ୍ତିଗୁଡିକୁ ଲିଖିତ ରୂପେ ପ୍ରକାଶ କରାଯାଏ ଏବଂ ବୀମା ପଲିସୀ ଶବ୍ଦାବଳୀର ପ୍ରାରୂପ ବୀମାକର୍ତ୍ତାମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଏ । ଏହି ପଲିସୀଗୁଡିକୁ ନିର୍ମାଣ କିମ୍ବା ବ୍ୟାଖ୍ୟାର କେତେକ ସୁପରିଭାଷିତ ନିୟମାବଳୀ ଅନୁସାରେ ବ୍ୟାଖ୍ୟା କରିବାକୁ ପଡ଼ିଥାଏ ଯେଉଁସବୁକୁ ବିଭିନ୍ନ ଅଦାଲତ ଦ୍ୱାରା ସିଦ୍ଧ କରାଯାଇଛି । ନିର୍ମାଣର ସବୁଠୁ ମହତ୍ୱପୂର୍ଣ୍ଣ ନିୟମ ହେଉଛି ଯେ ପକ୍ଷକାରଙ୍କର ଉଦ୍ଦେଶ୍ୟ ନିଶ୍ଚିତ ରୂପେ ପ୍ରଚଳିତ ହେବା ଉଚିତ୍ ଏବଂ ଏହି ଉଦ୍ଦେଶ୍ୟକୁ ସ୍ୱୟଂ ପଲିସୀରେ ହିଁ ଦେଖିବାକୁ ପଡ଼ିଥାଏ । ଯଦି ପଲିସୀଟି ଅସ୍ୱଷ୍ଟ ରୂପେ ଜାରୀ କରାଯାଏ, ଏହାକୁ ଅଦାଲତ ଦ୍ୱାରା ବୀମିତ ସପକ୍ଷରେ ଏବଂ ବୀମାକର୍ତ୍ତା ବିପକ୍ଷରେ ବ୍ୟାଖ୍ୟା କରାଯିବ, ଏହି ସାଧାରଣ ସିଦ୍ଧାନ୍ତରେ ଯେ ପଲିସୀର ପ୍ରାରୂପ ବୀମାକର୍ତ୍ତା ଦ୍ୱାରା ପ୍ରସ୍ତୁତ କରାଯାଇଥିଲା ।

**ପଲିସୀ ଶବ୍ଦାବଳୀକୁ ନିମ୍ନଲିଖିତ ନିୟମଗୁଡିକ ଅନୁସାରେ ବୁଝାଯାଏ ଏବଂ ବ୍ୟାଖ୍ୟା କରାଯାଏ:**

a) ଏକ ବ୍ୟକ୍ତ ସ୍ଥିତି ଏକ ଅନ୍ତର୍ନିହିତ ସ୍ଥିତି ଉପରେ ଅଧିକ ପ୍ରଭାବୀ ହୋଇଥାଏ କେବଳ ତାହା ବ୍ୟତୀତ ଯେଉଁଠି ସେଭଳି କିନ୍ତୁ ପରସ୍ପର ବିରୋଧୀ ଥିଲେ ଏ ନିୟମ ଲାଗୁ ହୁଏ ନାହିଁ ।

b) ମାନକ ମୁଦ୍ରିତ ପଲିସୀ ଫର୍ମ ଏବଂ ଟଙ୍କିତ କିମ୍ବା ହସ୍ତଲିଖିତ ଅଂଶ ମଧ୍ୟରେ ଶବ୍ଦଗୁଡିକର ଅନ୍ତର୍ବିରୋଧ ହେଲେ, ଟଙ୍କିତ କିମ୍ବା ହସ୍ତଲିଖିତ ଅଂଶକୁ ସେହି ନିର୍ଦ୍ଦିଷ୍ଟ ଚୁକ୍ତିରେ ପକ୍ଷଗୁଡିକର ଉଦ୍ଦେଶ୍ୟ ବ୍ୟକ୍ତ କରୁଛି ବୋଲି ମାନି ନିଆଯାଇଥାଏ, ଏବଂ ସେମାନଙ୍କ ଅର୍ଥ ମୁଦ୍ରିତ ଶବ୍ଦଗୁଡିକ ଉପରେ ଅଧିକ ପ୍ରଭାବୀ ହେବ ।

c) ଯଦି ଏକ ପୃଷ୍ଠାଙ୍କନ ଚୁକ୍ତିର ଅନ୍ୟାନ୍ୟ ଅଂଶର ବିରୋଧୀ ହୁଏ, ପୃଷ୍ଠାଙ୍କନର ଅର୍ଥ ବଜାୟ ରହିବ ଯେହେତୁ ଏହା ପରବର୍ତ୍ତି ଦସ୍ତାବିଜ ହୋଇଥାଏ ।

d) ଇଟାଲିକ୍ସରେ ଥିବା ଅନୁଚ୍ଛେଦଗୁଡିକ ସାଧାରଣ ମୁଦ୍ରିତ ଶବ୍ଦାବଳୀ ଯେଉଁଠି ସେଗୁଡିକ ବିସଙ୍ଗତ ହୋଇଥାନ୍ତି, ଉପରେ ଅଧିକ ପ୍ରଭାବୀ ହୋଇଥାଏ ।

e) ପଲିସୀର ମାର୍ଜିନରେ ମୁଦ୍ରିତ କିମ୍ବା ଟଙ୍କିତ ଅନୁଚ୍ଛେଦଗୁଡିକୁ ପଲିସୀର କଳେବର ମଧ୍ୟରେ ଥିବା ଶବ୍ଦାବଳୀ ଅପେକ୍ଷା ଅଧିକ ମହତ୍ୱ ଦିଆଯାଏ ।

f) ପଲିସୀ ସହିତ ସଂଲଗ୍ନ କରାଯାଇଥିବା କିମ୍ବା ଲଟକା ଯାଇଥିବା ପୃଥକ ଅନୁଚ୍ଛେଦଗୁଡିକ ଉଭୟ ମାର୍ଜିନର ଅନୁଚ୍ଛେଦ ଓ ପଲିସୀର କଳେବରରେ ଥିବା ଅନୁଚ୍ଛେଦ ଉପରେ ଅଧିକ ପ୍ରଭାବୀ ହୋଇଥାନ୍ତି ।

g) ମୁଦ୍ରିତ ଶବ୍ଦାବଳୀ ଉପରେ ଟଙ୍କିତ ଶବ୍ଦାବଳୀ କିମ୍ବା ଏକ ସ୍ୟାହିଯୁକ୍ତ ରବର ମହର ଦ୍ୱାରା ଛପା ଯାଇଥିବା ଶବ୍ଦାବଳୀ ଅଧିକ ପ୍ରଭାବୀ ହୋଇଥାଏ ।

h) ହସ୍ତାକ୍ଷରକୁ ମୁଦ୍ରିତ କିମ୍ବା ଛପା ଯାଇଥିବା ଶବ୍ଦାବଳୀ ଠାରୁ ଅଧିକ ମହତ୍ୱ ଦିଆଯାଏ ।

i) ଅନ୍ତିମରେ, ବ୍ୟାକରଣ ଏବଂ ବିରାମ ଚିହ୍ନର ସାଧାରଣ ନିୟମଗୁଡିକ ଲାଗୁ ହୋଇଥାଏ ଯଦି କୌଣସି ଗୁହ୍ୟତା ରହିଥାଏ କିମ୍ବା ସ୍ୱଷ୍ଟତାର ଅଭାବ ରହିଥାଏ ।

## ମହତ୍ୱପୂର୍ଣ୍ଣ

### 1. ପଲିସୀଗୁଡିକର ନିର୍ମାଣ/ପ୍ରସ୍ତୁତିକରଣ

ଏକ ବୀମା ପଲିସୀ ଏକ ବ୍ୟାପାରିକ ଚୁକ୍ତିର ପ୍ରମାଣ ଅଟେ ଏବଂ ଅଦାଲତ ମାନଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ନିର୍ମାଣ ଓ ବ୍ୟାଖ୍ୟାର ସାଧାରଣ ନିୟମଗୁଡିକ ଅନ୍ୟାନ୍ୟ ଚୁକ୍ତିର ପ୍ରକରଣ ଭଳି ବୀମା ଚୁକ୍ତିରେ ମଧ୍ୟ ଲାଗୁ ହୋଇଥାଏ ।

ନିର୍ମାଣର ପ୍ରଧାନ ନିୟମ ହେଉଛି ଯେ ଚୁକ୍ତିର ପକ୍ଷକାରମାନଙ୍କର ମୂଳ ଉଦ୍ଦେଶ୍ୟ ନିଶ୍ଚିତ ରୂପେ ପ୍ରଭାବୀ ରହିବା ଉଚିତ୍, ଯେ ଉଦ୍ଦେଶ୍ୟକୁ ନିଶ୍ଚିତରୂପେ ସ୍ୱୟଂ ପଲିସୀ ଦସ୍ତାବିଜ ଏବଂ ପ୍ରସ୍ତାବ ଫର୍ମ, ଅନୁଚ୍ଛେଦ, ଏଥିରେ ସଂଲଗ୍ନ କରାଯାଇଥିବା ଓ ଚୁକ୍ତିର ଏକ ଅଂଶ ହୋଇଥିବା ପୃଷ୍ଠାଙ୍କନ, ୱାରେଣ୍ଟି ଇତ୍ୟାଦି ଠାରୁ ସମଗ୍ର ରୂପେ ପ୍ରକାଶ ପାଇବା ଉଚିତ୍ ।

### 2. ଶବ୍ଦାବଳୀର ଅର୍ଥ

ବ୍ୟବହୃତ ଶବ୍ଦଗୁଡିକର ଅର୍ଥ ସେମାନଙ୍କର ସାଧାରଣ ଓ ଲୋକପ୍ରିୟ ଅର୍ଥରେ ବୁଝାଯାଏ । ଶବ୍ଦଗୁଡିକ ପାଇଁ ବ୍ୟବହାର କରିବାକୁ ଥିବା ଅର୍ଥ ହେଉଛି ସେହି ଅର୍ଥ ଯାହାକୁ ସାଧାରଣ ଲୋକ ଅର୍ଥ କରିଥାଏ । ଏହି ପ୍ରକାରେ "ନିଆଁ"ର ଅର୍ଥ ହେଉଛି ଶିଖା କିମ୍ବା ପ୍ରକୃତରେ ଜଳିବା ।

ଅନ୍ୟ ପକ୍ଷରେ, ସେହି ଶବ୍ଦଗୁଡିକ ଯାହାର ଏକ ସାଧାରଣ ବ୍ୟବସାୟ କିମ୍ବା ବ୍ୟାପାର ଅର୍ଥ ଥାଏ, ସେଗୁଡିକୁ ସେହି ଅର୍ଥରେ ପ୍ରକାଶ କରାଯିବ ଯଦି ବାକ୍ୟର ପ୍ରସଙ୍ଗ ଅନ୍ୟ ରୂପେ ସୂଚୀତ କରି ନ ଥାଏ । ଯେଉଁଠି ଶବ୍ଦଗୁଡିକ ଆଇନ ଦ୍ୱାରା ପରିଭାଷିତ କରାଯାଇଥାଏ, ସେହି ପରିଭାଷାର ଅର୍ଥକୁ ବ୍ୟବହାର କରାଯିବ, ଯେପରିକି ଭାରତୀୟ ଦଣ୍ଡ ସଂହିତାରେ ଥିବା ଭଳି "ଚୋରୀ" ।

ବୀମା ପଲିସୀମାନଙ୍କରେ ବ୍ୟବହୃତ ଅନେକ ଶବ୍ଦଗୁଡିକୁ ପୂର୍ବବର୍ତ୍ତୀ ବୈଧାନିକ ନିର୍ଣ୍ଣୟର ବିଷୟ ହୋଇଛନ୍ତି ଏବଂ ଏକ ଉଚ୍ଚତର ନ୍ୟାୟାଳୟର ସେହି ନିର୍ଣ୍ଣୟଗୁଡିକ ଏକ ନିମ୍ନ ନ୍ୟାୟାଳୟର ନିର୍ଣ୍ଣୟ ଉପରେ ବଳବତ୍ତର ହେବ । ପ୍ରାବିଧିକ ପଦଗୁଡିକୁ ନିଶ୍ଚିତ ରୂପେ ସର୍ବଦା ସେମାନଙ୍କ ପ୍ରାବିଧିକ ଅର୍ଥ ଦେବା ଉଚିତ୍‌ଯଦି ତା ବିପ ,ରୀତର କୌଣସି ସଙ୍କେତ ନ ଥାଏ ।

---

## H. ନୂତନୀକରଣ ସୂଚନା

**ଅଧିକାଂଶ ଅଣ-ଜୀବନ ବୀମା ପଲିସୀଗୁଡିକ ବାର୍ଷିକ ଆଧାରରେ ବୀମିତ ହୋଇଥାନ୍ତି ।**

ଯଦିଓ ବୀମାକର୍ତ୍ତାମାନଙ୍କ ପକ୍ଷରେ ବୀମିତକୁ ଏହା ପରାମର୍ଶ ଦେବା ପାଇଁ କୌଣସି ବୈଧିକ କର୍ତ୍ତବ୍ୟ ନାହିଁ ଯେ ତା' ପଲିସୀ ଏକ ନିର୍ଦ୍ଦିଷ୍ଟ ତାରିଖରେ ସମାପ୍ତ ହେବାକୁ ଯାଉଛି, ତଥାପି ଏକ ସୌଜନ୍ୟର ଏବଂ ଉତ୍ତମ ବ୍ୟବସାୟ ପ୍ରଥା ରୂପେ, ବୀମାକର୍ତ୍ତାମାନେ ପଲିସୀର ନୂତନୀକରଣ ଆମନ୍ତ୍ରିତ କରି, ସମାପ୍ତି ତାରିଖର ପୂର୍ବରୁ ଏକ ନୂତନୀକରଣ ସୂଚନା ଜାରୀ କରିଥାନ୍ତି । ସୂଚନାଟି ବୀମାରାଶି, ବାର୍ଷିକ ପ୍ରିମିୟମ, ଇତ୍ୟାଦି ଭଳି ସମସ୍ତ ଆବଶ୍ୟକୀୟ ବିବରଣୀକୁ ସମ୍ମିଳିତ କରିଥାଏ ଏହା ବୀମିତକୁ ପରାମର୍ଶ ଦେଉଥିବା ଏକ ଟିପ୍ପଣୀକୁ ଅନ୍ତର୍ଭୁକ୍ତ କରିବାର ପ୍ରଥା ମଧ୍ୟ ରହିଥାଏ ଯେ ସେ ସଙ୍କଟରେ ଥିବା କୌଣସି ଆବଶ୍ୟକୀୟ ପରିବର୍ତ୍ତନକୁ ସୂଚୀତ କରିବା ଉଚିତ୍ ।

**ମୋଟର ନୂତନୀକରଣ ସୂଚନାରେ, ଉଦାହରଣ ସ୍ୱରୂପ, ଚଳିତ ଆବଶ୍ୟକତାଗୁଡିକର ଦୃଷ୍ଟିରେ ବୀମାରାଶି (ଅର୍ଥାତ୍ ବାହନ ଉପରେ ବୀମିତର ଘୋଷିତ ମୂଲ୍ୟ) କୁ ସଂଶୋଧିତ କରିବା ପାଇଁ ବୀମିତର ଧ୍ୟାନ ଆକର୍ଷଣ କରିବାକୁ ପଡ଼ିଥାଏ ।**

କୌଣସି ସଙ୍କଟକୁ ଧାରଣ କରାଯାଇ ପାରିବ ନାହିଁ ଯଦି ଅଗ୍ରୀମରେ ପ୍ରିମିୟମ ପ୍ରଦାନ କରା ନ ଯାଏ, ଏହି ସମ୍ବିଧାନିକ ପ୍ରାବଧାନ ଉପରେ ମଧ୍ୟ ବୀମିତର ଧ୍ୟାନ ଆକର୍ଷଣ କରିବାକୁ ପଡ଼ିଥାଏ ।

**ସ୍ୱୟଂ ପରୀକ୍ଷା କରନ୍ତୁ 5**

ନୂତନୀକରଣ ସୂଚନା ସମ୍ବନ୍ଧେରେ ନିମ୍ନଲିଖିତ ଉକ୍ତି ଗୁଡିକ ମଧ୍ୟରୁ କେଉଁଟି ସଠିକ୍ ଅଟେ?

I. ବିନିୟମନ ଅନୁସାରେ ପଲିସୀ ସମାପ୍ତିର 30 ଦିନ ପୂର୍ବରୁ, ବୀମିତକୁ ଏକ ନୂତନୀକରଣ ସୂଚନା ପଠାଇବା ବୀମିତମାନଙ୍କ ଏକ ବୈଧିକ କର୍ତ୍ତବ୍ୟ ରହିଥାଏ

II. ବିନିୟମନ ଅନୁସାରେ ପଲିସୀ ସମାପ୍ତିର 15 ଦିନ ପୂର୍ବରୁ, ବୀମିତକୁ ଏକ ନୂତନୀକରଣ ସୂଚନା ପଠାଇବା ବୀମିତମାନଙ୍କ ଏକ ବୈଧିକ କର୍ତ୍ତବ୍ୟ ରହିଥାଏ

III. ବିନିୟମନ ଅନୁସାରେ ପଲିସୀ ସମାପ୍ତିର 7 ଦିନ ପୂର୍ବରୁ, ବୀମିତକୁ ଏକ ନୂତନୀକରଣ ସୂଚନା ପଠାଇବା ବୀମିତମାନଙ୍କ ଏକ ବୈଧିକ କର୍ତ୍ତବ୍ୟ ରହିଥାଏ

IV. ବିନିୟମନ ଅନୁସାରେ ପଲିସୀ ସମାପ୍ତି ପୂର୍ବରୁ ବୀମିତକୁ ଏକ ନୂତନୀକରଣ ସୂଚନା ପଠାଇବା ପାଇଁ ବୀମାକର୍ତ୍ତାମାନଙ୍କ କୌଣସି ବୈଧିକ କର୍ତ୍ତବ୍ୟ ରହେ ନାହିଁ

**ସାରାଂଶ**

a) ଦଲିଲୀକରଣର ପ୍ରଥମ ଚରଣ ବସ୍ତୁତଃ ପ୍ରସ୍ତାବ ଫର୍ମ ହୋଇଥାଏ ଯାହା ମାଧ୍ୟମରେ ବୀମିତ ନିଜ ବିଷୟରେ ସୂଚନା ଦେଇଥାଏ ।

b) ଆବଶ୍ୟକୀୟ ସୂଚନାର ପ୍ରକଟୀକରଣର କର୍ତ୍ତବ୍ୟ ପଲିସୀ ପ୍ରାରମ୍ଭର ପୂର୍ବରୁ ଉତ୍ପନ୍ନ ହୁଏ, ଏବଂ ଚୁକ୍ତିର ସମାପ୍ତି ପରେ ବି ଚାଲୁ ରହିଥାଏ

c) ବୀମା କମ୍ପାନୀମାନେ ସାଧାରଣତଃ ବୀମାକର୍ତ୍ତା ଦ୍ୱାରା ହସ୍ତାକ୍ଷରିତ ହେବାକୁ ଥିବା ପ୍ରସ୍ତାବ ଫର୍ମର ଶେଷରେ ଏକ ଘୋଷଣାପତ୍ର ଯୋଡ଼ିଥାନ୍ତି

d) ଏକ ପ୍ରସ୍ତାବ ଫର୍ମର ମୂଳ ତତ୍ତ୍ୱ ଗୁଡିକରେ ଅନ୍ତର୍ଭୁକ୍ତ ହୁଅନ୍ତି:

   i. ପ୍ରସ୍ତାବକର ପୂରା ନାମ

   ii. ପ୍ରସ୍ତାବକର ଠିକଣା ଏବଂ ସଂପର୍କ ବିବରଣୀ

   iii. ପ୍ରସ୍ତାବକର ବୃତ୍ତି, ରୋଜଗାର କିମ୍ବା ବ୍ୟବସାୟ

   iv. ବୀମାର ବିଷୟବସ୍ତୁର ବିବରଣୀ ଏବଂ ପରିଚୟ

   v. ବୀମା ରାଶି

   vi. ପୂର୍ବର ଏବଂ ବର୍ତ୍ତମାନର ବୀମା

   vii. ହାନି ଅନୁଭୂତି

viii. ବୀମିତ ଦ୍ୱାରା ଘୋଷଣାପତ୍ର

e) ଏକ ଅଭିକର୍ତ୍ତା, ଯିଏ ମଧ୍ୟସ୍ଥ ରୂପେ କାର୍ଯ୍ୟ କରେ, ତା' ପାଖରେ ବୀମିତ ଦ୍ୱାରା ବୀମାକର୍ତ୍ତାଙ୍କୁ ସଙ୍କଟ ସମ୍ବନ୍ଧୀୟ ସମସ୍ତ ଆବଶ୍ୟକୀୟ ସୂଚନା ପ୍ରଦାନ କରାଯାଉଛି, ଏହା ସୁନିଶ୍ଚିତ କରିବାର ଦାୟିତ୍ୱ ରହିଥାଏ ।

f) ପ୍ରସ୍ତାବକୁ ଯାଞ୍ଚ କରିବାର ଏବଂ ତାର ସ୍ୱୀକୃତି ସମ୍ବନ୍ଧରେ ନିର୍ଣ୍ଣୟ କରିବାର ପ୍ରକ୍ରିୟାକୁ ସଙ୍କଟାଙ୍କନ କୁହାଯାଏ ।

g) ପ୍ରିମିୟମ ହେଉଛି ଏକ ବୀମା ଚୁକ୍ତି ଅନ୍ତର୍ଗତ, ବୀମାର ବିଷୟବସ୍ତୁକୁ ବୀମିତ କରିବାପାଇଁ ବୀମିତ ଦ୍ୱାରା ବୀମାକର୍ତ୍ତାଙ୍କୁ ପ୍ରଦାନ କରାଯାଉଥିବା ପ୍ରତିଫଳ କିମ୍ବା ରାଶି ପରିମାଣ ।

h) ପ୍ରିମିୟମର ପ୍ରଦାନକୁ ନଗଦ, କୌଣସି ମାନ୍ୟତା ପ୍ରାପ୍ତ ବ୍ୟାଙ୍କିଂ କାରବାରଯୋଗ୍ୟ ସାଧନ, ପୋଷ୍ଟାଲ ମନିଅର୍ଡର, କ୍ରେଡିଟ୍ କିମ୍ବା ଡେବିଟ୍ କାର୍ଡ, ଇଣ୍ଟରନେଟ୍, ଇ-ଟ୍ରାନ୍ସଫର, ପ୍ରତ୍ୟକ୍ଷ ଜମା କିମ୍ବା ସମୟ ସମୟରେ ଆଇ.ଆର.ଡି.ଏ.ଆଇ ଦ୍ୱାରା ସ୍ୱୀକୃତ କୌଣସି ମାନ୍ୟ ପଦ୍ଧତି ଜରିଆରେ କରାଯାଇପାରେ ।

i) ଏକ କଭର ନୋଟ୍ ଯେତେବେଳେ ପଲିସୀର ପ୍ରସ୍ତୁତିକରଣ ଅପୂର୍ଣ୍ଣ ରହିଥାଏ କିମ୍ବା ବୀମା ପାଇଁ କଥାବାର୍ତ୍ତା ପ୍ରଗତୀରେ ଥାଏ ଏବଂ ଅନନ୍ତିମ ଆଧାରରେ ବୀମା ସୁରକ୍ଷା ପ୍ରଦାନ କରିବା ଆବଶ୍ୟକ ହୋଇଥାଏ ।

j) ସୁରକ୍ଷା ଟିପ୍ପଣୀ (କଭର୍ ନୋଟ୍) ଗୁଡିକୁ ମୂଖ୍ୟତଃ ସାମୁଦ୍ରିକ ଏବଂ ମୋଟର ଶ୍ରେଣୀର ବ୍ୟବସାୟରେ ବ୍ୟବହାର କରାଯାଇଥାଏ ।

k) ଏକ ବୀମା ପ୍ରମାଣପତ୍ର ସେହି ସବୁ କ୍ଷେତ୍ରରେ ବୀମାର ବିଦ୍ୟମାନତା ପ୍ରଦାନ କରିଥାଏ ଯେଉଁଠି ପ୍ରମାଣ ଆବଶ୍ୟକ ହୋଇପାରେ

l) ପଲିସୀ ହେଉଛି ଏକ ଔପଚାରିକ ଦସ୍ତାବିଜ ଯାହା ବୀମା ଚୁକ୍ତିର ଏକ ପ୍ରମାଣ ।

m) ଏକ ୱାରେଣ୍ଟି ହେଉଛି ପଲିସୀରେ ବ୍ୟକ୍ତ ରୂପେ ଉଲ୍ଲିଖିତ ଏକ ସର୍ତ୍ତ ଯାହା ଚୁକ୍ତିର ବୈଧତା ପାଇଁ ବସ୍ତୁତଃ ଅନୁପାଳନୀୟ ।

n) ଯଦି ପଲିସୀର ଜାରୀ ସମୟରେ କିମ୍ବା ପଲିସୀ ଅବଧି ମଧ୍ୟରେ ଏହାର କିଛି ନିୟମାବଳୀ ଓ ସର୍ତ୍ତାବଳୀକୁ ପରିବର୍ତ୍ତିତ କରିବା ଆବଶ୍ୟକ ହୋଇଥାଏ, ପୃଷ୍ଠାଙ୍କନ କୁହାଯାଉଥିବା ଏକ ଦସ୍ତାବିଜ ମାଧ୍ୟମରେ ସଂଶୋଧନ/ପରିବର୍ତ୍ତନଗୁଡିକୁ ସ୍ଥାପିତ କରି ଏହା କରାଯାଇଥାଏ ।

o) ନିର୍ମାଣର ସବୁଠୁ ମହତ୍ୱପୂର୍ଣ୍ଣ ନିୟମ ହେଉଛି ଯେ ପକ୍ଷମାନଙ୍କର ମୂଳ ଉଦ୍ଦେଶ୍ୟ ନିଶ୍ଚିତ ରୂପେ ପ୍ରଭାବୀ ହେବା ଉଚିତ୍ ଏବଂ ଏହି ଉଦ୍ଦେଶ୍ୟକୁ ସ୍ୱୟଂ ପଲିସୀ ପ୍ରକାଶ କରେ ।

## ମୂଖ୍ୟ ପଦାବଳୀ

a) **ପଲିସୀ ଫର୍ମ**

b) **ପ୍ରିମିୟମର ଅଗ୍ରୀମ ପ୍ରଦାନ/ଦେୟ**

c) **କଭର ନୋଟ୍/ସୁରକ୍ଷା ଟିପ୍ପଣୀ**

d) **ବୀମା ର ପ୍ରମାଣପତ୍ର**

e) **ନୂତନୀକରଣ ସୂଚନା**

f) **ୱାରେଣ୍ଟି**

| **ସ୍ୱୟଂ ପରୀକ୍ଷା କରନ୍ତୁ ର ଉତ୍ତର** |
| --- |

ଉତ୍ତର 1 - ସଠିକ୍ ବିକଳ୍ପ ହେଉଛି II

ଉତ୍ତର 2 - ସଠିକ୍ ବିକଳ୍ପ ହେଉଛି IV

ଉତ୍ତର 3 - ସଠିକ୍ ବିକଳ୍ପ ହେଉଛି II

ଉତ୍ତର 4 - ସଠିକ୍ ବିକଳ୍ପ ହେଉଛି II

ଉତ୍ତର 5 - ସଠିକ୍ ବିକଳ୍ପ ହେଉଛି II

# ଅଧ୍ୟାୟ G-02

## ସଙ୍କଟାଙ୍କନ ଏବଂ ମୂଲ୍ୟ ନିର୍ଦ୍ଧାରଣ

**ଅଧ୍ୟାୟ ପରିଚୟ**

ଆମେମାନେ ସାଧାରଣ ବୀମା ସମ୍ବନ୍ଧୀୟ ଅନେକ ଅବଧାରଣା ଓ ସିଦ୍ଧାନ୍ତ ବିଷୟରେ ଜାଣିଛୁ । ସଙ୍କଟାଙ୍କନ ହେଉଛି ଏକ ପ୍ରକ୍ରିୟା ଯାହାଦ୍ୱାରା ବୀମାକର୍ତ୍ତା ନିର୍ଣ୍ଣୟ ନିଏ ଯେ ସଙ୍କଟକୁ ଗ୍ରହଣ କରାଯିବ କି ନାହିଁ । ସେମାନେ ବୁଝନ୍ତି ଯେ ସଙ୍କଟଟି କେତେ ସଙ୍କଟମୟ ଅଟେ । ଆହୁରି, ପ୍ରିମିୟମ ରୂପେ କେତେ ରାଶି ସଂଗ୍ରହ କରିବା ଉଚିତ୍, ଏଇଥି ପାଇଁ, ସଙ୍କଟାଙ୍କକମାନେ ସଙ୍କଟର ବିଶ୍ଳେଷଣ କରନ୍ତି । ଆହୁରି, ବେଳେ ବେଳେ ସଙ୍କଟକୁ ଉନ୍ନତ କରିବା ପାଇଁ ସର୍ତ୍ତାବଳୀ ସହିତ କେବଳ ସଙ୍କଟଗୁଡ଼ିକୁ ଗ୍ରହଣ କରାଯାଇପାରେ । ଏହିସବୁ ଦୃଷ୍ଟିକୋଣ ବିଷୟରେ ଏହି ଅଧ୍ୟାୟରେ ଆଲୋଚନା କରାଯାଇଛି ।

**ଅଧ୍ୟୟନ ପରିଣାମ**

A. ଭୌତିକ ବିପତ୍ତି

B. ଭୌତିକ ବିପତ୍ତି – ସଙ୍କଟ ପ୍ରବନ୍ଧନର ମହତ୍ୱଅନୁଚ୍ଛେଦ ଏବଂ ମୂଲ୍ୟ ନିର୍ଦ୍ଧାରଣ ,

C. ଅତିରିକ୍ତ /କାଟଯୋଗ୍ୟ ଉପରେ ନିର୍ଣ୍ଣୟ ନେବା ଏବଂ ବୀମାସୁରକ୍ଷାକୁ ସୀମିତ /ପ୍ରତିବନ୍ଧିତ କରିବା

D. ନୈତିକ ବିପତ୍ତି /ଅନୈତିକ ଦୁର୍ଗୁଣ ବିପତ୍ତି

E. ବୀମାରାଶିର ନିର୍ଦ୍ଧାରଣ କରିବା /ବୀମାରାଶିର ଆଧାର ଗଣନା

**ଏହି ଅଧ୍ୟାୟର ଅଧ୍ୟୟନ ପରେ, ଆପଣ ସକ୍ଷମ ହେବେ:**

1. **ଭୌତିକ ବିପତ୍ତିକୁ ବୁଝିବା ପାଇଁ**
2. **ସଙ୍କଟାଙ୍କନର ମୂଲ୍ୟାଙ୍କନ କରିବା ପାଇଁ**
3. **ସଙ୍କଟକୁ ହ୍ରାସ କରିବାକୁ ସଙ୍କଟାଙ୍କକମାନଙ୍କ ଦ୍ୱାରା ଉପଯୋଗ କରାଯାଉଥିବା ପଦ୍ଧତି**
4. **ବୀମାରାଶିକୁ କେମିତି ନର୍ଦ୍ଧାରିତ କରାଯାଏ, ତାହାକୁ ବୁଝିବା ପାଇଁ ।**

## A. ଭୌତିକ ବିପତ୍ତି

ବିଭିନ୍ନ ବିପତ୍ତି ଯାହାର ସମ୍ମୁଖୀନ ସମ୍ପତ୍ତି ଓ ବ୍ୟକ୍ତିମାନେ ହୋଇଥାନ୍ତି, ତାହାର ବିସ୍ତୃତ ଜ୍ଞାନ ସଙ୍କଟାଙ୍କନ ପାଇଁ ଅତ୍ୟନ୍ତ ଆବଶ୍ୟକ ।

ଭୌତିକ ବିପତ୍ତିକୁ ଏକ ପ୍ରସ୍ତାବ ଫର୍ମରେ ଦିଆଯାଇଥିବା ସୂଚନାଠାରୁ କଳନା କରାଯାଇ ପାରେ । ଏହାକୁ ସଙ୍କଟର ଏକ ସର୍ବେକ୍ଷଣ କିମ୍ବା ନିରୀକ୍ଷଣ ଦ୍ୱାରା ଅଧିକ ଉତ୍ତମ ରୂପେ ସୁନିଶ୍ଚିତ କରାଯାଇପାରେ । ନିମ୍ନଗୁଡିକ ବିଭିନ୍ନ ଶ୍ରେଣୀର ବୀମାରେ ଭୌତିକ ବିପତ୍ତିର ଉଦାହରଣ:

### a) ନିଆଁ

i. ନିର୍ମାଣ: ନିର୍ମିତ କାନ୍ଥ ଓ ଛାତରେ ବ୍ୟବହାର କରାଯାଉଥିବା ନିର୍ମାଣ ସାମଗ୍ରୀଗୁଡିକୁ ସୂଚାଇଥାଏ । ଏକ କଂକ୍ରିଟ୍ ଘର  କାଠ ଘରଠାରୁ ଉତ୍କୃଷ୍ଟ ହୋଇଥାଏ ।

ii. ଉଚ୍ଚତା: ନିଆଁ ଲିଭାଇବାର ଅଧିକ ସମସ୍ୟା କାରଣରୁ ମହଲା ସଂଖ୍ୟା ଯେତେ ଅଧିକ ହୁଏ, ବିପତ୍ତି ସେତେ ଅଧିକ ହୋଇଥାଏ । ଏହା ବ୍ୟତୀତ, ଅଧିକ ସଂଖ୍ୟକ ମହଲା ଉପରେ ଉପର ମହଲାଗୁଡିକର ସଙ୍କଟକୁ ସଂପୃକ୍ତ କରେ, ଯାହା ଫଳରେ ଅତି ପ୍ରଭାବୀ କ୍ଷତି ହୋଇଥାଏ ।

iii. ଫର୍ଶର/ତଳର ସ୍ୱରୂପ: କାଠ ତିଆରି ଫର୍ଶ ନିଆଁକୁ ଇନ୍ଧନ ଯୋଗାଇଥାଏ ତା' ବ୍ୟତୀତ, କାଠ ତିଆରି ଫର୍ଶ ନିଆଁ ଘଟଣାରେ ସହଜରେ ନଷ୍ଟ ହୋଇଥାଏ, ଫଳରେ ଉପର ମହଲାଠାରୁ ଯନ୍ତ୍ରପାତି କିମ୍ବା ଜିନିଷପତ୍ର ପଡ଼ିବା ଦ୍ୱାରା ତଳ ମହଲାରେ ଥିବା ସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଥାଏ ।

iv. ଦଖଲ/ବ୍ୟବହାର: ଏକ ଘରର ଦଖଲ, ଏବଂ ଉଦ୍ଦେଶ୍ୟ ଯେଉଁଥି ପାଇଁ ଏହାର ଉପଯୋଗ କରାଯାଏ । ଦଖଲ ଅନୁସାରେ ବିଭିନ୍ନ ପ୍ରକାରର ବିପତ୍ତି ଉତ୍ପନ୍ନ ହୋଇଥାଏ ।

v. ଜ୍ୱଳନ ବିପତ୍ତି: ଯେଉଁଠି ଅଧିକ ପରିମାଣରେ ରସାୟନଗୁଡିକର ଉତ୍ପାଦନ କରାଯାଏ, ବଳବତ୍ତର ଜ୍ୱଳନ ବିପତ୍ତି ସଂପୃକ୍ତ ରହିଥାଏ । ଏକ କାଠ ତିଆରି ୟାର୍ଡ ଏକ ଉଚ୍ଚ ଦହନଶୀଳତା ବିପତ୍ତି ଉପସ୍ଥିତ କରିଥାଏ କାରଣ ଥରେ ଯଦି ନିଆଁ ଆରମ୍ଭ ହୋଇଯାଏ, କାଠ ଅତିଶୀଘ୍ର ଜଳିଯାଏ । ଏହି ବସ୍ତୁ ଗୁଡିକ ଅଧିକ ଜ୍ୱଳନଶୀଳ ହୋଇଥାନ୍ତି ।

ଉଦାହରଣ ସ୍ୱରୂପ, କାଗଜ, ପୋଷାକ ଇତ୍ୟାଦି ନା କେବଳ ନିଆଁ କ୍ଷତି ପ୍ରତି କିନ୍ତୁ ଜଳ, ଉତ୍ତାପ ଇତ୍ୟାଦି ଦ୍ୱାରା ମଧ୍ୟ କ୍ଷତିଗ୍ରସ୍ତ ହୋଇପାରନ୍ତି ।

vi. ନିର୍ମାଣର ପ୍ରକ୍ରିୟା: ଯଦି ରାତ୍ରି ସମୟରେ କାମ କରାଯାଏ, କୃତ୍ରିମ ଆଲୋକ, ଯନ୍ତ୍ରପାତିର ଅବିଚ୍ଛିନ୍ନ ଉପଯୋଗ କାରଣରୁ ଉତ୍ପନ୍ନ ହେଉଥିବା ଘର୍ଷଣ ଏବଂ କ୍ଲାନ୍ତି କାରଣରୁ ଶ୍ରମିକମାନଙ୍କ ସମ୍ଭାବ୍ୟ ଅସାବଧାନତା ଯୋଗୁଁ ବିପତ୍ତି ବୃଦ୍ଧି ପାଇଥାଏ ।

vii. ସଙ୍କଟର ଅବସ୍ଥିତି / ସ୍ଥାନ: ଏକ ଭିଡ଼ଭାଡ଼ କ୍ଷେତ୍ରରେ ଅବସ୍ଥିତି, ବିପତ୍ତିପୂର୍ଣ୍ଣ ସଂଲଗ୍ନ ପରିସର ସହିତ ସଂସର୍ଗ ଏବଂ ଫାୟାର୍ ବିଗ୍ରେଡ୍ ଠାରୁ ଦୂରତା ଭୌତିକ ବିପତ୍ତିର ଉଦାହରଣ ।

### b) ସାମୁଦ୍ରିକ

i. **ଜାହାଜର ପରମାୟୁ ଓ ଅବସ୍ଥା: ପୁରୁଣା ଜାହାଜଗୁଡିକ ନିମ୍ନ ଧରଣର ସଙ୍କଟ ଅଟନ୍ତି ।**

ii. **କରିବାକୁ ଥିବା ଜଳଯାତ୍ରା: ଜଳଯାତ୍ରାର ରାସ୍ତା, ଲୋଡ୍ କରିବା ଓ ଅଣଲୋଡ୍ କରିବାର ବ୍ୟବସ୍ଥା ଏବଂ ବନ୍ଦରରେ ଥିବା ଗୋଦାମ ଘରର ସୁବିଧା କାରକସବୁ ହୋଇଥାନ୍ତି ।**

iii. **ଷ୍ଟକ୍ ର ସ୍ୱରୂପ: ଉଚ୍ଚ ମୂଲ୍ୟର ସାମଗ୍ରୀଗୁଡିକ ଚୋରୀର ସମ୍ମୁଖୀନ ହୋଇଥାନ୍ତି; ପାରବହନ ସମୟରେ ଯନ୍ତ୍ରପାତିର ଭାଙ୍ଗିବାର ସମ୍ଭାବନା ଥାଏ ।**

iv. **ପ୍ୟାକ୍ କରିବାର ପଦ୍ଧତି: ଗଣ୍ଠିଲିଗୁଡିକରେ ପ୍ୟାକ୍ କରାଯାଇଥିବା ମାଲକୁ ବ୍ୟାଗ୍ ଗୁଡିକରେ ଥିବା ମାଲ ଅପେକ୍ଷା ଅଧିକ ସୁରକ୍ଷିତ ବିଚାର କରାଯାଏ । ପୁନଶ୍ଚ, ଡବଲ୍ ବ୍ୟାଗ୍ ଗୁଡିକ ଗୋଟିଏ ବ୍ୟାଗ୍ ଠାରୁ ଅଧିକ ନିରାପଦ ହୋଇଥାନ୍ତି । ସେକେଣ୍ଡ-ହ୍ୟାଣ୍ଡ (ପୁରୁଣା) ଡ୍ରମ୍ ଗୁଡିକରେ ଥିବା ତରଳ ଜିନିଷ ହାନିକାରକ ଭୌତିକ ବିପତ୍ତି ହୋଇଥାଏ ।**

c) ମୋଟର

i. **ବାହନର ପରମାୟୁ ଓ ଅବସ୍ଥା:** ପୁରୁଣା ଗାଡ଼ିଗୁଡିକ ଅଧିକ ଦୁର୍ଘଟଣା ପ୍ରବଣ ହୋଇଥାନ୍ତି ।

ii. **ବାହନର ପ୍ରକାର:** ସ୍ପୋର୍ଟସ୍ କାରଗୁଡିକ ଅଧିକ ଭୌତିକ ବିପତ୍ତିସମ୍ପନ୍ନ ହୋଇଥାଏ ।

d) ଚୋରୀ

i. **ଷ୍ଟକ୍ ଗୁଡିକର ସ୍ୱରୂପ:** କମ୍ ଆକାରରେ ଥିବା ଓ ସହଜରେ ଉଠାଇବା ଯୋଗ୍ୟ ଉଚ୍ଚ ମୂଲ୍ୟର ସାମଗ୍ରୀ (ଉ.ସ୍ୱ. ଅଳଙ୍କାର) ଗୁଡିକୁ ଅଧିକ ହାନିକାରକ ସଙ୍କଟ ରୂପେ ବିଚାର କରାଯାଇଥାଏ ।

ii. **ଅବସ୍ଥିତି:** ତଳ ମହଲାର ସଙ୍କଟ ଉପର ମହଲାର ସଙ୍କଟଗୁଡିକଠାରୁ ନିମ୍ନ ସ୍ତରର ହୋଇଥାଏ: ନିଛାଟିଆ କ୍ଷେତ୍ରରେ ଅବସ୍ଥିତ ବେସରକାରୀ ଆବାସଗୁଡିକ ବିପତ୍ତିସଂକୁଳ ହୋଇଥାନ୍ତି ।

iii. **ନିର୍ମାଣ ସମ୍ବନ୍ଧୀୟ ବିପତ୍ତି**: ଅଧିକ ସଂଖ୍ୟାର କବାଟ ଓ ଝରକା ହାନିକାରକ ଭୌତିକ ବିପତ୍ତି ହୋଇଥାନ୍ତି ।

e) **ବ୍ୟକ୍ତିଗତ ଦୁର୍ଘଟଣା**

i. ବ୍ୟକ୍ତିର ଆୟୁ: ଅତି ବୃଦ୍ଧ ବ୍ୟକ୍ତି ଦୁର୍ଘଟଣା ପ୍ରବଣ ହୋଇଥାନ୍ତି, ଏହା ବ୍ୟତୀତ ଏକ ଦୁର୍ଘଟଣାର ଅବସରରେ ଆରୋଗ୍ୟ ଲାଭ କରିବା ପାଇଁ ସେମାନଙ୍କୁ ଦୀର୍ଘ ସମୟ ଲାଗିପାରେ ।

ii. ବ୍ୟବସାୟର ସ୍ୱରୂପ: ଜୋକୀ, ଖଣିର ଇଞ୍ଜିନିୟର, ଶାରୀରିକ ଶ୍ରମିକମାନେ ହାନିକାରକ ଭୌତିକ ବିପତ୍ତିର ଉଦାହରଣ ଅଟନ୍ତି ।

iii. ସ୍ୱାସ୍ଥ୍ୟ ଓ ଶାରୀରିକ ସ୍ଥିତି: ମଧୁମେହରେ ଆକ୍ରାନ୍ତ ଏକ ବ୍ୟକ୍ତି ଦୁର୍ଘଟଣାଜନିତ ଶାରୀରିକ କ୍ଷତରେ ପୀଡିତ ହେବା ଅବସରରେ ଶଲ୍ୟ ଚିକିତ୍ସାରେ ସ୍ୱାସ୍ଥ୍ୟ ଲାଭ କରି ନ ପାରେ ।

### B. ଭୌତିକ ବିପତ୍ତି –ସଙ୍କଟ ପ୍ରବନ୍ଧନର ମହତ୍ୱଅନୁଚ୍ଛେଦ ଏବଂ ମୂଲ୍ୟ ନିର୍ଦ୍ଧାରଣ ,

ଭୌତିକ ବିପତ୍ତିଗୁଡିକର ମୁକାବିଲା କରିବା ପାଇଁ ସଙ୍କଟାଙ୍କନମାନେ ନିମ୍ନ ପଦ୍ଧତିଗୁଡିକର ଉପଯୋଗ କରନ୍ତି:

✓ ପ୍ରିମିୟମର ଲୋଡିଙ୍ଗ୍

✓ ପଲିସୀ ଉପରେ ୱାରେଣ୍ଟି ଲାଗୁ କରିବା

- ✓ କିଛି ନିର୍ଦ୍ଦିଷ୍ଟ ଅନୁଚ୍ଛେଦ ଲାଗୁ କରିବା
- ✓ ଅତିରିକ୍ତ/ କାଟଯୋଗ୍ୟ ଲାଗୁ କରିବା
- ✓ ମଞ୍ଜୁରୀପ୍ରାପ୍ତ ସୁରକ୍ଷାକୁ ସୀମିତ କରିବା
- ✓ ସୁରକ୍ଷାକୁ ଅଗ୍ରାହ୍ୟ କରିବା

a) **ପ୍ରିମିୟମର ଲୋଡିଙ୍ଗ୍**

ଏକ ସଙ୍କଟ ସଂସର୍ଗରେ କେତେକ ପ୍ରତିକୂଳ ବିଶେଷତା ଥାଇପାରେ ଯେଉଁଥି ପାଇଁ ସଙ୍କଟାଙ୍କକମାନେ, ତାହାର ସ୍ୱୀକୃତି ପୂର୍ବରୁ, ଏକ ଅତିରିକ୍ତ ପ୍ରିମିୟମ ଲାଗୁ କରିବାର ନିଷ୍ପତ୍ତି ନେଇ ପାରନ୍ତି । ପ୍ରିମିୟମ ଲୋଡ୍ କରିବାରେ ଦାବୀଗୁଡିକର ଅଧିକ ସମ୍ଭାବ୍ୟତା କିମ୍ବା ବଡ଼ ବଡ଼ ଦାବୀର ଘଟଣାକୁ ବିଚାରକୁ ନିଆଯାଇଥାଏ ।

| **ଉଦାହରଣ** |
|---|

ଯାତ୍ରୀ ଜାହାଜ କିମ୍ବା ଅନ୍ୟାନ୍ୟ ଜାହାଜ ଦ୍ୱାରା ଲଦା ଯାଇଥିବା କାର୍ଗୋ ପାଇଁ ସାମାନ୍ୟ ଦରର ପ୍ରିମିୟମ ଲାଗୁ କରାଯାଏ, ଯାହା ନିର୍ଦ୍ଧାରିତ ମାନକର ଅନୁପାଳନ କରିଥାଏ । ଅବଶ୍ୟ, ଯଦି ଏକ ଅଧିକ-ପୁରୁଣା କିମ୍ବା କମ୍ ଟନ ଭାରର ଜାହାଜ କାର୍ଗୋ ବହନ କରେ ତେବେ ଅତିରିକ୍ତ ପ୍ରିମିୟମ ଲାଗୁ କରାଯାଏ ।

ବ୍ୟକ୍ତିଗତ ଦୁର୍ଘଟଣା ବୀମାରେ, ଯଦି ବୀମିତ ପର୍ବତାରୋହଣ, ଦୌଡ଼ (Racing), ବଡ଼ ବଡ଼ ଶିକାର କରିବା ଇତ୍ୟାଦି ଭଳି ବିପତ୍ତିପୂର୍ଣ୍ଣ ଧନ୍ଦାରେ ଲିପ୍ତ ରହେ, ଅତିରିକ୍ତ ପ୍ରିମିୟମ ଲାଗୁ କରାଯାଇଥାଏ ।

ବେଳେବେଳେ ପ୍ରତିକୂଳ/ଅଧିକ ଦାବୀ ଅନୁପାତ ପାଇଁ ପ୍ରିମିୟମର ଲୋଡିଙ୍ଗ୍ ବି କରାଯାଇଥାଏ, ଯେପରିକି ମୋଟର ବୀମା କିମ୍ବା ସ୍ୱାସ୍ଥ୍ୟ ବୀମା ପଲିସୀମାନଙ୍କରେ ।

---

b) **ୱାରେଣ୍ଟି ଲାଗୁ କରିବା**

ଭୌତିକ ବିପତ୍ତିକୁ କମ୍ କରିବା ପାଇଁ ବୀମାକର୍ତ୍ତାମାନେ ପଲିସୀରେ ଉପଯୁକ୍ତ ୱାରେଣ୍ଟି ସମ୍ମିଳିତ କରିଥାନ୍ତି । ନିମ୍ନରେ କେତେକ ଉଦାହରଣ ପ୍ରଦାନ କରାଯାଇଛି ।

| **ଉଦାହରଣ** |
|---|

i. **ସାମୁଦ୍ରିକ କାର୍ଗୋ:** ଏକ ୱାରେଣ୍ଟି ପ୍ରବିଷ୍ଟ କରାଯାଇଥାଏ ଏହା ପ୍ରଭାବୀ କରିବାପାଇଁ ଯେ ଜିନିଷ (ଉ.ସ୍ୱ.ଚା) କୁ ଟିଣ ଧାରଯୁକ୍ତ ଡବାଗୁଡିକରେ ପ୍ୟାକ୍ କରିବା ବାଧ୍ୟତାମୂଳକ ।

ii. **ଚୋରୀ:** ଏହାର ଗ୍ୟାରେଣ୍ଟି ଦିଆଯାଏ ଯେ ସମ୍ପତ୍ତିର ରକ୍ଷଣ ଏକ ଚୌକିଦାର ଦ୍ୱାରା ଚବିଶ ଘଣ୍ଟା ପାଇଁ କରାଯାଏ ।

iii. **ନିଆଁ:** ଏକ ଅଗ୍ନି ବୀମାରେ, ଏହାର ଗ୍ୟାରେଣ୍ଟି ଦିଆଯାଏ ଯେ ପରିସରକୁ ସାମାନ୍ୟ କାର୍ଯ୍ୟ ସମୟ ବାହାରେ ଉପଯୋଗ କରାଯାଇ ନ ପାରେ ।

iv. **ମୋଟର:** ଏହାର ଗ୍ୟାରେଣ୍ଟି ଦିଆଯାଏ ଯେ ବାହନଟିକୁ ଗତି ପରୀକ୍ଷଣ କିମ୍ବା ଦୌଡ଼ ପାଇଁ ବ୍ୟବହାର କରାଯିବ ନାହିଁ ।

---

**ଉଦାହରଣ**

ସାମୁଦ୍ରିକ କାର୍ଗୋ: ଅଂଶଗୁଡିକର ଛୋଟ ଛୋଟ କ୍ଷତି ମହଙ୍ଗା ଯନ୍ତ୍ରପାତି ପାଇଁ ଏକ ରଚନାତ୍ମକ ସଂପୂର୍ଣ୍ଣ ହାନି (CTL) ହେବାର କାରଣ ହୋଇପାରେ । ସେଭଳି ଯନ୍ତ୍ରପାତି ପ୍ରତିସ୍ଥାପନ ଅନୁଚ୍ଛେଦର ଅନ୍ତର୍ଗତ ହୋଇଥାଏ ଯାହା ସଙ୍କଟାଙ୍କକର ଦାୟିତ୍ୱକୁ କୌଣସି ଭଙ୍ଗା ଅଂଶର ପ୍ରତିସ୍ଥାପନ, ଅଗ୍ରେଷଣ ଏବଂ ମରାମତି ଖର୍ଚ୍ଚ ପର୍ଯ୍ୟନ୍ତ ହି ସୀମିତ କରିଥାଏ ।

କାଷ୍ଟ୍ ପାଇପ୍, ହାର୍ଡ ବୋର୍ଡ ଗୁଡିକର ଧାରଗୁଡିକ କେବଳ ନଷ୍ଟ ହୋଇଥାଏ । କାଷ୍ଟ୍ ପାଇପ୍ ଇତ୍ୟାଦି ଉପରେ ସାମୁଦ୍ରିକ ପଲିସୀଗୁଡିକ  ଅଂଶ କାଟ୍ୟ ଅନୁଚ୍ଛେଦ ଅଧୀନରେ ହୋଇଥାନ୍ତି ଯାହା ଗ୍ୟାରେଣ୍ଟି ଦିଅନ୍ତି ଯେ ନଷ୍ଟ ହୋଇଥିବା ଅଂଶକୁ କଟାଯିବା ଉଚିତ୍ ଏବଂ ଅବଶିଷ୍ଟ ଅଂଶର ଉପଯୋଗ କରିବା ଉଚିତ୍ ।

---

c) **ଅତିରିକ୍ତ/କାଟଯୋଗ୍ୟ ଏବଂ ସୁରକ୍ଷାକୁ ପ୍ରତିବନ୍ଧିତ କରିବା ଉପରେ ନିର୍ଣ୍ଣୟ ନେବା**

ଯେତେବେଳେ ହାନି ପରିମାଣ ଉଲ୍ଲିଖିତ କାଟଯୋଗ୍ୟ/ଅତିରିକ୍ତ ଠାରୁ ଅଧିକ ହୋଇଥାଏ, ଅବଶିଷ୍ଟ ରାଶିକୁ 'ଅତିରିକ୍ତ' ଅନୁଚ୍ଛେଦ ଅନ୍ତର୍ଗତ ପ୍ରଦାନ କରାଯାଏ । କାଟଯୋଗ୍ୟ ସୀମା ତଳେ ଥିବା ହାନି ପ୍ରଦାନଯୋଗ୍ୟ ହୋଇ ନ ଥାଏ ।

ଏହି ସବୁ ଅନୁଚ୍ଛେଦର ଉଦ୍ଦେଶ୍ୟ ହେଉଛି ଛୋଟ ଛୋଟ ଦାବୀକୁ ବର୍ଜନ କରିବା । ଯେହେତୁ ବୀମିତକୁ ହାନିର ଅଂଶକୁ ଗ୍ରହଣ କରିବାକୁ ପଡିଥାଏ, ତାକୁ ଅଧିକ ସାବଧାନ ହେବା ପାଇଁ ଏବଂ ହାନି ନିବାରଣର ଅଭ୍ୟାସ କରିବା ପାଇଁ ପ୍ରୋତ୍ସାହିତ କରାଯାଏ ।

**ଉଦାହରଣ**

i. **ମୋଟର**: ଏକ ପୁରୁଣା ମୋଟର ଗାଡ଼ି ପାଇଁ ଏକ ପ୍ରସ୍ତାବକୁ ବ୍ୟାପକ ଅବଧି ଉପରେ ସ୍ୱୀକୃତ କରାଯିବ ନାହିଁ କିନ୍ତୁ ବୀମାକର୍ତ୍ତାମାନେ ଏକ ପ୍ରତିବନ୍ଧିତ ସୁରକ୍ଷା ପ୍ରଦାନ କରିବେ ଅର୍ଥାତ୍ ତୃତୀୟ ପକ୍ଷ ସଙ୍କଟ ବିରୁଦ୍ଧରେ କେବଳ ।

ii. **ବ୍ୟକ୍ତିଗତ ଦୁର୍ଘଟଣା**: ଏକ ବ୍ୟକ୍ତିଗତ ଦୁର୍ଘଟଣା ପ୍ରସ୍ତାବକ ଯିଏ ସର୍ବାଧିକ ସ୍ୱୀକୃତି ଆୟୁ ସୀମା ପାର କରିଯାଇଛି ତାକୁ ବ୍ୟାପକ ଅବଧି ଅର୍ଥାତ୍ ବିକଳାଙ୍ଗତା ଲାଭକୁ ଅନ୍ତର୍ଭୁକ୍ତ କରିଥିବା ପରିବର୍ତ୍ତେ କେବଳ ମୃତ୍ୟୁ ସଙ୍କଟ ପାଇଁ ସୁରକ୍ଷା ପ୍ରଦାନ କରାଯାଇପାରେ ।

d) **ଡିସ୍କାଉଣ୍ଟ**

କମ୍ ଦର ଲାଗୁ କରାଯାଏ କିମ୍ବା ସାଧାରଣ ପ୍ରିମିୟମରେ ଏକ ଡିସ୍କାଉଣ୍ଟ ଦିଆଯାଏ ଯଦି ସଙ୍କଟଟି ଅନୁକୂଳ ହୋଇଥାଏ । ଅଗ୍ନି ବୀମାରେ ସଙ୍କଟର ଉନ୍ନତି ପାଇଁ ଯୋଗଦାନ ଦେବାରେ ନିମ୍ନଲିଖିତ ବିଶେଷତାଗୁଡିକୁ ବିଚାର କରାଯାଇଥାଏ ।

i. ପରିସର ମଧ୍ୟରେ ସ୍ପ୍ରିଙ୍କଲର୍ ସିଷ୍ଟମର ଉପଯୋଗ

ii. ହତାରେ ହାଇଡ୍ରାଣ୍ଟ ସିଷ୍ଟମରେ ପ୍ରତିଷ୍ଠାପନ

iii. ବକେଟ୍, ସୁବାହ୍ୟ ନିର୍ବାପକ ଏବଂ ହସ୍ତଚାଳିତ ଫାୟାର୍ ପମ୍ପକୁ ସମ୍ମିଳିତ କରୁଥିବା ହସ୍ତଚାଳିତ ଉପକରଣଗୁଡିକର ପ୍ରତିଷ୍ଠାପନ

iv. ସ୍ୱୟଂଚାଳିତ ଫାୟାର୍ ଆଲାର୍ମର ପ୍ରତିଷ୍ଠାପନ

**ଉଦାହରଣ**

ମୋଟର ବୀମା ଅନ୍ତର୍ଗତ ପ୍ରିମିୟମରେ ଏକ ଡିସ୍କାଉଣ୍ଟ ପ୍ରଦାନ କରାଯାଏ ଯଦି ମୋଟର ସାଇକେଲକୁ ସର୍ବଦା ଏକ ସଂଲଗ୍ନ ପାର୍ଶ୍ୱ-କାର ସହିତ ବ୍ୟବହାର କରାଯାଏ, ଯେହେତୁ ଗାଡ଼ିର ଅଧିକ ସ୍ଥିରତା କାରଣରୁ ଏହି ବିଶେଷତା ଉନ୍ନତ ସଙ୍କଟରେ ଗଣାଯାଏ I

ସାମୁଦ୍ରିକ ବୀମାରେ, ବୀମାକର୍ତ୍ତା "ସଂପୂର୍ଣ୍ଣ ଲୋଡ" ବାହନ ପାଇଁ ପ୍ରିମିୟମ ଉପରେ ଡିସ୍କାଉଣ୍ଟ ଦେବାର ବିଚାର କରିପାରେ ଯେହେତୁ ଏହା ଚୋରୀ ଏବଂ ହ୍ରାସ ହେବାର ଘଟଣାକୁ କମ୍ କରିଥାଏ I

ଏକ ସମୂହ ବ୍ୟକ୍ତିଗତ ଦୁର୍ଘଟଣା ଅନ୍ତର୍ଗତଯାହା ,ଏକ ବଡ଼ ସମୂହର ବୀମା ସୁରକ୍ଷାପାଇଁ ଡିସ୍କାଉଣ୍ଡ ଦିଆଯାଇ ପାରେ , ବୀମାକର୍ତ୍ତ୍ାର ପ୍ରଶାସନିକ କାର୍ଯ୍ୟ ବ୍ୟୟକୁ କମ୍ କରିଥାଏ I

---

### e) ଅଣ-ଦାବୀ ବୋନସ୍ (NCB)

ପ୍ରତ୍ୟେକ ଦାବୀ ମୁକ୍ତ ନୂତନୀକରଣ ବର୍ଷ ପାଇଁ ବୋନସ୍ ରୂପେ କିଛି ପ୍ରତିଶତ ଦିଆଯାଇଥାଏ ଯାହା ସର୍ବାଧିକ ବୋନସ୍ ରେ ଏକ ସୀମା ହୋଇଥାଏ I ଏହାକୁ, ସମଗ୍ର ସମୂହ ପାଇଁ କିମ୍ବା ମୋଟର ବାହନ ନିଜ କ୍ଷତି ପଲିସୀ ଧାରକମାନଙ୍କ ପାଇଁ ଦାବୀ ମୁକ୍ତ ବର୍ଷଗୁଡିକ ପାଇଁ ହୋଇଥିବା ଦାବୀ ଅନୁପାତ ଆଧାରରେ, ନୂତନୀକରଣରେ ମୋଟ ପ୍ରିମିୟମ ଉପରେ ଡିସ୍କାଉଣ୍ଟ (discount) ରୂପେ ସ୍ୱୀକୃତି ଦିଆଯାଇଥାଏ I

ଅଣ-ଦାବୀ ବୋନସ୍ ହେଉଛି ସଙ୍କଟାଙ୍କନ ଅନୁଭୂତିକୁ ଉନ୍ନତ କରିବାରେ ଏକ ସଶକ୍ତ ପଦ୍ଧତି ଏବଂ ମୂଲ୍ୟନିର୍ଦ୍ଧାରଣ ପ୍ରଣାଳୀର ଏକ ଅବିଚ୍ଛେଦ୍ୟ ଅଂଶ I ଏହି ବୋନସ୍ ବୀମିତରେ ଥିବା ନୈତିକ ବିପତ୍ତିର କାରକକୁ ଚିହ୍ନି ପାରେ I ଏହା ବୀମିତକୁ, ମୋଟର ବୀମାରେ ଥିବା ଭଳି ଉତ୍ତମ ଚାଳନା କୌଶଳକୁ ଆପଣେଇବା ଦ୍ୱାରା କିମ୍ବା ସ୍ୱାସ୍ଥ୍ୟ ପଲିସୀରେ ଥିବା ଭଳି ତା' ସ୍ୱାସ୍ଥ୍ୟର ଅଧିକ ଉତ୍ତମ ଯତ୍ନ ନେବା ଦ୍ୱାରା ଦାବୀ କରି ନ ଥିବା ପାଇଁ ପୁରସ୍କୃତ କରିଥାଏ I

### f) ଅଗ୍ରାହ୍ୟତା

ଯଦି ସଂପୃକ୍ତ ଭୌତିକ ବିପତ୍ତିଟି ଅତ୍ୟଧିକ ହାନିକରକ ହୋଇଥାଏ, ସଙ୍କଟଟି ଅଣ-ବୀମାଯୋଗ୍ୟ ହୋଇଥାଏ ଏବଂ ତାହାକୁ ଅଗ୍ରାହ୍ୟ କରାଯାଇଥାଏ I ସେମାନଙ୍କ ଅତୀତର ହାନି ଅନୁଭୂତି ବିପତ୍ତିଗୁଡିକର ଜ୍ଞାନ ଓ ସଂପୂର୍ଣ୍ଣ ସଙ୍କଟାଙ୍କନ ପଲିସୀ ଆଧାରରେ, ବୀମାକର୍ତ୍ତାମାନେ ପ୍ରତ୍ୟେକ ଶ୍ରେଣୀର ବୀମାରେ ଅଗ୍ରାହ୍ୟ କରିବାକୁ ଥିବା ସଙ୍କଟଗୁଡିକର ଏକ ତାଲିକା ପ୍ରସ୍ତୁତ କରିଛନ୍ତି I

## C. ନୈତିକ ବିପତ୍ତି

ନୈତିକ ବିପତ୍ତି ନିମ୍ନ ଲିଖିତ ପ୍ରକାରରେ ଉତ୍ପନ୍ନ ହୋଇପାରେ:

### a) ଅସାଧୁତା

ହାନିକାରକ ନୈତିକ ବିପତ୍ତିର ଏକ ଚରମ ଉଦାହରଣ ହେଉଛି ଯେ ଏକ ବୀମିତ ଏକ ଦାବୀ ପ୍ରାପ୍ତ କରିବାକୁ ଏକ କୃତ୍ରିମ ହାନି ସୃଷ୍ଟି କରିବା କିମ୍ବା ଜାତ କରିବାର ସୁଚିନ୍ତିତ ଉଦ୍ଦେଶ୍ୟ ସହିତ ବୀମା ନେବା I ଏପରିକି, ଏକ ସଚ୍ଚୋଟ ବୀମିତକୁ ମଧ୍ୟ ଏକ ହାନିର ମଞ୍ଚ ପ୍ରସ୍ତୁତ କରିବାକୁ ପ୍ରଲୋଭିତ କରାଯାଇପାରେ, ଯଦି ସେ ଆର୍ଥିକ ସମସ୍ୟାରେ ଥାଏ I

### b) ଅସାବଧାନତା

ହାନି ପ୍ରତି ଉଦାସୀନତା ହେଉଛି ଅସାବଧାନତାର ଏକ ଉଦାହରଣ । ବୀମାର ବିଦ୍ୟମାନତା କାରଣରୁ, ବୀମିତ ବୀମିତ ସମ୍ପତ୍ତି ପ୍ରତି ଏକ ଅସାବଧାନ ମନୋବୃତ୍ତି ଗ୍ରହଣ କରିବା ଦେଖାଇପାରେ ।

ଯଦି ବୀମିତ ଏକ ବିବେକୀ ଓ ଯଥାର୍ଥ ବ୍ୟକ୍ତି ରୂପେ ସମ୍ପତ୍ତିର ସେଭଳି ଯତ୍ନ ନ ନିଏ ଯେଉଁଭଳି ତାହା ଅଣ-ବୀମିତ ହୋଇଥିବାରେ ନେଇଥାନ୍ତା, ନୈତିକ ବିପତ୍ତି ଅଧିକ ଅଗ୍ରାହ୍ୟ ହୋଇଥାଏ ।

c) **ଔଦ୍ୟୋଗିକ ସମ୍ବନ୍ଧ**

ନିଯୁକ୍ତିଦାତା-କର୍ମଚାରୀ ସମ୍ବନ୍ଧ ହାନିକାରକ ନୈତିକ ବିପତ୍ତିର ତତ୍ତ୍ୱକୁ ସଂପୃକ୍ତ କରିପାରେ ।

d) **କୃତ୍ରିମ (ମିଥ୍ୟା) ଦାବୀ**

ଏହି ପ୍ରକାରର ନୈତିକ ବିପତ୍ତି ଉତ୍ପନ୍ନ ହୁଏ ଯେବେ ଦାବୀ ଘଟିଥାଏ । ଏକ ବୀମିତ ଜାଣିଶୁଣି ଏକ ହାନି ଆଣି ନ ପାରେ କିନ୍ତୁ ଥରେ ଯଦି ଏକ ହାନି ହୁଏ, ସେ, କ୍ଷତିପୂର୍ତ୍ତିର ସିଦ୍ଧାନ୍ତକୁ ଉପେକ୍ଷା କରି, ଅନୁଚିତ ରୂପେ ଉଚ୍ଚ ରାଶିର କ୍ଷତିପୂରଣ ଦାବୀ କରିବାକୁ ପ୍ରୟାସ କରି ପାରେ ।

| **ସୂଚନା** |
|---|
| ଉପ-ସୀମା: ବୀମାକର୍ତ୍ତା ବୃଦ୍ଧି ପାଇଥିବା ବିଲକୁ ରୋକିବା ପାଇଁ ରୁମ୍ ଖର୍ଚ୍ଚ, ସର୍ଜିକାଲ ପ୍ରକ୍ରିୟା କିମ୍ବା ଡାକ୍ତରଙ୍କ ଶୁଳ୍କ ପ୍ରତ୍ୟେକ ପାଇଁ  ଅଲଗା ଅଲଗା ଭାବେ ମୋଟ ଦେୟ ଉପରେ ଏକ ସୀମା ଲାଗୁ କରିପାରେ । |

**ଯେଉଁଠି ବୀମିତର ନୈତିକ ବିପତ୍ତି ଥିବାର ସନ୍ଦେହ କରାଯାଏ, ଅଭିକର୍ତ୍ତା ସେଭଳି ପ୍ରସ୍ତାବକୁ ପ୍ରୋତ୍ସାହିତ କରିବା କିମ୍ବା ବୀମା କମ୍ପାନୀ ପାଖକୁ ଆଣିବା ଉଚିତ୍ ନୁହେଁ । ସେଭଳି ସମସ୍ୟାଗୁଡିକୁ ବୀମା କମ୍ପାନୀ ଅଧିକାରୀ ମାନଙ୍କ ନିକଟକୁ ମଧ୍ୟ ଆଣିବା ଉଚିତ୍ ।**

1. **ଅଳ୍ପାବଧି ମାପକ**

ସାଧାରଣତଃ, ପ୍ରିମିୟମ ଦରଗୁଡିକୁ ବାରମାସର ଅବଧି ପାଇଁ କୋଟ୍ କରାଯାଇଥାଏ । ଯଦି ଏକ ପଲିସୀକୁ ଏକ ଅଳ୍ପାବଧି ପାଇଁ ନିଆଯାଏ, ପ୍ରିମିୟମକୁ ଅଳ୍ପାବଧି ମାପକ କୁହାଯାଉଥିବା, ଏକ ବିଶେଷ ସ୍କେଲ୍ (ମାପକ) ଅନୁସାରେ ଲାଗୁ କରାଯାଏ । ଅଳ୍ପାବଧି ବୀମାପାଇଁ ଲାଗୁ କରିବା ଯୋଗ୍ୟ ସମାନୁପାତିକ ଠାରୁ ଅଧିକ ଆକାରରେ ହୋଇଥାଏ ।

**ଅଳ୍ପାବଧି ମାପକ ପାଇଁ ଆବଶ୍ୟକତା**

a) ଏହି ଦରଗୁଡିକୁ ଲାଗୁ କରାଯାଏ କାରଣ ପଲିସୀ ଜାରୀରେ ସଂପୃକ୍ତ ବ୍ୟୟଗୁଡିକ 12 ମାସ ଅବଧି ପାଇଁ ହୋଇଥାଉ କିମ୍ବା ଏକ ଅଳ୍ପଅବଧି ପାଇଁ ହୋଇଥାଉ, ସେଗୁଡିକ ପ୍ରାୟ ସମାନ ହୋଇଥାଏ ।

b) ଆହୁରି, ଏକ ବାର୍ଷିକ ପଲିସୀ ଗୋଟିଏ ବର୍ଷ ଅବଧିରେ କେବଳ ଥରେ ନୂତନୀକରଣ କାର୍ଯ୍ୟପ୍ରଣାଳୀ ଆବଶ୍ୟକ କରେ ଯେଉଁଠି ଅଳ୍ପ ଅବଧି ବୀମାଗୁଡିକ ଅଧିକ ବାରମ୍ବାର ନୂତନୀକରଣ ସଂପୃକ୍ତ କରିଥାଏ । ଯଦି ଏକ ସମାନୁପାତିକ ପ୍ରିମିୟମର ସ୍ୱୀକୃତି ଦିଆଯାଏ, ବୀମିତ ପକ୍ଷରେ ଅଳ୍ପାବଧି ପଲିସୀଗୁଡିକ ନେବାପାଇଁ ମନୋବୃତ୍ତି ରହିପାରେ ଏବଂ ତା ଦ୍ୱାରା, ପ୍ରଭାବୀ ରୂପେ, ପ୍ରିମିୟମ ଗୁଡିକୁ କିସ୍ତିରେ ପ୍ରଦାନ କରିବା ଭଳି ହୋଇଥାଏ ।

c) ଏମାନଙ୍କ ବ୍ୟତୀତ, କେତେକ ବୀମା ସାମୟିକ ପ୍ରତିର ହୋଇଥାଏ ଏବଂ ସଙ୍କଟଟି ସେହି ସମୟରେ ଅଧିକ ହୋଇଥାଏ । ବୀମାଗୁଡିକ ବେଳେ ବେଳେ ସେହି ଅବଧିରେ ନିଆଯାଇଥାଏ ଯେତେବେଳେ ସଙ୍କଟ ସର୍ବାଧିକ ହୋଇଥାଏ ଏବଂ ତା' ଦ୍ୱାରା ଚୟନ ବୀମାକର୍ତ୍ତାମାନଙ୍କ ବିରୁଦ୍ଧରେ ହୋଇଥାଏ । ଅଳ୍ପାବଧି ମାନକଗୁଡିକ ବୀମାକର୍ତ୍ତାମାନଙ୍କ ବିରୁଦ୍ଧରେ ସେଭଳି ଚୟନର ବିରୋଧ କରିବା ପାଇଁ ବିକଶିତ କରାଯାଇଥାଏ । ସେମାନେ ମଧ୍ୟ ପ୍ରଯୁଜ୍ୟ ହୋଇଥାନ୍ତି ଯେତେବେଳେ ବାର୍ଷିକ ବୀମାକୁ ବୀମିତ ଦ୍ୱାରା ପୂର୍ବରୁ ରଦ୍ଦ କରାଯାଇଥାଏ । ସେହି କ୍ଷେତ୍ରରେ ପ୍ରିମିୟମକୁ ସେହି ଅବଧି ଯେତେବେଳେ ବୀମାକର୍ତ୍ତା ସଙ୍କଟରେ ଥିଲା, ତା' ପାଇଁ ଅଳ୍ପାବଧି ମାନକ ଉପରେ ରଖି ଫେରସ୍ତ କରାଯାଇଥାଏ ।

**ସର୍ବନିମ୍ନ ପ୍ରିମିୟମ**

ପ୍ରତ୍ୟେକ ପଲିସୀ ଅନ୍ତର୍ଗତ ସର୍ବନିମ୍ନ ପ୍ରିମିୟମ ଲାଗୁ କରିବା ପ୍ରଥା ଅଟେ ଯାହା ଦ୍ୱାରା ପଲିସୀ ଜାରୀ କରିବାର ପ୍ରଶାସନିକ ଖର୍ଚ୍ଚକୁ ସୁରକ୍ଷା ଦିଆଯାଇଥାଏ ।

**ସ୍ୱୟଂ ପରୀକ୍ଷା କରନ୍ତୁ 1**

ଏକ ଅଭିକର୍ତ୍ତାଠାରୁ କ'ଣ ଆଶା କରାଯାଏ ଯେତେବେଳେ ସେ ଏକ ନୈତିକ ବିପତ୍ତିକୁ ଚିହ୍ନଟ କରେ?

I. ପୂର୍ବ ଭଳି ବୀମାକୁ ଚାଲୁ ରଖିଥାଏ

II. ସେହି ବିଷୟରେ ବୀମାକର୍ତ୍ତାକୁ ରିପୋର୍ଟ କରେ

III. ଦାବୀଠାରୁ ଏକ ଅଂଶ ମାଗେ

IV. ଅଣ-ଦେଖା କରେ

## D. ବୀମା ରାଶି ନିର୍ଦ୍ଧାରିତ କରିବା

ଏହା ସର୍ବାଧିକ ରାଶି ଯାହାକୁ ଏକ ବୀମା କମ୍ପାନୀ ପଲିସୀ ସର୍ତ୍ତ ଅନୁସାରେ କ୍ଷତିପୂର୍ତ୍ତି କରିବ । ଏକ ବୀମିତକୁ କ୍ଷତିପୂର୍ତ୍ତିର ସୀମା ଚୟନ କରିବାରେ ଅତି ସାବଧାନ ରହିବାକୁ ପଡ଼ିଥାଏ କାରଣ ତାହା ସର୍ବାଧିକ ରାଶି ହୋଇଥାଏ ଯାହାକୁ ଦାବୀ ସମୟରେ କ୍ଷତିପୂର୍ତ୍ତି ହୋଇପାରେ ।

ବୀମାରାଶିକୁ ସର୍ବଦା ବୀମିତ ଦ୍ୱାରା ନିର୍ଦ୍ଧାରିତ କରାଯାଏ । ଏହା ହେଉଛି ସେହି ରାଶି ପରିମାଣ ଯାହା ଉପରେ ପଲିସୀ ଅନ୍ତର୍ଗତ ପ୍ରିମିୟମ ନିର୍ଦ୍ଧାରଣ କରିବାକୁ ଦର ଲାଗୁ କରାଯାଇଥାଏ ।

ଏହା ସମ୍ପତ୍ତିର ପ୍ରକୃତ ମୂଲ୍ୟର ପ୍ରତିଫଳନ କରିବ । ଯଦି ଅଧିକ ବୀମା ହୋଇଥାଏ, ବୀମିତ ପାଇଁ କୌଣସି ଲାଭ ଅର୍ଜିତ ହୁଏ ନାହିଁ ଏବଂ କମ୍ ବୀମା (Underinsurance) କ୍ଷେତ୍ରରେ ଦାବୀଟି ସମାନୁପାତିକ ରୂପେ ହ୍ରାସ ହୋଇଥାଏ ।

**ବୀମା ରାଶି ର ନିର୍ଦ୍ଧାରଣ କରିବା**

ପ୍ରତ୍ୟେକ ଶ୍ରେଣୀର ବ୍ୟବସାୟରେ ବୀମିତକୁ ନିମ୍ନଲିଖିତ ବିନ୍ଦୁଗୁଡିକ ଉପରେ ପରାମର୍ଶ ଦେବା ଉଚିତ୍ ଯାହାକୁ ବୀମା ରାଶିର ନିର୍ଦ୍ଧାରଣ କରିବା ସମୟରେ ଧ୍ୟାନରେ ରଖିବାକୁ ହୋଇଥାଏ:

a) ବ୍ୟକ୍ତିଗତ ଦୁର୍ଘଟଣା ବୀମା: ଏକ କମ୍ପାନୀ ଦ୍ୱାରା ପ୍ରଦାନ କରାଯାଇଥିବା ବୀମା ରାଶି ଏକ ନିଶ୍ଚିତ ରାଶି ହୋଇପାରେ କିମ୍ବା ଏହା ବୀମିତର ଆୟ ଆଧାରରେ ବି ହୋଇପାରେ । କେତେକ ବୀମା କମ୍ପାନୀ ଏକ ନିର୍ଦ୍ଦିଷ୍ଟ ବିକଳାଙ୍ଗତା ପାଇଁ ବୀମିତର ମାସିକ ଆୟର 60 ଗୁଣ କିମ୍ବା 10 ଗୁଣ ସହିତ ସମାନ ଲାଭ ଦେଇପାରନ୍ତି । ସର୍ବାଧିକ ରାଶି ଉପରେ ଏକ ଊର୍ଦ୍ଧ୍ୱ ସୀମା କିମ୍ବା 'କ୍ୟାପ୍' ରହିପାରେ । କ୍ଷତିପୂରଣ କମ୍ପାନୀ କମ୍ପାନୀ ମଧ୍ୟରେ ଭିନ୍ନ ଭିନ୍ନ ହୋଇପାରେ । ସମୂହ ବ୍ୟକ୍ତିଗତ ଦୁର୍ଘଟଣା ପଲିସୀଗୁଡ଼ିକରେ ବୀମା ରାଶି ପ୍ରତ୍ୟେକ ବୀମିତ ବ୍ୟକ୍ତି ପାଇଁ ଅଲଗା ରୂପେ ନିର୍ଦ୍ଧାରିତ କରାଯାଇପାରେ କିମ୍ବା ବୀମିତ ବ୍ୟକ୍ତିଙ୍କୁ ଦେୟ ହେଉଥିବା ବେତନ ସହିତ ସଂଯୁକ୍ତ କରାଯାଇପାରେ ।

b) **ମୋଟର ବୀମା**: ମୋଟର ବୀମା କ୍ଷେତ୍ରରେ ବୀମା ରାଶି ହେଉଛି ବୀମିତର ଘୋଷିତ ମୂଲ୍ୟ [IDV] । **ଏହା** ବାହନର ମୂଲ୍ୟ ହୋଇଥାଏ, ଯାହାକୁ ବାହନର ଚଳିତ ନିର୍ମାତାର ସୂଚୀଭୁକ୍ତ ବିକ୍ରୟ ମୂଲ୍ୟକୁ ଭୂତପୂର୍ବ ଭାରତ ମୋଟର ଟ୍ୟାରିଫ୍ ରେ ନିର୍ଦ୍ଧାରିତ ମୂଲ୍ୟହ୍ରାସ ପ୍ରତିଶତ ସହିତ ସମାୟୋଜିତ କରି ନିର୍ଦ୍ଧାରିତ କରାଯାଇଥାଏ । ନିର୍ମାତାର ସୂଚୀଭୁକ୍ତ ବିକ୍ରୟ ମୂଲ୍ୟ ପଞ୍ଜୀକରଣ ଓ ବୀମାକୁ ଛାଡ଼ି ସ୍ଥାନୀୟ ଡ୍ୟୁଟି/ କରକୁ ଅନ୍ତର୍ଭୁକ୍ତ କରିବ ।

IDV = (ନିର୍ମାତାର ସୂଚୀଭୁକ୍ତ ବିକ୍ରୟ ମୂଲ୍ୟ –ମୂଲ୍ୟହ୍ରାସ) + (ଅତିରିକ୍ତ ସାମଗ୍ରୀ ଯାହାକୁ ସୂଚୀଭୁକ୍ତ ବିକ୍ରୟ ମୂଲ୍ୟରେ ଅନ୍ତର୍ଭୁକ୍ତ କରାଯାଇ ନ ଥାଏ –ମୂଲ୍ୟହ୍ରାସ) ଏବଂ ପଞ୍ଜୀକରଣ ଓ ବୀମା ମୂଲ୍ୟକୁ ବହିର୍ଭୂତ କରେ ।

ସେହି ଗାଡ଼ିଗୁଡ଼ିକର IDV ଯେଉଁଗୁଡ଼ିକ ପୁରୁଣା କିମ୍ବା 5 ବର୍ଷରୁ ଊର୍ଦ୍ଧ୍ୱ ଆୟୁର ହୋଇଥାନ୍ତି, ତାହାକୁ ବୀମାକର୍ତ୍ତା ଓ ବୀମିତର ପାରସ୍ପରିକ ସମ୍ମତିରେ ନିର୍ଦ୍ଧାରିତ କରାଯାଇଥାଏ । ମୂଲ୍ୟହ୍ରାସ ପରିବର୍ତ୍ତେ, ପୁରୁଣା କାରଗୁଡ଼ିକର IDV କୁ ସର୍ବେକ୍ଷକ, କାର ବ୍ୟବସାୟୀ ଇତ୍ୟାଦି ମାନଙ୍କ ଦ୍ୱାରା କରାଯାଇଥିବା ଗାଡିର ଅବସ୍ଥାର ମୂଲ୍ୟାଙ୍କନ ଦ୍ୱାରା ନିର୍ଦ୍ଧାରିତ କରାଯାଇଥାଏ ।

IDV ହେଉଛି ଦିଆଯାଇଥିବା କ୍ଷତିପୂରଣର ରାଶି ଯଦି ଏକ ଗାଡ଼ି ଚୋରୀ ହୋଇଯାଏ କିମ୍ବା ସଂପୂର୍ଣ୍ଣ ହାନିରେ ଆକ୍ରାନ୍ତ ହୁଏ । **ସେହି** IDV **ଯାହା କାରର ବଜାର ମୂଲ୍ୟର ନିକଟସ୍ଥ ହୋଇଥାଏ, ତାହାକୁ ପ୍ରାପ୍ତି କରିବା ଅତ୍ୟଧିକ ରୂପେ ସୁପାରିଶ କରାଯାଏ । ବୀମାକର୍ତ୍ତାମାନେ ବୀମିତଙ୍କୁ** IDV **ହ୍ରାସ କରିବା ପାଇଁ 5 % ଠାରୁ 10 % ର ଶ୍ରେଣୀ ଦେଇଥାନ୍ତି । କମ୍** IDV **ର ଅର୍ଥ ହେଉଛି କମ୍ ପ୍ରିମିୟମ ।**

c) **ଅଗ୍ନି ବୀମା:** ଅଗ୍ନି ବୀମାରେ ବୀମା ରାଶିକୁ ବିଲଡିଂ/କାରଖାନା ଓ ଯନ୍ତ୍ରପାତି ଏବଂ ଫିକ୍ସଚର ପାଇଁ କ୍ଷତିପୂର୍ତ୍ତି କିମ୍ବା ପୁନଃସ୍ଥାପନା ମୂଲ୍ୟ ଆଧାରରେ ନିର୍ଦ୍ଧାରିତ କରାଯାଇପାରେ । ସାମଗ୍ରୀଗୁଡ଼ିକୁ ସେମାନଙ୍କ ବଜାର ମୂଲ୍ୟ ଆଧାରରେ ବୀମା ସୁରକ୍ଷା ଦିଆଯାଇଥାଏ ଯାହା ମୂଲ୍ୟହ୍ରାସକୁ କାଟି ସାମଗ୍ରୀର ମୂଲ୍ୟ ହୋଇଥାଏ । **(ପୁନଃସ୍ଥାପନ ମୂଲ୍ୟକୁ ବିସ୍ତୃତ ରୂପେ ଅଧ୍ୟାୟ 28-ବ୍ୟାପାରିକ ବୀମାରେ ବ୍ୟାଖ୍ୟା କରାଯାଇଛି)**

d) **ଷ୍ଟକ୍ ବୀମା:** ଷ୍ଟକ୍ କ୍ଷେତ୍ରରେ, ବୀମା ରାଶି ହେଉଛି ସେମାନଙ୍କ ବଜାର ମୂଲ୍ୟ । ବୀମିତକୁ ସେହି ମୂଲ୍ୟରେ ପ୍ରତିପୂର୍ତ୍ତି କରାଯିବ ଯେଉଁଥିରେ, ହାନି ପରେ, କ୍ଷତି ହୋଇଥିବା କଞ୍ଚା ସାମଗ୍ରୀକୁ ପୁନଃସ୍ଥାପିତ କରିବା ପାଇଁ, ଏହି ଷ୍ଟକ୍ ଗୁଡ଼ିକୁ ବଜାରରେ କିଣା ଯାଇ ପାରିବ ।

e) **ସାମୁଦ୍ରିକ କାର୍ଗୋ ବୀମା**: ଏହା ଏକ ସର୍ବ ସମ୍ମତ ମୂଲ୍ୟର ପଲିସୀ ଅଟେ ଏବଂ ବୀମା ରାଶି ଚୁକ୍ତି ସମୟରେ ବୀମାକର୍ତ୍ତା ଓ ବୀମିତ ମଧ୍ୟରେ ହୋଇଥିବା ଚୁକ୍ତି ଅନୁସାରେ ହୋଇଥାଏ । ସାଧାରଣତଃ ଏଥିରେ ଅନ୍ତର୍ଭୁକ୍ତ ହୋଇଥାଏ ବସ୍ତୁର ମୂଲ୍ୟର ରାଶି ଯୋଗ ବୀମା + ଭଡ଼ା ଅର୍ଥାତ୍ CIF ମୂଲ୍ୟ ।

f) **ସାମୁଦ୍ରିକ ହଲ ବୀମା:** ସାମୁଦ୍ରିକ ହଲ ବୀମାରେ, ବୀମା ରାଶି ହେଉଛି, ଚୁକ୍ତିର ଆରମ୍ଭରେ ବୀମିତ ଓ ବୀମାକର୍ତ୍ତା ମଧ୍ୟରେ ହୋଇଥିବା ସମ୍ମତ ମୂଲ୍ୟ । ଏହି ମୂଲ୍ୟକୁ ହଲ/ଜାହାଜର ନିରୀକ୍ଷଣ ପରେ ଏକ ପ୍ରମାଣିତ ମୂଲ୍ୟାଙ୍କନ ଦ୍ୱାରା ନିର୍ଦ୍ଧାରିତ କରାଯାଇଥାଏ ।

g) **ଦାୟିତ୍ୱ ବୀମା:** ଦାୟିତ୍ୱ ପଲିସୀମାନଙ୍କରେ, ବୀମା ରାଶି ହେଉଛି ସଂସର୍ଗର ମାତ୍ରା, ଭୌଗଳିକ ବ୍ୟାପକତା ଆଧାରରେ ଔଦ୍ୟୋଗିକ ୟୁନିଟ୍ ମାନଙ୍କ ଦାୟିତ୍ୱ ସଂସର୍ଗ । ଅତିରିକ୍ତ ବୈଧିକ ମୂଲ୍ୟ ଓ ଖର୍ଚ୍ଚସବୁ ଦାବୀ କ୍ଷତିପୂରଣର ଅଂଶ ହୋଇପାରନ୍ତି । ବୀମା ରାଶିକୁ ଉପରୋକ୍ତ ମାପଦଣ୍ଡ ଆଧାରରେ ବୀମିତ ଦ୍ୱାରା ନିର୍ଦ୍ଧାରିତ କରାଯାଇଥାଏ ।

**ସ୍ୱୟଂ ପରୀକ୍ଷଣ କରନ୍ତୁ 2**

ଏକ ଡାକ୍ତର ତା' ବିରୁଦ୍ଧରେ ଅବହେଳାର କୌଣସି ଦାବୀ ଠାରୁ ନିଜକୁ ସୁରକ୍ଷା ପ୍ରଦାନ କରିବା ପାଇଁ ତାଙ୍କ ପାଇଁ ଏକ ବୀମା ଯୋଜନାର ପରାମର୍ଶ ଦିଅନ୍ତୁ ।

I. ବ୍ୟକ୍ତିଗତ ଦୁର୍ଘଟଣା ବୀମା

II. ବ୍ୟବସାୟିକ ଦାୟିତ୍ୱ ବୀମା

III. ସାମୁଦ୍ରିକ ହଲ ବୀମା

IV. ସ୍ୱାସ୍ଥ୍ୟ ବୀମା

---

**ସାରାଂଶ**

a) ସଙ୍କଟଗୁଡିକୁ ବର୍ଗୀକରଣ ଏବଂ ସେମାନେ କେଉଁ ବର୍ଗରେ ଆସନ୍ତି ତାହାର ନିର୍ଦ୍ଧାରଣର ପ୍ରକ୍ରିୟା ମୂଲ୍ୟ ନିର୍ଦ୍ଧାରଣ ପାଇଁ ମହତ୍ୱ ପୂର୍ଣ୍ଣ ଅଟେ ।

b) ସଙ୍କଟାଙ୍କନ ହେଉଛି ଏହା ନିର୍ଦ୍ଧାରଣ କରିବାର ପ୍ରକ୍ରିୟା ଯେ ବୀମା ପାଇଁ ପ୍ରଦାନ କରାଯାଇଥିବା ଏକ ସଙ୍କଟ ସ୍ୱୀକାର ଯୋଗ୍ୟ ଅଟେ କି ନାହିଁ, ଏବଂ ଯଦି ଅଟେ, କେଉଁ ହାର ନିୟମ ଓ ସର୍ତ୍ତାବଳୀରେ ବୀମା ସୁରକ୍ଷାକୁ ସ୍ୱୀକାର କରାଯିବ ।

c) ଏକ ହାର/ଦର ହେଉଛି ଏକ ଦତ୍ତ ବୀମା ୟୁନିଟର ମୂଲ୍ୟ

d) ମୂଲ୍ୟ ନିର୍ଦ୍ଧାରଣର ମୂଳ ଉଦ୍ଦେଶ୍ୟ ଏହା ସୁନିଶ୍ଚିତ କରିବା ଅଟେ ଯେ ବୀମାର ମୂଲ୍ୟ ଯଥେଷ୍ଟ ଏବଂ ଯଥାର୍ଥ ହେବା ଉଚିତ୍ ।

e) 'ଶୁଦ୍ଧ ପ୍ରିମିୟମ' କୁ, ଖର୍ଚ୍ଚ, ରିଜର୍ଭ ଓ ଲାଭର ପ୍ରାବଧାନ ରଖିବାକୁ ପ୍ରତିଶତ ଯୋଗ କରି ଉଚିତ୍ ରୂପେ ଲୋଡ କିମ୍ବା ବୃଦ୍ଧି କରାଯାଇଥାଏ ।

f) ବୀମା ଭାଷାରେ ବିପତ୍ତି ଶବ୍ଦ ସେହି ଅବସ୍ଥା କିମ୍ବା ଲକ୍ଷଣ କିମ୍ବା ବିଶେଷତାଗୁଡିକୁ ସୂଚୀତ କରେ ଯାହା ଏକ ଦତ୍ତ ଆପଦଠାରୁ ଉତ୍ପନ୍ନ ହେଉଥିବା ହାନିର ସମ୍ଭାବନାକୁ ସୃଷ୍ଟି କରନ୍ତି କିମ୍ବା ବୃଦ୍ଧି କରନ୍ତି ।

g) କାଟଯୋଗ୍ୟ/ଅତିରିକ୍ତ ଅନୁଚ୍ଛେଦକୁ ଲାଗୁ କରିବାର ଉଦ୍ଦେଶ୍ୟ ହେଉଛି ଛୋଟ ଛୋଟ ଦାବୀକୁ ହଟାଇବା ।

h) ଅଣ-ଦାବୀ ବୋନସ୍ ହେଉଛି ସଙ୍କଟାଙ୍କନ ଅନୁଭୂତିକୁ ଉନ୍ନତ କରିବା ପାଇଁ ଏକ ଶକ୍ତିଶାଳୀ ପଦ୍ଧତି ଏବଂ ଏହା ମୂଲ୍ୟ ନିର୍ଦ୍ଧାରଣ ପ୍ରଣାଳୀର ଏକ ଅବିଚ୍ଛେଦ୍ୟ ଅଂଶ ହୋଇଥାଏ ।

i) ବୀମା ରାଶି ହେଉଛି ସେହି ସର୍ବାଧିକ ରାଶି ପରିମାଣ ଯାହାକୁ ପଲିସୀ ସର୍ତ୍ତ ଅନୁସାରେ ଏକ ବୀମା କମ୍ପାନୀ କ୍ଷତିପୂର୍ତ୍ତି ଦେବ ।

---

**ମୁଖ୍ୟ ପଦାବଳୀ**

a) ସଙ୍କଟାଙ୍କନ
b) ମୂଲ୍ୟ ନିର୍ଦ୍ଧାରଣ
c) ଭୌତିକ ବିପତ୍ତି
d) ନୈତିକ ବିପତ୍ତି
e) କ୍ଷତିପୂର୍ତ୍ତି
f) ପ୍ରିମିୟମ ଲୋଡିଙ୍ଗ୍
g) ୱାରେଣ୍ଟି
h) କାଟଯୋଗ୍ୟ
i) ଅତିରିକ୍ତ

**ସ୍ୱୟଂ ପରୀକ୍ଷା କରନ୍ତୁର ଉତ୍ତର**

**ଉତ୍ତର 1** - ସଠିକ୍ ବିକଳ୍ପ ହେଉଛି II

**ଉତ୍ତର 2** - ସଠିକ୍ ବିକଳ୍ପ ହେଉଛି II

# ଅଧ୍ୟାୟ G-03

## ବ୍ୟକ୍ତିଗତ ଏବଂ ଖୁଚୁରା ବୀମା

**ଅଧ୍ୟାୟ ପରିଚୟ**

ପୂର୍ବବର୍ତ୍ତୀ ଅଧ୍ୟାୟମାନଙ୍କରେ ଆମେମାନେ ସାଧାରଣ ବୀମା ସମ୍ବନ୍ଧୀୟ ବିଭିନ୍ନ ଅବଧାରଣା ଏବଂ ସିଦ୍ଧାନ୍ତ ବିଷୟରେ ଶିଖିଛୁ । ସାଧାରଣ ବୀମା ଉତ୍ପାଦଗୁଡିକୁ ବିଭିନ୍ନ ବଜାରରେ ଭିନ୍ନ ଭିନ୍ନ ହିସାବରେ ବର୍ଗୀକୃତ କରାଯାଏ । କେତେକ ସେମାନଙ୍କୁ ସମ୍ପତ୍ତି, ଦୁର୍ଘଟଣା ଏବଂ ଦାୟିତ୍ୱ ରୂପେ ବର୍ଗୀକୃତ କରନ୍ତି । ଅନ୍ୟ କେଉଁଠି, ସେମାନଙ୍କୁ ଅଗ୍ନି, ସାମୁଦ୍ରିକ, ମୋଟର ଏବଂ ଅନ୍ୟାନ୍ୟ ରୂପେ ବର୍ଗୀକୃତ କରନ୍ତି । ଏହି ଅଧ୍ୟାୟରେ, ସାଧାରଣ ଉତ୍ପାଦ ଯଥା ବ୍ୟକ୍ତିଗତ ଦୁର୍ଘଟଣା, ଯାତ୍ରା, ଗୃହ ଏବଂ ଦୋକାନୀ ଓ ମୋଟର ବୀମା ଯାହାକୁ ସେଭଳିଆ ଖୁଚୁରା ଗ୍ରାହକମାନଙ୍କ ଦ୍ୱାରା କିଣା ଯାଇଥାଏ, ସେମାନଙ୍କ ଉପରେ ଆଲୋଚନା କରାଯାଇଛି ।

**ଅଧ୍ୟୟନ ପରିଣାମ**

A. ଖୁଚୁରା ବୀମା ଉତ୍ପାଦ

B. ସମସ୍ତ ସଙ୍କଟ 'ଏବଂ ନାମିତ ଆପଦ 'ବୀମା ପଲିସୀ

C. ପ୍ୟାକେଜ ପଲିସୀ

D. ଦୋକାନୀ ବୀମା

E. ଗୃହସ୍ଥ ବୀମା

F. ବୀମା ରାଶି ଏବଂ ପ୍ରିମିୟମ

G. ମୋଟର ବୀମା

**ଏହି ଅଧ୍ୟାୟ ଅଧ୍ୟୟନ କରିବା ପରେ, ଆପଣ ସକ୍ଷମ ହେବେ:**

1. ଗୃହସ୍ଥ ବୀମାକୁ ବ୍ୟାଖ୍ୟା କରିବା ପାଇଁ
2. ଦୋକାନ ବୀମା ସୁରକ୍ଷା ପ୍ରସ୍ତୁତ କରିବା ପାଇଁ
3. ମୋଟର ବୀମା ବିଷୟରେ ଆଲୋଚନା କରିବା ପାଇଁ

## A. ଖୁଚୁରା ବୀମା ଉତ୍ପାଦ

କେତେକ ବୀମା ଉତ୍ପାଦ ଅଛନ୍ତି ଯାହାକୁ କିଛି ନିର୍ଦ୍ଦିଷ୍ଟ ହିତଗୁଡିକୁ ସୁରକ୍ଷା ପ୍ରଦାନ କରିବା ପାଇଁ ବ୍ୟକ୍ତିମାନଙ୍କ ପାଇଁ କିଣା ଯାଇଥାଏ । ଯଦିଓ ଛୋଟ ଛୋଟ ବ୍ୟାପାରିକ କିମ୍ବା ବ୍ୟବସାୟ ହିତଗୁଡିକ ସେଭଳି ବୀମା ପାଇଁ ରହିପାରେ, ଏଗୁଡିକୁ ସାଧାରଣତଃ ବ୍ୟକ୍ତିଗୁଡିକୁ ବିକ୍ରି କରାଯାଏ । କେତେକ ବଜାରରେ ଏଗୁଡିକୁ 'ଛୋଟ ଟିକଟ' ପଲିସୀ କିମ୍ବା 'ଖୁଚୁରା ପଲିସୀ' କିମ୍ବା 'ଖୁଚୁରା ଉତ୍ପାଦ' କୁହାଯାଏ । ଗୃହ, ମୋଟର କାର, ଦୁଇ ଚକିଆ, ଦୋକାନ ଭଳି ଛୋଟ ଛୋଟ ବ୍ୟବସାୟ ଇତ୍ୟାଦିର ବୀମାଗୁଡିକ ଏହି ବର୍ଗ ଅନ୍ତର୍ଗତ ଆସିଥାନ୍ତି । ଏହି ଉତ୍ପାଦଗୁଡିକୁ ସାଧାରଣତଃ ସେହି ଅଭିକର୍ତ୍ତା/ବିତରଣ ମାଧ୍ୟମମାନଙ୍କ ଦ୍ୱାରା ବିକ୍ରି କରାଯାଏ ଯେଉଁମାନେ ବ୍ୟକ୍ତିଗତ ଶ୍ରେଣୀର ବୀମା ସହିତ କାରାବାର କରିଥାନ୍ତି ଯେହେତୁ କ୍ରେତାମାନେ ମଧ୍ୟ ବସ୍ତୁତଃ ସେହି ଏକା ଉପଭୋକ୍ତା ଖଣ୍ଡଠାରୁ ହୋଇଥାନ୍ତି ।

## B. 'ସମସ୍ତ ସଙ୍କଟ' ଏବଂ 'ନାମିତ ଆପଦ' ବୀମା ପଲିସୀ

ଅଣ-ଜୀବନ ବୀମା ପଲିସୀଗୁଡିକୁ ମୂଖ୍ୟତଃ ଦୁଇ ବର୍ଗରେ ଶ୍ରେଣୀଭୁକ୍ତ କରାଯାଇଥାଏ:

- ✓ ନାମିତ ଆପଦ ପଲିସୀ (Named Perils Policy)
- ✓ ସମସ୍ତ ସଙ୍କଟ ପଲିସୀ (All Risks Policy)

i. ସାଧାରଣ ଭାବେ "ସମସ୍ତ ସଙ୍କଟ" ର ଅର୍ଥ ଏହା ଯେ କୌଣସି ସଙ୍କଟ ଯାହାକୁ ବୀମା ଚୁକ୍ତି ବିଶେଷ ରୂପେ ବହିର୍ଭୂତ (exclusion) କରେ ନାହିଁ, ତାହାକୁ ନିୟମ ଓ ସର୍ତ୍ତାବଳୀ ଅନ୍ତର୍ଗତ ସୁରକ୍ଷା ପ୍ରଦାନ କରେ ।

ii. ସମସ୍ତ –ସଙ୍କଟ ବୀମା ହେଉଛି ଉପଲବ୍ଧ ସବୁଠୁ ବ୍ୟାପକ ପ୍ରକାରର ବୀମା ସୁରକ୍ଷା । ଏହାର ମୂଲ୍ୟ ସେଥିପାଇଁ ଅନ୍ୟ ପ୍ରକାରର ପଲିସୀମାନଙ୍କ ଅପେକ୍ଷା ସମାନୁପାତିକ ରୂପେ ଅଧିକ ହିସାବରେ ନିର୍ଦ୍ଧାରିତ କରାଯାଇଥାଏ, ଏବଂ ଏହି ପ୍ରକାରର ବୀମାର ମୂଲ୍ୟକୁ ଏକ ଦାବୀର ସମ୍ଭାବନାର ବିରୁଦ୍ଧରେ ମପାଯାଇଥାଏ ।

iii. ଅନ୍ୟପକ୍ଷରେ ନାମିତ ଆପଦ ପଲିସୀଗୁଡିକ ସେହିସବୁ ହୋଇଥାନ୍ତି ଯେଉଁଠି ସୁରକ୍ଷାପ୍ରାପ୍ତ ଆପଦଗୁଡିକୁ ବିଶେଷରୂପେ ସୂଚୀଭୁକ୍ତ ଓ ପରିଭାଷିତ କରାଯାଇଥାଏ ।

## C. ପ୍ୟାକେଜ୍ ପଲିସୀ

i. ପ୍ୟାକେଜ୍ ସୁରକ୍ଷା, କେବଳ ଏକମାତ୍ର ଦସ୍ତାବିଜରେ, ସୁରକ୍ଷାଗୁଡିକର ସମୁଚ୍ଚୟକୁ ଦେଇଥାଏ ।

ii. ଉଦାହରଣ ସ୍ୱରୂପ ଗୃହସ୍ଥ ପଲିସୀ, ଦୋକାନୀ ପଲିସୀ, ଅଫିସ୍ ପ୍ୟାକେଜ୍ ପଲିସୀ ଇତ୍ୟାଦି ଭଳି ସୁରକ୍ଷାଗୁଡିକ ଅଛନ୍ତି ଯାହା, ଗୋଟିଏ ପଲିସୀ ଅନ୍ତର୍ଗତ, ଘର, ବସ୍ତୁ ଇତ୍ୟାଦିଗୁଡିକ ସମେତ ବିଭିନ୍ନ ଭୌତିକ ପରିସମ୍ପତ୍ତିକୁ ସୁରକ୍ଷା ଦେବା ପାଇଁ ଚାହାଁନ୍ତି ।

iii. ସେଭଳି ପଲିସୀଗୁଡିକ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଗତ ଶ୍ରେଣୀ କିମ୍ବା ଦାୟିତ୍ୱ ସୁରକ୍ଷାକୁ ମଧ୍ୟ ଅନ୍ତର୍ଭୁକ୍ତ କରନ୍ତି ।

iv. ପ୍ୟାକେଜ୍ ସୁରକ୍ଷାଗୁଡିକ ପାଖରେ ସମସ୍ତ ବିଭାଗ ପାଇଁ ସାଧାରଣ ନିୟମ ଓ ସର୍ତ୍ତାବଳୀ ଥାଇପାରେ ଏବଂ ପଲିସୀର ବିଶେଷ ବିଭାଗଗୁଡିକ ପାଇଁ ବିଶେଷ ନିୟମଗୁଡିକ ମଧ୍ୟ ଥାଇପାରେ ।

## D. ଦୋକାନୀ ବୀମା

ଏକ ଦୋକାନ ମାଲିକ ଏକ କର୍ପୋରେଟ୍ ଗୃହ ନୁହେଁ ଯାହା ପାଖରେ ବ୍ୟବସାୟ ପୁନରାରମ୍ଭ ଅର୍ଥର ବିଶାଳ ରିଜର୍ଭ ଥାଏ । କେବଳ ଏକମାତ୍ର ଦୁର୍ଘଟଣା ତା' ଦୋକାନର ସମାପ୍ତି କରି ଦେଇପାରେ ଏବଂ ସମ୍ଭବତଃ ତା' ପରିବାରକୁ ଧ୍ୱଂସ କରି ଦେଇ ପାରେ । ପରିଶୋଧ କରିବା ପାଇଁ ତାର ବ୍ୟାଙ୍କ ଋଣ ମଧ୍ୟ ଥାଇପାରେ । ସବୁବେଳେ ଏକ ସମ୍ଭାବନା ରହିଥାଏ ଯେ ଜନତାର ଏକ ସଦସ୍ୟ ଦୋକାନ ମାଲିକର କାର୍ଯ୍ୟର କାରଣରୁ, ତାର ସମ୍ପତ୍ତିର ଏକ ବ୍ୟକ୍ତିଗତ ହାନି କିମ୍ବା କ୍ଷତିରେ ଆକ୍ରାନ୍ତ ହୁଏ ଏବଂ ଅଦାଲତ କ୍ଷତିପାଇଁ ରାଶିପ୍ରଦାନ କରିବାକୁ ଦୋକାନକୁ ଦାୟୀ କରନ୍ତି । ସେଭଳି ପରିସ୍ଥିତି ବି ଏକ ଦୋକାନୀକୁ ଧ୍ୱଂସ କରିପାରେ । ତେଣୁକରି, ଜୀବିକାର ଏହି ସାଧନକୁ ସୁରକ୍ଷିତ କରିବା ଅତି ଆବଶ୍ୟକ ।

**ଦୋକାନୀ ବୀମା ପଲିସୀଗୁଡିକ ବାଣିଜ୍ୟିକ/ଖୁଚୁରା ବ୍ୟବସାୟର ଅନେକ ସେଭଳି ଦିଗଗୁଡିକୁ ସୁରକ୍ଷା ଦେବା** ପାଇଁ ପ୍ରକଳ୍ପିତ ପଲିସୀଗୁଡିକ ଅଛନ୍ତି ଯେଉଁଗୁଡିକୁ ଅନେକ ପ୍ରକାରର ଦୋକାନର ବିଶେଷ ହିତକୁ ସୁରକ୍ଷା ଦେବା ପାଇଁ କଷ୍ଟମାଇଜ୍ କରାଯାଇଛି ଯେପରିକି ପୁରୁଣା ସାମଗ୍ରୀର ଦୋକାନ, ନାପିତ ଦୋକାନ, ବ୍ୟୁଟିପାର୍ଲର, ପୁସ୍ତକ ଷ୍ଟୋର, ବିଭାଗ ଷ୍ଟୋର, ଡ୍ରାଇକ୍ଲିନର୍, ଉପହାର ଦୋକାନ, ଫାର୍ମାସୀ, ଷ୍ଟେସେନାରୀ ଦୋକାନ, କଣ୍ଟେଇ ଦୋକାନ, ପରିଧାନ ଷ୍ଟୋର ଇତ୍ୟାଦି ।

### 1. ଦୋକାନୀ ବୀମା କ'ଣ ସୁରକ୍ଷା ପ୍ରଦାନ କରେ?

ପଲିସୀକୁ ଖୁଚୁରା ବ୍ୟବସାୟର ବିଶେଷ କ୍ଷେତ୍ରଗୁଡିକୁ ସୁରକ୍ଷା ଦେବା ପାଇଁ ବୀମାସୁରକ୍ଷା ପ୍ରଦାନ କରିବାକୁ ପ୍ରସ୍ତୁତ କରାଯାଇପାରେ । ଏହା ସାଧାରଣତଃ ନିଆଁ, ଭୂମିକମ୍ପ, ବନ୍ୟା କିମ୍ବା ହାନିକାରକ କ୍ଷତି; ଏବଂ ଚୋରୀ ଯୋଗୁଁ ଦୋକାନ ସଂରଚନା ଏବଂ ବସ୍ତୁଗୁଡିକର ହାନିକୁ ସୁରକ୍ଷା ଦେଇଥାଏ । **ଦୋକାନ ବୀମା ବ୍ୟବସାୟ ବ୍ୟାଘାତ ସୁରକ୍ଷାକୁ ମଧ୍ୟ ଅନ୍ତର୍ଭୁକ୍ତ କରିପାରେ । ଏହା ବ୍ୟବସାୟ ସଂଚାଳନରେ ବ୍ୟାଘାତ ସୃଷ୍ଟି କରୁଥିବା ଅପ୍ରତ୍ୟାଶିତ ଆପଦର କାର୍ଯ୍ୟର ଘଟଣାରେ ଆୟ କିମ୍ବା ଅତିରିକ୍ତ ଖର୍ଚ୍ଚର କୌଣସି ହାନିକୁ ସୁରକ୍ଷା ଦେବ । ବୀମା ସୁରକ୍ଷାକୁ ବୀମିତର କାର୍ଯ୍ୟକଳାପର ଶ୍ରେଣୀ ଆଧାରରେ ତା'ଦ୍ୱାରା ଚୟନ କରାଯାଇପାରେ ।**

ଅତିରିକ୍ତ ସୁରକ୍ଷା ଯାହାକୁ ବୀମିତ ଚୟନ କରିପାରେ ତାହା ବୀମାକର୍ତ୍ତା ବୀମାକର୍ତ୍ତା ମଧ୍ୟରେ ଭିନ୍ନ ଭିନ୍ନ ହୋଇପାରେ ଏବଂ ଅଣ-ଜୀବନ ବୀମା କମ୍ପାନୀମାନଙ୍କ ସମ୍ବନ୍ଧିତ ୱେବସାଇଟ୍ ଠାରୁ ସତ୍ୟାପିତ କରାଯାଇ ପାରେ । ଏମାନେ ହୋଇପାରନ୍ତି:

i. **ଚୋରୀ ଏବଂ ଗୃହ ଭେଦନ**: ଅଫିସ ସାମଗ୍ରୀ ଗୁଡିକର ଗୃହ ଭେଦନ, ଚୋରୀ, ଏବଂ ଲାର୍ସେନୀ ପାଇଁ ବୀମା ସୁରକ୍ଷା

ii. **ଯନ୍ତ୍ରପାତି ଅଚଳତା:** ବୈଦ୍ୟୁତିକ/ଯାନ୍ତ୍ରିକ ଉପକରଣଗୁଡିକର ଅଚଳତା ପାଇଁ ସୁରକ୍ଷା

iii. ଇଲେକ୍ଟ୍ରୋନିକ୍ ଉପକରଣ ଏବଂ ସାଧନ:

- ✓ ଇଲେକ୍ଟ୍ରୋନିକ୍ ଉପକରଣ ପାଇଁ ସମସ୍ତ-ସଙ୍କଟ ସୁରକ୍ଷା ପ୍ରଦାନ କରେ
- ✓ ଇଲେକ୍ଟ୍ରୋନିକ୍ ପ୍ରତିସ୍ଥାପନ ଗୁଡିକର ହାନି ପାଇଁ ସୁରକ୍ଷା

iv. **ଅର୍ଥ ବୀମା:** ଏକ ଦୁର୍ଘଟଣା କାରଣରୁ ହୋଇଥିବା ଟଙ୍କାର ହାନି ବିରୁଦ୍ଧରେ ବୀମା ସୁରକ୍ଷା ପ୍ରଦାନ କରେ ଯେତେବେଳେ ଏହା:

- ✓ ବ୍ୟବସାୟ ପରିସର ଠାରୁ ବ୍ୟାଙ୍କ ପର୍ଯ୍ୟନ୍ତ ପାରବହନରେ ଥାଏ ଏବଂ ବିପରୀତ
- ✓ ବ୍ୟବସାୟ ପରିସରରେ ଏକ ସେଫ୍ ରେ ଥାଏ
- ✓ ବ୍ୟବସାୟ ପରିସରରେ ଏକ ଟିଲ୍ (ବାକ୍ସ/ଡ୍ରୟର୍/କାଉଣ୍ଟର) ରେ ଥାଏ

v. ବ୍ୟାଗେଜ୍: କାର୍ଯ୍ୟ ସମ୍ପାଦନ ଉଦ୍ଦେଶ୍ୟରେ ଯାତ୍ରାରେ ଥିବା ସମୟରେ ବ୍ୟାଗେଜ୍ ର ହାନି ପାଇଁ କ୍ଷତି ପୂରଣ ଦିଏ

vi. ଲଗା ଯାଇଥିବା ପ୍ଲେଟ୍ ଗ୍ଲାସ୍ ଓ ସ୍ୱଚ୍ଛତା ଫିଟିଙ୍ଗ୍ ନିମ୍ନଲିଖିତ କ୍ଷତିର ଦୁର୍ଘଟଣା ଜନିତ ହାନିକୁ ସୁରକ୍ଷା ଦିଏ:

- ✓ ଲଗା ଯାଇଥିବା ପ୍ଲେଟ୍ ଗ୍ଲାସ୍
- ✓ ସ୍ୱଚ୍ଛତା ଫିଟିଙ୍ଗ୍
- ✓ ନିୟନ ସଙ୍କେତ/ଗ୍ଲୋ ସଙ୍କେତ/ ହୋର୍ଡିଙ୍ଗ୍

vii. **ବ୍ୟକ୍ତିଗତ ଦୁର୍ଘଟଣା**

viii. **କର୍ମଚାରୀମାନଙ୍କ ଅବିଶ୍ୱସନୀୟତା/ଅସାଧୁତା**: କର୍ମଚାରୀମାନଙ୍କ ଅସାଧୁ କାର୍ଯ୍ୟଯୋଗୁଁ ହୋଇଥିବା ହାନି କିମ୍ବା କ୍ଷତିକୁ ସୁରକ୍ଷା ଦିଏ

ix. **ବୈଧିକ ଦାୟିତ୍ୱ**:

- ✓ ନିଯୁକ୍ତି ଠାରୁ ଏବଂ ସମୟରେ ଉପୁଜିଥିବା ଦୁର୍ଘଟଣାଗୁଡିକ ପାଇଁ ବୀମା ସୁରକ୍ଷା
- ✓ ତୃତୀୟ ପକ୍ଷମାନଙ୍କ ପାଇଁ ବୈଧିକ ଦାୟିତ୍ୱ ପାଇଁ ସୁରକ୍ଷା ପ୍ରଦାନ କରେ

ନିଆଁ/ଚୋରୀ/ବ୍ୟାଗେଜ୍/ପ୍ଲେଟ୍ ଗ୍ଲାସ୍/ବିଶ୍ୱସନୀୟତା (ନିଷ୍ଠା) ଗ୍ୟାରେଣ୍ଟି/କାର୍ମିକ କ୍ଷତିପୂରଣ ଏବଂ ସାର୍ବଜନିକ ଦାୟିତ୍ୱ ପଲିସୀଗୁଡ଼ିକୁ (ପରବର୍ତ୍ତୀ ଅଧ୍ୟାୟରେ ବର୍ଣ୍ଣନା କରାଯାଇଥିବା) ମଧ୍ୟ ଅଲଗା ଅଲଗା ନିଆଯାଇ ପାରେ ।

ଆତଙ୍କବାଦ ସୁରକ୍ଷାକୁ ମଧ୍ୟ ବିସ୍ତାର କରାଯାଇପାରେ । ଅପବର୍ଜନଗୁଡିକ ସାଧାରଣତଃ ଗୃହସ୍ଥ ବୀମାରେ ଥିବା ଭଳି ହୋଇଥାଏ ।

---

## E. ଗୃହସ୍ଥ ବୀମା

ଏକ ଗୃହସ୍ଥ ବୀମା ପଲିସୀ ଅନ୍ତର୍ଗତ ବୀମାସୁରକ୍ଷାଗୁଡିକ ଅତ୍ୟନ୍ତ ବ୍ୟାପକ ଅଟେ । **ଏହା ସାଧାରଣତଃ ଏକ ଗୃହସ୍ଥର ସମସ୍ତ ଆବଶ୍ୟକତାର ଏକ ପ୍ୟାକେଜ୍ ହୋଇଥାଏ ।**

ସାଧାରଣତଃ ସୁରକ୍ଷା ପ୍ରଦାନ କରାଯାଇଥିବା ହାନିଗୁଡ଼ିକରେ ଅନ୍ତର୍ଭୁକ୍ତ ହୁଅନ୍ତି ନିଆଁ, ବିଜୁଳୀ, ବିସ୍ଫୋରଣ ଏବଂ ବିମାନ ପତନ/ପ୍ରଭାବୀ କ୍ଷତି (ସାଧାରଣ ଭାବେ FLEXA ରୂପେ ପରିଚିତ); ଝଡ଼,ସାମୁଦ୍ରିକ ତୋଫାନ, ବନ୍ୟା ଏବଂ ଜଳପ୍ଲାବନ (ସାଧାରଣ ଭାବେ STFI ରୂପେ ପରିଚିତ); ଏବଂ ଚୋରୀ । **ବୀମା ସୁରକ୍ଷା କମ୍ପାନୀଠୁ କମ୍ପାନୀ ଏବଂ ପଲିସୀଠୁ ପଲିସୀ ଭିନ୍ନ ଭିନ୍ନ ହୋଇଥାଏ ।**

ସଂରଚନା ବ୍ୟତୀତ, ଏହା ଲୁଟ୍, ଜବରଦସ୍ତି ଗୃହ ଭେଦନ, ଲାରସେନୀ ଓ ଚୋରୀ ବିରୁଦ୍ଧରେ ଘରର ବସ୍ତୁଗୁଡ଼ିକୁ ସୁରକ୍ଷା ପ୍ରଦାନ କରିଥାଏ । ପିନ୍ଧିଥିବା ସମୟରେ କିମ୍ବା ତାଲାବନ୍ଦ ସେଫ୍ ରେ ରଖାଯାଇଥିବା ଅଲଙ୍କାରାଦି କୁ ବି ଗୃହସ୍ଥ ବୀମା ଅନ୍ତର୍ଗତ ବୀମିତ କରାଯାଇପାରେ । ଘରୋଇ ଓ ଇଲେକ୍ଟ୍ରୋନିକ୍ ଉପକରଣଗୁଡ଼ିକର ବୈଦ୍ୟୁତିକ ଓ ଯାନ୍ତ୍ରିକ ବିଫଳତା ପାଇଁ ମଧ୍ୟ ସୁରକ୍ଷା ଦିଆଯାଇପାରେ ।

ସେହିଭଳି, ଗୃହସ୍ଥ ବୀମା ପ୍ୟାକେଜ୍ ଯାତ୍ରା ସମୟରେ ହଜିଯାଇଥିବା ବ୍ୟକ୍ତିଗତ ଲଗେଜ୍ ର ହାନି ପାଇଁ ମଧ୍ୟ ବୀମା ସୁରକ୍ଷା ପ୍ରଦାନ କରେ, କିମ୍ବା ପଡୋଶୀ/ସାକ୍ଷାତକାରୀମାନଙ୍କ ପ୍ରତି ଦାୟିତ୍ୱ ମଧ୍ୟ ଗୃହସ୍ଥ ବୀମା ପ୍ୟାକେଜ୍ ର ଅଂଶ ହୋଇପାରେ ।

କେତେକ ବୀମାକର୍ତ୍ତା ପେଡାଲ୍ ସାଇକେଲ, ବ୍ୟକ୍ତିଗତ ଦୁର୍ଘଟଣା ଏବଂ ଶ୍ରମିକଙ୍କ କ୍ଷତିପୂରଣ ପାଇଁ ମଧ୍ୟ ବୀମା ସୁରକ୍ଷା ପ୍ରଦାନ କରିଥାନ୍ତି ।

ଆଇ.ଆର.ଡି.ଏ.ଆଇ. 1 ଅପ୍ରେଲ, 2021 ଠାରୁ ପ୍ରଭାବୀ ରୂପେ ଏକ ମାନକ ଉତ୍ପାଦ ପ୍ରବର୍ତ୍ତିତ କରିଛି – ଭାରତ ଗୃହ ରକ୍ଷା ପଲିସୀ 10 ବର୍ଷ ପର୍ଯ୍ୟନ୍ତର ଅବଧି ଥିବା ପଲିସୀ ଯାହାକୁ ନିଆଁ ଏବଂ ସମବର୍ଗୀୟ ଆପଦ ବୀମା ବ୍ୟବସାୟର କାରବାର କରୁଥିବା ସମସ୍ତ ସାଧାରଣ ବୀମାକର୍ତ୍ତାଙ୍କ ଦ୍ୱାରା ଅନିବାର୍ଯ୍ୟ ରୂପେ ପ୍ରଦାନ କରାଯିବ ।

ଭାରତ ଗୃହ ରକ୍ଷା (ଗୃହ ନିର୍ମାଣ ଓ ଗୃହ ସାମଗ୍ରୀ ପାଇଁ ଉଦ୍ଦିଷ୍ଟ) ପଲିସୀ ଏକ ବ୍ୟାପକ ଶ୍ରେଣୀର ଆପଦଗୁଡିକ ସୁରକ୍ଷା ପ୍ରଦାନ କରେ, ଯେପରି କି ନିଆଁ, ପ୍ରାକୃତିକ ବିପର୍ଯ୍ୟୟ, ବଣ, ଜଙ୍ଗଲ ଓ ବୁଦା ନିଆଁ, କୌଣସି ବି ପ୍ରକାରର ପ୍ରଭାବୀ କ୍ଷତି, ଦଙ୍ଗା, ଷ୍ଟ୍ରାଇକ୍, ବିଦ୍ୱେଷପୂର୍ଣ୍ଣ କ୍ଷତି, ଆତଙ୍କବାଦୀ କାର୍ଯ୍ୟକଳାପ, ପାଣି ଟାଙ୍କି ଫାଟିବା ଓ ପାଣି ବୋହିବା, ଉପକରଣ ଓ ପାଇପ, ସ୍ୱୟଂଚାଳିତ ସ୍ପ୍ରିଙ୍କଲର୍ ପ୍ରତିଷ୍ଠାପନ ଏବଂ ଉପରୋକ୍ତ କୌଣସି ବି ଘଟଣା ଘଟିବାଠାରୁ 7 ଦିନ ମଧ୍ୟରେ ଚୋରୀ । ଏହି ପଲିସୀ 1 ଠାରୁ 10 ବର୍ଷର ଅବଧି ପାଇଁ ହୋଇପାରେ ।

ଗୃହ ନିର୍ମାଣ ବ୍ୟତୀତ, ପଲିସୀଟି ଟ. 10 ଲକ୍ଷର ସର୍ବାଧିକ ରାଶି ଅନ୍ତର୍ଗତ ବିଲଡିଙ୍ଗ୍ ର ବୀମା ରାଶିର 20% ପାଇଁ ସ୍ୱତଃପୂର୍ତ୍ତ ରୂପେ (ବିବରଣୀର ଘୋଷଣା ପାଇଁ କୌଣସି ଆବଶ୍ୟକତା ବିନା) ସାଧାରଣ ଗୃହ ସାମଗ୍ରୀଗୁଡିକୁ ସୁରକ୍ଷା ପ୍ରଦାନ କରେ । ଜଣେ ବିବରଣୀଗୁଡିକୁ ଘୋଷିତ କରି ସାଧାରଣ ସାମଗ୍ରୀଗୁଡିକ ପାଇଁ ଏକ ଉଚ୍ଚ ବୀମା ରାଶି ପାଇଁ ମଧ୍ୟ ଚୟନ କରିପାରେ ।

ପଲିସୀ ଦୁଇଟି ବୈକଳ୍ପିକ ସୁରକ୍ଷା ପ୍ରଦାନ କରେ, ଯଥା: (i) ଅଳଙ୍କାରାଦି ଓ କ୍ୟୁରିଓ ଭଳି ବହୁମୂଲ୍ୟ ସାମଗ୍ରୀ ପାଇଁ ବୀମା; ଏବଂ (ii) ପଲିସୀ ଅନ୍ତର୍ଗତ ଏକ ବୀମିତ ଆପଦ ଯୋଗୁଁ ବୀମିତ ଓ ପତି/ପତ୍ନୀର ବ୍ୟକ୍ତିଗତ ଦୁର୍ଘଟଣା ।

ପଲିସୀ ଅଧୋବୀମାର ସଂପୂର୍ଣ୍ଣ ମାଫ ଦେଇଥାଏ ଅର୍ଥାତ୍, ଯଦି ଏକ ପଲିସୀଧାରକ ଦ୍ୱାରା ଘୋଷିତ ବୀମା ରାଶି, ପ୍ରଶ୍ନ ଉଠିଥିବା ସମ୍ପତ୍ତି ପାଇଁ କ'ଣ ଘୋଷିତ କରିବା ଉଚିତ୍ ଥିଲା, ତାହାଠାରୁ କମ୍ ହୋଇଥାଏ, ପଲିସୀଧାରକର ଦାବୀକୁ ସମାନୁପାତିକ ରୂପେ ସମାଧାନ କରାଯିବ ନାହିଁ, କିନ୍ତୁ ସେହି ବୀମା ରାଶି ପର୍ଯ୍ୟନ୍ତ କରାଯିବ ଯାହା ଘୋଷିତ ହୋଇଥିବ ।

## F. ବୀମା ରାଶି ଏବଂ ପ୍ରିମିୟମ

ଔଦ୍ୟୋଗିକ ୟୁନିଟ୍ କିମ୍ବା କାର୍ଯ୍ୟାଳୟଗୁଡିକ ସେଥିରେ ପରିସମ୍ପତ୍ତିସବୁର ମୂଲ୍ୟ ଦେଖାଉଥିବା ଆକାଉଣ୍ଟସ ର ପୁସ୍ତକ ରଖିବେ । ଯାହା ଦ୍ୱାରା, ବୀମା ରାଶି ନିର୍ଦ୍ଧାରଣ କରିବା କଷ୍ଟସାଧ୍ୟ ହୋଇ ନ ପାରେ । ଦୋକାନ ଓ ଘର କ୍ଷେତ୍ରରେ, ଏହା ସର୍ବଦା ସମ୍ଭବ ହୋଇ ନ ପାରେ ।

ଯେମିତିକି ପୂର୍ବରୁ ଉଲ୍ଲେଖ କରାଯାଇଛି ଗୃହସ୍ଥ ବୀମା ଅନ୍ତର୍ଗତ, ସାଧାରଣତଃ, ବୀମା ରାଶି ନିର୍ଦ୍ଧାରଣ କରିବାର ଦୁଇଟି ପଦ୍ଧତି ଅଛି, ଯଥା: ବଜାର ମୂଲ୍ୟ ଏବଂ ପୁନଃସ୍ଥାପନ/ ପ୍ରତିସ୍ଥାପନ ମୂଲ୍ୟ ।

ଟଙ୍କା, ବ୍ୟାଗେଜ୍, ବ୍ୟକ୍ତିଗତ ଦୁର୍ଘଟଣା ଭଳି ଅତିରିକ୍ତ ବୀମା ସୁରକ୍ଷା ପାଇଁ, ପ୍ରିମିୟମ ବୀମା ରାଶି ଓ ଚୟନିତ କରାଯାଇଥିବା ସୁରକ୍ଷା ଉପରେ ନିର୍ଭର କରିପାରେ ।

**ଜଣେ ବ୍ୟକ୍ତି ବୀମାରାଶିକୁ କେମିତି ନିର୍ଦ୍ଧାରିତ କରେ?**

i. ସାଧାରଣତଃ, ଅଗ୍ନି ବୀମା ପାଇଁ, ବୀମା ରାଶି ନିର୍ଦ୍ଧାରଣ କରିବାର ଦୁଇଟି ପଦ୍ଧତି ଅଛି । ଗୋଟିଏ ହେଉଛି ବଜାର ମୂଲ୍ୟ ( MV) ଏବଂ ଅନ୍ୟଟି ହେଉଛି ପୁନଃସ୍ଥାପନ ମୂଲ୍ୟ (RIV) । M.V. କ୍ଷେତ୍ରରେ, ଏକ ହାନିର ଘଟଣାରେ, ସମ୍ପତ୍ତିର ପରମାୟୁ ଆଧାରରେ ମୂଲ୍ୟହ୍ରାସକୁ ତା'ଉପରେ ଲାଗୁ କରାଯାଏ । ଏହି ପଦ୍ଧତିରେ, ସମ୍ପତ୍ତିକୁ ପୁନଃସ୍ଥାପିତ କରିବା ପାଇଁ ଯଥେଷ୍ଟ ରାଶି ବୀମିତକୁ ପ୍ରଦାନ କରାଯାଏ ନାହିଁ ।

ii. RIV ପଦ୍ଧତିରେ, ବୀମା କମ୍ପାନୀ, ବୀମା ରାଶିର ଊର୍ଦ୍ଧ୍ୱସୀମା ଅନ୍ତର୍ଗତ, ପ୍ରତିସ୍ଥାପନର ମୂଲ୍ୟ ପ୍ରଦାନ କରିବ । ଏହି ପଦ୍ଧତି ଅନ୍ତର୍ଗତ, କୌଣସି ମୂଲ୍ୟ ହ୍ରାସ ଲାଗୁ କରାଯାଏ ନାହିଁ । ଗୋଟିଏ ସର୍ତ୍ତ ହେଉଛି ଯେ ଦାବୀ ପ୍ରାପ୍ତି କରିବା ପାଇଁ ଖରାପ ହୋଇଥିବା ସମ୍ପତ୍ତିକୁ ମରାମତି କିମ୍ବା ପ୍ରତିସ୍ଥାପିତ କରାଯିବା ଉଚିତ୍ । ଏହାକୁ ଧ୍ୟାନରେ ରଖାଯାଇପାରେ ଯେ RIV ପଦ୍ଧତିର ସ୍ୱୀକୃତି କେବଳ ସ୍ଥିର ସମ୍ପତ୍ତି ପାଇଁ ଦିଆଯାଏ ଏବଂ ଅନ୍ୟାନ୍ୟ ସମ୍ପତ୍ତି ଯେପରିକି ଷ୍ଟକ୍ ଓ ପ୍ରକ୍ରିୟାରେ ଥିବା ଷ୍ଟକ୍ ପାଇଁ ନୁହେଁ ।

ଅଧିକାଂଶ ପଲିସୀ ଏହାର ପୁନଃନିର୍ମାଣ ପାଇଁ ଘରର ସଂରଚନାକୁ ବୀମିତ କରିଥାନ୍ତି, ଯାହାକୁ ପୁନଃସ୍ଥାପନ ମୂଲ୍ୟ କୁହାଯାଏ (ଏବଂ 'ବଜାର ମୂଲ୍ୟ' ଉପରେ ନୁହେଁ) । ପୁନଃସ୍ଥାପନ ମୂଲ୍ୟ ହେଉଛି ଘରକୁ ପୁନଃନିର୍ମିତ କରିବାରେ ଲାଗିଥିବା ମୂଲ୍ୟ ଯଦି ଏହା ନଷ୍ଟ ହୋଇଯାଇଥାଏ । ଅନ୍ୟ ପକ୍ଷରେ, ବଜାର ମୂଲ୍ୟ ସମ୍ପତ୍ତି, ମୂଲ୍ୟହ୍ରାସ, ଇତ୍ୟାଦିର ପରମାୟୁ ଭଳି କାରକମାନଙ୍କ ଉପରେ ନିର୍ଭର କରେ ।

ବୀମା ରାଶିକୁ ସାଧାରଣତଃ, ବୀମିତର ଘରର ନିର୍ମିତ କ୍ଷେତ୍ରଫଳକୁ ପ୍ରତି ବର୍ଗଫୁଟର ନିର୍ମାଣ ହାରକୁ ଗୁଣନ କରି ନିର୍ଦ୍ଧାରିତ କରାଯାଇଥାଏ । ଘରର ସାମଗ୍ରୀ ଫର୍ଣ୍ଣିଚର, ସ୍ଥାୟୀ ବସ୍ତୁ, ପୋଷାକ, ବାସନକୁଶନ, ଇତ୍ୟାଦି-ର ମୂଲ୍ୟ ନିର୍ଦ୍ଧାରଣ ବଜାର ମୂଲ୍ୟ, ଅର୍ଥାତ୍, ମୂଲ୍ୟହ୍ରାସ ପରେ ସେହିଭଳି ସାମଗ୍ରୀ ଗୁଡିକର ଚଳିତ ବଜାର ମୂଲ୍ୟ ଆଧାରରେ କରାଯାଇଥାଏ ।

ପ୍ରିମିୟମ ବୀମିତ ମୂଲ୍ୟ ଓ ନିଆଯାଇଥିବା ବୀମା ସୁରକ୍ଷା ଉପରେ ନିର୍ଭର କରିପାରେ ।

**ସ୍ୱୟଂ ପରୀକ୍ଷା କରନ୍ତୁ 1**

ନିମ୍ନ ଉକ୍ତିଗୁଡିକ ମଧ୍ୟରୁ କେଉଁଟି ଏକ ପ୍ୟାକେଜ ପଲିସୀ ସମ୍ବନ୍ଧରେ ସଠିକ୍ ନୁହେଁ ?

I. ପ୍ୟାକେଜ୍ ପଲିସୀ କେବଳ ଗୋଟିଏ ମାତ୍ର ଦସ୍ତାବିଜ ଅନ୍ତର୍ଗତ ସୁରକ୍ଷାଗୁଡିକର ଏକ ସମୁଚ୍ଚୟ ପ୍ରଦାନ କରେ

II. ପ୍ୟାକେଜ୍ ପଲିସୀ ଗୃହ ଭଳି ଭୌତିକ ସମ୍ପତ୍ତିଗୁଡିକୁ କେବଳ ସୁରକ୍ଷା ପ୍ରଦାନ କରିପାରେ

III. **ଏକ ନାମିତ ଆପଦ ପଲିସୀ କିମ୍ବା ପ୍ୟାକେଜ ପଲିସୀ ସମାନ ମୂଲ୍ୟରେ ଆସିଥାଏ ।**

IV. **କେବଳ ନାମିତ ଆପଦ ପଲିସୀଗୁଡିକୁ କିଣା ଯାଇପାରେ ଏବଂ ପ୍ୟାକେଜ୍ ପଲିସୀଗୁଡିକ ଉପଲବ୍ଧ ନ ଥାନ୍ତି ।**

**ପରିଭାଷା**

**କେତେକ ମହତ୍ୱପୂର୍ଣ୍ଣ ପରିଭାଷା**

a) ଚୋରୀର ଅର୍ଥ ହେଉଛି ବୀମିତ ପରିସରରୁ ବସ୍ତୁ ଗୁଡିକୁ ଚୋରୀ କରିବାର ଉଦ୍ଦେଶ୍ୟରେ ଆକ୍ରାମକ ଓ ଚିହ୍ନଟ କରିବାଯୋଗ୍ୟ ସାଧନ ଦ୍ୱାରା ସେହି ସ୍ଥାନକୁ ଅପ୍ରତ୍ୟାଶିତ ଓ ଅନଭିକୃତ ପ୍ରବେଶ କିମ୍ବା ସେହି ସ୍ଥାନଠାରୁ ପ୍ରସ୍ଥାନ ।

b) ଗୃହ ଭେଦନ ହୋଇଛି ବୋଲି କୁହାଯିବ ଯେତେବେଳେ ଏକ ଅପରାଧ ଘଟାଇବା ଉଦ୍ଦେଶ୍ୟରେ ଗୋଟିଏ ଘରକୁ ପଶି ବିନା ଅନୁମତିରେ ଗୃହ ଭେଦନ କରାଯାଇଥାଏ ।

c) ଡକାୟତି ର ଅର୍ଥ ହେଉଛି ବୀମିତ ଏବଂ/କିମ୍ବା ବୀମିତର କର୍ମଚାରୀମାନଙ୍କର ବିରୁଦ୍ଧରେ ଆକ୍ରାମକ ଓ ହିଂସ୍ରକ ସାଧନ ବ୍ୟବହାର କରି ବୀମିତର ପରିସରରେ ବସ୍ତୁଗୁଡିକର ଚୋରୀ ।

d) ସେଫ୍ ର ଅର୍ଥ ହେଉଛି ମୂଲ୍ୟବାନ ସାମଗ୍ରୀଗୁଡିକର ନିରାପଦ ଓ ସୁରକ୍ଷିତ ଭଣ୍ଡାରଣ ପାଇଁ ଅଭିକଳ୍ପିତ ବୀମିତର ପରିସର ମଧ୍ୟରେ ଥିବା ଏକ ଦୃଢ଼ କ୍ୟାବିନେଟ୍, ଏବଂ ଯାହା ମଧ୍ୟକୁ ଅଭିଗମନ ପ୍ରତିବନ୍ଧିତ ଥାଏ ।

e) "ଚୋରୀ" ହେଉଛି ସେହି ସମସ୍ତ ଅପରାଧ ପାଇଁ ଏକ ସାଧାରଣ ପଦ ଯେଉଁଥିରେ ଏକ ବ୍ୟକ୍ତି ଉଦ୍ଦେଶ୍ୟମୂଳକ ରୂପେ ଓ କପଟପୂର୍ଣ୍ଣ ରୂପେ ଅନ୍ୟ ଜଣକର ସମ୍ପତ୍ତିକୁ ବିନା ଅନୁମତି କିମ୍ବା ସମ୍ମତିରେ ନେଇଥାଏ ଏବଂ ନେଇଥିବା ବ୍ୟକ୍ତିର ଉପଯୋଗ କିମ୍ବା ଭବିଷ୍ୟତର ବିକ୍ରୟରେ ଏହାକୁ ପରିବର୍ତ୍ତିତ କରିବା ଉଦ୍ଦେଶ୍ୟ ଥାଏ । ଚୋରୀ 'ଲର୍ସେନୀ' ସହିତ ସମାନାର୍ଥକ ହୋଇଥାଏ ।

**ସ୍ୱୟଂ ପରୀକ୍ଷା କରନ୍ତୁ 2**

ଦୋକାନୀ ପ୍ୟାକେଜ୍ ପଲିସୀ ଅନ୍ତର୍ଗତ, ବୀମିତ ଏକ ଅତିରିକ୍ତ 'ଲଗାଯାଇଥିବା ପ୍ଲେଟ୍ ଗ୍ଲାସ୍ ଏବଂ ସ୍ୱଚ୍ଛତା ଫିଟିଙ୍ଗ୍' ସୁରକ୍ଷା ପାଇଁ ଚୟନ କରିପାରେ । ଏହା  ନିମ୍ନ ମଧ୍ୟରୁ କାହାର କ୍ଷତିର ଦୁର୍ଘଟଣାଜନିତ ହାନିକୁ ସୁରକ୍ଷା ପ୍ରଦାନ କରିବ ?

I. ଲଗା ଯାଇଥିବା ପ୍ଲେଟ୍ ଗ୍ଲାସ୍

II. ସ୍ୱଚ୍ଛତା ଫିଟିଙ୍ଗ୍/ପ୍ରସାଧନ ସାମଗ୍ରୀ

III. ନିୟନ୍ ସଂକେତ/ବୋର୍ଡ

IV. ଉପରୋକ୍ତ ସମସ୍ତ

## G. ମୋଟର ବୀମା

ଏହି ପରିସ୍ଥିତି ବିଷୟରେ ଚିନ୍ତା କରନ୍ତୁ: ରେବତୀ ତାର ସମସ୍ତ ସଂଚୟର ଉପଯୋଗ କରି ଏକ ନୂଆ କାର କିଣିଛି ଏବଂ ଏହାକୁ ଏକ ଡ୍ରାଇଭ୍ ରେ ନେଇଛି । କେଉଁଠୁ ଆସିଲା କେଜାଣି, ରାସ୍ତାକୁ ଏକ କୁକୁର ଆସେ ଏବଂ ତାକୁ ଧକ୍କା ଦେବାକୁ ଏଡେଇବା ପାଇଁ, ରେବତୀ ତୀବ୍ରଭାବେ, ବ୍ରେକ୍ ଦିଏ ଏବଂ ବିଭାଜକ ଉପରକୁ ଚାଲିଯାଏ, ଅନ୍ୟ ଏକ କାରକୁ ଧକ୍କା ଦିଏ ଏବଂ ପଦାତିକ ଏକ ବ୍ୟକ୍ତିକୁ ଆଘାତ କରେ । କେବଳ ଗୋଟିଏ ମାତ୍ର ଘଟଣାର ପରିଣାମ ରେବତୀର ନିଜ କାର, ସାର୍ବଜନିକ ସମ୍ପତ୍ତି, ଅନ୍ୟ ଏକ କାରର କ୍ଷତି ର କାରଣ ହୋଇଛି ଏବଂ ଏକ ଅନ୍ୟ ବ୍ୟକ୍ତିକୁ ମଧ୍ୟ କ୍ଷତବିକ୍ଷତ କଲା ।

ଏହି ପରିଦୃଶ୍ୟରେ, ଯଦି ରେବତୀର ଏକ କାର ବୀମା ନ ଥାଏ, ସେ କାର କିଣିବାରେ ଯେତେ ଖର୍ଚ୍ଚ କଲା, ତା' ଠାରୁ ଅନେକ ଗୁଣର ଅଧିକ ରାଶି ପ୍ରଦାନ କରିବାରେ ଅକ୍ଷମ ହୋଇପାରେ ।

✓ ରେବତୀ କିମ୍ବା ସେଭଳି ଲୋକମାନଙ୍କ ପାଖରେ ଦେବା ପାଇଁ ସେତେ ଟଙ୍କା ଥିବ କି?

✓ ଅନ୍ୟ ପକ୍ଷର ବୀମା ରେବତୀର କାର୍ଯ୍ୟ ପାଇଁ ରାଶିପ୍ରଦାନ କରିବା ଉଚିତ୍ କି?

✓ କ'ଣ ହେବ ଯଦି ସେମାନଙ୍କ ପାଖରେ ବୀମା ନ ଥାଏ?

ତେଣୁ ଦେଶର କାନୁନ ତୃତୀୟ-ପକ୍ଷ ଦାୟିତ୍ୱ ବୀମା ନେବା ପାଇଁ ଅନିବାର୍ଯ୍ୟ କରେ । ଯେତେବେଳେ ମୋଟର ବୀମା ଏହି ସବୁ ଜିନିଷ ଘଟିବାଠାରୁ ରୋକି ନ ପାରେ, ଏହା ମାଲିକ ପାଇଁ ଏକ ଆର୍ଥିକ ସୁରକ୍ଷା ଆବରଣ ଅବସର ପ୍ରଦାନ କରିଥାଏ ।

ଏକ ଦୁର୍ଘଟଣା ବ୍ୟତୀତ, କାରର ଚୋରୀ ମଧ୍ୟ ହୋଇପାରେ, ଏକ ଦୁର୍ଘଟଣା ଦ୍ୱାରା କ୍ଷତିଗ୍ରସ୍ତ ହୋଇପାରେ କିମ୍ବା ନିଆଁ ଦ୍ୱାରା ନଷ୍ଟ ହୋଇପାରେ ଏବଂ ମାଲିକ ଆର୍ଥିକ ରୂପେ ଆକ୍ରାନ୍ତ ହୋଇପାରେ ।

ମୋଟର ବୀମାକୁ ନିଶ୍ଚିତ ରୂପେ ଏକ ଗାଡ଼ି ମାଲିକ ଦ୍ୱାରା ନିଆଯିବା ଉଚିତ୍ (ଅର୍ଥାତ୍ ସେହି ବ୍ୟକ୍ତି ଯାହା ନାମରେ ଭାରତୀୟ କ୍ଷେତ୍ରୀୟ ପରିବହନ ପ୍ରାଧିକରଣ ସହିତ ଗାଡ଼ିକୁ ପଞ୍ଜିକୃତ କରାଯାଇଥାଏ ।)

| **ମହତ୍ୱପୂର୍ଣ୍ଣ** |
| --- |

**ଅନିବାର୍ଯ୍ୟ ତୃତୀୟ ପକ୍ଷ ବୀମା**

ମୋଟର ବାହନ ଅଧିନିୟମ, 1988 ଅନୁସାରେ, ସାର୍ବଜନିକ ସଡକରେ ଚାଲୁଥିବା ପ୍ରତ୍ୟେକ ଗାଡ଼ି ଚାଳକ ପାଇଁ ସେହି ରାଶି ଯାହାକୁ ଦୁର୍ଘଟଣାଜନିତ ମୃତ୍ୟୁ, ଶାରୀରିକ କ୍ଷତ କିମ୍ବା ସମ୍ପତ୍ତିର ପରିଣାମରେ ତୃତୀୟ ପକ୍ଷକୁ ହାନି ରୂପେ ପ୍ରଦାନ କରିବା ପାଇଁ ମାଲିକ ବୈଧିକ ରୂପେ ଦାୟୀ ହୋଇଥାଏ, ତାହାକୁ ସୁରକ୍ଷା ପ୍ରଦାନ କରିବା ପାଇଁ, ଏକ ବୀମା ପଲିସୀ ନେବା ପାଇଁ ଅନିବାର୍ଯ୍ୟ ହୋଇଥାଏ । ସେଭଳି ବୀମାର ପ୍ରମାଣ ରୂପେ ଏକ ବୀମା ପ୍ରମାଣପତ୍ରକୁ ଗାଡ଼ିରେ ନିଶ୍ଚିତ ରୂପେ ରଖିବା ଉଚିତ୍ ।

## 1. ମୋଟର ବୀମା ସୁରକ୍ଷା

ଦେଶରେ ଏକ ବିଶାଳ ବାହନ ସମୂହ ଅଛି । ପ୍ରତି ଦିନ ଅନେକ ସଂଖ୍ୟାରେ ନୂଆ ଗାଡ଼ିଗୁଡିକ ରାସ୍ତା ଉପରକୁ ଆସୁଥାନ୍ତି । ସେମାନଙ୍କ ମଧ୍ୟରୁ ଅନେକ ଦାମିକା । ଲୋକେ କୁହନ୍ତି ଯେ ଭାରତରେ, ବାହନଗୁଡିକ କଚରା ହୁଅନ୍ତି ନାହିଁ, କିନ୍ତୁ କେବଳ ମାଲିକତ୍ୱ ବଦଳାଉଥାନ୍ତି । ଏହାର ଅର୍ଥ ହେଉଛି ଯେ ପୁରୁଣା ଗାଡିଗୁଡିକ ରାସ୍ତାରେ ଚାଲୁ ରଖିଥାନ୍ତି ଏବଂ ନୂଆ ଗାଡ଼ି ସଂଖ୍ୟା ଯୋଗ ହେଉଛି । ସଡ଼କଗୁଡିକର କ୍ଷେତ୍ରଫଳ (ଡ୍ରାଇଭିଂ ପାଇଁ ଖୋଲାସ୍ଥାନ) ଗାଡ଼ି ସଂଖ୍ୟା ଅନୁରୂପ ବଢୁ ନାହିଁ । ସଡକ ଉପରେ ଚାଲୁଥିବା ଲୋକମାନଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି । ପୋଲିସ ଓ ଡାକ୍ତରଖାନା ସାଂଖ୍ୟିକୀ କୁହେ ଯେ ଦେଶରେ ସଡକ ଦୁର୍ଘଟଣାର ସଂଖ୍ୟା ବୃଦ୍ଧି ପାଉଛି । ଆଇନ ଅଦାଲତ ଦ୍ୱାରା ଦୁର୍ଘଟଣାର ଶିକାରମାନଙ୍କୁ ପ୍ରଦାନ କରାଯାଉଥିବା କ୍ଷତିପୂରଣ ରାଶି ବୃଦ୍ଧି ପାଉଛି । **ଏପରିକି ଗାଡ଼ି ମରାମତି ମୂଲ୍ୟ ମଧ୍ୟ ବୃଦ୍ଧି ପାଉଛି । ଏହି ସବୁ ଦେଶରେ ମୋଟର ବୀମାର ମହତ୍ୱକୁ ଦର୍ଶାଇଥାନ୍ତି ।**

ମୋଟର ବୀମା ଗାଡ଼ିଗୁଡିକର ନିଖୋଜ ଓ ଦୁର୍ଘଟଣା କିମ୍ବା କିଛି ଅନ୍ୟ କାରଣରୁ ହୋଇଥିବା ସେଗୁଡିକର କ୍ଷତିକୁ ସୁରକ୍ଷା ପ୍ରଦାନ କରେ । **ମୋଟର ବୀମା ଗାଡ଼ି ମାଲିକମାନଙ୍କ ଗାଡ଼ି ଯୋଗୁଁ ହୋଇଥିବା ଦୁର୍ଘଟଣାର ଶିକାର ବ୍ୟକ୍ତିମାନଙ୍କୁ କ୍ଷତିପୂରଣ ଦେବାର ଗାଡି ମାଲିକଙ୍କ ବୈଧିକ ଦାୟିତ୍ୱକୁ ମଧ୍ୟ ସୁରକ୍ଷା ପ୍ରଦାନ କରେ ।**

ସରକାରଙ୍କ ଶାସନାଦେଶ ସତ୍ତ୍ୱେ, ଦେଶର ସବୁ ଗାଡ଼ିକୁ ବୀମିତ କରାଯାଉ ନାହିଁ :

**ମୋଟର ବୀମା ସାର୍ବଜନିକ ସଡ଼କରେ ଚାଲୁଥିବା ସମସ୍ତ ପ୍ରକାରର ବାହନଗୁଡିକୁ ସୁରକ୍ଷା ପ୍ରଦାନ କରିଥାଏ ଯେପରି କି:**

- ✓ ଦୁଇ ଚକିଆ
- ✓ ଘରୋଇ କାର

- ✓ ସମସ୍ତ ପ୍ରକାରର ବାଣିଜ୍ୟିକ ବାହନ: ମାଲ ବାହକ ଓ ଯାତ୍ରୀ ବାହକ
- ✓ ବିଭିନ୍ନ ପ୍ରକାରର ଗାଡ଼ି ଉ.ସ୍ୱ. କ୍ରେନ୍
- ✓ ମୋଟର ବ୍ୟାପାର (ଶୋରୁମ୍ ଓ ଗ୍ୟାରେଜ୍ ରେ ଥିବା ଗାଡ଼ି)

**'ତୃତୀୟ-ପକ୍ଷ ବୀମା'**

ଏକ ଅନ୍ୟ ପକ୍ଷର ବୈଧିକ କାର୍ଯ୍ୟ ବିରୁଦ୍ଧରେ ସୁରକ୍ଷା ପାଇଁ କ୍ରୟ କରାଯାଇଥିବା ଏକ ବୀମା ପଲିସୀ । ତୃତୀୟ-ପକ୍ଷ ବୀମାକୁ, ବୀମିତରୁ ହୋଇଥିବା ଦାୟିତ୍ୱ ପାଇଁ ଏକ ଅନ୍ୟ ପକ୍ଷ (ତୃତୀୟ ପକ୍ଷ) ର ଦାବୀ ବିରୁଦ୍ଧରେ ସୁରକ୍ଷା ପାଇଁ, ବୀମିତ (ପ୍ରଥମ ପକ୍ଷ) ଦ୍ୱାରା ବୀମା କମ୍ପାନୀ (ଦ୍ୱିତୀୟ ପକ୍ଷ) ଠାରୁ କ୍ରୟ କରାଯାଏ ।

ତୃତୀୟ ପକ୍ଷ ବୀମାକୁ 'ଦାୟିତ୍ୱ ବୀମା' ମଧ୍ୟ କୁହାଯାଏ ।

**ଦୁଇଟି ମହତ୍ୱପୂର୍ଣ୍ଣ ପ୍ରକାରର ସୁରକ୍ଷା ଯାହା ବଜାରରେ ଲୋକପ୍ରିୟ, ସେଗୁଡ଼ିକ ବିଷୟରେ ନିମ୍ନରେ ଆଲୋଚନା କରାଯାଇଛି:**

କେବଳ ବୈଧିକ [ଦାୟିତ୍ୱ] ପଲିସୀ: ମୋଟର ବାହନ ଅଧିନିୟମ ଅନୁଯାୟୀ ସାର୍ବଜନିକ ସ୍ଥାନରେ ଚାଲୁଥିବା କୌଣସି ବି ବାହନ ପାଇଁ ତୃତୀୟ ପକ୍ଷ ପ୍ରତି ଦାୟିତ୍ୱଗୁଡ଼ିକୁ ବୀମିତ କରିବା ଅନିବାର୍ଯ୍ୟ ଅଟେ ।

ପଲିସୀ ନିମ୍ନଲିଖିତ କ୍ଷତିପୂରଣ ପ୍ରଦାନ କରିବାକୁ ଗାଡ଼ି ମାଲିକର ବୈଧିକ ଦାୟିତ୍ୱକୁ ସୁରକ୍ଷା ପ୍ରଦାନ କରେ ।

- ✓ ତୃତୀୟ ପକ୍ଷ ଶାରୀରିକ କ୍ଷତ କିମ୍ବା ମୃତ୍ୟୁ
- ✓ ତୃତୀୟ ପକ୍ଷ ସମ୍ପତ୍ତି ହାନି

ଦାୟିତ୍ୱକୁ ମୃତ୍ୟୁ କିମ୍ବା କ୍ଷତ ଏବଂ ହାନି ପାଇଁ ଏକ ଅସୀମିତ ରାଶି ପରିମାଣ ପାଇଁ ସୁରକ୍ଷା ଦିଆଯାଏ ।

ଏକ ମୋଟର ଦୁର୍ଘଟଣା କାରଣରୁ ହୋଇଥିବା ମୃତ୍ୟୁ କିମ୍ବା କ୍ଷତ କ୍ଷେତ୍ରରେ ତୃତୀୟ ପକ୍ଷ ଶିକାରକୁ କ୍ଷତିପୂରଣ ପାଇଁ ଦାବୀକୁ ଦାବୀଦାର ଦ୍ୱାରା ମୋଟର ଦୁର୍ଘଟଣା ଦାବୀ ନ୍ୟାୟାଧିକରଣ (ଟ୍ରିବ୍ୟୁନାଲ୍) (MACT) ନିକଟରେ ଦାଖଲ କରିବାକୁ ପଡ଼ିଥାଏ ।

**'ଅନିବାର୍ଯ୍ୟ ବ୍ୟକ୍ତିଗତ ଦୁର୍ଘଟଣା )CPA) ବୀମା'**

ଆଇ. ଆର.ଡି.ଏ.ଆଇ. 1ଜାନୁୟାରୀ, 2019 ଠାରୁ ପ୍ରଭାବୀ ରୂପେ ମାଲିକ-ଚାଳକ ପାଇଁ ସ୍ୱତନ୍ତ୍ର ଅନିବାର୍ଯ୍ୟ ବ୍ୟକ୍ତିଗତ ଦୁର୍ଘଟଣା ସୁରକ୍ଷାର ଜାରୀର ଅନୁମତି ଦେଇଛି । ସୁରକ୍ଷାଟି ଏକ ସହ-ଚାଳକ ରୂପେ ବୀମିତ ଗାଡ଼ି ଭିତରକୁ ଚଢ଼ିବା/କିମ୍ବା ତା' ଠାରୁ ଓହ୍ଲାଇବା କିମ୍ବା ସେଥିରେ ଯାତ୍ରା କରୁଥିବା ସମୟ ସମେତ ଗାଡ଼ିକୁ ଚଳାଇବା ସମୟ ପାଇଁ ମାଲିକ-ଚାଳକ ପାଇଁ ପ୍ରଦାନ କରାଯାଏ । ଅବଶ୍ୟ, ପଲିସୀଧାରକ କେବଳ ଦାୟିତ୍ୱ ପଲିସୀ କିମ୍ବା ପ୍ୟାକେଜ୍ ପଲିସୀର ଅଂଶ ରୂପେ CPA ସୁରକ୍ଷା ପାଇଁ ବିକଳ୍ପର ଚୟନ କରିପାରେ । ପଲିସୀଧାରକ ଏକ ଏକଲ CPA ପଲିସୀ ନେବା ପାଇଁ ଚୟନ କରିଥିବା ଅବସରରେ, କେବଳ ଦାୟିତ୍ୱ କିମ୍ବା ପ୍ୟାକେଜ୍ ପଲିସୀର ଅଂଶ ରୂପେ ପ୍ରଦାନ କରାଯାଇଥିବା CPA ସୁରକ୍ଷାକୁ ହଟାଇ ଦିଆଯିବ ।

**ପ୍ୟାକେଜ୍/ବ୍ୟାପକ ପଲିସୀ: (ନିଜ ହାନି+ତୃତୀୟ ପକ୍ଷ ଦାୟିତ୍ୱ(**

ଉପରୋକ୍ତ ବ୍ୟତୀତ, ପଲିସୀରେ ଥିବା ଅନ୍ୟାନ୍ୟ ନିୟମ ଓ ସର୍ତ୍ତାବଳୀରେ ଥିବା ଘୋଷିତ ମୂଲ୍ୟ (ଉପରେ ଆଲୋଚିତ ହୋଇଥିବା ରୂପେ IDV କୁହାଯାଉଥିବା) ଅନ୍ତର୍ଗତ, ବିନିର୍ଦ୍ଦିଷ୍ଟ ଆପଦ ଦ୍ୱାରା ବୀମିତ ବାହନର ହାନି କିମ୍ବା କ୍ଷତି (ମୋଟର ବାହନର ନିଜ ହାନି ରୂପେ ପରିଚିତ) କୁ ମଧ୍ୟ ସୁରକ୍ଷା ପ୍ରଦାନ କରାଯାଇପାରେ । ଏହି ଆପଦମାନଙ୍କ ମଧ୍ୟରୁ କେତେକ ହେଉଛନ୍ତି ନିଆଁ, ଚୋରୀ, ଦଙ୍ଗା ଓ ଷ୍ଟ୍ରାଇକ୍, ଭୂମିକମ୍ପ, ବନ୍ୟା, ଦୁର୍ଘଟଣା ଇତ୍ୟାଦି ।

କେତେକ ବୀମାକର୍ତ୍ତା ଦୁର୍ଘଟଣା ସ୍ଥଳଠାରୁ କାର୍ଯ୍ୟଶାଳା ପର୍ଯ୍ୟନ୍ତ ଟାଣିବା ଚାର୍ଜ ପାଇଁ ମଧ୍ୟ ରାଶି ପ୍ରଦାନ କରିପାରନ୍ତି । କେବଳ ବୈଧିକ (ଦାୟିତ୍ୱ) ପଲିସୀ ଅନ୍ତର୍ଗତ ମଞ୍ଜୁରୀ ପ୍ରାପ୍ତ ଅନିବାର୍ଯ୍ୟ ସୁରକ୍ଷା ବ୍ୟତୀତ, କେବଳ ନିଆଁ ଏବଂ/କିମ୍ବା ଚୋରୀକୁ ସୁରକ୍ଷା ଦେଉଥିବା ଏକ ପ୍ରତିବନ୍ଧାତ୍ମକ ସୁରକ୍ଷା ବି ଉପଲବ୍ଧ ଅଛି ।

ପଲିସୀ ବାହନରେ ଲଗାଯାଇଥିବା ଅତିରିକ୍ତ ସାମଗ୍ରୀରର ହାନି କିମ୍ବା କ୍ଷତିକୁ, ଯାତ୍ରୀ, ଭଡ଼ାରେ ନିଆଯାଇଥିବା ଡ୍ରାଇଭର ପାଇଁ ପ୍ରାଇଭେଟ୍ କାର ପଲିସୀ ଅନ୍ତର୍ଗତ ବ୍ୟକ୍ତିଗତ ଦୁର୍ଘଟଣା ସୁରକ୍ଷା; ବ୍ୟାପାରିକ ବାହନଗୁଡିକରେ କର୍ମଚାରୀ ଓ ଭଡ଼ା ଦେଉ ନ ଥିବା ଯାତ୍ରୀମାନଙ୍କ ପାଇଁ ବୈଧିକ ଦାୟିତ୍ୱ , ଏସବୁକୁ ମଧ୍ୟ ସୁରକ୍ଷା ପ୍ରଦାନ କରିପାରେ । ବୀମାକର୍ତ୍ତାମାନେ ଅଚଳତା କ୍ଷେତ୍ରରେ ବିନାମୂଲ୍ୟରେ ଜରୁରୀକାଳୀନ ସେବା କିମ୍ବା ବୈକଳ୍ପିକ କାର ଉପଯୋଗ ମଧ୍ୟ ପ୍ରଦାନ କରିଥାନ୍ତି ।

## 2. ଅପବର୍ଜନ

ପଲିସୀଗୁଡିକ ଅନ୍ତର୍ଗତ କେତେକ ମହତ୍ୱପୂର୍ଣ୍ଣ ଅପବର୍ଜନ ହେଉଛନ୍ତି ଉପଯୋଗରେ ଘଷାଘଷି ହୋଇ ଖରାପ ହେବା, ଅଚଳତା, ପରିଣାମଜନିତ ହାନି, ଅମାନ୍ୟ ଡ୍ରାଇଭିଂ ଲାଇସେନ୍ସ କିମ୍ବା ମଦ୍ୟନିଶା ପ୍ରଭାବ ସପକ୍ଷରେ ଗାଡ଼ି ଚଳାଉଥିବା କାରଣରୁ ହାନି, 'ଉପଯୋଗ କରିବାରେ ପରିସୀମନ' ଅନୁଯାୟୀ ନ ଥିବା ବାହନ ର ଉପଯୋଗ (ଉ.ସ୍ୱ. ଘରୋଇ କାରକୁ ଏକ ଟ୍ୟାକ୍ସି ରୂପେ ବ୍ୟବହାର କରିବା) କୁ ବୀମା ସୁରକ୍ଷା ଦିଆ ଯାଇ ନ ଥାଏ ।

## 3. ବୀମା ରାଶି ଏବଂ ପ୍ରିମିୟମ

ଏକ ମୋଟର ପଲିସୀରେ ଏକ ବାହନର ବୀମା ରାଶିକୁ ବୀମିତର ଘୋଷିତ ମୂଲ୍ୟ (IDV) ରୂପେ ସୂଚୀତ କରାଯାଏ ।

ବାହନର ଚୋରୀ କିମ୍ବା ଏକ ଦୁର୍ଘଟଣାରେ ମରାମତି ର ବାହାରେ ହୋଇଥିବା ସଂପୂର୍ଣ୍ଣ ହାନି କ୍ଷେତ୍ରରେ, ଦାବୀ ରାଶିକୁ IDV ଆଧାରରେ ନିର୍ଦ୍ଧାରିତ କରାଯିବ ।

ମୂଲ୍ୟ ନିର୍ଦ୍ଧାରଣ/ପ୍ରିମିୟମ ନିର୍ଦ୍ଧାରଣ ବୀମିତର ଘୋଷିତ ମୂଲ୍ୟ, ଘନ କ୍ଷମତା (CC), ଭୌଗଳିକ ଜୋନ୍, ବାହନର ପରମାୟୁ ଭଳି କାରକ ଉପରେ ନିର୍ଭର କରେ ।

**ସ୍ୱୟଂ ପରୀକ୍ଷା କରନ୍ତୁ 3**

ମୋଟର ବୀମାକୁ କାହା ନାମରେ ନେବା ଉଚିତ୍?

I. ବାହନ ମାଲିକର ନାମରେ ଯାହାର ନାମକୁ କ୍ଷେତ୍ରୀୟ ପରିବହନ ପ୍ରାଧିକରଣ ସହିତ ପଞ୍ଜିକୃତ କରାଯାଇଛି ।

II. ଯଦି ସେହି ବ୍ୟକ୍ତି ଯିଏ ଗାଡ଼ିକୁ ଚଳାଉଥିବ ସିଏ ମାଲିକଠାରୁ ଅଲଗା ହୋଇଥାଏ, ତେବେ କ୍ଷେତ୍ରୀୟ ପରିବହନ ପ୍ରାଧିକରଣ ଠାରୁ ଅନୁମୋଦନ ଅନ୍ତର୍ଗତ, ସେହି ବ୍ୟକ୍ତିର ନାମରେ ଯିଏ ଗାଡ଼ିକୁ ଚଳାଉଥିବ ।

III. କ୍ଷେତ୍ରୀୟ ପରିବହନ ପ୍ରାଧିକରଣଠାରୁ ଅନୁମୋଦନ ଅନ୍ତର୍ଗତ,ବାହନ ମାଲିକ ସମେତ ବାହନ ମାଲିକର କୌଣସି ପରିବାର ସଦସ୍ୟର ନାମରେ

IV. ଯଦି ଗାଡ଼ିକୁ ମାଲିକ ବ୍ୟତୀତ କୌଣସି ଅନ୍ୟ ଜଣକ ଦ୍ୱାରା ଚଳାଯାଉଥିବ, ତେବେ ମୂଖ୍ୟ ପଲିସୀ ବାହନ ମାଲିକର ନାମରେ ଥିବା ଉଚିତ ଏବଂ ଅତିରିକ୍ତ ପଲିସୀଗୁଡ଼ିକ ସେହି ସବୁ ଲୋକଙ୍କ ନାମରେ କିଣାଯିବା ଉଚିତ ଯେଉଁମାନେ ଗାଡ଼ିକୁ ଚଳାଉଥିବେ ।

| ସାରାଂଶ |
|---|

a) ଏକ ଗୃହସ୍ଥ ବୀମା ପଲିସୀ ରେ ନାମିତ ଆପଦ କିମ୍ବା ଘଟଣାଗୁଡ଼ିକ ଠାରୁ ଏକ ବୀମିତ ସମ୍ପତ୍ତିର ହୋଇଥିବା ହାନି ଉପରେ ବୀମା ସୁରକ୍ଷା ପ୍ରଦାନ କରେ । ସୁରକ୍ଷା ପ୍ରଦାନ କରାଯାଉଥିବା ଆପଦଗୁଡ଼ିକୁ ସ୍ପଷ୍ଟ ରୂପେ ଉଲ୍ଲେଖ କରାଯିବ ।

b) ଗୃହସ୍ଥ ବୀମା ନିଆଁ, ଦଙ୍ଗା, ପାଇପର ଫାଟିବା, ଭୂମିକମ୍ପ ଇତ୍ୟାଦି ବିରୁଦ୍ଧରେ ଏହାର ସଂରଚନା ଓ ବସ୍ତୁଗୁଡ଼ିକୁ ସୁରକ୍ଷା ପ୍ରଦାନ କରେ । ସଂରଚନା ବ୍ୟତୀତ ଏହା ଚୋରୀ, ଗୃହ ଭେଦନ, ଲାର୍ସେନୀ ଏବଂ ଲୁଟ୍ ବିରୁଦ୍ଧରେ ବସ୍ତୁଗୁଡ଼ିକୁ ସୁରକ୍ଷା ପ୍ରଦାନ କରେ ।

c) ପ୍ୟାକେଜ ସୁରକ୍ଷାଗୁଡ଼ିକ, କେବଳ ଏକମାତ୍ର ଦସ୍ତାବିଜ ଅନ୍ତର୍ଗତ, ସୁରକ୍ଷାଗୁଡ଼ିକର ଏକ ସମୁଚ୍ଚୟ ପ୍ରଦାନ କରେ ।

d) ଏକ ଗୃହସ୍ଥ ବୀମା ପଲିସୀ ପାଇଁ ବୀମା ରାଶି ନିର୍ଦ୍ଧାରଣ ସାଧାରଣତଃ ଦୁଇଟି ପଦ୍ଧତିରେ ହୋଇଥାଏ: ବଜାର ମୂଲ୍ୟ (MV) ଏବଂ ପୁନଃସ୍ଥାପନ ମୂଲ୍ୟ (RIV) ।

e) ଦୋକାନୀ ବୀମା ସାଧାରଣତଃ ନିଆଁ, ଭୂମିକମ୍ପ, ବନ୍ୟା କିମ୍ବା ହାନିକାରକ କ୍ଷତି; ଏବଂ ଚୋରୀ ଯୋଗୁଁ ଦୋକାନ ସଂରଚନା ଏବଂ ବସ୍ତୁଗୁଡ଼ିକର ହୋଇଥିବା କ୍ଷତିକୁ ସୁରକ୍ଷା ପ୍ରଦାନ କରେ । **ଦୋକାନ ବୀମା ବ୍ୟବସାୟ ବ୍ୟାଘାତ ସୁରକ୍ଷାକୁ ମଧ୍ୟ ଅନ୍ତର୍ଭୁକ୍ତ କରିପାରେ ।**

f) ମୋଟର ବୀମା ଦୁର୍ଘଟଣା ଓ କୌଣସି ଅନ୍ୟ କାରଣ ଯୋଗୁଁ ବାହନର ହାନି କିମ୍ବା ସେଗୁଡ଼ିକର ହୋଇଥିବା କ୍ଷତିକୁ ସୁରକ୍ଷା ପ୍ରଦାନ କରେ । **ମୋଟର ବୀମା ବାହନ ମାଲିକମାନଙ୍କର ଗାଡି ଦ୍ୱାରା ହୋଇଥିବା ଦୁର୍ଘଟଣାର ଶିକାର ମାନଙ୍କୁ କ୍ଷତିପୂରଣ ଦେବାକୁ ବାହନ ମାଲିକମାନଙ୍କ ବୈଧିକ ଦାୟିତ୍ୱକୁ ମଧ୍ୟ ସୁରକ୍ଷା ଦେଇଥାଏ ।** ଏକ ସହ-ଚାଳକ ରୂପେ ବୀମିତ ଗାଡ଼ି ଭିତରକୁ ଚଢୁଥିବା/ତାହାଠୁ ଓହ୍ଲାଉଥିବା କିମ୍ବା ସେଥିରେ ଯାତ୍ରା କରିବା ସମେତ ଗାଡ଼ିକୁ ଚଳାଉଥିବା ସମୟରେ **ମାଲିକ-ଚାଳକ ପାଇଁ ଅନିବାର୍ଯ୍ୟ ବ୍ୟକ୍ତିଗତ ଦୁର୍ଘଟଣା ସୁରକ୍ଷା ପ୍ରଦାନ କରାଯାଇପାରେ ।**

| ମୂଖ୍ୟ ପଦାବଳୀ |
|---|

a) ଗୃହସ୍ଥ ବୀମା
b) ଦୋକାନୀ ବୀମା
c) ମୋଟର ବୀମା

| ସ୍ୱୟଂ ପରୀକ୍ଷଣ କରନ୍ତୁ ର ଉତ୍ତର |
|---|

**ଉତ୍ତର 1** -**ସଠିକ୍ ବିକଳ୍ପ ହେଉଛି I**
**ଉତ୍ତର 2** - **ସଠିକ୍ ବିକଳ୍ପ ହେଉଛି** IV
**ଉତ୍ତର 3** -**ସଠିକ୍ ବିକଳ୍ପ ହେଉଛି I**

# ଅଧ୍ୟାୟ G-04

## ବ୍ୟାପାରିକ ବୀମା

**ଅଧ୍ୟାୟ ପରିଚୟ**

ପୂର୍ବବର୍ତ୍ତୀ ଅଧ୍ୟାୟରେ ଆମେମାନେ ବିଭିନ୍ନ ପ୍ରକାରର ବୀମା ଉତ୍ପାଦକୁ ବିଚାର କରୁଛୁ ଯାହା ବୀମାକର୍ତ୍ତା ଓ ଗୃହସ୍ଥମାନଙ୍କ ଦ୍ୱାରା ସମ୍ମୁଖୀନ ହେଉଥିବା ସଙ୍କଟଗଗୁଡିକୁ ସୁରକ୍ଷା ପ୍ରଦାନ କରନ୍ତି । ଅନ୍ୟ ଏକ ସମୂହର ଗ୍ରାହକ ଅଛନ୍ତି ଯେଉଁମାନଙ୍କ ସୁରକ୍ଷା ପାଇଁ ଅନ୍ୟସବୁ ଆବଶ୍ୟକତା ରହିଥାଏ । ଏମାନେ ହେଉଛନ୍ତି ବାଣିଜ୍ୟିକ କିମ୍ବା ବ୍ୟବସାୟ ଉପକ୍ରମ (ଏଣ୍ଟରପ୍ରାଇଜ୍) କିମ୍ବା ଫାର୍ମ, ଯେଉଁମାନେ ବିଭିନ୍ନ ପ୍ରକାରର ଜିନିଷ ଓ ସେବାରେ ନିଯୁକ୍ତ ରହନ୍ତି କିମ୍ବା କାରବାର କରନ୍ତି । ଏହି ଅଧ୍ୟାୟରେ ଆମେମାନେ ଏହି ଅନୁଭାଗ ଦ୍ୱାରା ସମ୍ମୁଖୀନ ହେଉଥିବା ସଙ୍କଟଗୁଡିକୁ ସୁରକ୍ଷା ଦେବାପାଇଁ ଉପଲବ୍ଧ ବୀମା ଉତ୍ପାଦଗୁଡିକ ବିଷୟରେ ବିଚାର କରିବା ।

**ଅଧ୍ୟୟନ ପରିଣାମ**

ନିମ୍ନଲିଖିତ ଶ୍ରେଣୀର ବୀମା ର ମୂଳ ତଥ୍ୟକୁ ବୁଝିବା:

A. ସମ୍ପତ୍ତି/ଅଗ୍ନି ବୀମା

B. ବ୍ୟବସାୟ ବ୍ୟାଘାତ ବୀମା

C. ଚୋରୀ ବୀମା

D. ଅର୍ଥ ବୀମା

E. ବିଶ୍ୱସନୀୟତା/ନିଷ୍ଠା ଗ୍ୟାରେଣ୍ଟି ବୀମା

F. ବ୍ୟାଙ୍କର୍ସ କ୍ଷତିପୂର୍ତ୍ତି ବୀମା

G. ଜୁଏଲର୍ସ ବ୍ଲକ୍ ପଲିସୀ

H. ଇଞ୍ଜିନିୟରିଂ ବୀମା

I. ଔଦ୍ୟୋଗିକ ସମସ୍ତ ସଙ୍କଟ ବୀମା

J. ସାମୁଦ୍ରିକ ବୀମା

K. ଦାୟିତ୍ୱ ବୀମା ପଲିସୀ

ଏହି ଅଧ୍ୟାୟର ଅଧ୍ୟୟନ ପରେ, ଆପଣମାନେ ଆଲୋଚନା କରାଯାଇଥିବା 11 ପ୍ରକାରର ବୀମାର ମହତ୍ୱ ଏବଂ ମୂଳଭୂତ ଉଦ୍ଦେଶ୍ୟକୁ ବୁଝିବାରେ ସମର୍ଥ ହେବେ।

## A. ସମ୍ପତ୍ତି / ଅଗ୍ନି ବୀମା

ବ୍ୟାପାରିକ/ବାଣିଜ୍ୟିକ ଉପକ୍ରମଗୁଡିକୁ ମୂଖ୍ୟତଃ ଦୁଇ ପ୍ରକାରେ ବିଭାଜିତ କରାଯାଏ:

✓ କ୍ଷୁଦ୍ର ଏବଂ ମଧ୍ୟମ ଉପକ୍ରମ ଏଣ୍ଟରପ୍ରାଇଜ୍ [SMEs]

- ଭାରତ ସୂକ୍ଷ୍ମ ପଲିସୀ
- ଭାରତ ଲଘୁ ପଲିସୀ

✓ ବୃହତ୍ ବ୍ୟବସାୟ ଏଣ୍ଟରପ୍ରାଇଜ୍

-ମାନକ ଅଗ୍ନି ଓ ବିଶିଷ୍ଟ ଆପଦ ପଲିସୀ (SFSP), IAR ଇତ୍ୟାଦି ।

ଐତିହାସିକ ରୂପେ, ଏହି ଗ୍ରାହକମାନଙ୍କ ଆବଶ୍ୟକତାଗୁଡିକୁ ପୂରଣ କରିବାକୁ ସାଧାରଣ ବୀମା କ୍ଷେତ୍ର ବ୍ୟାପକରୂପେ ବିକଶିତ ହୋଇଛି ।

ବାଣିଜ୍ୟିକ ଏଣ୍ଟରପ୍ରାଇଜଗୁଡିକୁ ସାଧାରଣ ବୀମା ଉତ୍ପାଦଗୁଡିକର ବିକ୍ରୟ ବୀମା ଉତ୍ପାଦଗୁଡିକର ସେମାନଙ୍କ ଆବଶ୍ୟକତାଗୁଡିକ ସହିତ ସାବଧାନତାପୂର୍ବକ ମେଳ ଆବଶ୍ୟକ କରିଥାଏ । ଅଭିକର୍ତ୍ତାମାନଙ୍କ ପାଖରେ ନିଶ୍ଚିତ ରୂପେ ଉପଲବ୍ଧ ଉତ୍ପାଦଗୁଡିକର ଏକ ଉପଯୁକ୍ତ ବୋଧ ହେବା ଉଚିତ୍ । ଆସନ୍ତୁ ଏହି ସାଧାରଣ ବୀମା ଉତ୍ପାଦଗୁଡିକ ମଧ୍ୟରୁ କେତେକ ବିଷୟରେ ସଂକ୍ଷେପରେ ବିଚାର କରିବା ।

### 1. **ମାନକ ଅଗ୍ନି ଏବଂ ବିଶିଷ୍ଟ ଆପଦ** (SFSP) **ପଲିସୀ**

ଅଗ୍ନି ବୀମା ପଲିସୀ ବାଣିଜ୍ୟିକ ପ୍ରତିଷ୍ଠାନଗୁଡିକ ପାଇଁ ତଥା ସମ୍ପତ୍ତିର ମାଲିକ ପାଇଁ ଉପଯୁକ୍ତ ହୋଇଥାଏ, ଯିଏ ସମ୍ପତ୍ତିକୁ ଟ୍ରଷ୍ଟରେ କିମ୍ବା କମିଶନରେ ଏବଂ ବ୍ୟକ୍ତି/ଆର୍ଥିକ ସଂସ୍ଥାନ ଯେଉଁମାନଙ୍କ ସମ୍ପତ୍ତିରେ ଆର୍ଥିକ ହିତ ରହିଥାଏ, ସେମାନଙ୍କ ପାଇଁ, ଧାରଣ କରିଥାଏ ।

ଏକ ନିର୍ଦ୍ଦିଷ୍ଟ ପରିସରରେ ଅବସ୍ଥିତ ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି, ଯଥା ଗୃହ, କାରଖାନା ଓ ଯନ୍ତ୍ରପାତି, ଫର୍ଣ୍ଣିଚର, ଫିକ୍ସଚର୍ସ, ଫିଟିଙ୍ଗ୍ସ ଓ ଅନ୍ୟ ସବୁ ବସ୍ତୁ, ବିତରକ/ଗ୍ରାହକର ପରିସରରେ ଥିବା ଷ୍ଟକ୍ ସମେତ ଷ୍ଟକ୍ ଓ ପ୍ରକ୍ରିୟାରେ ଥିବା ଷ୍ଟକ୍ ।

ଟ୍ରଷ୍ଟରେ ରଖାଯାଇଥିବା ଷ୍ଟକ୍, ଯଦି ବିଶେଷରୂପେ ଘୋଷିତ ହୋଇଛି, ମରାମତି ପାଇଁ ପରିସରଠାରୁ ଅସ୍ଥାୟୀ ରୂପେ ହଟାଯାଇଥିବା ଯନ୍ତ୍ରପାତିକୁ ବୀମିତ କରାଯାଇପାରେ । ବ୍ୟବସାୟକୁ ଏହାର ସାମାନ୍ୟ ସ୍ଥିତିକୁ ଫେରାଇ ଆଣିବା ପାଇଁ ନଷ୍ଟ ହୋଇଥିବା ସମ୍ପତ୍ତିର ପୁନଃନିର୍ମାଣ ଓ ନୂତନୀକରଣ ପାଇଁ ଆର୍ଥିକ ରିଲିଫ୍ ଆବଶ୍ୟକ ଅଟେ । ଏହା ଏଇଠି ହୋଇଥାଏ ଯେ ଅଗ୍ନି ବୀମା ଏହାର ଭୂମିକା ଗ୍ରହଣ କରିଥାଏ ।

### 1.1. **ମାନକ ଅଗ୍ନି ପଲିସୀ କ'ଣ ସୁରକ୍ଷା ଦେଇଥାଏ**?

କେତେକ ଅଗ୍ନି ପଲିସୀ (ପୂର୍ବର ସମସ୍ତ ଭାରତ ଅଗ୍ନି ଟ୍ୟାରିଫ୍ ଅନୁସାରେ) ଦ୍ୱାରା ପାରମ୍ପରିକ ରୂପେ ସୁରକ୍ଷା ପ୍ରାପ୍ତ ଆପଦଗୁଡିକ ମଧ୍ୟରୁ କେତେକ ବିଷୟରେ ନିମ୍ନରେ ଆଲୋଚନା କରାଯାଇଛି ।

ବାଣିଜ୍ୟିକ ସଙ୍କଟଗୁଡିକ ପାଇଁ ଅଗ୍ନି ପଲିସୀ ନିମ୍ନଗୁଡିକର ଆପଦକୁ ସୁରକ୍ଷା ପ୍ରଦାନ କରେ:

✓ ନିଆଁ

- ✓ ବିଜୁଳି
- ✓ ବିସ୍ଫୋରଣ/ଫାଟିବା
- ✓ ଡଙ୍ଗା, ଷ୍ଟ୍ରାଇକ୍ ଏବଂ ହାନିକାରକ କ୍ଷତି
- ✓ ପ୍ରଭାବୀ ହାନି (Impact Damage)
- ✓ ବିମାନଜନିତ କ୍ଷତି
- ✓ ଝଡ଼, ତୋଫାନ, ବାତ୍ୟା, ଟାଇଫୁନ୍, ଝଞ୍ଜାବାତ, ଜଳସ୍ତମ୍ଭ, ବନ୍ୟା ଏବଂ ଜଳପ୍ଲାବନ
- ✓ ପଥର ଖସିବା ସହିତ ଅବତଳନ ଓ ଭୂ-ସ୍ଖଳନ
- ✓ ପାଣି ଟାଙ୍କି, ଉପକରଣ ଏବଂ ପାଇପ୍ ଫାଟିବା ଓ ପାଣି ବହିବା
- ✓ ମିସାଇଲ ପରୀକ୍ଷଣ କାର୍ଯ୍ୟକଳାପ
- ✓ ସ୍ୱୟଂଚାଳିତ ସ୍ପ୍ରିଙ୍କଲର୍ ପ୍ରତିଷ୍ଠାପନ ଠାରୁ ପାଣି ଝରିବା
- ✓ ବୁଦା ନିଆଁ

ଦୁଇଟି ମହତ୍ୱପୂର୍ଣ୍ଣ ବିଶେଷତା ଅଛି ଯାହା ବାଣିଜ୍ୟିକ ବୀମାକୁ ବୈୟକ୍ତିକ ଓ ଖୁଚୁରା ଶ୍ରେଣୀ ଠାରୁ ଭିନ୍ନ କରିଥାଏ ।

a) ଫାର୍ମ କିମ୍ବା ବ୍ୟବସାୟ ଏଣ୍ଟରପ୍ରାଇଜ୍ ଗୁଡିକର ବୀମା ଆବଶ୍ୟକତା ବ୍ୟକ୍ତିମାନଙ୍କ ଠାରୁ ଅତି ଅଧିକ ହୋଇଥାଏ । କାରଣଟି ହେଉଛି ଯେ ଏକ ବାଣିଜ୍ୟିକ ଏଣ୍ଟରପ୍ରାଇଜ୍ ର ସମ୍ପତ୍ତିର ମୂଲ୍ୟ ଏକ ବ୍ୟକ୍ତିର ସମ୍ପତ୍ତିର ମୂଲ୍ୟଠାରୁ ଅତି ଅଧିକ ହୋଇଥାଏ । ସେମାନଙ୍କ ହାନି କିମ୍ବା କ୍ଷତି କମ୍ପାନୀର ତିଷ୍ଠିବା ଓ ଭବିଷ୍ୟତ ଉପରେ ପ୍ରତିକୂଳ ରୂପେ ପ୍ରଭାବ ପକାଇପାରେ ।

b) ବାଣିଜ୍ୟିକ ଏଣ୍ଟରପ୍ରାଇଜର ବୀମା ପାଇଁ ଦାବୀକୁ ଅନେକ ସମୟରେ ଶାସନାଦେଶ ଦିଆଯାଇଥାଏ କିମ୍ବା ବୈଧିକ କିମ୍ବା ଅନ୍ୟାନ୍ୟ ଆବଶ୍ୟକତା ଦ୍ୱାରା ଆବଶ୍ୟକ କରାଯାଇ ଥାଏ । ଉଦାହରଣ ସ୍ୱରୂପ, ଯେତେବେଳେ କାରଖାନା ଓ ସମ୍ପତ୍ତିସବୁକୁ ଏକ ବ୍ୟାଙ୍କ ଋଣ ଦ୍ୱାରା ସ୍ଥାପିତ କରାଯାଏ, ସେମାନଙ୍କ ବୀମା ଋଣ ପାଇଁ ଏକ ସର୍ତ୍ତ ହୋଇପାରେ । ଭାରତରେ ଅନେକ କର୍ପୋରେଟ୍ ଏଣ୍ଟରପ୍ରାଇଜ୍ ବ୍ୟବସାୟିକରୂପେ ଚଳାଯାଉଥିବା କମ୍ପାନୀ ଅଟନ୍ତି ଏବଂ ସେମାନଙ୍କ ମଧ୍ୟରୁ ଅନେକ ବହୁଦେଶୀୟ ଅଟନ୍ତି ।

   ସେମାନଙ୍କ ସମ୍ପତ୍ତିସବୁକୁ ସୁରକ୍ଷା ଦେବା ପାଇଁ ଯଥାର୍ଥ ସଙ୍କଟ ପ୍ରବନ୍ଧନ ପଦ୍ଧତି ଓ ବୀମାର ଗ୍ରାହ୍ୟତାକୁ ଅନ୍ତର୍ଭୁକ୍ତ କରି, ବୈଶ୍ୱିକ ଗୁଣବତ୍ତା ମାନକ ବଜାୟ ରଖିବା ସେମାନଙ୍କ ପାଇଁ ଆବଶ୍ୟକ ହୋଇପାରେ ।

ଉପରୋକ୍ତ ଆପଦଗୁଡିକ ମଧ୍ୟରୁ ଉପନ୍ନ ହେଉଥିବା କୌଣସି ହାନିକୁ କେତେକ ଅପବର୍ଜନ ଅନ୍ତର୍ଗତ ପଲିସୀଦ୍ୱାରା ସୁରକ୍ଷା ପ୍ରଦାନ କରାଯାଇଥାଏ ।

1.2.**ସଂଶୋଧିତ ମାନକ ଅଗ୍ନି ଏବଂ ବିଶିଷ୍ଟ ଆପଦ (**SFSP) **ପଲିସୀ**:

ଆଇ.ଆର.ଡି.ଏ.ଆଇ. 1 ଅପ୍ରେଲ, 2021 ଠାରୁ ପ୍ରଭାବୀ ରୂପେ ମାର୍ଗଦର୍ଶିକା ଜାରୀ କରିଛି ଯାହାଦ୍ୱାରା ନିମ୍ନରେ ଦିଆଯାଇଥିବା ସଙ୍କଟଗୁଡିକ ପାଇଁ ମାନକ ଅଗ୍ନି ଏବଂ ବିଶିଷ୍ଟ ଆପଦ (SFSP) ପଲିସୀକୁ ନିମ୍ନଲିଖିତ ଦୁଇଟି ମାନକ

ଉତ୍ପାଦ ଦ୍ଵାରା ପ୍ରତିସ୍ଥାପିତ କରାଯିବ ଯାହାକୁ ଅଗ୍ନି ଓ ସମବର୍ଗୀୟ ଆପଦ ବୀମା ବ୍ୟବସାୟ ଚାଲୁ ରଖିଥିବା ସମସ୍ତ ସାଧାରଣ ବୀମାକର୍ତ୍ତା ଦ୍ଵାରା ଅନିବାର୍ଯ୍ୟରୂପେ ପ୍ରଦାନ କରାଯିବ ।

i. ଭାରତ ସୂକ୍ଷ୍ମ ଉଦ୍ୟମ ସୁରକ୍ଷା (ସେହି ଉପକ୍ରମଗୁଡିକ ପାଇଁ ଉଦ୍ଦିଷ୍ଟ ଯେଉଁଠି ସଙ୍କଟର ମୋଟ ମୂଲ୍ୟ ଟ. 5 କୋଟି ପର୍ଯ୍ୟନ୍ତ ହୋଇଥାଏ)- MSME ମାନଙ୍କ ଆର୍ଥିକ ସୁରକ୍ଷା ପାଇଁ ପରିକଳ୍ପିତ ।

ଏହି ପଲିସୀ ଉପକ୍ରମଟିର ଘର/ସଂରଚନା, କାରଖାନା ଓ ଯନ୍ତ୍ରପାତି, ଷ୍ଟକ୍ ଏବଂ ଅନ୍ୟାନ୍ୟ ସମ୍ପତ୍ତି ପାଇଁ ସୁରକ୍ଷା ପ୍ରଦାନ କରେ ଯେଉଁଠି ଗୋଟିଏ ସ୍ଥାନରେ ସମସ୍ତ ବୀମାଯୋଗ୍ୟ ସମ୍ପତ୍ତି ଶ୍ରେଣୀ ମଧ୍ୟରେ ସଙ୍କଟର ମୋଟ ମୂଲ୍ୟ ଟ. 5 କୋଟି ପର୍ଯ୍ୟନ୍ତ ହୋଇଥାଏ । ଏହି ପଲିସୀ ଏକ ବ୍ୟାପକ ଶ୍ରେଣୀର ଆପଦଗୁଡିକ ବିରୁଦ୍ଧରେ ମଧ୍ୟ ସୁରକ୍ଷା ପ୍ରଦାନ କରିଥାଏ, ଯାହା ଆବାସଗୁଡିକ ପାଇଁ ଉଦ୍ଦିଷ୍ଟ ପଲିସୀ ସହିତ ଅତ୍ୟନ୍ତ ସମାନ ହୋଇଥାଏ ।

ପଲିସୀଟିରେ ମୂଳଭୂତ ବୀମା ସୁରକ୍ଷା ଅତିରିକ୍ତ ଅନେକ ଅନ୍ତର୍ନିର୍ମିତ ସୁରକ୍ଷା ଅଛି-ପରିବର୍ତ୍ତନ, ସମାୟୋଜନ କିମ୍ବା ବିସ୍ତାରଣ ପାଇଁ ସୁରକ୍ଷା, ଏକ ଫ୍ଲୋଟର୍ ଆଧାରରେ ଷ୍ଟକ୍ ପାଇଁ ସୁରକ୍ଷା, ଷ୍ଟକ୍ ଗୁଡିକର ଅସ୍ଥାୟୀ ନିଷ୍କାସନ ପାଇଁ ସୁରକ୍ଷା, ବିଶେଷବସ୍ତୁଗୁଡିକ ପାଇଁ ସୁରକ୍ଷା, (ଏକ ହାନି ପରେ) ଆରମ୍ଭର ଖର୍ଚ୍ଚ ପାଇଁ ସୁରକ୍ଷା, ବାସ୍ତୁଶିଳ୍ପୀ, ସର୍ବେକ୍ଷକ ଓ ପରାମର୍ଶଦାତା ଇଞ୍ଜିନିୟରମାନଙ୍କ ପାଇଁ ବ୍ୟବସାୟିକ ଶୁଳ୍କର ପ୍ରଦାନ ପାଇଁ ସୁରକ୍ଷା, ଭଗ୍ନାବଶେଷ ର ନିଷ୍କାସନ ପାଇଁ ମୂଲ୍ୟ ଏବଂ ମ୍ୟୁନିସିପାଲ ବିନିୟମନ ଦ୍ଵାରା ବାଧ୍ୟ କରାଯାଇଥିବା ମୂଲ୍ୟ ।

ପଲିସୀଟିକୁ ସୂକ୍ଷ୍ମ ସ୍ତରର ଉପକ୍ରମ ଯଥା ଅଫିସ୍, ହୋଟେଲ, ଉଦ୍ୟୋଗ, ସଂଚୟନ ସଙ୍କଟ ଓ ଏଭଳି ଅନ୍ୟଗୁଡିକ ଦ୍ଵାରା ନିଆଯାଇପାରେ । 15% ପର୍ଯ୍ୟନ୍ତ ପଲିସୀ ଅଧୋବୀମା(Under insurance) କୁ ମାଫ କରାଯାଏ । ଭାରତ ସୂକ୍ଷ୍ମ ଉଦ୍ୟମ ପଲିସୀଗୁଡିକ ପୃଷ୍ଠାଙ୍କନ ସାହାଯ୍ୟରେ ପଲିସୀ ଅବଧି ସମୟରେ ବୀମା ରାଶିରେ ବୃଦ୍ଧିର ସ୍ଵୀକୃତି ଦିଅନ୍ତି ।

ii. ଭାରତ ଲଘୁ ଉଦ୍ୟମ ସୁରକ୍ଷା (ସେହି ଉପକ୍ରମଗୁଡିକ ପାଇଁ ଉଦ୍ଦିଷ୍ଟ ଯେଉଁଠି ସଙ୍କଟର ମୋଟ ମୂଲ୍ୟ ଟ.5 କୋଟିଠାରୁ ଅଧିକ ଓ ଟ.50 କୋଟି ପର୍ଯ୍ୟନ୍ତ ହୋଇଥାଏ) - ମାନଙ୍କ ଆର୍ଥିକ ସୁରକ୍ଷା ପାଇଁ ପରିକଳ୍ପିତ ।

ଏହି ପଲିସୀ ଉପକ୍ରମଟିର ଘର/ସଂରଚନା, କାରଖାନା ଓ ଯନ୍ତ୍ରପାତି, ଷ୍ଟକ୍ ଏବଂ ଅନ୍ୟାନ୍ୟ ସମ୍ପତ୍ତି ପାଇଁ ସୁରକ୍ଷା ପ୍ରଦାନ କରେ ଯେଉଁଠି ଗୋଟିଏ ସ୍ଥାନରେ ସମସ୍ତ ବୀମାଯୋଗ୍ୟ ସମ୍ପତ୍ତି ଶ୍ରେଣୀ ମଧ୍ୟରେ ସଙ୍କଟର ମୋଟ ମୂଲ୍ୟ ପଲିସୀ ଆରମ୍ଭ ତାରିଖରେ ଟ. 5 କୋଟିଠାରୁ ଅଧିକ ହୋଇଥାଏ କିନ୍ତୁ ଟ. 50 କୋଟିଠାରୁ ଅଧିକ ହୋଇ ନ ଥାଏ । ଏହି ପଲିସୀରେ ଉପରେ ଉଲ୍ଲିଖିତ ସୂକ୍ଷ୍ମ ସ୍ତରୀୟ ଉପକ୍ରମଗୁଡିକ ପାଇଁ ପଲିସୀ ଦ୍ଵାରା ପ୍ରଦାନ କରାଯାଉଥିବା ସମସ୍ତ ଅନ୍ତର୍ନିର୍ମିତ ସୁରକ୍ଷା ମଧ୍ୟ ଥାଏ । ସେହିସବୁ ଆପଦ ଯାହା ବିରୁଦ୍ଧରେ ବୀମା ପ୍ରଦାନ କରାଯାଇଥାଏ, ସେଗୁଡିକ ସୂକ୍ଷ୍ମ ସ୍ତରୀୟ ଉପକ୍ରମ ପାଇଁ ଉଦ୍ଦିଷ୍ଟ ପଲିସୀ ସହିତ ସମାନ ବି ହୋଇଥାନ୍ତି ।

ପଲିସୀଟିକୁ, ପୁନଶ୍ଚ,ଅଫିସ୍, ହୋଟେଲ, ଉଦ୍ୟୋଗ, ସଂଚୟନ ସଙ୍କଟ ଏବଂ ଏହି ଭଳି ଅନ୍ୟାନ୍ୟ ସମସ୍ତ ପ୍ରକାରର ସଙ୍କଟ ଦ୍ଵାରା ନିଆ ଯାଇପାରେ । ଭାରତ ଲଘୁ ଉଦ୍ୟମ ପଲିସୀଗୁଡିକ ପୃଷ୍ଠାଙ୍କନ ସାହାଯ୍ୟରେ ପଲିସୀ ଅବଧିରେ ବୀମା ରାଶିରେ ବୃଦ୍ଧିର ସ୍ଵୀକୃତି ଦିଅନ୍ତି ।

iii. ଅଗ୍ନି ପଲିସୀ ଅନ୍ତର୍ଗତ ଅପବର୍ଜନ

ବୀମାକର୍ତ୍ତାମାନେ ସାଧାରଣତଃ ଅଗ୍ନି ପଲିସୀଗୁଡିକର ସୀମାଠାରୁ ନିମ୍ନଗୁଡିକୁ ବହିର୍ଭୂତ କରିଥାନ୍ତି ।

ନିମ୍ନ ଭଳି ପ୍ରତ୍ୟାଶିତ ଆପଦଗୁଡିକ ଯୋଗୁଁ ହୋଇଥିବା ହାନି

i. ଯୁଦ୍ଧ କିମ୍ବା ଯୁଦ୍ଧ ଭଳି କାର୍ଯ୍ୟକଳାପ

ii. ପାରମାଣବିକ ଆପଦ

iii. ଆୟନୀକରଣ ଓ ବିକିରଣ

iv. ପ୍ରଦୂଷଣ ଓ ସଂକ୍ରମଣ ହାନି

**ସେହି ଆପଦ ଯେଉଁଗୁଡିକୁ ସାଧାରଣ ବୀମାରେ ଅନ୍ୟାନ୍ୟ ପଲିସୀ ଦ୍ୱାରା ସୁରକ୍ଷା ପ୍ରଦାନ କରାଯାଏ**

i. ଯନ୍ତ୍ରପାତି ଅଚଳତା

ii. ବ୍ୟବସାୟ ବ୍ୟାଘାତ/ଅଭହ୍ରାସ

iv. **ଆଡ୍-ଅନ୍ ସୁରକ୍ଷା**

ଅବଶ୍ୟ କେତେକ ଆପଦକୁ ଅତିରିକ୍ତ ପ୍ରିମିୟମର ପ୍ରଦାନ ଦ୍ୱାରା ସୁରକ୍ଷା ଦିଆଯାଇ ପାରେ ଯେପରିକି ଭୂମିକମ୍ପ, ନିଆଁ ଓ ଝଟକା; ବୀମିତ ଆପଦର ପରିଣାମରେ ବିଜୁଳୀ ବ୍ୟାଘାତ ପରେ ଶୀତଳ ଭଣ୍ଡାରରେ ଷ୍ଟକ୍ ର ଅବକ୍ଷୟ, ଅବଶେଷର ନିଷ୍କାସନରେ ସଂପୃକ୍ତ ଅତିରିକ୍ତ ଖର୍ଚ୍ଚ, ପଲିସୀ ଦ୍ୱାରା ସୁରକ୍ଷା ପ୍ରାପ୍ତ ରାଶିଠାରୁ ଉପରେ ଓ ଉର୍ଦ୍ଧ୍ୱରେ ବାସ୍ତୁଶିଳ୍ପୀ, ପରାମର୍ଶଦାତା ଇଞ୍ଜିନିୟରଙ୍କ ଶୁଳ୍କ, ଜଙ୍ଗଲ ନିଆଁ, ନିଜ ବାହନ କାରଣରୁ ହୋଇଥିବା ସ୍ୱତଃସ୍ଫୂର୍ତ୍ତ ଦହନ ଓ ପ୍ରଭାବୀ କ୍ଷତି; ଆତଙ୍କବାଦ ।

v. **ଅଗ୍ନି ପଲିସୀର ବିବିଧ ପ୍ରକାର**

ଅଗ୍ନି ପଲିସୀଗୁଡିକୁ ସାଧାରଣତଃ 12 ମାସର ଅବଧି ପାଇଁ ଜାରୀ କରାଯାଏ । କେବଳ ଆବାସଗୁଡିକ ପାଇଁ, ବୀମା କମ୍ପାନୀମାନେ ଦୀର୍ଘାବଧି ପଲିସୀ, ଅର୍ଥାତ୍ 12 ମାସଠାରୁ ଅଧିକ ସମୟାବଧି ପାଇଁ ପ୍ରଦାନ କରିଥାନ୍ତି । କେତେକ କ୍ଷେତ୍ରରେ ଅଳ୍ପାବଧି ପଲିସୀଗୁଡିକ ମଧ୍ୟ ଜାରୀ କରାଯାଏ, ଯେଉଁଥି ପାଇଁ ଅଳ୍ପାବଧି ମାପକଗୁଡିକ ପ୍ରଯୁଜ୍ୟ ହୋଇଥାନ୍ତି ।

b. ବଜାର ମୂଲ୍ୟ ଏବଂ ପୁନଃସ୍ଥାପନ ମୂଲ୍ୟ ପଲିସୀ: ଏକ ହାନିର ଘଟଣାରେ, ବୀମାକର୍ତ୍ତା ସାଧାରଣତଃ ବଜାର ମୂଲ୍ୟକୁ ପ୍ରଦାନ କରିପାରେ [ଯାହା ମୂଲ୍ୟହ୍ରାସ ହୋଇଥିବା ମୂଲ୍ୟ ହୋଇଥାଏ] । ପୁନଃସ୍ଥାପନ ମୂଲ୍ୟ ପଲିସୀ ଅନ୍ତର୍ଗତ, ସମାନ ପ୍ରକାରର ନୂଆ ସମ୍ପତ୍ତି ଦ୍ୱାରା, କ୍ଷତିଗ୍ରସ୍ତ ସମ୍ପତ୍ତିର ପୁନଃସ୍ଥାପନ ମୂଲ୍ୟକୁ ପ୍ରଦାନ କରିପାରନ୍ତି ।

   ପୁନଃସ୍ଥାପନ ମୂଲ୍ୟ ପଲିସୀଗୁଡିକୁ ଘର, କାରଖାନା, ଯନ୍ତ୍ରପାତି ଓ ଫର୍ଣ୍ଣିଚର, ଫିକ୍ସଚର, ଫିଟିଙ୍ଗ୍ସ କୁ ସୁରକ୍ଷା ଦେବା ପାଇଁ ଜାରୀ କରାଯାଏ । ପୁନଃସ୍ଥାପନ ମୂଲ୍ୟ ପଲିସୀଗୁଡିକୁ ସେହି ଷ୍ଟକ୍ ଗୁଡିକୁ ସୁରକ୍ଷା ଦେବା ପାଇଁ ଜାରୀ କରାଯାଇ ନ ଥାଏ, ଯେଉଁସବୁକୁ ସାଧାରଣତଃ ବଜାର ମୂଲ୍ୟ ଆଧାରରେ ସୁରକ୍ଷା ଦିଆଯାଇଥାଏ ।

c. ଘୋଷଣା ପତ୍ର ଭିତ୍ତିକ ପଲିସୀ: ଗୋଦାମରେ ଥିବା ଷ୍ଟକ୍ ଗୁଡିକର ମୂଲ୍ୟରେ ବାରମ୍ବାର ପରିବର୍ତ୍ତନକୁ ଧ୍ୟାନ ରଖିବା ପାଇଁ, କେତେକ ସର୍ତ୍ତ ଅନ୍ତର୍ଗତ ଘୋଷଣାପତ୍ର ପଲିସୀର ମଞ୍ଜୁରୀ ଦିଆଯାଏ । ବୀମା ରାଶି ସର୍ବାଧିକ ମୂଲ୍ୟ ହେବା ଉଚିତ୍ ଯାହାକୁ ପଲିସୀ ସମୟାବଧିରେ ଗୋଦାମରେ ରଖାଯିବାର ଆଶା କରାଯାଏ । ଏକ ମୂଲ୍ୟ ଉପରେ ଏକ ଅନନ୍ତିମ ପ୍ରିମିୟମ ଲାଗୁ କରାଯାଏ । ବୀମିତକୁ, ପଲିସୀ ଚାଲୁ ରହିଥିବା ସମୟରେ, ସମ୍ମତ ଅନ୍ତରାଳରେ, ତାର ଷ୍ଟକ୍ ଗୁଡିକର ମୂଲ୍ୟର ଘୋଷଣା କରିବାକୁ ପଡ଼ିଥାଏ । ଏହା ପଲିସୀ ଅବଧିର ଶେଷରେ ପ୍ରିମିୟମ ସହିତ ସମାୟୋଜନୀୟ ହୋଇଥାଏ ।

d. ଫ୍ଲୋଟର୍ ପଲିସୀ: ଫ୍ଲୋଟର୍ ପଲିସୀଗୁଡିକ ସେହି ଜିନିଷପତ୍ରର ଷ୍ଟକ୍ ପାଇଁ ଜାରୀ କରାଯାଏ ଯାହାକୁ ଗୋଟିଏ ବୀମା ରାଶି ଅନ୍ତର୍ଗତ ବିଭିନ୍ନ ବିନିର୍ଦ୍ଦିଷ୍ଟ ସ୍ଥାନରେ ଗଚ୍ଛିତ କରି ରଖାଯାଇଥାଏ । ଅବିନିର୍ଦ୍ଦିଷ୍ଟ ସ୍ଥାନଗୁଡିକୁ ସୁରକ୍ଷା ପ୍ରଦାନ କରାଯାଇ ନ ଥାଏ । ପ୍ରିମିୟମ ହାରଟି କୌଣସି ଗୋଟିଏ ସ୍ଥାନରେ ବୀମାତର ଷ୍ଟକ୍ ଗୁଡିକ ପାଇଁ ପ୍ରଯୁଜ୍ୟ 10% ର

ଲୋଡିଙ୍ଗ୍ ସହିତ ସର୍ବାଧିକ ହାର ହୋଇଥାଏ । ଏଗୁଡିକୁ ଅଗ୍ନି ଫ୍ଲୋଟର୍ ପଲିସୀ ବି କୁହାଯାଇଥାଏ ଯେହେତୁ ବୀମା ରାଶି ଅନେକ ଗୁଡିଏ ସ୍ଥାନରେ 'ଫ୍ଲୋଟ୍ (ଗତି)' କରୁଥାଏ ।

**vi. ପ୍ରିମିୟମ ନିର୍ଦ୍ଧାରଣ ନିର୍ଭର କରେ:**

a) ଦଖଲର/ବ୍ୟବହାରର ପ୍ରକାର, ଔଦ୍ୟୋଗିକ ହୋଇଥାଉ କିମ୍ବା ଅନ୍ୟ କିଛି ।

b) ଏକ ଔଦ୍ୟୋଗିକ ପରିସରରେ ଅବସ୍ଥିତ ସମସ୍ତ ସମ୍ପତ୍ତି ଉପରେ, ପ୍ରସ୍ତୁତ କରାଯାଇଥିବା ଉତ୍ପାଦ (ଗୁଡିକ) ଆଧାରରେ ଗୋଟିଏ ଦର ଲାଗୁ କରାଯିବ ।

c) ଔଦ୍ୟୋଗିକ ପରିସର ବାହାରର ସୁବିଧାଗୁଡିକ ଉପରେ, ବିଶେଷ ସ୍ଥାନରେ ଦଖଲର ସ୍ୱରୂପ ଆଧାରରେ ମୂଲ୍ୟ ନିର୍ଦ୍ଧାରଣ କରାଯିବ ।

d) ସଂଚୟନ କ୍ଷେତ୍ରଗୁଡିକର ମୂଲ୍ୟକୁ ଧାରଣ କରାଯାଇଥିବା ଜିନିଷର ବିପତ୍ତି ପୂର୍ଣ୍ଣ ସ୍ୱରୂପ ଆଧାରରେ ନିର୍ଦ୍ଧାରଣ କରାଯିବ ।

e) "ଆଡ୍-ଅନ୍" ସୁରକ୍ଷାଗୁଡିକୁ ଅନ୍ତର୍ଭୁକ୍ତ କରିବା ପାଇଁ ଅତିରିକ୍ତ ପ୍ରିମିୟମ ଲାଗୁ କରାଯାଏ ।

f) ଦାବୀ ଇତିହାସ ଏବଂ ପରିସରରେ ଯୋଗାଇ ଦିଆଯାଇଥିବା ନିଆଁ ସୁରକ୍ଷା ସୁବିଧା ଆଧାରରେ ପ୍ରିମିୟମରେ ଛାଡ଼ ଦିଆଯାଏ ।

g) ଜଣେ ପ୍ରିମିୟମରେ ହ୍ରାସ ପାଇଁ ଦଙ୍ଗା, ଷ୍ଟ୍ରାଇକ୍, ହାନିକାରକ କ୍ଷତି ସୁରକ୍ଷା ଏବଂ ବନ୍ୟା ସମୂହ ଆପଦଗୁଡିକ ମଧ୍ୟରୁ ବି ଚୟନ କରିପାରେ ।

ମୂଲ୍ୟ ନିର୍ଦ୍ଧାରଣ ଶୈଳୀ ପୁଣି ବୀମାକର୍ତ୍ତା ବୀମାକର୍ତ୍ତା ମଧ୍ୟରେ ଭିନ୍ନ ଭିନ୍ନ ହୋଇପାରେ ।

**ସ୍ୱୟଂ ପରୀକ୍ଷା କରନ୍ତୁ 1**

ବାଣିଜ୍ୟିକ ସଙ୍କଟଗୁଡିକ ପାଇଁ ଏକ ଅଗ୍ନି ପଲିସୀ ___________ ର ଆପଦକୁ ସୁରକ୍ଷା ଦିଏ

I. ରାଜପଥରେ ଜଳି ଯାଉଥିବା ବାହନ

II. ଜାହାଜରେ ନିଆଁ

III. କାରଖାନାରେ ବିସ୍ଫୋରଣ

IV. ନିଆଁଯୋଗୁଁ ହସ୍ପିଟାଲାଇଜେଶନ୍

## B. ବ୍ୟବସାୟ ବ୍ୟାଘାତ ବୀମା

ବ୍ୟବସାୟ ବ୍ୟାଘାତ ବୀମାକୁ ପରିଣାମଜନିତ ହାନି ବୀମା କିମ୍ବା ଲାଭର ହାନି ବୀମା ମଧ୍ୟ କୁହାଯାଏ ।

ଅଗ୍ନି ବୀମା ବୀମିତ ଆପଦ ଦ୍ୱାରା ଘର, କାରଖାନା, ଯନ୍ତ୍ରପାତି ଫିକ୍ସଚର୍ସ, ଫିଟିଙ୍ଗ୍ସ, ବ୍ୟାପାରିକ ବସ୍ତୁ, ଇତ୍ୟାଦି ଆକ୍ରାନ୍ତ ହୋଇଥିବା ବସ୍ତୁ କିମ୍ବା ସମ୍ପତି କ୍ଷତି କିମ୍ବା ହାନି ବରୁଦ୍ଧରେ କ୍ଷତିପୂର୍ତ୍ତି ପ୍ରଦାନ କରେ । ଏହାର ପରିଣାମ ବୀମିତର ବ୍ୟବସାୟରେ ସଂପୂର୍ଣ୍ଣ କିମ୍ବା ଆଂଶିକ ବ୍ୟାଘାତ ହୋଇପାରେ, ଯାହା ଫଳରେ ବ୍ୟାଘାତ ସମୟାବଧିରେ ବିଭିନ୍ନ ହାନି ହୋଇପାରେ ।

**ବ୍ୟବସାୟ ବ୍ୟାଘାତ ପଲିସୀ ଅନ୍ତର୍ଗତ ବୀମା ସୁରକ୍ଷା**

ପରିଣାମଜନିତ ହାନି (CL) ପଲିସୀ [ ବ୍ୟବସାୟ ବ୍ୟାଘାତ(BI)] ସେହି ହାନି ପାଇଁ କ୍ଷତିପୂର୍ତ୍ତି ପ୍ରଦାନ କରେ ଯାହାକୁ ମୋଟ ଲାଭ କୁହାଯାଏ-ଯେଉଁଥିରେ ଅନ୍ତର୍ଭୁକ୍ତ ହୁଏ ନେଟ୍ ଲାଭ ଯୋଗ ସ୍ଥାୟୀ ଚାର୍ଜ ଏବଂ ଏହା ସହିତ ଅନ୍ତିମ ହାନିକୁ ଯେତେ ଶୀଘ୍ର ସମ୍ଭବ କମ୍ କରିବା ପାଇଁ, ବ୍ୟବସାୟକୁ ସାଧାରଣ ଅବସ୍ଥାକୁ ଫେରାଇ ଆଣିବା ପାଇଁ ବୀମିତ ଦ୍ୱାରା ହୋଇଥିବା କାର୍ଯ୍ୟ କରିବାର ବର୍ଦ୍ଧିତ ଖର୍ଚ୍ଚ । ସୁରକ୍ଷା ପ୍ରଦାନ କରାଯାଇଥିବା ଆପଦ ଏବଂ ସର୍ତ୍ତଗୁଡିକ ଅଗ୍ନି ପଲିସୀ ଅନ୍ତର୍ଗତ ସୁରକ୍ଷା ପ୍ରଦାନ କରାଯାଇଥିବା ଭଳି ସମାନ ଅଟେ ।

**ଉଦାହରଣ**

ଯଦି ଏକ ଅଗ୍ନିକାଣ୍ଡର ପରିଣାମ କାର ନିର୍ମାତା କାରଖାନାର ହାନି ହୋଇଥାଏ, ଉତ୍ପାଦନ ହାନିର ପରିଣାମ ନିର୍ମାତାର ଆୟର ହାନି ହେବ । ଆୟର ଏହି ହାନି ଏବଂ ତା'ସହିତ ହୋଇଥିବା ଅତିରିକ୍ତ ବ୍ୟୟକୁ ବୀମିତ କରାଯାଇପାରେ ଯଦି ଏହା ଏକ ବୀମିତ ଆପଦଠାରୁ ଉତ୍ପନ୍ନ ହୋଇଥାଏ ।

---

ଏହି ପଲିସୀଟି କେବଳ ମାନକ ଅଗ୍ନି ଏବଂ ବିଶିଷ୍ଟ ଆପଦ ପଲିସୀ ସହିତ ସଂଯୋଜନରେ ନିଆଯାଇପାରେ ଯେହେତୁ ଏହି ପଲିସୀ ଅନ୍ତର୍ଗତ ଦାବୀଗୁଡିକ ସ୍ୱୀକାର୍ଯ୍ୟ ହୁଏ ଯଦି ମାନକ ଅଗ୍ନି ଏବଂ ବିଶିଷ୍ଟ ଆପଦ ପଲିସୀ ଅନ୍ତର୍ଗତ ଏକ ଦାବୀ କରାଯାଇଥାଏ ।

**ସ୍ୱୟଂ ପରୀକ୍ଷା କରନ୍ତୁ 2**

ଏକ ବ୍ୟବସାୟ ବ୍ୟାଘାତ ବୀମା ପଲିସୀକୁ କେବଳ ___________ ସହିତ ସଂଯୋଜନ କରି ନିଆ ଯାଇପାରେ ।

I. ମାନକ ଅଗ୍ନି ଏବଂ ବିଶିଷ୍ଟ ଆପଦ ବୀମା ପଲିସୀ

II. ମାନକ ସାମୁଦ୍ରିକ ବୀମା ପଲିସୀ

III. ମାନକ ମୋଟର ବୀମା ପଲିସୀ

IV. ମାନକ ସ୍ୱାସ୍ଥ୍ୟ ବୀମା ପଲିସୀ

---

## C. ଚୋରୀ ବୀମା

ଏହି ପଲିସୀଟି କାରଖାନା, ଦୋକାନ, ଅଫିସ୍, ମାଲ ଗୋଦାମ ଏବଂ ଗୋଦାମ ଭଳି ବ୍ୟବସାୟ ପରିସର ପାଇଁ ଉଦ୍ଦିଷ୍ଟ ଅଟେ ଯେଉଁଥିରେ ଷ୍ଟକ୍, ଜିନିଷ, ଫର୍ଣ୍ଣିଚର ଫକ୍ସଚର୍ସ ଏବଂ ଏକ ତାଲା ବନ୍ଦ ଆଲମାରୀରେ ନଗଦ ଥାଏ, ଯାହାକୁ ଚୋରୀ କରାଯାଇପାରେ । ସୁରକ୍ଷାର ସୀମାକୁ ପଲିସୀରେ ସ୍ପଷ୍ଟରୂପେ ପ୍ରକାଶ କରାଯାଇଥାଏ ।

**ଚୋରୀ ବୀମା ଅନ୍ତର୍ଗତ ସୁରକ୍ଷାପ୍ରାପ୍ତ ସଙ୍କଟ**

a) ପରିସର ମଧ୍ୟକୁ ବାସ୍ତବ ବଳପୂର୍ବକ ଓ ହିଂସୁକ ପ୍ରବେଶ ପରେ ହୋଇଥିବା ସମ୍ପତ୍ତିର ହାନି ଯାହା ପରେ ପରିସର ଠାରୁ ବାସ୍ତବ, ବଳପୂର୍ବକ ଏବଂ ହିଂସୁକ ପ୍ରସ୍ଥାନ କିମ୍ବା ରହିଯିବା ।

b) ଚୋରମାନଙ୍କ ଦ୍ଵାରା ବୀମିତ ସମ୍ପତ୍ତି କିମ୍ବା ପରିସରର କ୍ଷତି । ବୀମିତ ସମ୍ପତ୍ତିକୁ କେବଳ ସେତେବେଳେ ସୁରକ୍ଷା ଦିଆଯାଏ ଯେତେବେଳେ ଏହାର ହାନି ବୀମିତ ପରିସର ମଧ୍ୟରୁ ହୋଇଥାଏ ଏବଂ ଅନ୍ୟ କୌଣସି ପରିସର ଠାରୁ ନୁହଁ ।

**ନଗଦ ସୁରକ୍ଷା:** ଚୋରୀ ସୁରକ୍ଷାର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ ହେଉଛି ନଗଦ ସୁରକ୍ଷା । ଏହା କାର୍ଯ୍ୟକରେ କେବଳ ସେତେବେଳେ ଯେତେବେଳେ ନଗଦକୁ ଏକ ସେଫ୍, ଯାହା ଚୋର ପ୍ରତିରୋଧକ ଓ ଏକ ଅନୁମୋଦିତ ନିର୍ମାଣ ଓ ଡିଜାଇନ୍ ର ହୋଇଥାଏ, ସେଥିରେ ସୁରକ୍ଷିତ ରଖାଯାଇ ଥାଏ । ନଗଦ ସରୁକ୍ଷାର ମଞ୍ଜୁରୀ ଦେବାପାଇଁ ପ୍ରଯୁଜ୍ୟ ସାଧାରଣ ସର୍ତ୍ତଗୁଡିକ ନିମ୍ନରେ ଦିଆଯାଇଛି:

a) ଯଦି ଖୋଲିବାକୁ ମୂଳ ଚାବିର ଉପଯୋଗ କରିବା ପରେ ଆଲମାରୀଠାରୁ ନିଖୋଜ ହୋଇଥିବା ନଗଦ, ଏହାକୁ ସୁରକ୍ଷା ପ୍ରଦାନ କରାଯାଏ କେବଳ ଯେଉଁଠି ସେହି ଚାବିକୁ ହିଂସା ଦ୍ଵାରା କିମ୍ବା ହିଂସାର ଭୟ ଦେଖାଇବା କିମ୍ବା ବଳର ସାଧନ ମାଧ୍ୟମରେ ପ୍ରାପ୍ତି କରାଯାଇଥାଏ । ଏହାକୁ ସାଧାରଣତଃ "ଚାବି ଅନୁଚ୍ଛେଦ" (Key Clause) କୁହାଯାଏ ।

b) ଆଲମାରୀରେ ଥିବା ନଗଦର ପରିମାଣର ଏକ ସଂପୂର୍ଣ୍ଣ ସୂଚୀକୁ ଆଲମାରୀ ଛଡ଼ା ଅନ୍ୟ କୌଣସି ସ୍ଥାନରେ ସୁରକ୍ଷିତ ରଖାଯାଇଥାଏ । ବୀମାକର୍ତ୍ତାର ଦାୟିତ୍ୱ ସେଭଳି ରେକର୍ଡ ଦ୍ଵାରା ବାସ୍ତବରେ ଦର୍ଶାଇଥିବା ରାଶି ପରିମାଣ ପର୍ଯ୍ୟନ୍ତ ସୀମିତ ଥାଏ ।

1. **ପ୍ରଥମ ହାନି ବୀମା**

   ସେହି ସବୁ କ୍ଷେତ୍ରରେ, ମାଲ ଥୋକରେ ଭଣ୍ଡାରଣ ହୋଇଥାଏ, କିନ୍ତୁ ଆକାରରେ କମ୍ ମୂଲ୍ୟର ହୋଇଥାଏ, (ଯଥା ଗଣ୍ଠିଲି ଭିତରେ କପା, ଶସ୍ୟ, ଚିନି ଇତ୍ୟାଦି) କେବଳ ଏକମାତ୍ର ଅବସରରେ ସଂପୂର୍ଣ୍ଣ ଷ୍ଟକ୍ କୁ ହରାଇବାର ସଙ୍କଟ କମ୍ ଦୂରବର୍ତ୍ତୀ ବୋଲି ବିଚାର କରାଯାଏ । ସେହି ମୂଲ୍ୟ ଯାହାକୁ ଥରକରେ ଚୋରୀ କରାଯାଇ ପାରେ ତାକୁ ସମ୍ଭାବ୍ୟ ସର୍ବାଧିକ ହାନି (PML) ବୋଲି ସୁନିଶ୍ଚିତ କରାଯାଏ ଏବଂ ଏହି ସର୍ବାଧିକ ସମ୍ଭାବ୍ୟ ହାନି ପାଇଁ ସଂପୂର୍ଣ୍ଣ ପ୍ରିମିୟମ ଲାଗୁ କରାଯାଏ ଏବଂ ସଂପୂର୍ଣ୍ଣ ପ୍ରିମିୟମର କିଛି ପ୍ରତିଶତକୁ ଷ୍ଟକ୍ ର ଅବଶିଷ୍ଟ ପରିମାଣ ଉପରେ ଲାଗୁ କରାଯାଏ ଯେହେତୁ PML ସମଗ୍ର ଷ୍ଟକ୍ ଉପରେ ବିସ୍ତାରିତ ହେଇଥାଏ । ଏହା ମନେକରାଯାଏ ଯେ ଅତିଶୀଘ୍ର ଏକ ଦ୍ୱିତୀୟ ଚୋରୀ ହୋଇ ନ ପାରେ ଅନ୍ୟଥା ବୀମିତ ଏହା ନ ହଟିବା ପାଇଁ ଅତିରିକ୍ତ ସୁରକ୍ଷା ବ୍ୟବସ୍ଥା ନେଇ ପାରେ ।

2. **ଅଗ୍ନି ବୀମା ସଦୃଶ, ଷ୍ଟକ୍ ଗୁଡିକର ସମ୍ବନ୍ଧରେ ଘୋଷଣାପତ୍ର ଭିତ୍ତିକ ସୁରକ୍ଷା ଏବଂ ଫ୍ଲୋଟର ସୁରକ୍ଷା ମଧ୍ୟ ସମ୍ଭବ ଅଟେ ।**

3. **ଅପବର୍ଜନ**

   ପଲିସୀଟି କର୍ମଚାରୀ, ପରିବାର ସଦସ୍ୟ କିମ୍ବା ଅନ୍ୟ ବ୍ୟକ୍ତି ଯେଉଁମାନେ କାନୁନୀ ରୂପେ ପରିସର ମଧ୍ୟରେ ଥାଆନ୍ତି, ସେମାନଙ୍କ ଦ୍ଵାରା ଚୋରୀକୁ ସୁରକ୍ଷା ପ୍ରଦାନ କରେ ନାହିଁ, କିମ୍ବା ଏହା ଲାର୍ସେନୀ ଅଥବା ସାମାନ୍ୟ ଚୋରୀକୁ ସୁରକ୍ଷା ଦିଏ ନାହିଁ । ଏହା ସେହି ସବୁ ହାନିକୁ ମଧ୍ୟ ବହିର୍ଭୂତ କରେ ଯେଉଁଗୁଡିକ ଏକ ଅଗ୍ନି କିମ୍ବା ପ୍ଲେଟ୍ ଗ୍ଲାସ୍ ପଲିସୀ ଦ୍ଵାରା ସୁରକ୍ଷାପ୍ରାପ୍ତ ହୋଇଥାନ୍ତି ।

4. **ବିସ୍ତାରଣ**

ପଲିସୀଟିକୁ ଦଙ୍ଗା, ଷ୍ଟ୍ରାଇକ୍ ଏବଂ ଆତଙ୍କବାଦ ସଙ୍କଟକୁ ଅତିରିକ୍ତ ପ୍ରିମିୟମରେ ସୁରକ୍ଷା ଦେବା ପାଇଁ ବିସ୍ତାରିତ କରାଯାଇ ପାରେ ।

5. **ପ୍ରିମିୟମ**

ଚୋରୀ ପଲିସୀ ପାଇଁ ପ୍ରିମିୟମର ହାର ବୀମିତ ସମ୍ପତ୍ତିର ସ୍ୱରୂପ, ବୀମିତର ନୈତିକ ସ୍ତର, ପରିସରର ନିର୍ମାଣ ଓ ଅବସ୍ଥିତି, ନିରାପତ୍ତା ପଦକ୍ଷେପ (ଉ.ସ୍ୱ. ଚୌକିଦାର, ଚୋର ଆଲାର୍ମ), ପୂର୍ବର ଦାବୀ ଅନୁଭୂତି ଇତ୍ୟାଦି ଉପରେ ନିର୍ଭର କରେ ।

ପ୍ରସ୍ତାବ ଫର୍ମରେ ଦିଆଯାଇଥିବା ବିବରଣୀ ବ୍ୟତୀତ, ବୀମାକର୍ତ୍ତାମାନଙ୍କ ଦ୍ୱାରା ଏକ ପୂର୍ବ-ସ୍ୱକୃତି ନିରୀକ୍ଷଣ କରାଯାଇଥାଏ ଯେଉଁଠି ଉଚ୍ଚ ମୂଲ୍ୟ ସଂପୃକ୍ତ ଥାଏ ।

**ସ୍ୱୟଂ ପରୀକ୍ଷା କରନ୍ତୁ 3**

ଚୋରୀ ପଲିସୀ ପାଇଁ ପ୍ରିମିୟମ ___________ ଉପରେ ନିର୍ଭର କରେ ।

I. ବୀମିତ ସମ୍ପତ୍ତିର ସ୍ୱରୂପ

II. ନିଜେ ବୀମିତର ନୈତିକ ବିପତ୍ତି

III. ପରିସରର ନିର୍ମାଣ ଓ ଅବସ୍ଥିତି

IV. ଉପରୋକ୍ତ ମଧ୍ୟରୁ ସମସ୍ତ

## D. ଅର୍ଥ ବୀମା

ନଗଦକୁ ସମ୍ଭାଳିବା କୌଣସି ବି ବ୍ୟବସାୟର ଏକ ଅବିଚ୍ଛେଦ୍ୟ ଅଂଶ ହୋଇଥାଏ । ଅର୍ଥ ବୀମା ପଲିସୀ ଟଙ୍କାର ହାନି ବିରୁଦ୍ଧରେ ବ୍ୟାଙ୍କ ଏବଂ ଔଦ୍ୟୋଗିକ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକୁ ସୁରକ୍ଷା କରିବା ପାଇଁ ଉଦ୍ଦିଷ୍ଟ । ଟଙ୍କା ପରିସର ମଧ୍ୟରେ ତଥା ବାହାରେ ସଙ୍କଟରେ ରହିଥାଏ । ଏହାକୁ ବାହାର କରିବା, ଜମା କରିବା, ଦେୟ ପ୍ରଦାନ କରିବା କିମ୍ବା ସଂଗ୍ରହ କରିବା ସମୟରେ ଅବୈଧ ରୂପେ ହରଣ ହେବା ସମ୍ଭବ ।

### 1. ଅର୍ଥ ବୀମାର ସୁରକ୍ଷା

ଅର୍ଥ ବୀମା ପଲିସୀକୁ ସେହି ସବୁ ହାନିକୁ ସୁରକ୍ଷା ପ୍ରଦାନ କରିବାକୁ ପରିକଳ୍ପିତ କରାଯାଏ ଯାହା ନଗଦ, ଚେକ୍/ପୋଷ୍ଟାଲ ଅର୍ଡର/ଡାକ ଷ୍ଟାମ୍ପର ସଂଚାଳନ କରିବା ସମୟରେ ଘଟିଥାଇ ପାରେ । ପଲିସୀଟି ସାଧାରଣତଃ ଦୁଇଟି ବିଭାଗ ଅନ୍ତର୍ଗତ ସୁରକ୍ଷା ପ୍ରଦାନ କରିଥାଏ ।

a) ପାରବହନ ବିଭାଗ: ଏହା ଡକାୟତି କିମ୍ବା ଚୋରୀ କିମ୍ବା ଅନ୍ୟ ଦୁର୍ଭାଗ୍ୟପୂର୍ଣ୍ଣ କାରଣ ଯେତେବେଳେ ଏହାକୁ ବୀମିତ କିମ୍ବା ତାର ପ୍ରାଧିକୃତ କର୍ମଚାରୀମାନଙ୍କ ଦ୍ୱାରା ବାହାରକୁ ନିଆଯାଉଥାଏ, ଏହାର ପରିଣାମରେ ଟଙ୍କାର ହାନିକୁ ସୁରକ୍ଷା ପ୍ରଦାନ କରେ ।

ପାରବହନ ବିଭାଗ ଦୁଇଟି ରାଶିକୁ ବିନିର୍ଦ୍ଦିଷ୍ଟ କରେ:

i. **ପ୍ରତ୍ୟେକ ବହନର ବୀମା**: ଏହା ହେଉଛି ସର୍ବାଧିକ ରାଶି ପରିମାଣ ଯାହାକୁ ବୀମାକର୍ତ୍ତାମାନେ ପ୍ରତ୍ୟେକ ହାନି ପରିପ୍ରେକ୍ଷୀରେ ସୁରକ୍ଷା ନେବାକୁ ଚାହାନ୍ତି ।

ii. **ପଲିସୀ ଅବଧି ସମୟରେ ପାରବହନରେ ଆକଳିତ ରାଶି**: ଏହା ସେହି ସମୟ ରାଶିକୁ ସୂଚୀତ କରେ ଯାହା ଉପରେ ପ୍ରିମିୟମର ରାଶିକୁ ନିର୍ଦ୍ଧାରିତ କରିବା ପାଇଁ ପ୍ରିମିୟମ ହାରକୁ ଲାଗୁ କରିବାକୁ ପଡ଼ିଥାଏ ।

ପଲିସୀଗୁଡ଼ିକୁ "**ଘୋଷଣାପତ୍ର ଆଧାର**" ରେ ଜାରୀ କରାଯାଇ ପାରେ, ଯାହା ଅଗ୍ନି ବୀମାରେ ଥିବା ପ୍ରଥା ସଦୃଶ ହୋଇଥାଏ । ବୀମାକର୍ତ୍ତାମାନେ ଏହି ପ୍ରକାରେ ପାରବହନରେ ଥିବା ଆକଳିତ ରାଶି ଉପରେ ଏକ ଅନନ୍ତିମ ପ୍ରିମିୟମ ଲାଗୁ କରନ୍ତି ଏବଂ ବୀମିତ ଦ୍ୱାରା ଘୋଷିତ କରାଯାଇଥିବା ରୂପେ, ପଲିସୀ ଅବଧିରେ ପାରବହନରେ ଥିବା ବାସ୍ତବ ରାଶି ଆଧାରରେ ଏହି ପ୍ରିମିୟମକୁ ପଲିସୀର ସମାପ୍ତି ସମୟରେ ସମାୟୋଜିତ କରିଥାନ୍ତି ।

b) **ପରିସର ବିଭାଗ:** ଏହି ବିଭାଗ ଚୋରୀ, ଗୃହ ଭେଦନ, ଲୁଟ୍ ଇତ୍ୟାଦି ଯୋଗୁଁ ଜଣକର ପରିସର/ ତାଲାବନ୍ଦ ଆଲମାରୀ ଠାରୁ ନଗଦର ନିଖୋଜକୁ ସୁରକ୍ଷା ପ୍ରଦାନ କରେ । ପଲିସୀର ଅନ୍ୟାନ୍ୟ ବିଶେଷତା ଗୁଡ଼ିକ ସାଧାରଣତଃ (ବ୍ୟବସାୟ ପରିସରର) ଚୋରୀ ବୀମା ଅନୁରୂପ ହୋଇଥାଏ ଯାହା ବିଷୟରେ ଉପରୋକ୍ତ ଅଧ୍ୟୟନ ପରିଣାମ ଗ ଅନ୍ତର୍ଗତ ଆଲୋଚନା କରାଯାଇଥିଲା ।

## 2. ମହତ୍ୱପୂର୍ଣ୍ଣ ଅପବର୍ଜନ

ଏଗୁଡ଼ିକରେ ଅନ୍ତର୍ଭୁକ୍ତ ହୁଅନ୍ତି:

a) ତ୍ରୁଟି କିମ୍ବା ବିଲୋପନ ଯୋଗୁଁ କମ୍/ଅଭାବ ହେବା,

b) ସେହି ଅର୍ଥର ହାନି ଯାହାର ଭାର/ଦାୟିତ୍ୱ ପ୍ରାଧିକୃତ ବ୍ୟକ୍ତି ବ୍ୟତୀତ ଅନ୍ୟ ଉପରେ ନ୍ୟସ୍ତ କରାଯାଇଥାଏ ଏବଂ

c) ଦଙ୍ଗା, ଷ୍ଟ୍ରାଇକ୍ ଏବଂ ଆତଙ୍କ ବାଦ

## 3. ବିସ୍ତାରଣ

ଅତିରିକ୍ତ ପ୍ରିମିୟମର ପ୍ରଦାନରେ ପଲିସୀଟିକୁ ନିମ୍ନଗୁଡ଼ିକୁ ସୁରକ୍ଷା ଦେବାପାଇଁ ବିସ୍ତାରିତ କରାଯାଇପାରେ:

a) ନଗଦ ବହନ କରୁଥିବା ବ୍ୟକ୍ତିମାନଙ୍କର ଅସାଧୁତା,

b) ଦଙ୍ଗା, ଷ୍ଟ୍ରାଇକ୍ ଏବଂ ଆତଙ୍କବାଦ ସଙ୍କଟ

c) ବିତରଣ ସଙ୍କଟ, ଯାହା ହେଉଛି କର୍ମଚାରୀମାନଙ୍କୁ ମଜୁରୀ ଦେବା ସମୟରେ ଆକ୍ରାନ୍ତ ହୋଇଥିବା ହାନି

## 4. ପ୍ରିମିୟମ

ପ୍ରିମିୟମ ଦରକୁ ବୀମିତ, କୌଣସି ଗୋଟିଏ ସମୟରେ କମ୍ପାନୀର ନଗଦ ବହନ ଦାୟିତ୍ୱ, ପରିବହନର ପଦ୍ଧତି, ସଂପୃକ୍ତ ଦୂରତା, ନିଆଯାଇଥିବା ସୁରକ୍ଷା ପଦକ୍ଷେପ ଇତ୍ୟାଦି ଆଧାରରେ ନିର୍ଦ୍ଧାରିତ କରାଯାଇଥାଏ । ପ୍ରିମିୟମଟି, ପଲିସୀ ସମାପ୍ତିର 30 ଦିନ ମଧ୍ୟରେ କରାଯାଇଥିବା ଘୋଷଣା ଆଧାରରେ ସାରା ବର୍ଷରେ ବହନ କରାଯାଇଥିବା ବାସ୍ତବ ନଗଦ ଅନୁସାରେ ସମାୟୋଜନଯୋଗ୍ୟ ହୋଇଥାଏ ।

**ସ୍ୱୟଂ ପରୀକ୍ଷା କରନ୍ତୁ 4**

ନିମ୍ନ ମଧ୍ୟରୁ କେଉଁଟିକୁ ଏକ ଅର୍ଥ କିମ୍ବା ପଲିସୀ ଅନ୍ତର୍ଗତ ସୁରକ୍ଷା ପ୍ରଦାନ କରାଯାଇଥାଏ?

I. ତ୍ରୁଟି କିମ୍ବା ବିଲୋପନ ଯୋଗୁଁ କମ୍/ଅଭାବ ହେବା

II. ଚୋରୀ ଯୋଗୁଁ ଜଣକର ପରିସର ମଧ୍ୟରୁ ନଗଦର ହାନି

III. ସେହି ଟଙ୍କାର ହାନି ଯାହାର ଭାର ପ୍ରାଧିକୃତ ବ୍ୟକ୍ତି ବ୍ୟତୀତ ଅନ୍ୟ କାହାରି ଉପରେ ନ୍ୟସ୍ତ କରାଯାଇଥିବ

IV. ଦଙ୍ଗା, ଷ୍ଟ୍ରାଇକ୍ ଏବଂ ଆତଙ୍କବାଦ

## E. ବିଶ୍ୱସନୀୟତା /ନିଷ୍ଠା ଗ୍ୟାରେଣ୍ଟି ବୀମା

କମ୍ପାନୀମାନେ ସେହିସବୁ କାରଣରୁ ଆର୍ଥିକ ହାନିରେ ଆକ୍ରାନ୍ତ ହୋଇଥାନ୍ତି ଯାହାକୁ ଶ୍ୱେତ କଲାର ଅପରାଧ କୁହାଯାଏ ଯେପରି କି ସେମାନଙ୍କ କର୍ମଚାରୀମାନଙ୍କର କପଟ କିମ୍ବା ଅସାଧୁତା । ନିଷ୍ଠା ଗ୍ୟାରେଣ୍ଟି ବୀମା ନିଯୁକ୍ତିଦାତାମାନଙ୍କୁ, ଜାଲିଆତି, ବ୍ୟପହରଣ, ଚୋରୀ ଦୁରୁପଯୋଗ ଏବଂ ତ୍ରୁଟି ଦ୍ୱାରା ସେମାନଙ୍କ କର୍ମଚାରୀମାନଙ୍କ କପଟ କିମ୍ବା ଅସାଧୁତା କାରଣରୁ ସେମାନେ ଆକ୍ରାନ୍ତ ହୋଇଥିବା ଆର୍ଥିକ କ୍ଷତି ବିରୁଦ୍ଧରେ କ୍ଷତିପୂର୍ତ୍ତି ପ୍ରଦାନ କରିଥାଏ ।

### 1. ନିଷ୍ଠା ଗ୍ୟାରେଣ୍ଟି ବୀମା ଅନ୍ତର୍ଗତ ବୀମା ସୁରକ୍ଷା

ସୁରକ୍ଷାର ମଞ୍ଜୁରୀ ଏକ ପ୍ରତ୍ୟକ୍ଷ ଆର୍ଥିକ ହାନି ବିରୁଦ୍ଧରେ ଦିଆଯାଏ ଏବଂ ଏଥିରେ ପରିଣାମଜନିତ ହାନି ଅନ୍ତର୍ଭୂକ୍ତ ହୁଏ ନାହିଁ ।

a) ହାନିଟି ଟଙ୍କା, ସୁରକ୍ଷା କିମ୍ବା ଜିନିଷପତ୍ର ପ୍ରସଙ୍ଗରେ ହେବା ଉଚିତ୍

b) କାର୍ଯ୍ୟଟି ବିନିର୍ଦ୍ଦିଷ୍ଟ କର୍ତ୍ତବ୍ୟଗୁଡିକର ପଥରେ ପ୍ରତିବଦ୍ଧ ହେବା ଉଚିତ୍;

c) ହାନିଟି ପଲିସୀ ସମାପ୍ତି କିମ୍ବା କର୍ମଚାରୀର ମୃତ୍ୟୁ, ଅବସର ପ୍ରାପ୍ତି, ଇସ୍ତଫା କିମ୍ବା ପଦଚ୍ୟୁତି, ଯେଉଁଟା ବି ପ୍ରଥମେ ହୋଇଥିବ, ତାହାର 12 ମାସ ମଧ୍ୟରେ ଆବିଷ୍କୃତ ହୋଇଥିବ

d) ଏକ ଅସାଧୁ କର୍ମଚାରୀ ଯାହାକୁ ପୁନଃନିଯୁକ୍ତି ଦିଆଯାଇଛି, ତାହା ସମ୍ବନ୍ଧରେ କୌଣସି ସୁରକ୍ଷା ଦିଆଯାଇ ନ ଥାଏ

### 2. ନିଷ୍ଠା ଗ୍ୟାରେଣ୍ଟି ପଲିସୀର ପ୍ରକାର

**ନିମ୍ନରେ ଆଲୋଚନା କରାଯାଇଥିବା ଭଳି, ବିଭିନ୍ନ ପ୍ରକାରର ନିଷ୍ଠା ଗ୍ୟାରେଣ୍ଟି ପଲିସୀ ଅଛନ୍ତି**:

a) **ବୈୟକ୍ତିକ ପଲିସୀ:** ଏହି ପ୍ରକାରର ପଲିସୀକୁ ସେଇଠି ବ୍ୟବହାର କରାଯାଏ ଯେଉଁଠି କେବଳ ଜଣେ ବ୍ୟକ୍ତିକୁ ଗ୍ୟାରେଣ୍ଟି ଦେବାକୁ ପଡ଼ିଥାଏ । କର୍ମଚାରୀର ନାମ, ପଦବୀ ଏବଂ ଗ୍ୟାରେଣ୍ଟିର ରାଶିକୁ ବିନିର୍ଦ୍ଦିଷ୍ଟ କରିବାକୁ ପଡିଥାଏ ।

b) **ସାମୂହିକ ପଲିସୀ:** ଏହି ପଲିସୀ ଏକ ଅନୁସୂଚୀ ଗଠିତ କରେ ଯେଉଁଥିରେ ସେହି କର୍ମଚାରୀମାନଙ୍କ ନାମ ସୂଚୀଭୁକ୍ତ ହୋଇଥାଏ ଯାହା ଉପରେ ଗ୍ୟାରେଣ୍ଟି ଲାଗୁ ହୁଏ ଓ ତା' ସହିତ ପ୍ରତ୍ୟେକ କର୍ମଚାରୀର କର୍ତ୍ତବ୍ୟ ଏବଂ ଅଲଗା ବୈୟକ୍ତିକ ବୀମା ରାଶି ବିଷୟରେ ଏକ ଟିପ୍ପଣୀ ଦିଆଯାଇଥାଏ ।

c) **ଚଳାୟମାନ ପଲିସୀ କିମ୍ବା ଫ୍ଲୋଟର:** ଏହି ପଲିସୀରେ, ସୁରକ୍ଷା ପ୍ରାପ୍ତ ହେବାକୁ ଥିବା ବ୍ୟକ୍ତିମାନଙ୍କର ନାମ ଓ କର୍ତ୍ତବ୍ୟକୁ ଏକ ଅନୁସୂଚୀରେ ପ୍ରବିଷ୍ଟ କରାଯାଏ, କିନ୍ତୁ ଗ୍ୟାରେଣ୍ଟିର ବୈୟକ୍ତିକ  ରାଶି ପରିବର୍ତ୍ତେ, ଗ୍ୟାରେଣ୍ଟିର ଏକ ବିନିର୍ଦ୍ଦିଷ୍ଟ ରାଶିକୁ ସଂପୂର୍ଣ୍ଣ ସମୂହ ଉପରେ "ପ୍ରସାରିତ କରାଯାଏ" । କୌଣସି ଜଣେ କର୍ମଚାରୀ ପରିପ୍ରେକ୍ଷୀରେ ଏକ ଦାବୀ, ତେଣୁକରି, ପ୍ରସାରିତ ଗ୍ୟାରେଣ୍ଟିକୁ କମ୍ କରି ଦେବ, ଯଦି ଏକ ଅତିରିକ୍ତ ପ୍ରିମିୟମ ପ୍ରଦାନ କରି ମୂଳ ରାଶିକୁ ପୁନଃସ୍ଥାପିତ କରା ନ ଯାଏ ।

d) **ପଦବୀ ପଲିସୀ:** ଏହା ଏକ ସାମୂହିକ ପଲିସୀ ସଦୃଶ, କେବଳ ଏହି ଅନ୍ତର ବ୍ୟତୀତ ଯେ ଅନସୂଚୀ କେବଳ "ପଦବୀଗୁଡିକୁ" (ଧରନ୍ତୁ, କ୍ୟାସିଅର, ଆକାଉଣ୍ଟ ଅଫିସର୍ ଇତ୍ୟାଦି କୁ) ସୂଚୀଭୁକ୍ତ କରେ ଯାହାକୁ ଏକ ବିନିର୍ଦ୍ଦିଷ୍ଟ ରାଶି ପାଇଁ ଗ୍ୟାରେଣ୍ଟିଯୁକ୍ତ କରାଯାଏ ଏବଂ ନାମଗୁଡିକୁ ଉଲ୍ଲେଖ କରାଯାଏ ନାହିଁ ।

e) **ବ୍ଲାଙ୍କେଟ୍ ପଲିସୀ:** ଏହି ପଲିସୀ ନାମ କିମ୍ବା ପଦବୀ ନ ଦର୍ଶାଇ ସମଗ୍ର ଷ୍ଟାଫ୍ କୁ ବୀମା ସୁରକ୍ଷା ଦିଏ । ବୀମାକର୍ତ୍ତାମାନଙ୍କ ଦ୍ୱାରା କର୍ମଚାରୀମାନଙ୍କ ସମ୍ବନ୍ଧରେ କୌଣସି ଅନୁସନ୍ଧାନ କରାଯାଏ ନାହିଁ । ସେଭଳି ପଲିସୀଗୁଡିକ ଏକ ବଡ଼ ଷ୍ଟାଫ୍ ଥିବା ନିଯୁକ୍ତିଦାତା ପାଇଁ ଉପଯୁକ୍ତ ହୋଇଥାନ୍ତି ଏବଂ ସଂଗଠନ କର୍ମଚାରୀମାନଙ୍କ ପୂର୍ବ ଇତିହାସ ସମ୍ବନ୍ଧରେ ଆବଶ୍ୟକୀୟ ଅନୁସନ୍ଧାନ କରିଥାଏ । ସେହି ସନ୍ଦର୍ଭ, ଯାହା ନିଯୁକ୍ତିଦାତା ପ୍ରାପ୍ତ କରିଥାଏ, ସେସବୁକୁ ଏକ ଦାବୀ ଅବସରରେ ବୀମାକର୍ତ୍ତାମାନଙ୍କୁ ନିଶ୍ଚୟ ଉପଲବ୍ଧ କରାଇବା ଉଚିତ୍ । ପଲିସୀର ମଞ୍ଜୁରୀ କେବଳ ଖ୍ୟାତିସମ୍ପନ୍ନ ବଡ଼ ବଡ଼ ଫାର୍ମକୁ  ଦିଆଯାଇଥାଏ ।

### 3. ପ୍ରିମିୟମ

ପ୍ରିମିୟମର ଦର ବ୍ୟବସାୟ ରୋଜଗାରର ପ୍ରକାର, କର୍ମଚାରୀର ସ୍ଥିତି, ଯାଞ୍ଚ ଓ ପର୍ଯ୍ୟବେକ୍ଷଣର ପ୍ରଣାଳୀ ଉପରେ ନିର୍ଭର କରେ ।

**ସ୍ୱୟଂ ପରୀକ୍ଷା କରନ୍ତୁ 5**

ନିଷ୍ଠା ଗ୍ୟାରେଣ୍ଟି ବୀମା ____________ କ୍ଷତିପୂର୍ତ୍ତି କରେ ।

I. ସେମାନଙ୍କ କର୍ମଚାରୀମାନଙ୍କ କପଟ କିମ୍ବା ଅସାଧୁତା ଯୋଗୁଁ ସେମାନେ ଆକ୍ରାନ୍ତ ହୋଇଥିବା ଆର୍ଥିକ ହାନି ବିରୁଦ୍ଧରେ ନିଯୁକ୍ତିଦାତାମାନଙ୍କର

II. ସେମାନଙ୍କ ନିଯୁକ୍ତିଦାତାମାନଙ୍କ କପଟ କିମ୍ବା ଅସାଧୁତା ଯୋଗୁଁ ସେମାନେ ଆକ୍ରାନ୍ତ ହୋଇଥିବା ଆର୍ଥିକ ହାନି ବିରୁଦ୍ଧରେ କର୍ମଚାରୀମାନଙ୍କର

III. ସେମାନଙ୍କ କର୍ପୋରେଟ୍ ର କପଟ କିମ୍ବା ଅସାଧୁତା ଯୋଗୁଁ ସେମାନେ ଆକ୍ରାନ୍ତ ହୋଇଥିବା ଆର୍ଥିକ ହାନି ବିରୁଦ୍ଧରେ ତୃତୀୟ ପକ୍ଷମାନଙ୍କର

IV. ସେମାନଙ୍କ କମ୍ପାନୀ ପ୍ରବନ୍ଧନର କପଟ କିମ୍ବା ଅସାଧୁତା ଯୋଗୁଁ ସେମାନେ ଆକ୍ରାନ୍ତ ହୋଇଥିବା ଆର୍ଥିକ ହାନି ବିରୁଦ୍ଧରେ ଅଂଶଧାରୀମାନଙ୍କର

## F. ବ୍ୟାଙ୍କର୍ସ କ୍ଷତିପୂର୍ତ୍ତି ବୀମା

ଏହି ବ୍ୟାପକ ସୁରକ୍ଷାର ପ୍ରାରୂପକୁ, ବ୍ୟାଙ୍କ NBFC ଏବଂ ଅନ୍ୟାନ୍ୟ ସଂସ୍ଥା ଯେଉଁମାନେ ଟଙ୍କା ଓ ସୁରକ୍ଷା ସମ୍ବନ୍ଧରେ ସେମାନଙ୍କ ଦ୍ୱାରା ସମ୍ମୁଖୀନ ହେଉଥିବା ବିଶିଷ୍ଟ ସଙ୍କଟଗୁଡ଼ିକୁ ବିଚାର କରି, ଟଙ୍କା ସହିତ ଜଡ଼ିତ କାର୍ଯ୍ୟ କରିଥାନ୍ତି, ସେମାନଙ୍କ ପାଇଁ, ପ୍ରସ୍ତୁତ କରାଯାଇଥିଲା ।

### 1. ବ୍ୟାଙ୍କର୍ସ କ୍ଷତିପୂର୍ତ୍ତି ବୀମା ଅନ୍ତର୍ଗତ ସୁରକ୍ଷା

ବ୍ୟାଙ୍କରମାନଙ୍କ ଆବଶ୍ୟକତା ଆଧାରରେ ଏହି ପଲିସୀର ବିଭିନ୍ନ ବିବିଧତା ଅଛି ।

a) ନିଆଁ, ଚୋରୀ, ଦଙ୍ଗା ଏବଂ ଷ୍ଟ୍ରାଇକ୍ ଯୋଗୁଁ ପରିସର ମଧ୍ୟରେ ଥିବା ସମୟରେ ହରାଇଥିବା କିମ୍ବା କ୍ଷତି ହୋଇଥିବା ଅର୍ଥ ସୁରକ୍ଷା ।

b) କର୍ମଚାରୀମାନଙ୍କ ଅବହେଳା ସହିତ କୌଣସି ବି କାରଣ ହୋଇଥାଉ, ତାହା ଯୋଗୁଁ ଆକ୍ରାନ୍ତ ହୋଇଥିବା ହାନି, ଯେତେବେଳେ ପ୍ରାଧିକୃତ କର୍ମଚାରୀଙ୍କ ହାତରେ ପରିସରର ବାହାରକୁ ସମ୍ପତ୍ତିଟି ବହନ କରାଯାଏ ।

c) ଚେକ୍, ଡ୍ରାଫ୍ଟ, ସ୍ଥିର ଜମା ରସିଦ ଇତ୍ୟାଦିର ଜାଲିଆତି କିମ୍ବା ପରିବର୍ତ୍ତନ ।

d) ଅର୍ଥ/ସୁରକ୍ଷା ପ୍ରସଙ୍ଗରେ କିମ୍ବା ବନ୍ଧକରେ ଥିବା ଜିନିଷ ସମ୍ବନ୍ଧରେ କର୍ମଚାରୀମାନଙ୍କ ଅସାଧୁତା ।

e) ରେଜେଷ୍ଟ୍ରିକୃତ ଡାକ ପାର୍ସଲ ଯୋଗେ ପ୍ରେଷଣ ।

f) ମୂଲ୍ୟାଙ୍କକମାନଙ୍କ ଅସାଧୁତା ।

g) 'ଜନତା ଅଭିକର୍ତ୍ତା', 'ଛୋଟି ବଚତ ଯୋଜନା ଅଭିକର୍ତ୍ତା' ଭଳି ବ୍ୟାଙ୍କର ଅଭିକର୍ତ୍ତାମାନଙ୍କ ହାତରେ ଥିବା ସମୟରେ ହରାଇଥିବା ଟଙ୍କା ।

ସୁରକ୍ଷାଟିକୁ ଆବିଷ୍କାର ଆଧାରରେ ଜାରୀ କରାଯାଏ, ଏହାର ଅର୍ଥ ପଲିସୀଟି ସେହି ସମୟରେ ପ୍ରତିକ୍ରିୟା ଖେଳ ହେବ ଯେତେବେଳେ ଏକ ହାନି ଆବିଷ୍କୃତ ହେବ ଏବଂ ଆବଶ୍ୟକ ରୂପେ ସେହି ସମୟ ହୋଇ ନ ଥାଏ ଯେତେବେଳେ ଏହା ଘଟିଲା । କିନ୍ତୁ ସୁରକ୍ଷାଟି ବିଦ୍ୟମାନ ରହିଥିବା ଉଚିତ୍ ଯେତେବେଳେ ହାନିଟି ବାସ୍ତବରେ ଘଟିଥିଲା ।

ପାରମ୍ପରିକ ରୂପେ ଆବିଷ୍କାର ତାରିଖର 2 ବର୍ଷ ପୂର୍ବର ଅବଧି ମଧ୍ୟରେ ଘଟିଥିବା ହାନିଗୁଡ଼ିକ କେବଳ ପ୍ରଦାନଯୋଗ୍ୟ ହୋଇଥାନ୍ତି, ଏହି ସର୍ତ୍ତରେ ଯେ ଯେତେବେଳେ ହାନି ଘଟିଥିବ ସେହି ତାରିଖରୁ ଗୋଟିଏ ଦିନ ପୂର୍ବରୁ ସୁରକ୍ଷାଟି ଅବିଚ୍ଛିନ୍ନ ରହିଥିବ ।

### 2. ମହତ୍ୱପୂର୍ଣ୍ଣ ଅପବର୍ଜନ

ମୁଖ୍ୟ ଅପବର୍ଜନଗୁଡ଼ିକ ହେଉଛନ୍ତି ବ୍ୟାପାରିକ ହାନି, ଅବହେଳନା, ସଫ୍ଟୱେର ଅପରାଧ ଏବଂ ଅଂଶୀଦାର/ନିର୍ଦ୍ଦେଶକମାନଙ୍କ ଅସାଧୁତା

### 3. ବ୍ୟାପକତା

ପଲିସୀଟି 7 ବିଭାଗ ଦ୍ୱାରା ଗଠିତ ଯଥା:

1. ପରିସରରେ

2. ପାରବହନରେ

3. ଜାଲିଆତି କିମ୍ବା ପରିବର୍ତ୍ତନ

4. ଅସାଧୁତା

5. ଦୃଷ୍ଟିବନ୍ଧକ ରଖାଯାଇଥିବା ଜିନିଷ

6. ପଞ୍ଜିକୃତ ଡାକ ସେବା

7. ମୂଲ୍ୟାଙ୍କକ

8. ଜନତା ଅଭିକର୍ତ୍ତା

### 4. ବୀମା ରାଶି

ବ୍ୟାଙ୍କକୁ ବୀମା ରାଶିକୁ ନିର୍ଦ୍ଧାରିତ କରିବାକୁ ପଡ଼ିଥାଏ ଯାହା ସାଧାରଣତଃ ପ୍ରଥମ 5 ବିଭାଗରେ ପ୍ରସାରିତ ହୋଇପାରେ । ଏହାକୁ 'ମୂଳ ବୀମାରାଶି' କୁହାଯାଏ । ଅତିରିକ୍ତ ବୀମାରାଶିକୁ ବିଭାଗ (1) ଏବଂ (2) ପାଇଁ କିଣା ଯାଇପାରେ ଯଦି ମୂଳ ବୀମାରାଶି ଯଥେଷ୍ଟ ହୋଇ ନ ଥାଏ । ପଲିସୀଟି ଏକ ଅତିରିକ୍ତ ପ୍ରିମିୟମର ପ୍ରଦାନ ଦ୍ଵାରା ବୀମା ରାଶିର ଗୋଟିଏ ଅନିବାର୍ଯ୍ୟ ଓ ସ୍ଵୟଂଚାଳିତ ପୁନଃସ୍ଥାପନର ସ୍ଵକୃତି ବି ଦେଇଥାଏ ।

### 5. ହାର/ମୂଲ୍ୟ ନିର୍ଦ୍ଧାରଣ

ପ୍ରିମିୟମ ନିର୍ଦ୍ଧାରଣ ନିମ୍ନ ଉପରେ ଆଧାରିତ ହୋଇଥାଏ:

a) ମୂଳ ବୀମା ରାଶି

b) ଅତିରିକ୍ତ ବୀମା ରାଶି

c) ଷ୍ଟାଫ୍ ସଂଖ୍ୟା

d) ଶାଖା ସଂଖ୍ୟା

**ସ୍ଵୟଂ ପରୀକ୍ଷା କରନ୍ତୁ 6**

ନିମ୍ନ ମଧ୍ୟରୁ କେଉଁଟିକୁ ଏକ ବ୍ୟାଙ୍କର୍ସ କ୍ଷତିପୂର୍ତ୍ତି ବୀମା ପଲିସୀ ଅନ୍ତର୍ଗତ ସୁରକ୍ଷା ପ୍ରଦାନ କରାଯାଇ ପାରେ?

I. ନିଆଁଯୋଗୁଁ ପରିସର ମଧ୍ୟରେ ଥିବା ସମୟରେ ହଜିଯାଇଥିବା କିମ୍ବା କ୍ଷତି ହୋଇଥିବା ଅର୍ଥ ସୁରକ୍ଷା

II. ଚେକଗୁଡ଼ିକର ଜାଲିଆତି କିମ୍ବା ପରିବର୍ତ୍ତନ

III. ଅର୍ଥ ପ୍ରସଙ୍ଗରେ କର୍ମଚାରୀମାନଙ୍କ ଅସାଧୁତା

IV. ଉପରୋକ୍ତ ମଧ୍ୟରୁ ସମସ୍ତ

## G. ଜୁଏଲର୍ସ ବ୍ଲକ୍ ପଲିସୀ

ଆଧୁନିକ ବର୍ଷମାନଙ୍କରେ ଭାରତ ଅଲଙ୍କାର, ବିଶେଷରୂପେ ହୀରା ପାଇଁ ବିଶ୍ୱ ବ୍ୟାପାରରେ ଏକ ଅଗ୍ରଣୀ କେନ୍ଦ୍ର ରୂପେ ଉଭବ ହୋଇଛି । ଆମଦାନୀ କରାଯାଇଥିବା କଞ୍ଚା ହୀରାକୁ କଟାଯାଏ, ପାଲିସ୍ କରାଯାଏ ଓ ରପ୍ତାନୀ କରାଯାଏ । ଏହା ଏକ ଜୁଏଲର୍ ର ସମସ୍ତ ସଙ୍କଟର ଧ୍ୟାନ ରହେ ଯାହାର ବ୍ୟବସାୟ ଛୋଟ ଆକାରରେ ଉଚ୍ଚ ମୂଲ୍ୟର ସାମଗ୍ରୀ ସୁନା ଓ ରୂପାର ସାମଗ୍ରୀ, ହୀରା ଓ ବହୁମୂଲ୍ୟ ପଥର, ହାତ ଘଡ଼ି ଇତ୍ୟାଦିର ବିକ୍ରୟରେ ଜଡ଼ିତ ଥାଏ । ବ୍ୟାପାରଟି ଏହି ସବୁ ବହୁମୂଲ୍ୟ ସାମଗ୍ରୀକୁ ଅଧିକ ପରିମାଣରେ ଗଚ୍ଛିତ କରି ରଖିବା ଏବଂ ସେଗୁଡିକୁ ବିଭିନ୍ନ ପରିସର ମଧ୍ୟରେ ନେବା ଆଣିବା କରିବାରେ ସଂପୃକ୍ତ ଅଟେ ।

### 1. ଜୁଏଲର୍ସ ବ୍ଲକ୍ ପଲିସୀର ବୀମାସୁରକ୍ଷା

ଜୁଏଲର୍ସ ବ୍ଲକ୍ ପଲିସୀର  ହେଉଛି ଏକ ପ୍ୟାକେଜ୍ ପଲିସୀ, ଯାହାକୁ ପାରମ୍ପରିକ ରୂପେ 4 ବିଭାଗରେ ବିଭାଜିତ କରାଯାଏ ବିଭାଗ 1 ଅନ୍ତର୍ଗତ ବୀମାସୁରକ୍ଷାକୁ ଅନିବାର୍ଯ୍ୟ କରାଯାଏ ଯେତେବେଳେ କି ବୀମିତମାନଙ୍କୁ ଅନ୍ୟାନ୍ୟ ବିଭାଗକୁ ସେମାନଙ୍କ ଚୟନରେ ଲାଭ କରିବାର ଅନୁମତି ଦିଆଯାଏ । ଇଲେକ୍ଟ୍ରୋନିକ୍ ଉପକରଣ, ପ୍ଲେଟ୍ ଗ୍ଲାସ୍, ସାଇନେଜ୍ ଇତ୍ୟାଦି ଭଳି ଅନ୍ୟାନ୍ୟ ସମ୍ପତ୍ତି ଏବଂ କର୍ମଚାରୀ କ୍ଷତିପୂରଣ, କର୍ମଚାରୀମାନଙ୍କ ଶ୍ରଦ୍ଧାହୀନତା ଭଳି ଦାୟିତ୍ୱଗୁଡିକୁ ସୁରକ୍ଷା ଦେବା ପାଇଁ କିଛି ଅଧିକ ବିଭାଗକୁ ସମ୍ମିଳିତ କରିବାର ବଜାର ପ୍ରଥା ମଧ୍ୟ ରହିଛି ।

ନିଷ୍ଠା/ବିଶ୍ୱସନୀୟତା ଗ୍ୟାରେଣ୍ଟି ସୁରକ୍ଷାକୁ ମଧ୍ୟ ସଂପୂର୍ଣ୍ଣ ସୁରକ୍ଷା ପାଇଁ ବୀମିତ ଦ୍ୱାରା ନିଆଯାଇପାରେ ଯଦି ଏହି ସୁରକ୍ଷା ପାଇଁ ଅଲଗା ବିଭାଗ ନ ଥାଏ ।

ସଙ୍କଟଗୁଡିକର ମୂଲ୍ୟ ନିର୍ଦ୍ଧାରଣ ପ୍ରତ୍ୟେକ ପ୍ରକରଣର ଗୁଣ ଆଧାରରେ କରାଯାଇଥାଏ । ପ୍ରତ୍ୟେକ ବିଭାଗ ପାଇଁ ବିଶେଷ ଚବିଶ ଘଣ୍ଟାର ଚୌକିଦାର, କ୍ଲୋଜ୍ ସାର୍କିଟ୍ ଟି.ଭି./ଆଲାର୍ମ ସିଷ୍ଟମ, ବିଶେଷ ଷ୍ଟ୍ରଙ୍ଗ୍ ରୁମ୍ ପାଇଁ ଓ କୌଣସି ଅନ୍ୟ  ନିରାପତ୍ତା ପ୍ରଣାଳୀ ଇତ୍ୟାଦି ପାଇଁ ଡିସ୍କାଉଣ୍ଟ ସହିତ ଭିନ୍ନ ଭିନ୍ନ ପ୍ରିମିୟମ ଦର ଲାଗୁ କରାଯାଇଥାଏ ।

**ସ୍ୱୟଂ ପରୀକ୍ଷା କରନ୍ତୁ 7**

ଏକ ଜୁଏଲର୍ସ ବ୍ଲକ୍  ପଲିସୀ କ୍ଷେତ୍ରରେ, ପାରମ୍ପରିକରୂପେ ବିବିଧ ବିଭାଗ ରହିଥାଏ, ଯାହା ମଧ୍ୟରୁ ଗୋଟିଏଟି ସାଧାରଣତଃ ଅନିବାର୍ଯ୍ୟ ହୋଇଥାଏ ଯେତେବେଳେ କି ଅବଶିଷ୍ଟ ବିଭାଗଗୁଡିକ ____________ ହୋଇଥାନ୍ତି ।

I. ଅନିବାର୍ଯ୍ୟ

II. ପୂର୍ବପ୍ରଭାବୀ

III. ବୈକଳ୍ପିକ

IV. ପ୍ରତିପୂରକ

## H. ଇଞ୍ଜିନିୟରିଂ ବୀମା

ଇଞ୍ଜିନିୟରିଂ ବୀମା ହେଉଛି ସାଧାରଣ ବୀମାର ଏକ ଶାଖା ଯାହା ଅଗ୍ନି ବୀମାର ବିକାଶ ସହିତ ସମାନ୍ତର ରୂପେ ବିକଶିତ ହୋଇଥିଲା । ଏହାର ଉପତ୍ତିକୁ ଔଦ୍ୟୋଗୀକରଣର ବିକାଶ ସହିତ ସଂପୃକ୍ତ କରାଯାଇପାରେ, ଯାହା କାରଖାନା ଓ ଯନ୍ତ୍ରପାତି

ପାଇଁ ଏକ ଅଲଗା ସୁରକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲା । ସମସ୍ତ ସଙ୍କଟ ସୁରକ୍ଷାର ଅବଧାରଣାକୁ ମଧ୍ୟ ଇଞ୍ଜିନିୟରିଂ ପ୍ରକଳ୍ପ ପ୍ରସଙ୍ଗରେ ବିକଶିତ କରାଯାଇଥିଲା – ଯାହା ବିଶେଷରୂପେ ଅପବର୍ଜିତ କାରଣ ବ୍ୟତୀତ କୌଣସି ବି କାରଣରୁ ହୋଇଥିବା କ୍ଷତିକୁ ସୁରକ୍ଷା ଦିଏ । ଉତ୍ପାଦଗୁଡିକ ବିଭିନ୍ନ ଚରଣକୁ ସୁରକ୍ଷା ଦେଲା – ନିର୍ମାଣଠାରୁ ପରୀକ୍ଷଣ ଦେଇ କାରଖାନା କାର୍ଯ୍ୟକ୍ଷମ ହେବା ପର୍ଯ୍ୟନ୍ତ । ଏହି ବୀମା ପାଇଁ ଗ୍ରାହକମାନେ ଉଭୟ ବଡ଼ ଓ କ୍ଷୁଦ୍ର ଔଦ୍ୟୋଗିକ ୟୁନିଟ୍ ହୋଇଥାନ୍ତି । ଏହା ଇଲେକ୍ଟ୍ରୋନିକ୍ ଉପକରଣ ଥିବା ଛୋଟ ଛୋଟ ୟୁନିଟ୍ ବଡ଼ ବଡ଼ ପ୍ରକଳ୍ପ କରୁଥିବା କଣ୍ଟ୍ରାକ୍ଟରମାନଙ୍କୁ ବି ଅନ୍ତର୍ଭୁକ୍ତ କରେ । ଦୁଇ ପ୍ରକାରର ଇଞ୍ଜିନିୟରିଂ ବୀମା ପଲିସୀ ଅଛନ୍ତି :

1) ବାର୍ଷିକ ପଲିସୀ-ସାଧାରଣତଃ ଗୋଟିଏ ବର୍ଷ ଅବଧିର-
   a. ଯନ୍ତ୍ରପାତି ଅଚଳତା ପଲିସୀ
   b. ବଏଲର୍ ପ୍ରେଶର୍ ପ୍ଲାଣ୍ଟ ପଲିସୀ
   c. ଇଲେକ୍ଟ୍ରୋନିକ୍ ଉପକରଣ ପଲିସୀ
   d. କଣ୍ଟ୍ରାକ୍ଟର୍ସ ପ୍ଲାଣ୍ଟ ଓ ଯନ୍ତ୍ରପାତି ପଲିସୀ
   e. ଷ୍ଟକ୍ ର ହ୍ରାସ ପଲିସୀ
   f. ସିଭିଲ ଇଞ୍ଜିନିୟରିଂ ସମାପ୍ତି ସଙ୍କଟ
2) ପ୍ରକଳ୍ପ ଅବଧି ଆଧାରରେ ପରିବର୍ତ୍ତନୀୟ ଅବଧି ଥିବା ପ୍ରକଳ୍ପ ପଲିସୀ -
   a) କଣ୍ଟ୍ରାକ୍ଟର୍ସ ସମସ୍ତ ସଙ୍କଟ ପଲିସୀ
   b) ନିର୍ମାଣ ସମସ୍ତ ସଙ୍କଟ ପଲିସୀ

**ଇଞ୍ଜିନିୟରିଂ ପଲିସୀଗୁଡିକ ସହିତ ସଂପୃକ୍ତ ଦୁଇଟି "ପରିଣାମଜନିତ ହାନି" ପଲିସୀ ଅଛନ୍ତି**:

a) **ଯନ୍ତ୍ରପାତି ଅଚଳତା ପଲିସୀ କିମ୍ବା ବଏଲର୍ ଓ ପ୍ରେଶର୍ କାରଖାନା ପଲିସୀ ସହିତ ନିଆଯାଇଥିବା ଯନ୍ତ୍ରପାତି ଅଚଳତା ଲାଭର ହାନି ପଲିସୀ** (MBLOP)

b) **ପ୍ରକଳ୍ପ ପଲିସୀ ସହିତ ନିଆଯାଇଥିବା ଅଗ୍ରୀମ ଲାଭର ହାନି (**ALOP) **କିମ୍ବା ଷ୍ଟାର୍ଟ ଅପ୍ ରେ ବିଳମ୍ବନ** (DSU) **ପଲିସୀ**

ଆସନ୍ତୁ ପଲିସୀଗୁଡିକ ସମ୍ବନ୍ଧରେ ସଂକ୍ଷେପରେ ବିଚାର କରିବା:

## A. **ବାର୍ଷିକ ପଲିସୀ**

**1.** ଯନ୍ତ୍ରପାତି ଅଚଳତା ପଲିସୀ (MB) : ଏହି ପଲିସୀଟି ପ୍ରତ୍ୟେକ ଉଦ୍ୟୋଗ ପାଇଁ ଉପଯୁକ୍ତ ଅଟେ ଯାହା ଯନ୍ତ୍ରପାତି ଉପରେ କାର୍ଯ୍ୟ କରେ ଏବଂ କାରଖାନା ଓ ଯନ୍ତ୍ରପାତିର ଅଚଳତା ଗମ୍ଭୀର ପରିଣାମର ହୋଇଥାଏ । ଏହି ପଲିସୀ ଜେନେରେଟର୍, ଟ୍ରାନ୍ସଫର୍ମର ଓ ଅନ୍ୟାନ୍ୟ ବୈଦ୍ୟୁତିକ, ଯାନ୍ତ୍ରିକ ଏବଂ ଉତ୍ତୋଳନ ଉପକରଣ ଭଳି ମେସିନ୍ ଗୁଡିକୁ ସୁରକ୍ଷା ଦିଏ ।

ଏହି ପଲିସୀ, (ପ୍ରତ୍ୟାଶିତ ସଙ୍କଟ ଅନ୍ତର୍ଗତ) କୌଣସି ବି କାରଣରୁ ଯାନ୍ତ୍ରିକ କିମ୍ବା ବୈଦ୍ୟୁତିକ ଅଚଳତା ଦ୍ୱାରା ବୀମିତ ସମ୍ପତ୍ତିକୁ ହୋଇଥିବା ଅପ୍ରତ୍ୟାଶିତ ଓ ଅଚାନକ ଭୌତିକ କ୍ଷତିକୁ ସୁରକ୍ଷା ଦିଏ:

a) ଏହା କାର୍ଯ୍ୟରେ ଥିବା ସମୟରେ କିମ୍ବା ସ୍ଥିରାବସ୍ଥାରେ ଥିବା ସମୟରେ

b) ସଫା କରିବା କିମ୍ବା ସଂପୂର୍ଣ୍ଣ ମରାମତି କରିବା ପାଇଁ ଖୋଲା ଖୋଲି କରୁଥିବା ସମୟରେ

c) ସଫା କରିବା କିମ୍ବା ସଂପୂର୍ଣ୍ଣ ମରାମତି କାର୍ଯ୍ୟ କରିବା ସମୟରେ ଏବଂ ତା' ପରେ ପୁନଃସମ୍ମିଳିତ କରିବା ସମୟରେ

d) ପରିସର ମଧ୍ୟରେ ସ୍ଥାନ ପରିବର୍ତ୍ତନ କରାଉଥିବା ସମୟରେ ।

ପ୍ରିମିୟମକୁ ବୈୟକ୍ତିକ ଯନ୍ତ୍ରପାତିର ପୁନଃସ୍ଥାପନ/ପ୍ରତିସ୍ଥାପନ ମୂଲ୍ୟ ଉପରେ ଲାଗୁ କରାଯାଇଥାଏ । ମେସିନକୁ ପୂରାପୂରି ରୂପେ ବୀମିତ କରାଯାଇଥାଏ । ଦରଗୁଡିକ ମେସିନର ପ୍ରକାର; ଉଦ୍ୟୋଗ ଯେଉଁ ଥିରେ ଏହାକୁ ଉପଯୋଗ କରାଯାଏ ଏବଂ ଏହାର ମୂଲ୍ୟ ଏସବୁ ଉପରେ ନିର୍ଭର କରେ । ଆପାତ-ଉପଯୋଗୀ ସୁବିଧା, ଉପଲବ୍ଧ ଅତିରିକ୍ତ ଅଂଶ ଓ ଦାବୀ ଅନୁଭୂତି ଭଳି କାରକଗୁଡିକ ଉପରେ ଡିସ୍କାଉଣ୍ଟ ଦିଆଯାଇଥାଏ ।

2. **ବଏଲର୍ ଓ ପ୍ରେଶର୍ କାରଖାନା ପଲିସୀ**: ଏହା ବଏଲର୍ସ ଓ ପ୍ରେଶର୍ ପାତ୍ରକୁ ନିମ୍ନ ବିରୁଦ୍ଧରେ ସୁରକ୍ଷା ଯୋଗାଇଥାଏ:

   a) ବଏଲର ଏବଂ/କିମ୍ବା ଅନ୍ୟ ପ୍ରେଶର୍ ପ୍ଲାଣ୍ଟ କିମ୍ବା ବୀମିତର ଚାରିପାଖରେ ଥିବା ସମ୍ପତ୍ତି, ନିଆଁ ବ୍ୟତୀତ, କୁ ହୋଇଥିବା କ୍ଷତି; ଏବଂ

   b) ସେଭଳି ବଏଲର୍ ଏବଂ/କିମ୍ବା ପ୍ରେଶର୍ ପ୍ଲାଣ୍ଟର ଆନ୍ତରିକ ଚାପ ଯୋଗୁଁ ବିସ୍ଫୋରଣ କିମ୍ବା ପତନ କାରଣରୁ ତୃତୀୟ ପକ୍ଷର ବ୍ୟକ୍ତିର, ଶାରୀରିକ କ୍ଷତି କିମ୍ବା ସମ୍ପତ୍ତିର କ୍ଷତି କାରଣଜନିତ ବୀମିତର ବୈଧିକ ଦାୟିତ୍ୱ ।

**ଯେହେତୁ ଅଗ୍ନି ପଲିସୀ ଏବଂ ବଏଲର୍ ବୀମା ପଲିସୀ ପାରସ୍ପରିକ ରୂପେ ଅନନ୍ୟ ଅଟନ୍ତି, ଆବଶ୍ୟକୀୟ ସୁରକ୍ଷା ପାଇଁ,**

**ଉଭୟ ପଲସୀକୁ ନେବାର ଆବଶ୍ୟକତା ଅଛି ସମସ୍ତ ଇଞ୍ଜିନିୟରିଂ ପଲିସୀ ଅନ୍ତର୍ଗତ ବୀମା ରାଶି ଚଳିତ ପ୍ରତିସ୍ଥାପନ ମୂଲ୍ୟ ହେବା ଉଚିତ୍ ।**

3. ଇଲେକ୍ଟ୍ରୋନିକ୍ ଉପକରଣ ପଲିସୀ: ଏହା ବିଭିନ୍ନ ପ୍ରକାରର ଇଲେକ୍ଟ୍ରୋନିକ୍ ଉପକରଣକୁ ସୁରକ୍ଷା ପ୍ରଦାନ କରେ, ଯାହା CPU, କି-ବୋର୍ଡ, ମନିଟର୍, ପ୍ରିଣ୍ଟର୍, UPS, ସିଷ୍ଟମ୍ ସଫ୍ଟୱେର ସମେତ ସମଗ୍ର କମ୍ପୁଟର ସିଷ୍ଟମକୁ ଅନ୍ତର୍ଭୁକ୍ତ କରିଥାଏ । ଅତିରିକ୍ତ ଉପକରଣ ଯଥା: ବାତାନୁକୂଳ, ଉତ୍ତାପ ଓ ଶକ୍ତି ରୂପାନ୍ତରଣ, ଇତ୍ୟାଦିକୁ ମଧ୍ୟ ସୁରକ୍ଷା ପ୍ରଦାନ କରାଯାଏ ।

ଏହି ପଲିସୀ ଅଗ୍ନି ପଲିସୀ, ଯନ୍ତ୍ରପାତି ବୀମା ପଲିସୀ ଏବଂ ଚୋରୀ ପଲିସୀର ଏକ ସମ୍ମିଶ୍ରଣ ଅଟେ । ପଲିସୀଟି ଆକସ୍ମିକତାଗୁଡ଼ିକୁ ସୁରକ୍ଷା ଦେଇଥାଏ, ଯେପରି କି ତ୍ରୁଟିପୂର୍ଣ୍ଣ ଡିଜାଇନ୍ (ଏକ ୱାରେଣ୍ଟି ଅନ୍ତର୍ଗତ ସୁରକ୍ଷାପ୍ରାପ୍ତ ହୋଇ ନ ଥିବା), ପ୍ରାକୃତିକ ଘଟଣାର ପ୍ରଭାବ; ଭୋଲ୍ଟେଜ୍ ପରିବର୍ତ୍ତନ, ପ୍ରଭାବୀ ଆଘାତ ଇତ୍ୟାଦି କାରଣରୁ ତ୍ରୁଟିପୂର୍ଣ୍ଣ କାର୍ଯ୍ୟପ୍ରଣାଳୀ, ଡକାୟତି, ଗୃହ ଭେଦନ ଓ ଚୋରୀ ମଧ୍ୟ ସୁରକ୍ଷା ପ୍ରାପ୍ତ ହୋଇଥାନ୍ତି ।

ପଲିସୀଟି ପ୍ରତ୍ୟେକ ପ୍ରକରଣରେ ଦାୟିତ୍ୱ କିମ୍ବା ଦେୟତା ଆଧାରରେ, ମାଲିକ, ପଟ୍ଟାଦାତା କିମ୍ବା ଉଡାଦାତା ପାଇଁ ଉପଲବ୍ଧ ଅଟେ । ଏହାର ସାଧାରଣତଃ ତିନୋଟି ବିଭାଗ ଅଛି ଯାହା ବିଭିନ୍ନ ପ୍ରକାରର ହାନିକୁ ସୁରକ୍ଷା ପ୍ରଦାନ କରିଥାଏ:

a) **ବିଭାଗ 1: ଉପକରଣର ହାନି ଓ କ୍ଷତି**

b) **ବିଭାଗ 2: କମ୍ପ୍ୟୁଟର ବାହ୍ୟ ହାର୍ଡ ଡିସ୍କ ଭଳି ବାହ୍ୟ ଡାଟା ମିଡିଆର ହାନି ଓ କ୍ଷତି**

c) **ବିଭାଗ 3:** କାର୍ଯ୍ୟଚାଳନର ବର୍ଦ୍ଧିତ ମୂଲ୍ୟ -12, 26, 40 କିମ୍ବା 52 ସପ୍ତାହ ପର୍ଯ୍ୟନ୍ତ ବୈକଳ୍ପିକ ଉପକରଣ ଉପରେ ଅବିଚ୍ଛିନ୍ନ ତଥ୍ୟ ପ୍ରୋସେସିଙ୍ଗ୍ ସୁନିଶ୍ଚିତ କରିବା ପାଇଁ ।

4. **କଣ୍ଟ୍ରାକ୍ଟର୍ସ କାରଖାନା ଓ ଯନ୍ତ୍ରପାତି (CPM) ପଲିସୀ**: ନିମ୍ନଲିଖିତ ସମେତ କୌଣସି ବି କାରଣରୁ ହୋଇଥିବା ଅପ୍ରତ୍ୟାଶିତ ଓ ଅଚାନକ ଭୌତିକ ହାନି କିମ୍ବା କ୍ଷତି ଠାରୁ କ୍ରେନ୍, ଏକ୍ସାଭେଟର୍ ଭଳି ସମସ୍ତ ପ୍ରକାରର ଯନ୍ତ୍ରପାତିକୁ ସୁରକ୍ଷା ଦେବା ପାଇଁ ନିର୍ମାଣ ବ୍ୟବସାୟରେ ସଂପୃକ୍ତ ଠିକାଦାରମାନଙ୍କ ପାଇଁ ଉପଯୁକ୍ତ:

a) ଡକାୟତି, ଚୋରୀ, ଦଙ୍ଗା, ଝଡ଼, ହାନିକାରକ କ୍ଷତି, ତୋଫାନ

b) ନିଆଁ ଓ ବିଜୁଳୀ, ବାହ୍ୟ ବିସ୍ଫୋରଣ, ଭୂମିକମ୍ପ ଏବଂ ଅନ୍ୟାନ୍ୟ ଦୈବୀ କାର୍ଯ୍ୟ ଆପଦ

c) ତ୍ରୁଟିପୂର୍ଣ୍ଣ ଦୁରୂପଯୋଗ, ପକାଇବା କିମ୍ବା ପଡ଼ିବା, ପତନ, ଧକ୍କା କିମ୍ବା ପ୍ରଭାବ ଯୋଗୁଁ କାର୍ଯ୍ୟରେ ଥିବା ବେଳେ ଦୁର୍ଘଟଣାଜନିତ କ୍ଷତି ।

ଲାଗୁ କରିବାକୁ ଥିବା ପ୍ରିମିୟମ ଉପକରଣର ପ୍ରକାର ଏବଂ ସ୍ଥାନ ଯେଉଁଠି ଏହା କାର୍ଯ୍ୟ କରେ, ଏସବୁ ଉପରେ ନିର୍ଭର କରେ ।

ସୁରକ୍ଷାଟି କ୍ରିୟାଶୀଳ ହୁଏ ଯେତେବେଳେ ଉପକରଣଟି କାର୍ଯ୍ୟରେ କିମ୍ବା ସ୍ଥିରାବସ୍ଥାରେ ଥାଏ କିମ୍ବା ସଫା କରିବା କିମ୍ବା ସଂପୂର୍ଣ୍ଣ ମରାମତି ପାଇଁ ଖୋଲାଯାଇଥାଏ କିମ୍ବା ତା' ପରେ ପୁନଃ-ସମ୍ମିଳିତ କରାଯାଇଥାଏ । ସୁରକ୍ଷାଟି ମଧ୍ୟ ଲାଗୁ ହୁଏ ଯେତେବେଳେ ସେଗୁଡ଼ିକ କଣ୍ଟ୍ରାକ୍ଟରର ନିଜ ପରିସର ମଧ୍ୟରେ ପଡ଼ି ରହିଥାଏ । ଅବଶ୍ୟ, "ଭାରତରେ କେଉଁଠାରେ ବି ଆଧାର" ରେ ଉପକରଣକୁ ସୁରକ୍ଷା ଦେଉଥିବା ଫ୍ଲୋଟର ପଲିସୀ ମଧ୍ୟ, **10%** ଅତିରିକ୍ତ ପ୍ରିମିୟମ ଲାଗୁ କରି ଏବଂ କିଛି ନିର୍ଦ୍ଦିଷ୍ଟ ସର୍ତ୍ତାବଳୀ ସହିତ, ଉପଲବ୍ଧ ହୋଇଥାଏ ।

5. **ଷ୍ଟକ୍ ର ଗୁଣହାନୀ ପଲିସୀ**: ଏହି ପଲିସୀଟି ଶୀତଳ ଭଣ୍ଡାର (ବୈୟକ୍ତିକ କିମ୍ବା ଏକ ସମବାୟ ସମିତି) ର ମାଲିକଙ୍କ ପାଇଁ କିମ୍ବା ଯେଉଁମାନେ ବିନାଶଶୀଳ ବସ୍ତୁଗୁଡ଼ିକ ଭଣ୍ଡାରଣ ପାଇଁ ପଟ୍ଟା କିମ୍ବା ଭଡ଼ାରେ ଶୀତଳ ଭଣ୍ଡାରକୁ ନେଇଥାନ୍ତି, ସେମାନଙ୍କ ପାଇଁ ଉପଯୁକ୍ତ ଅଟେ । ସୁରକ୍ଷାଟି ରେଫ୍ରିଜେରେଶନ୍ ପ୍ଲାଣ୍ଟର ଅଚଳତା ପରି ଏବଂ ତାପମାତ୍ରାରେ ବୃଦ୍ଧି ଓ ଶୀତଳ ଭଣ୍ଡାର କୋଠରୀ ଭିତରକୁ ଶୀତଳ କରୁଥିବା ଯନ୍ତ୍ରର ଅଚାନକ ଓ ଅପ୍ରତ୍ୟାଶିତ ପ୍ରବେଶ ଯୋଗୁଁ ମଧ୍ୟ ହ୍ରାସ/କ୍ଷୟ ଓ ସଂକ୍ରମଣର ସଙ୍କଟ ବିରୁଦ୍ଧରେ ହୋଇଥାଏ ।

6. **ସିଭିଲ୍ ଇଞ୍ଜିନିୟରିଂ ସମାପ୍ତି ସଙ୍କଟ:** ଏହାକୁ ସାଧାରଣତଃ ସେହି କଣ୍ଟ୍ରାକ୍ଟରମାନଙ୍କ ଦ୍ୱାରା ନିଆଯାଇଥାଏ ଯେଉଁମାନଙ୍କୁ ସଂପୂର୍ଣ୍ଣ ହେବା ପରେ ସିଭିଲ୍ ପ୍ରକଳ୍ପଗୁଡ଼ିକୁ ବଜାୟ ରଖିବାକୁ ପଡ଼ିଥାଏ । ସିଭିଲ୍ ପ୍ରକଳ୍ପ ଯେପରି କି –ପୋଲ, ଶୁଖିଲା ବନ୍ଦର, ବନ୍ଦର, ଜେଟିସ୍ ରେଲୱେ ଲାଇନ୍ସ, ପଥର ପୂର୍ଣ୍ଣ ବନ୍ଧ, କଂକ୍ରିଟ୍ ବନ୍ଧ, ମାଟି ବନ୍ଧ, କେନାଲ, ଜଳସେଚନ ପ୍ରଣାଳୀକୁ ଏହି ପଲିସୀ ଅନ୍ତର୍ଗତ ବିଚାର କରାଯାଇଥାଏ । ସୁରକ୍ଷାପ୍ରାପ୍ତ ସଙ୍କଟଗୁଡ଼ିକ ହେଉଛନ୍ତି -

1. **ନିଆଁ**
2. **ବିଜୁଳୀ**
3. **ବିସ୍ଫୋରଣ/ ଫାଟିବା**
4. **ଦଙ୍ଗା , ଷ୍ଟ୍ରାଇକ୍ , ହାନିକାରକ କ୍ଷତି**
5. **କୌଣସି ରେଳ/ସଡ଼କ କିମ୍ବା ଜଳ ବାହିତ ବାହନ କିମ୍ବା ପ୍ରାଣୀ ର ପ୍ରଭାବ**

6. **ଝଡ଼ ବାତ୍ୟା, ଟାଇଫୁନ୍, ତୋଫାନ, ଝଞ୍ଜାବାତ, ଜଳସ୍ତମ୍ଭ, ବନ୍ୟା ଏବଂ ଜଳପ୍ଲାବନ, ଜଳର ତରଙ୍ଗ କାର୍ଯ୍ୟ**
7. **ଅବତଳନ ଏବଂ (ପଥର ସ୍ଖଳନ ସମେତ) ଭୂ ସ୍ଖଳନ କ୍ଷତି**
8. **ଭୂମିକମ୍ପ ନିଆଁ ଏବଂ ଝଟକା (ଭୂମିକମ୍ପ ଯୋଗୁଁ ହୋଇଥିବା ବନ୍ୟା ସମେତ), ସୁନାମୀ**
9. **ତୁଷାର, ହିମସ୍ଖଳନ, ବରଫ ।**

B. <u>ପ୍ରକଳ୍ପ ପଲିସୀ (Project Policy)</u>

ଏହି ପଲିସୀଗୁଡିକୁ ସାଧାରଣତଃ ପ୍ରକଳ୍ପର ସମୟାବଧି ପାଇଁ ଜାରୀ କରାଯାଏ ଏବଂ ଏକ ବାର୍ଷିକ ଆଧାରରେ ହୋଇ ନ ପାରେ ।

1. **କଣ୍ଟ୍ରାକ୍ଟର ସମସ୍ତ ସଙ୍କଟ (C.A.R.) ପଲିସୀ** : ଏହାକୁ ଛୋଟ ଛୋଟ ବିଲ୍ଡିଙ୍ଗ୍ ଠାରୁ ବଡ଼ ବଡ଼ ବନ୍ଧ, ବିଲ୍ଡିଙ୍ଗ୍, ପୋଲ, ସୁଡଙ୍ଗ, ଇତ୍ୟାଦି ସିଭିଲ ଇଞ୍ଜିନିୟରିଂ ପ୍ରକଳ୍ପରେ ନିଯୁକ୍ତ ଠିକାଦାର ଏବଂ ପ୍ରଧାନ ବ୍ୟକ୍ତିମାନଙ୍କ ହିତର ସୁରକ୍ଷା କରିବା ପାଇଁ ଡିଜାଇନ୍ କରାଯାଏ । ପଲିସୀଟି ଏକ "ସମସ୍ତ ସଙ୍କଟ"ସୁରକ୍ଷା ପ୍ରଦାନ କରେ –ଯାହା ଏପ୍ରକାରେ ନିର୍ମାଣ ସ୍ଥଳରେ ବୀମିତ ସମ୍ପତ୍ତିର ଘଟିଥିବା ତୁରନ୍ତ ଓ ଅପ୍ରତ୍ୟାଶିତ ହାନି କିମ୍ବା କ୍ଷତି ବିରୁଦ୍ଧରେ କ୍ଷତିପୂର୍ତ୍ତି ପ୍ରଦାନ କରେ । ଏହାକୁ ତୃତୀୟ ପକ୍ଷ ଦାୟିତ୍ୱ ଏବଂ ଅନ୍ୟାନ୍ୟ ସଂସର୍ଗକୁ ସୁରକ୍ଷା ଦେବାପାଇଁ ବିସ୍ତାରିତ କରାଯାଇପାରେ । ପ୍ରଯୁଜ୍ୟ ପ୍ରିମିୟମ ପ୍ରକଳ୍ପର ସ୍ୱରୂପ, ପ୍ରକଳ୍ପ ମୂଲ୍ୟ, ପ୍ରକଳ୍ପ ଅବଧି, ଭୌଗୋଳିକ ସ୍ଥିତି ଏବଂ ପରୀକ୍ଷଣ ଅବଧି ଉପରେ ନିର୍ଭର କରେ ।

2. **ନିର୍ମାଣ ସମସ୍ତ ସଙ୍କଟ (EAR) ପଲିସୀ**: ଏହି ପଲିସୀକୁ ସଂଚୟନ-ଯୁକ୍ତ-ନିର୍ମାଣ (SCE) ପଲିସୀ ମଧ୍ୟ କୁହାଯାଏ । ଏହା ଏକ ପ୍ରକଳ୍ପର ପ୍ରଧାନ କିମ୍ବା ଠିକାଦାରମାନଙ୍କ ପାଇଁ ଉପଯୁକ୍ତ ଅଟେ ଯେଉଁଠି କାରଖାନା ଓ ଯନ୍ତ୍ରପାତିର ନିର୍ମାଣ କରାଯାଉଥାଏ ଯେହେତୁ ଏହା ବିଭିନ୍ନ ବାହ୍ୟ ସଙ୍କଟଗୁଡିକର ସଂସର୍ଗରେ ଆସିଥାଏ । ଏହା ଏକ ବ୍ୟାପକ ବୀମା ପଲିସୀ ଅଟେ ଯାହା ପ୍ରକଳ୍ପ ସ୍ଥଳରେ ସାମଗ୍ରୀଗୁଡିକୁ ଓହ୍ଲାଇବା ମୁହୂର୍ତ୍ତଠାରୁ ଏବଂ ସମଗ୍ର ପ୍ରକଳ୍ପ ଅବଧିରେ ଚାଲୁ ରହିଥାଇ ପ୍ରକଳ୍ପକୁ ପରୀକ୍ଷଣ କରିବା ଧାରଣ କରିବା ଏବଂ ହସ୍ତାନ୍ତରିତ କରିବା ପର୍ଯ୍ୟନ୍ତ ଆସିଥିବା କୌଣସି ବି ପ୍ରକାରର ଆକସ୍ମିକତାକୁ ସୁରକ୍ଷା ପ୍ରଦାନ କରିଥାଏ ।

   ପ୍ରଯୁଜ୍ୟ ପ୍ରିମିୟମ ପ୍ରକଳ୍ପର ସ୍ୱରୂପ, ମୂଲ୍ୟ, ପ୍ରକଳ୍ପ ଅବଧି, ଭୌଗୋଳିକ ସ୍ଥିତି ଏବଂ ପରୀକ୍ଷଣ ଅବଧି ଉପରେ ନିର୍ଭର କରେ ।

   **ଯଦି ଆବଶ୍ୟକ ହୁଏ, ପାରବହନ ଚରଣ ସମୟରୁ ପ୍ରକଳ୍ପ ଫଳରେ ଏହାକୁ ପ୍ରଦାନ କରିବା ପର୍ଯ୍ୟନ୍ତ ଉପକରଣ ଓ ସାମଗ୍ରୀଗୁଡିକୁ ବୀମା ସୁରକ୍ଷା ପ୍ରଦାନ କରିବାପାଇଁ ନିର୍ମାଣ ପଲିସୀ ସହିତ ଏକ ସାମୁଦ୍ରିକ ସୁରକ୍ଷା ଜାରୀ କରାଯାଇ ପାରେ ।**

C. **ପରିଣାମଜନିତ ହାନି ପଲିସୀ/ବ୍ୟବସାୟ ବ୍ୟାଘାତ ପଲିସୀ**

ଏହି ପ୍ରକାରର ପଲିସୀଗୁଡିକୁ ଅନ୍ୟାନ୍ୟ ହାନି ଠାରୁ ଉତ୍ପନ୍ନ ହୋଇଥିବା ହାନିଗୁଡିକୁ ସୁରକ୍ଷା ଦେବାପାଇଁ ଜାରୀ କରାଯାଇଥାଏ । ଏଗୁଡିକୁ 'ବ୍ୟବସାୟ ବ୍ୟାଘାତ' ପଲିସୀ କିମ୍ବା 'ଲାଭ ର ହାନି' ପଲିସୀ ମଧ୍ୟ କୁହାଯାଏ ।

3. **ଯନ୍ତ୍ରପାତି ଲାଭର ହାନି** (MLOP) **ପଲିସୀ**

ଏହି ପଲିସୀଟି ଉଦ୍ୟୋଗମାନଙ୍କ ପାଇଁ ଉପଯୁକ୍ତ ଅଟେ ଯେଉଁଠି ଯନ୍ତ୍ରପାତି ଅଚଳତା କିମ୍ବା ବଏଲର୍ ବିସ୍ଫୋରଣ ଫଳ ସ୍ୱରୂପ ବ୍ୟାଘାତ କିମ୍ବା ବିଳମ୍ବନର ପରିଣାମ ଅତ୍ୟନ୍ତ ପରିଣାମଜନିତ ହାନି ହୋଇଥାଏ ।

ଯେଉଁଠି ଅଚଳତା କିମ୍ବା ହାନି ଏବଂ ମରାମତି ମଧ୍ୟରେ ସମୟ ବିଳମ୍ବନ ଅଧିକ ହୋଇଥାଏ, ଏହି ପଲିସୀ ଟର୍ନଓଭରରେ ହ୍ରାସ ଓ କାର୍ଯ୍ୟର ମୂଲ୍ୟରେ ବୃଦ୍ଧିଯୋଗୁଁ  ମଝିର ସମୟାବଧିରେ ଲାଭଗୁଡିକର ହାନି ପାଇଁ କ୍ଷତିପୂରଣ ଦେଇଥାଏ । ବ୍ୟବସାୟ ବ୍ୟାଘାତ ପଲିସୀର ନିୟମ ଓ ସର୍ତ୍ତାବଳୀ ଏବଂ ବୀମା ସୁରକ୍ଷା ଏକ ଅଗ୍ନି ପଲିସୀ ହାନି ପରବର୍ତ୍ତୀ ବ୍ୟବସାୟ ବ୍ୟାଘାତ ପଲିସୀ ଭଳି ସେହି ଏକା ହୋଇଥାଏ, ଯାହା ବିଷୟରେ ଏହି ଅଧ୍ୟାୟରେ ପୂର୍ବରୁ ଆଲୋଚନା କରାଯାଇଛି ।

4. **ଲାଭର ଅଗ୍ରୀମ ହାନି ସୁରକ୍ଷା** (ALOP) **କିମ୍ବା ଷ୍ଟାର୍ଟ–ଅପ୍ ପଲିସୀରେ ବିଳମ୍ବନ** (D.S.U.)

ଏହା ପ୍ରକଳ୍ପ ଅବଧିରେ ଦୁର୍ଘଟଣାଜନିତ ହାନି କାରଣରୁ ବିଳମ୍ବ ହେଉଥିବା ଏକ ପ୍ରକଳ୍ପର ଆର୍ଥିକ ପରିଣାମକୁ ସୁରକ୍ଷା ଦେଇଥାଏ । ଏହା ସେହି ବୀମିତ ପାଇଁ ଉପଯୁକ୍ତ ଅଟେ ଯିଏ ପ୍ରତ୍ୟାଶିତ ଆୟରୁ ବଞ୍ଚିତ ହୋଇଥାଏ ଏବଂ ଆର୍ଥିକ ସଂସ୍ଥାନମାନଙ୍କ ପାଇଁ ପ୍ରକଳ୍ପରେ ଥିବା ସେମାନଙ୍କ ହିତ ପର୍ଯ୍ୟନ୍ତ ଉପଯୁକ୍ତ ହୋଇଥାଏ । ଏହାକୁ, ପ୍ରକଳ୍ପର ବାସ୍ତବ ପ୍ରାରମ୍ଭ ପୂର୍ବରୁ MCE/ EAR/CAR ପଲିସୀର ଏକ ବିସ୍ତାରଣ ରୂପେ ଜାରୀ କରାଯାଇଥାଏ ।

ପଲିସୀଟି ମିଆଦି ଋଣ, ଡିବେନ୍ଚର୍, ମଞ୍ଜୁରୀ ଏବଂ ବେତନ ଉପରେ ସୁଧ ଇତ୍ୟାଦି, ଏବଂ ପ୍ରତ୍ୟାଶିତ ଶୁଦ୍ଧ ଲାଭ ଯାହାକୁ ବ୍ୟବସାୟ ଅର୍ଜିତ କରିଥାନ୍ତା ଯଦି ଏହା ନିର୍ଦ୍ଧାରିତ ତାରିଖରେ ଆରମ୍ଭ ହୋଇଥାନ୍ତା, ଏହା ଉପରେ ମଧ୍ୟ ସୁଧ, ଏହି ସବୁ ଭଳି ଚାଲୁ ରହିଥିବା ଖର୍ଚ୍ଚ ରୂପେ ଆର୍ଥିକ ହାନିଗୁଡିକୁ ମଧ୍ୟ ସୁରକ୍ଷା ଦେଇଥାଏ ।

ପ୍ରିମିୟମ ହାର ନିର୍ଦ୍ଧାରଣ ବିଭିନ୍ନ ମହତ୍ୱପୂର୍ଣ୍ଣ କାରକ ଉପରେ ଏବଂ ଉପଲବ୍ଧ ପୁନଃ-ବୀମା ସହାୟତା ଉପରେ ନିର୍ଭର କରେ । ପ୍ରତ୍ୟାଶିତ ମୋଟ ଲାଭ କିମ୍ବା ଟର୍ନଓଭର ଏବଂ କ୍ଷତିପୂର୍ତ୍ତି ଅବଧି ମଧ୍ୟ ପ୍ରଦାନଯୋଗ୍ୟ ପ୍ରିମିୟମର ନିର୍ଦ୍ଧାରଣରେ ମହତ୍ୱପୂର୍ଣ୍ଣ କାରକ ହୋଇଥାନ୍ତି ।

**ସ୍ୱୟଂ ପରୀକ୍ଷା କରନ୍ତୁ 8**

ଷ୍ଟାର୍ଟ-ଅପ୍ ପଲିସୀରେ ବିଳମ୍ବନ ______________ ରୂପେ ମଧ୍ୟ ପରିଚିତ ଅଟେ ।

I. ଯନ୍ତ୍ରପାତି ଲାଭର ହାନି ସୁରକ୍ଷା

II. ଅଗ୍ରୀମ ଲାଭର ହାନି ସୁରକ୍ଷା

III. କଣ୍ଟ୍ରାକ୍ଟର୍ସ ସମସ୍ତ ସଙ୍କଟ ସୁରକ୍ଷା

IV. କଣ୍ଟ୍ରାକ୍ଟର୍ସ କାରଖାନା ଓ ଯନ୍ତ୍ରପାତି ସୁରକ୍ଷା

## I. ଔଦ୍ୟୋଗିକ ସମସ୍ତ ସଙ୍କଟ ବୀମା (IAR)

ଔଦ୍ୟୋଗିକ ସମସ୍ତ ସଙ୍କଟ ପଲିସୀକୁ ଔଦ୍ୟୋଗିକ ସମ୍ପତ୍ତି–ଉଭୟ ଉତ୍ପାଦନ ଓ ଭଣ୍ଡାରଣ ସୁବିଧାକୁ, ଗୋଟିଏ ପଲିସୀ ଅନ୍ତର୍ଗତ ଭାରତରେ କୌଣସି ସ୍ଥାନରେ ବି, ସୁରକ୍ଷା ଦେବାପାଇଁ ଅଭିକଳ୍ପିତ କରାଯାଇଥିଲା । ଏହା ଭୌତିକ କ୍ଷତି ଓ ବ୍ୟବସାୟ ବ୍ୟାଘାତ ବିରୁଦ୍ଧରେ କ୍ଷତିପୂର୍ତ୍ତି ପ୍ରଦାନ କରିଥାଏ ।

ସାଧାରଣତଃ, ପଲିସୀଟି ନିମ୍ନଗୁଡିକ ପାଇଁ ସୁରକ୍ଷା ପ୍ରଦାନ କରେ:

i. ଅଗ୍ନି ବୀମା ପ୍ରଥା ଅନୁସାରେ, ଅଗ୍ନି ଏବଂ ବିନିର୍ଦ୍ଦିଷ୍ଟ ଆପଦ,

ii. ଚୋରୀ (ଲାର୍ସେନୀ ବ୍ୟତୀତ)

iii. ଯନ୍ତ୍ରପାତି ଅଚଳତା/ବଏଲର୍ ବିସ୍ଫୋରଣ/ଇଲେକ୍ଟ୍ରୋନିକ୍ ଉପକରଣ

iv. ଉପରେ ଉଲ୍ଲିଖିତ ଆପଦଗୁଡିକର କାର୍ଯ୍ୟକଳାପ ପରେ ହୋଇଥିବା ବ୍ୟବସାୟ ବ୍ୟାଘାତ

(ଧ୍ୟାନ ଦିଅନ୍ତୁ: ଉପରୋକ୍ତ (iii) ଅନ୍ତର୍ଗତ ଆପଦଗୁଡିକ ପରେ ବ୍ୟବସାୟ ବ୍ୟାଘାତକୁ ସାଧାରଣତଃ ପ୍ୟାକେଜ୍ ସୁରକ୍ଷାରେ ଅନ୍ତର୍ଭୁକ୍ତ କରାଯାଇ ନ ଥାଏ କିନ୍ତୁ ବୈକଳ୍ପିକ ସୁରକ୍ଷା ରୂପେ ଉପଲବ୍ଧ ହୋଇଥାଏ )

- ✓ ପଲିସୀଟି ବୈୟକ୍ତିକ ପରିଚାଳନ ପଲିସୀଗୁଡିକ ଦ୍ୱାରା ପ୍ରଦାନ କରାଯାଇଥିବା ସୁରକ୍ଷା ତୁଳନାରେ ବ୍ୟାପକତମ ଶ୍ରେଣୀର ସୁରକ୍ଷା ପ୍ରଦାନ କରିଥାଏ ।
- ✓ ପଲିସୀ ପାଇଁ ପ୍ରିମିୟମ ହାର ଚୟନିତ ସୁରକ୍ଷା, ଦାବୀ ଅନୁଭୂତି, ଏବଂ ଚୟନିତ କାଟଯୋଗ୍ୟ, MLOP ପାଇଁ ସଙ୍କଟ ମୂଲ୍ୟାଙ୍କନ ରିପୋର୍ଟ ଇତ୍ୟାଦି ଉପରେ ନିର୍ଭର କରେ ।

**ସ୍ୱୟଂ ପରୀକ୍ଷା କରନ୍ତୁ 9**

ନିମ୍ନଲିଖିତ ମଧ୍ୟରୁ କେଉଁ ଗୋଟିକ ଔଦ୍ୟୋଗିକ ସମସ୍ତ ସଙ୍କଟ ବୀମା ଅନ୍ତର୍ଗତ ସୁରକ୍ଷାପ୍ରାପ୍ତ ହୋଇ ନ ଥାଏ ?

I. ଅଗ୍ନି ବୀମା ପ୍ରଥା ଅନୁସାରେ ଅଗ୍ନି ଏବଂ ବିଶେଷ ଆପଦ

II. ଲାର୍ସେନୀ

III. ଯନ୍ତ୍ରପାତି ଅଚଳତା

IV. ଇଲେକ୍ଟ୍ରୋନିକ୍ ଉପକରଣ

## J. ସାମୁଦ୍ରିକ ବୀମା

**ସାମୁଦ୍ରିକ ବୀମାକୁ ଦୁଇ ପ୍ରକାରରେ ବର୍ଗୀକୃତ କରାଯାଏ: ସାମୁଦ୍ରିକ କାର୍ଗୋ ଏବଂ ସାମୁଦ୍ରିକ ହଲ୍**

### 1. ସାମୁଦ୍ରିକ କାର୍ଗୋ ବୀମା

ଯଦିଓ 'ସାମୁଦ୍ରିକ' ପଦଟି ସମୁଦ୍ର (ସାମୁଦ୍ରିକ) ଦୁଃସାହସୀକତା ଯୋଗୁଁ ହୋଇଥିବା ହାନିଗୁଡିକୁ କେବଳ ସୂଚୀତ କରେ, ସାମୁଦ୍ରିକ କାର୍ଗୋ ବୀମା ତା' ଠାରୁ ଅତ୍ୟନ୍ତ ଅଧିକକୁ ବୀମା ଯୋଗାଇ ଥାଏ । ଏହା, ଦେଶ ମଧ୍ୟରେ ତଥା ବିଦେଶରେ, ରେଳ, ସଡ଼କ, ସମୁଦ୍ର, ଆକାଶ ମାର୍ଗ କିମ୍ବା ପଞ୍ଜିକୃତ ଡାକ ଦ୍ୱାରା ପାରବହନ ସମୟରେ ଜିନିଷଗୁଡିକର ହୋଇଥିବା ହାନି କିମ୍ବା କ୍ଷତି ପରିପ୍ରେକ୍ଷୀରେ କ୍ଷତିପୂର୍ତ୍ତି ପ୍ରଦାନ କରେ । ଜିନିଷଗୁଡିକର ପ୍ରକାର ହୀରାଠାରୁ ଗୃହସ୍ଥ ଜିନିଷ ପର୍ଯ୍ୟନ୍ତ, ସିମେଣ୍ଟ, ଶସ୍ୟ ଭଳି ବଡ଼ ଆକାରର ସାମଗ୍ରୀ, ପ୍ରକଳ୍ପଗୁଡିକ ପାଇଁ ଅତ୍ୟଧିକ ଆକାରର କାର୍ଗୋ ଇତ୍ୟାଦି ମଧ୍ୟରେ ଭିନ୍ନ ଭିନ୍ନ ହୋଇପାରେ ।

କାର୍ଗୋ ବୀମା ଘରୋଇ ବ୍ୟାପାର ତଥା ଆନ୍ତର୍ଜାତିକ ବ୍ୟାପାରରେ ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ବିକ୍ରୟର ଅଧିକାଂଶ ଚୁକ୍ତିରେ ଆବଶ୍ୟକ ହୁଏ ଯେ ବିକ୍ରେତା ଦ୍ୱାରା ହେଉ କିମ୍ବା କ୍ରେତା ଦ୍ୱାରା ହେଉ, ହାନି କିମ୍ବା କ୍ଷତି ବିରୁଦ୍ଧରେ ଜିନିଷକୁ ନିଶ୍ଚିତ ରୂପେ ସୁରକ୍ଷା ଦେବା ଉଚିତ୍ ।

**ବୀମାକୁ କିଏ ପ୍ରଭାବୀ କରେ: ଜିନିଷ/ବସ୍ତୁ [କନ୍ସାଇନ୍ମେଣ୍ଟ] ର ବିକ୍ରେତା କିମ୍ବା କ୍ରେତା ବିକ୍ରୟର ଚୁକ୍ତି ଆଧାରରେ କାର୍ଗୋକୁ ବୀମିତ କରିପାରେ ।**

ସାମୁଦ୍ରିକ ବୀମା ଚୁକ୍ତିରେ ସେହି ସବୁ ପ୍ରାବଧାନ ରହିବା ଆବଶ୍ୟକ ଯେଉଁଗୁଡିକ ଆନ୍ତର୍ଜାତିକ ରୂପେ ଲାଗୁ ହୋଇଥାନ୍ତି । ଏହା ଏହି କାରଣରୁ ହୋଇଥାଏ ଯେ ଏହା ସେହିସବୁ ଜିନିଷକୁ ସୁରକ୍ଷା ଦିଏ ଯେଉଁଗୁଡିକ କୌଣସି ଦେଶର ସୀମା ବାହାରେ ପାରବହନରେ ଥାଆନ୍ତି । ସୁରକ୍ଷାଗୁଡିକ ତଦନୁସାରେ ଆନ୍ତର୍ଜାତିକ ପରମ୍ପରା ଏବଂ ପଲିସୀରେ ସଂଲଗ୍ନ କରାଯାଇଥିବା କେତେକ ଅନୁଚ୍ଛେଦ ଦ୍ୱାରା ସଂଚାଳିତ ହୋଇଥାନ୍ତି ।

ଯେତେବେଳେ ମୂଳ ପଲିସୀ ଦସ୍ତାବିଜରେ ସାଧାରଣ ସର୍ତ୍ତଗୁଡିକୁ ସମ୍ମିଳିତ କରାଯାଇଥାଏ, ବୀମା ଓ ବ୍ୟତିକ୍ରମ ଏବଂ ବିଶିଷ୍ଟ ଅପବର୍ଜନର ବ୍ୟାପକତାକୁ ସଂସ୍ଥାନ କାର୍ଗୋ ଅନୁଚ୍ଛେଦ (ICC) କୁହାଯାଉଥିବା ଭିନ୍ନ ଅନୁଚ୍ଛେଦ ଗୁଡିକ ଦ୍ୱାରା ସଂଲଗ୍ନ କରାଯାଇଥାଏ । ଏଗୁଡିକର ପ୍ରାରୂପକୁ  ଲଣ୍ଡନ ସଂସ୍ଥାନ ସଙ୍କଟାଙ୍କକମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥାଏ ।

**a) ସାମୁଦ୍ରିକ କାର୍ଗୋ ବୀମା ଅନ୍ତର୍ଗତ ବୀମା ସୁରକ୍ଷା**

କାର୍ଗୋ ପଲିସୀଗୁଡିକ ବସ୍ତୁତଃ ଜଳଯାତ୍ରା ପଲିସୀ ହୋଇଥାନ୍ତି, ଅର୍ଥାତ୍ ସେମାନେ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ପାରବହନରେ ଥିବା ସମୟର ବିଷୟବସ୍ତୁକୁ ସୁରକ୍ଷା ଦେଇଥାନ୍ତି । ଅବଶ୍ୟ, ବୀମିତକୁ ତା' ନିୟନ୍ତ୍ରଣ ମଧ୍ୟରେ ସମସ୍ତ ପରିସ୍ଥିତିରେ ସର୍ବଦା ଯଥାର୍ଥ ଧ୍ୟାନର ସହିତ କାର୍ଯ୍ୟ କରିବା ଆବଶ୍ୟକ ହୋଇଥାଏ । ଏହି  ପଲିସୀର ମୁଖ୍ୟ ବିଶେଷତା ହେଉଛି ଯେ ଏହା ଏକ ସମ୍ମତ ମୂଲ୍ୟ ପଲିସୀ ଅଟେ  ।  ମୂଲ୍ୟାଙ୍କନ ବୀମାକର୍ତ୍ତା ଓ ବୀମିତ ମଧ୍ୟରେ ସମ୍ମତ ହୋଇଥାଏ ଏବଂ ପରେ ପୁନଃମୂଲ୍ୟାଙ୍କନର ଅଧୀନ ହୁଏ ନାହିଁ ଯଦି କୌଣସି କପଟର ସନ୍ଦେହ କରା ନ ଯାଏ । ବୀମା ରାଶି ପାଇଁ ପରିପାଟୀ  ହେଉଛି CIF + 10% (ବୀମା ଏବଂ ଭଡ଼ାର ମୂଲ୍ୟ + 10%) । ଅନ୍ୟ ଏକ ଅନନ୍ୟ ବିଶେଷତା ହେଉଛି ଯେ ପଲିସୀଟି ମୁକ୍ତ ରୂପେ ସମନୁଦେଶନଯୋଗ୍ୟ ଅଟେ ।

ପଲିସୀଟି, ବିକ୍ରୟ ଚୁକ୍ତିର ନିୟମାବଳୀ ଆଧାରରେ, ସାଧାରଣତଃ ସେହି ସମୟ ଠାରୁ ଆରମ୍ଭ ହୁଏ ଯେଉଁ ସମୟରେ ଜିନିଷପତ୍ର ପଲିସୀରେ ନାମିତ ସ୍ଥାନରେ ଥିବା ଗୋଦାମକୁ ଛାଡ଼ିଥାଏ ଏବଂ ପଲିସୀରେ ନାମିତ ଲକ୍ଷ୍ୟ ସ୍ଥଳରେ ସମାପ୍ତ ହୋଇଥାଏ ।

ପ୍ରଯୁଜ୍ୟ ନିୟମ ଓ ସର୍ତ୍ତାବଳୀ ନିମ୍ନ ମଧ୍ୟରୁ କାହା ଦ୍ୱାରା ବି ସଂଚାଳିତ ହୋଇଥାଏ;

i. ଅନ୍ତର୍ଦେଶୀୟ ପାରବହନ ପାଇଁ ଅନ୍ତର୍ଦେଶୀୟ ପାରବହନ ଅନୁଚ୍ଛେଦ (ITC) A, B କିମ୍ବା C

ii. ସମଦ୍ର ଦ୍ୱାରା ଜଳଯାତ୍ରା ପାଇଁ ସଂସ୍ଥାନ କାର୍ଗୋ ଅନୁଚ୍ଛେଦ (ICC) A,B କିମ୍ବା C

iii. ଆକାଶ ମାର୍ଗରେ ପରିବହନ ପାଇଁ ସଂସ୍ଥାନ କାର୍ଗୋ (ଆକାଶ) ଅନୁଚ୍ଛେଦ -A

ସଂସ୍ଥାନ କାର୍ଗୋ ଅନୁଚ୍ଛେଦ C ସର୍ବନିମ୍ନ ସୁରକ୍ଷାର ମଞ୍ଜୁରୀ ଦିଏ, ଯାହା ନିମ୍ନଲିଖିତ କାରଣରୁ କାର୍ଗୋ ବହନ କରୁଥିବା ବାହନ କିମ୍ବା ଜାହାଜକୁ ଦୁର୍ଘଟଣାଯୋଗୁଁ ହୋଇଥିବା ହାନି କିମ୍ବା କ୍ଷତି ହୋଇଥାଏ:

i. ନିଆଁ କିମ୍ବା ବିସ୍ଫୋରଣ

ii. ବାହନର ବିପଥଗମନ କିମ୍ବା ଓଲଟି ଯିବା

iii. (ଜାହାଜର କ୍ଷେତ୍ରରେ) ଜାହାଜ ତଟରେ ଲାଗିବା, ଭୂଗ୍ରସ୍ତ ହେବା କିମ୍ବା ବୁଡିଯିବା

iv. ଏକ ବାହ୍ୟ ବସ୍ତୁ ସହିତ ଧକ୍କା ଲାଗିବା

v. ସଙ୍କଟର ବନ୍ଦରରେ କାର୍ଗୋର ଡିସ୍ଚାର୍ଜ

vi. ସାଧାରଣ କ୍ଷତିପୂର୍ତ୍ତି ଅବଦାନ

vii. ଜେଟ୍ଟିସନ୍/ସୁରକ୍ଷା କଳୀଦାନ

ସଂସ୍ଥାନ କାର୍ଗୋ ଅନୁଚ୍ଛେଦ B, C ଠାରୁ ଅଧିକ ବ୍ୟାପକ ଅଟେ । C ରେ ସୁରକ୍ଷା ପ୍ରାପ୍ତ ଆପଦଗୁଡିକ ବ୍ୟତୀତ ଏହା ନିମ୍ନଗୁଡିକ ଯୋଗୁଁ ହୋଇଥିବା ହାନି କିମ୍ବା କ୍ଷତି କୁ ମଧ୍ୟ ସୁରକ୍ଷା ଦେଇଥାଏ :

i. ଭୂମିକମ୍ପ, ଆଗ୍ନେୟ ଉଦ୍ଭବ ଏବଂ ବିଜୁଳୀ ଭଳି ଦୈବୀ କାର୍ଯ୍ୟ (AOG) ବିପତ୍ତି

ii. ଅନ୍ତର୍ଦେଶୀୟ ପାରବହନରେ ପୋଲର ପତନ

iii. ସମୁଦ୍ର ପାରବହନ କ୍ଷେତ୍ରରେ ଜାହାଜ ବାହାରକୁ ଧୋଇବା ଏବଂ ସ୍ଲିଙ୍ଗ୍ ହାନି

iv. ଜାହାଜ ଭିତରକୁ ଜଳ ପ୍ରବେଶ

ସଂସ୍ଥାନ କାର୍ଗୋ ଅନୁଚ୍ଛେଦ A ସବୁଠୁ ବ୍ୟାପକ ସୁରକ୍ଷା ଅଟେ ଯେହେତୁ ଏହା B ଏବଂ C ର ସମସ୍ତ ଆପଦକୁ ଏବଂ ବିନିର୍ଦ୍ଦିଷ୍ଟ କେତେକ ଅପବର୍ଜନ ବ୍ୟତୀତ କୌଣସି ଅନ୍ୟ ସଙ୍କଟ ଯୋଗୁଁ ହାନି କିମ୍ବା କ୍ଷତିକୁ ସୁରକ୍ଷା ଦେଇଥାଏ, ଅପବର୍ଜନଗୁଡିକ ନିମ୍ନ ଲିଖିତ ଭଳି:

i. ବୀମିତର ସ୍ୱେଚ୍ଛିକ କାର୍ଯ୍ୟ/ସ୍ୱୟଂକୃତ୍ୟ କାର୍ଯ୍ୟ

ii. ସାଧାରଣ ଜଳସ୍ରାବ, ଭଙ୍ଗାରୁଜା, ଘଷାଘଷି କିମ୍ବା ଓଜନ/ଘନତ୍ୱରେ ସାମାନ୍ୟ ହାନି

iii. ପ୍ୟାକିଙ୍ଗ୍ ରେ ଅଯଥେଷ୍ଟତା

iv. ଅନ୍ତର୍ନିହିତ ଦୋଷ

v. ବିଳମ୍ବନ

vi. ମାଲିକମାନଙ୍କ ଦେବାଳିଆପଣ ଜନିତ ହାନି

vii. ପାରମାଣବିକ ଆପଦ

ଏହି ଅପବର୍ଜନଗୁଡିକ ଅନ୍ତର୍ଦେଶୀୟ, ଆକାଶ ଏବଂ ସମୁଦ୍ର ସମ୍ବନ୍ଧୀୟ ସମସ୍ତ ଅନୁଚ୍ଛେଦ ପାଇଁ ପ୍ରଯୁଜ୍ୟ । କୋଇଲା, ଅଧିକ ପରିମାଣର ତେଲ ଏବଂ ଚା' ଇତ୍ୟାଦି ଭଳି ବିଶେଷ ଦ୍ରବ୍ୟଗୁଡିକର ବ୍ୟାପାର ପାଇଁ ପୃଥକ୍ ଅନୁଚ୍ଛେଦଗୁଡିକ ମଧ୍ୟ ରହିଛନ୍ତି । ସାମୁଦ୍ରିକ ସୁରକ୍ଷାକୁ, ଯୁଦ୍ଧ, ଷ୍ଟ୍ରାଇକ୍, ଦଙ୍ଗା, ନାଗରିକ ବିଦ୍ରୋହ ଏବଂ ଆତଙ୍କବାଦକୁ ସୁରକ୍ଷା ଦେବାପାଇଁ ଅତିରିକ୍ତ ପ୍ରିମିୟମ ପ୍ରଦାନ ଦ୍ୱାରା ବିସ୍ତାରିତ କରାଯାଇପାରେ । ସାମୁଦ୍ରିକ ଏବଂ ବୀମାନନ ପଲିସୀଗୁଡିକ କେବଳ ବୀମାର ସେହି ଶାଖା ଯାହା ଯୁଦ୍ଧ ବିପତ୍ତି ବିରୁଦ୍ଧରେ ସୁରକ୍ଷା ପ୍ରଦାନ କରିଥାନ୍ତି ।

**ମହତ୍ତ୍ୱପୂର୍ଣ୍ଣ**

ଏକ ସାମୁଦ୍ରିକ ପଲିସୀ ଅନ୍ତର୍ଗତ, ମାନକ ପଲିସୀ ଫର୍ମ ଅନ୍ତର୍ଗତ ଏବଂ ପଲିସୀରେ ସଂଯୁକ୍ତ ବିଭିନ୍ନ ଅନୁଚ୍ଛେଦ ଅନ୍ତର୍ଗତ ସୁରକ୍ଷା ଦିଆଯାଉଥିବା ସଙ୍କଟଗୁଡିକୁ ମୂଖ୍ୟତଃ ତିନି ବର୍ଗରେ ବିଭାଜିତ କରାଯାଏ:

i. ସାମୁଦ୍ରିକ ଆପଦ,

ii. ବାହ୍ୟ ଆପଦ ଏବଂ

iii. ଯୁଦ୍ଧ, ଷ୍ଟ୍ରାଇକ୍, ଦଙ୍ଗା, ନାଗରିକ ବିଦ୍ରୋହ ଏବଂ ଆତଙ୍କବାଦ ସଙ୍କଟ ।

b) ବିଭିନ୍ନ ପ୍ରକାରର ସାମୁଦ୍ରିକ ପଲିସୀ

i. **ବିଶେଷ ପଲିସୀ/ଏକଲ ଯାତ୍ରା ନିର୍ଦ୍ଦିଷ୍ଟ ପଲିସୀ**

ଏହି ପଲିସୀ କେବଳ ଏକମାତ୍ର ନୌବହନକୁ ସୁରକ୍ଷା ପ୍ରଦାନ କରେ । ଏହା ନିର୍ଦ୍ଦିଷ୍ଟ ଜଳଯାତ୍ରା କିମ୍ବା ପାରବହନ ପାଇଁ ବୈଧ ରହିଥାଏ । ସେହି ବ୍ୟାପାରୀ ଯେଉଁମାନେ ନିୟମିତ ଆମଦାନୀ ଓ ରପ୍ତାନୀ ବ୍ୟାପାରରେ ଲିପ୍ତ ହୋଇଥାନ୍ତି କିମ୍ବା ଯେଉଁମାନେ ନିୟମିତ ରୂପେ ଅନ୍ତର୍ଦେଶୀୟ ପାରବହନ ଦ୍ୱାରା କନ୍ସାଇନ୍ମେଣ୍ଟ ପଠାଇଥାନ୍ତି, ସେମାନେ ଖୋଲା ପଲିସୀ ଭଳି ବିଶିଷ୍ଟ ବ୍ୟବସ୍ଥା ଅନ୍ତର୍ଗତ ବୀମା ଗୁଡ଼ିକର ବ୍ୟବସ୍ଥା କରିବା ପାଇଁ ଏହା ସୁବିଧାଜନକ ଅଟେ ବୋଲି ମନେ କରନ୍ତି ।

ii. **ଖୋଲା ପଲିସୀ** (Open Policy)

ଦେଶ ମଧ୍ୟରେ ଜିନିଷପତ୍ରର ବହନକୁ ଏକ ଖୋଲା ପଲିସୀ ଅନ୍ତର୍ଗତ ସୁରକ୍ଷା ଦିଆଯାଇପାରେ, ପଲିସୀଟି ଗୋଟିଏ ବର୍ଷ ପାଇଁ ମାନ୍ୟ ରହିଥାଏ ଏବଂ ଏହି ସମୟାବଧିରେ ସମସ୍ତ କନ୍ସାଇମେଣ୍ଟକୁ ବୀମିତ ଦ୍ୱାରା ବୀମାକର୍ତ୍ତା ନିକଟରେ ଘୋଷିତ କରିବାକୁ ପଡ଼ିଥାଏ ଯାହା ପାକ୍ଷିକ, ମାସିକ କିମ୍ବା ତ୍ରୈମାସିକ ଆଧାରରେ ସେମାନଙ୍କ ମଧ୍ୟରେ ସମ୍ମତି ପ୍ରଦାନ କରାଯାଇଥିବା ଅନୁସାରେ ହୋଇଥାଏ ।

iii. **ଖୋଲା ସୁରକ୍ଷା**(Open Cover)

ଖୋଲା ସୁରକ୍ଷା ହେଉଛି ଅନେକ ସଂଖ୍ୟକ ନୌବହନ/ପ୍ରେଷଣକୁ ସୁରକ୍ଷା ଦେବା ପାଇଁ ବୀମିତ ଅବିଚ୍ଛିନ୍ନ ସୁରକ୍ଷା ଦେଉଥିବା ଗୋଟିଏ ବର୍ଷ ପାଇଁ ଏକ ଚୁକ୍ତି/କନ୍ସାଇନ୍ମେଣ୍ଟ ଉପରେ ପ୍ରିମିୟମକୁ ବୀମିତ ଦ୍ୱାରା ରଖାଯାଇଥିବା ସମ୍ବନ୍ଧିତ ନଗଦ ଜମା ଖାତାଠାରୁ ସମାୟୋଜିତ କରାଯାଇପାରେ । ଖୋଲା ସୁରକ୍ଷା ଗୁଡ଼ିକୁ ବଡ଼ ବଡ଼ ରପ୍ତାନୀକାରୀ ଏବଂ ଆମଦାନୀକାରୀମାନଙ୍କୁ ଜାରୀ କରାଯାଇଥାଏ ଯେଉଁମାନଙ୍କ ଅବିଚ୍ଛିନ୍ନ ବ୍ୟାପାର ଥାଏ ।

ଖୋଲା ସୁରକ୍ଷାଗୁଡିକ ଗୋଟିଏ ବର୍ଷ ପାଇଁ ସାମୁଦ୍ରିକ ପ୍ରେଷଣର କାରବାର ପାଇଁ ସୁରକ୍ଷାର ନିୟମାବଳୀ ଓ ପ୍ରିମିୟମ ହାରର ନିର୍ଦ୍ଧାରଣ କରନ୍ତି । ଖୋଲା ସୁରକ୍ଷା ଏକ ପଲିସୀ ନୁହେଁ ଏବଂ ଏହାକୁ ମୁଦ୍ରିତ କରା ଯାଇ ନ ଥାଏ । ଏକ ବୀମା ପ୍ରମାଣପତ୍ରକୁ, ଯଥାର୍ଥ ମୂଲ୍ୟ ପାଇଁ ଉଚିତ୍ ରୂପେ ମୁଦ୍ରିତ କରି ପ୍ରତ୍ୟେକ ଘୋଷଣାପତ୍ର ପାଇଁ ଜାରୀ କରାଯାଇଥାଏ ।

iv. **ଡ୍ୟୁଟି ଏବଂ ବର୍ଦ୍ଧିତ ମୂଲ୍ୟ ବୀମା**

ଏହି ପଲିସୀଗୁଡିକ, ଅବତରଣ ତାରିଖରେ ଲକ୍ଷ୍ୟସ୍ଥଳରେ କଷ୍ଟମ୍ସ ଡ୍ୟୁଟି କିମ୍ବା ବଜାର ମୂଲ୍ୟରେ ବୃଦ୍ଧିର ରାଶି ପ୍ରଦାନ ଯୋଗୁଁ ଯଦି କାର୍ଗୋର ମୂଲ୍ୟ ବୃଦ୍ଧି ହୋଇଥାଏ, ଅତିରିକ୍ତ ବୀମା ପ୍ରଦାନ କରିଥାନ୍ତି ।

## 2. ସାମୁଦ୍ରିକ ହଲ୍ ବୀମା

'ହଲ' ପଦ ଏକ ଜାହାଜ କିମ୍ବା ଅନ୍ୟ ଜଳ ପରିବହନ ଜାହାଜ ବାହକର କଳେବରକୁ ସୂଚୀତ କରେ ।

ସାମୁଦ୍ରିକ ହଲ୍ ବୀମା ବିଭିନ୍ନ ଦେଶ ମଧ୍ୟରେ ପ୍ରଯୁଜ୍ୟ ଆନ୍ତର୍ଜାତିକ ଅନୁଚ୍ଛେଦ ଅନୁସାରେ କରାଯାଇଥାଏ । ସାମୁଦ୍ରିକ ହଲ୍ ସୁରକ୍ଷା ବସ୍ତୁତଃ ଦୁଇ ପ୍ରକାରର ହୋଇଥାନ୍ତି:

a) ଏକ ନିର୍ଦ୍ଦିଷ୍ଟ ଜଳଯାତ୍ରାକୁ ସୁରକ୍ଷା ଦେବା: ଏଠି ବ୍ୟବହାର କରାଯାଉଥିବା ଅନୁଚ୍ଛେଦ ଗୁଡିକର ସମୂହକୁ ସଂସ୍ଥାନ ଜଳଯାତ୍ରା ଅନୁଚ୍ଛେଦ କୁହାଯାଏ

b) ଏକ ସମୟାବଧିକୁ ସୁରକ୍ଷା ଦେବା: ସାମାନ୍ୟତଃ ଗୋଟିଏ ବର୍ଷ । ଏଠି ବ୍ୟବହାର କରାଯାଉଥିବା ଅନୁଚ୍ଛେଦଗୁଡିକର ସମୂହକୁ ସଂସ୍ଥାନ ସମୟ ଅନୁଚ୍ଛେଦ/Institute Time Clause କୁହାଯାଏ

c) ଯୁଦ୍ଧ ସଂକଟଗୁଡିକ ବିଶିଷ୍ଟ ବିନିୟମନ ଦ୍ୱାରା ସଂଚାଳିତ ହୋଇଥାନ୍ତି ଏବଂ ସଂଗ୍ରହ କରାଯାଉଥିବା ପ୍ରିମିୟମଗୁଡ଼ିକୁ କେନ୍ଦ୍ର ସରକାରଙ୍କ ଠାରେ ଜମା କାରଯିବ ।

**ସୂଚନା**

ହଲ ବୀମା ନିମ୍ନଲିଖିତ ବୀମାଗୁଡ଼ିକୁ ମଧ୍ୟ ଅନ୍ତର୍ଭୁକ୍ତ କରେ :

i. ଅନ୍ତର୍ଦେଶୀୟ ଜାହାଜ ଯଥା: ବାର୍ଜ, ଲଞ୍ଚ, ଯାତ୍ରୀ ଜାହାଜ ଇତ୍ୟାଦି

ii. ଡ୍ରେଜର୍ (ବ୍ୟାପାରିକ କିମ୍ବା ଅଣ-ବ୍ୟାପାରିକ)

iii. ମାଛ ଧରୁଥିବା ଜାହାଜ (ବ୍ୟାପାରିକ କିମ୍ବା ଅଣ-ବ୍ୟାପାରିକ)

iv. ଜଳଯାତ୍ରା କରୁଥିବା ଜାହାଜ (ବ୍ୟାପାରିକ କିମ୍ବା ଅଣ-ବ୍ୟାପାରିକ)

v. ଜେଟିସ୍ ଏବଂ ଘାଟ

vi. ନିର୍ମାଣାଧୀନ ଜାହାଜ

ଜାହାଜ ମାଲିକର ନା କେବଳ ଜାହାଜ ଉପରେ ବୀମାଯୋଗ୍ୟ ହିତ ଥାଏ, କିନ୍ତୁ ବୀମା ସମୟାବଧିରେ ଅର୍ଜନ କରିବାକୁ ଥିବା ଭଡ଼ାରେ ମଧ୍ୟ । ଭଡ଼ା ବ୍ୟତୀତ ପ୍ରାବଧାନ ଏବଂ ଷ୍ଟୋର ସମେତ, ଜାହାଜରେ ଫିଟ୍ କରିବା ପାଇଁ ତା' ଦ୍ୱାରା ଖର୍ଚ୍ଚ କରା ଯାଇଥିବା ରାଶିରେ ଜାହାଜ ମାଲିକର ବୀମାଯୋଗ୍ୟ ହିତ ରହିଥାଏ । ଏହି ଖର୍ଚ୍ଚଗୁଡ଼ିକୁ ବିତରଣ (disbursement) କୁହାଯାଏ ଏବଂ ଏକ ସମୟାବଧି ପାଇଁ ହଲ୍ ପଲିସୀ ସହିତ ସମବର୍ତ୍ତୀ ରୂପେ ଏହାକୁ ବୀମିତ କରାଯାଏ ।

**ମହତ୍ୱପୂର୍ଣ୍ଣ**

ବିମାନ ଚାଳନ ବୀମା: ଉଡାଜାହାଜ ପାଇଁ ମଧ୍ୟ ଏକ ବ୍ୟାପକ ପଲିସୀ ଉପଲବ୍ଧ ଅଛି ଯାହା ଉଡାଜାହାଜର ହାନି କିମ୍ବା କ୍ଷତିକୁ ସୁରକ୍ଷା ପ୍ରଦାନ କରେ ଏବଂ ତା' ସହିତ ଉଡାଜାହାଜର ସଂଚାଳନ ଠାରୁ ଉପୁଜିଥିବା ତୃତୀୟ ପକ୍ଷ ଏବଂ ଯାତ୍ରୀମାନଙ୍କ ପାଇଁ ବୈଧିକ ଦାୟିତ୍ୱକୁ ମଧ୍ୟ ସୁରକ୍ଷା ଦେଇଥାଏ ।

**ସ୍ୱୟଂ ପରୀକ୍ଷା କରନ୍ତୁ 10**

ବୀମାର କେଉଁ ଶାଖା ଯୁଦ୍ଧ ବିପର୍ଯ୍ୟୟ ବିରୁଦ୍ଧରେ ସୁରକ୍ଷା ପ୍ରଦାନ କରେ?

I. ସାମୁଦ୍ରିକ ପଲିସୀ

II. ବିମାନ ଚାଳନ ପଲିସୀ

III. ଉପରୋକ୍ତ ଉଭୟ

IV. ଉପରୋକ୍ତ ମଧ୍ୟରୁ କୌଣସିଟି ନୁହେଁ

## K. ଦାୟିତ୍ୱ ପଲିସୀ

ଦୁର୍ଘଟଣାଗୁଡିକୁ ସଂପୂର୍ଣ୍ଣ ରୂପେ ଏଡ଼େଇ ଦିଆଯାଇ ପାରିବ ନାହିଁ, ଏକ ବ୍ୟକ୍ତି ଯେତେ ବି ସତର୍କ ହୋଇଥାଉ ନା କାହିଁକି । ଏହାର ପରିଣାମ ନିଜ ପାଇଁ କ୍ଷତି ଏବଂ ଜଣକ ଜଣକର ସମ୍ପତ୍ତି ପ୍ରତି ହାନି ହୋଇ ପାରେ ଏବଂ ତା'ସହିତ ତୃତୀୟ ପକ୍ଷର କ୍ଷତି ଓ ସେମାନଙ୍କ ସମ୍ପତ୍ତିର ହାନିର କାରଣ ମଧ୍ୟ ହୋଇପାରେ । ଏ ପ୍ରକାରେ ପ୍ରଭାବିତ ହୋଇଥିବା ବ୍ୟକ୍ତିମାନେ ସେଭଳି ହାନି ପାଇଁ କ୍ଷତି ପୂରଣ ଦାବୀ କରି ପାରନ୍ତି ।

ନିର୍ମିତ ଓ ବିକ୍ରି କରାଯାଇଥିବା ଏକ ଉତ୍ପାଦ, ଧରନ୍ତୁ, ଚକୋଲେଟ୍ କିମ୍ବା ଔଷଧରେ ଥିବା ଏକ ତ୍ରୁଟିଠାରୁ ମଧ୍ୟ ଦାୟିତ୍ୱ ଉତ୍ପନ୍ନ ହୋଇପାରେ, ଯାହା ଉପଭୋକ୍ତାର ହାନିର କାରଣ ହୋଇପାରେ । ସେହି ପ୍ରକାରେ, ଏକ ରୋଗୀର ଭୁଲ୍ ରୋଗନିଦାନ/ଚିକିତ୍ସା ଠାରୁ କିମ୍ବା ତା' କ୍ଲାଏଣ୍ଟ ପାଇଁ ଏକ ଓକିଲ ଦ୍ୱାରା ଅନୁପଯୁକ୍ତ ରୂପେ ସଂଚାଳିତ ଏକ କେସ୍ ଠାରୁ ଦାୟିତ୍ୱ ଉତ୍ପନ୍ନ ହୋଇପାରେ ।

ଏଭଳିଆ ସମସ୍ତ ପ୍ରକରଣରେ, ଯେଉଁଠି ଏକ ତୃତୀୟ ପକ୍ଷ, ଉପଭୋକ୍ତା କିମ୍ବା ରୋଗୀ ଆରୋପିତ ଭୁଲ୍ କାର୍ଯ୍ୟ ପାଇଁ କ୍ଷତିପୂରଣ ଦାବୀ କରିପାରେ, ଏହା ଦାବୀଦାର ଦ୍ୱାରା ଫାଇଲ୍ କରାଯାଇଥିବା ମକଦ୍ଦମାକୁ ସୁରକ୍ଷା ପ୍ରଦାନ କରିବାରେ ସଂପୃକ୍ତ ଖର୍ଚ୍ଚଗୁଡିକର କ୍ଷତିପୂରଣ ପ୍ରଦାନ ପାଇଁ କିମ୍ବା ଏହାକୁ ପୂରଣ କରିବା ପାଇଁ ଏକ ଆବଶ୍ୟକତା ଉଠାଇ ପାରେ । ଅନ୍ୟ ଶବ୍ଦରେ ରାଶି ପ୍ରଦାନ କରିବାର ଦାୟିତ୍ୱ ଠାରୁ ଏକ ଆର୍ଥିକ ହାନି ଉପୁଜି ପାରେ । ସେଭଳି ଏକ ଦାୟିତ୍ୱର ବିଦ୍ୟମାନତା ଏବଂ ପ୍ରଦାନ କରିବାକୁ ଥିବା କ୍ଷତିପୂରଣର ରାଶିର ନିର୍ଦ୍ଧାରଣ ଏକ ସିଭିଲ କୋର୍ଟ ଦ୍ୱାରା କରାଯାଇ ପାରେ ଯାହା ଆରୋପିତ ଅବହେଳନା/କପଟର ଦିଗକୁ ଯାଇପାରେ । ଦାୟିତ୍ୱ ବୀମା ପଲିସୀଗୁଡିକ ସେଭଳି ଦାୟିତ୍ୱର ବୀମା ସୁରକ୍ଷା ପ୍ରଦାନ କରନ୍ତି । ଆସନ୍ତୁ ଦାୟିତ୍ୱ ପଲିସୀଗୁଡିକ ମଧ୍ୟରୁ କେତେକକୁ ଦେଖିବା ।

### ବୈଧାନିକ ଦାୟିତ୍ୱ

କେତେକ ନିୟମ କିମ୍ବା ବିଧାନ ଅଛନ୍ତି ଯେଉଁମାନେ କ୍ଷତିପୂରଣର ପ୍ରଦାନ ପାଇଁ ପ୍ରାବଧାନ ରଖିଛନ୍ତି । ଏହି ନିୟମଗୁଡିକ ହେଉଛନ୍ତି:

- ✓ ସାର୍ବଜନିକ ଦାୟିତ୍ୱ ବୀମା ଅଧିନିୟମ, 1991 ଏବଂ
- ✓ 2010 ରେ ସଂଶୋଧିତ କର୍ମଚାରୀ କ୍ଷତିପୂରଣ ଅଧିନିୟମ 1923

ସେଭଳି ଦାୟିତ୍ୱଗୁଡିକ ସମ୍ବନ୍ଧୀୟ ସୁରକ୍ଷା ପାଇଁ ବୀମା ପଲିସୀଗୁଡିକ ଉପଲବ୍ଧ ଅଛନ୍ତି । ଆସନ୍ତୁ ସେମାନଙ୍କ ମଧ୍ୟରୁ କେତେକଙ୍କୁ ଦେଖିବା ।

### 1. **ଅନିବାର୍ଯ୍ୟ ସାର୍ବଜନିକ ଦାୟିତ୍ୱ ପଲିସୀ**

ସାର୍ବଜନିକ ଦାୟିତ୍ୱ ବୀମା ଅଧିନିୟମ 1991 ଅଣ ତ୍ରୁଟି (No fault) ଆଧାରରେ ସେମାନଙ୍କ ଉପରେ ଦାୟିତ୍ୱ ଲାଗୁ କରିଥାଏ ଯେଉଁମାନେ ବିପଦଜନକ ଦ୍ରବ୍ୟ ସଂଚାଳନ କରୁଥାନ୍ତି ଯଦି ସେଭଳି କାର୍ଯ୍ୟ ସମ୍ଭାଳୁଥିବା ସମୟରେ ଏକ ତୃତୀୟ ପକ୍ଷ ଆଘାତ ପ୍ରାପ୍ତ ହୁଏ କିମ୍ବା ତାର ସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଥାଏ । ବିପଦଜନକ ଦ୍ରବ୍ୟଗୁଡିକର ନାମ ଏବଂ ପ୍ରତ୍ୟେକର

ପରିମାଣକୁ 'ଅଧିନିୟମ' ରେ ସୂଚୀଭୂକ୍ତ କରାଯାଇଛି । ପ୍ରତ୍ୟେକ ବ୍ୟକ୍ତି ପାଇଁ ଦେୟ କ୍ଷତିପୂରଣ ରାଶିକୁ ନିମ୍ନରେ ଦର୍ଶାଯାଇଥିବା ଭଳି ନିର୍ଦ୍ଧାରିତ କରାଯାଇ ଥାଏ ।

ପ୍ରଦାନଯୋଗ୍ୟ କ୍ଷତିପୂରଣ

| | |
|---|---|
| ସାଂଘାତିକ ଦୁର୍ଘଟଣା | ଟ. 25,000 |
| **ସ୍ଥାୟୀ ସଂପୂର୍ଣ୍ଣ ବିକଳାଙ୍ଗତା** | ଟ. 25,000 |
| ସ୍ଥାୟୀ ଆଂଶିକ ବିକଳାଙ୍ଗତା | ବିକଳାଙ୍ଗତାର % ଆଧାରରେ ଟ. 25,000 ର % |
| **ଅସ୍ଥାୟୀ ଆଂଶିକ ଅପାରଗତା** | ଟ. 1000 ପ୍ରତି ମାସ, ସର୍ବାଧିକ 3 ମାସ |
| **ବାସ୍ତବ ମେଡିକାଲ ଖର୍ଚ୍ଚ** | ସର୍ବାଧିକ ଟ. 12,500 ପର୍ଯ୍ୟନ୍ତ |
| **ସମ୍ପତ୍ତିର ବାସ୍ତବ କ୍ଷତି** | ଟ. 6,000 ପର୍ଯ୍ୟନ୍ତ |

ପ୍ରିମିୟମଟି AOA (କୌଣସି ଗୋଟିଏ ଦୁର୍ଘଟଣା) ସୀମା ଏବଂ କ୍ଲାଏଣ୍ଟର ଟର୍ନଓଭର୍ ଆଧାରରେ ହୋଇଥାଏ । ଏହି ପଲିସୀର ବିଶିଷ୍ଟ ବିଶେଷତା ହେଉଛି ଯେ ବୀମିତକୁ ପର୍ଯ୍ୟାବରଣ ରିଲିଫ୍ ଫଣ୍ଡ ପାଇଁ ଅଂଶଦାନ ରୂପେ ପ୍ରିମିୟମର ସମାନ ରାଶିକୁ ଅନିବାର୍ଯ୍ୟ ରୂପେ ପ୍ରଦାନ କରିବାକୁ ପଡ଼ିଥାଏ । ଯଦି ଅନେକ ସଂଖ୍ୟକ ତୃତୀୟ ପକ୍ଷମାନେ ପ୍ରଭାବିତ ହୋଇଥାନ୍ତି ଏବଂ ଦେୟ ରିଲିଫ୍ ର ମୋଟ ରାଶି ପରିମାଣ A.O.A. ସୀମାଠାରୁ ଅଧିକ ହୋଇଥାଏ, ଅବଶିଷ୍ଟ ରାଶିକୁ ଫଣ୍ଡ ଦ୍ୱାରା ପ୍ରଦାନ କରାଯିବ ।

2. **ସାର୍ବଜନିକ ଦାୟିତ୍ୱ ପଲିସୀ (ଔଦ୍ୟୋଗିକ/ଅଣ-ଔଦ୍ୟୋଗିକ ସଙ୍କଟ)**

ଏହି ପ୍ରକାରର ପଲିସୀ ବୀମିତର ତ୍ରୁଟି/ଅବହେଳା ଯାହା ଫଳରେ ତୃତୀୟ ପକ୍ଷର ବ୍ୟକ୍ତିଗତ କ୍ଷତି କିମ୍ବା ସମ୍ପତ୍ତି ନଷ୍ଟ[TPPI କିମ୍ବା TPPD] ହୋଇଥାଏ, ତାହା ଯୋଗୁଁ ଉତ୍ପନ୍ନ ହୋଇଥିବା ଦାୟିତ୍ୱକୁ ସୁରକ୍ଷା ଦିଏ ।

ଔଦ୍ୟୋଗିକ ସଙ୍କଟ ତଥା ହୋଟେଲ, ସିନେମା ହଲ, ଅଡିଟୋରିୟମ୍, ଆବାସିକ ପରିସର, ଅଫିସ୍, ଷ୍ଟାଡିୟମ, ଗୋଦାମ, ଏବଂ ଦୋକାନକୁ ପ୍ରଭାବିତ କରୁଥିବା ଭଳି ଅଣ-ଔଦ୍ୟୋଗିକ ସଙ୍କଟଗୁଡ଼ିକୁ ସୁରକ୍ଷା ଦେଉଥିବା ପୃଥକ ପଲିସୀଗୁଡ଼ିକ ଅଛନ୍ତି । ଏହା TPPI/TPPD ସମ୍ବନ୍ଧରେ, ଭାରତୀୟ ଆଇନ ଅନୁସାରେ ଦାବୀଦାରର ମୂଲ୍ୟ, ଶୁଳ୍କ ଏବଂ ଖର୍ଚ୍ଚ ସମେତ କ୍ଷତିପୂରଣକୁ ଦେବାପାଇଁ ବୈଧିକ ଦାୟିତ୍ୱକୁ ସୁରକ୍ଷା ପ୍ରଦାନ କରେ ।

ପଲିସୀଟି ନିମ୍ନଗୁଡ଼ିକୁ ସୁରକ୍ଷା ପ୍ରଦାନ କରେ ନାହିଁ:

a) ଉତ୍ପାଦ ଦାୟିତ୍ୱ

b) ପ୍ରଦୂଷଣ ଦାୟିତ୍ୱ

c) ପରିବହନ ଏବଂ

d) ଶ୍ରମିକ/କର୍ମଚାରୀମାନଙ୍କ ହୋଇଥିବା କ୍ଷତ

3. **ଉତ୍ପାଦ ଦାୟିତ୍ୱ ପଲିସୀ**

ଉତ୍ପାଦ ଦାୟିତ୍ୱ ବୀମା ପାଇଁ ଦାବୀ, ବ୍ୟାପକ ଭିନ୍ନ ଭିନ୍ନ ପ୍ରକାରର ଉତ୍ପାଦ (ଉ.ସ୍ୱ. କ୍ୟାନ୍ଡ ଖାଦ୍ୟ ଦ୍ରବ୍ୟ, ବାୟୁଯୁକ୍ତ ପାଣି, ଔଷଧ ଓ ଇନଜେକଶନ୍, ବୈଦ୍ୟୁତିକ ଉପକରଣ, ଯାନ୍ତ୍ରିକ ଉପକରଣ, ରାସାୟନିକ ଦ୍ରବ୍ୟ ଇତ୍ୟାଦି) ଯେଉଁଗୁଡ଼ିକ ଆଜିକାଲି ନିର୍ମିତ ଏବଂ ଜନତା ପାଇଁ ବିକ୍ରି କରାଯାଇ ଥାଏ, ସେହି ଗୁଡ଼ିକର କାରଣରୁ ଉତ୍ପନ୍ନ ହୋଇଛି । ଯଦି ଉତ୍ପାଦରେ ଥିବା ଏକ

ତ୍ରୁଟି ତୃତୀୟ ପକ୍ଷର ମୃତ୍ୟୁ, ଶାରୀରିକ କ୍ଷତ କିମ୍ବା ରୋଗ କିମ୍ବା ସେମାନଙ୍କ ସମ୍ପତ୍ତିର କ୍ଷତିର ମଧ୍ୟ କାରଣ ହୋଇଥାଏ, ଏହା ଏକ ଦାବୀ ଉତ୍ପନ୍ନ କରିବାର କାରଣ ହୋଇପାରେ । ଉତ୍ପାଦ ଦାୟିତ୍ୱ ପଲିସୀଗୁଡିକ ବୀମିତର ଏହି ଦାୟିତ୍ୱକୁ ସୁରକ୍ଷା ପ୍ରଦାନ କରିଥାନ୍ତି ।

ସୁରକ୍ଷାଟି ରପ୍ତାନୀ ଏବଂ ଘରୋଇ ବିକ୍ରୟ ପାଇଁ ମଧ୍ୟ ଉପଲବ୍ଧ ଅଛି ।

### 4. ଉତ୍ତୋଳନ (ତୃତୀୟ ପକ୍ଷ) ଦାୟିତ୍ୱ ବୀମା/Lift (Third Party) Liability

ପଲିସୀଟି ଲିଫ୍ଟ (ଉତ୍ତୋଳନ) ର ଉପଯୋଗ ଓ ସଂଚାଳନ ଠାରୁ ଉପୁଜିଥିବା ଦାୟିତ୍ୱ ପ୍ରସଙ୍ଗରେ ବିଲ୍ଡିଙ୍ଗ୍ ର ମାଲିକମାନଙ୍କ ପାଇଁ କ୍ଷତିପୂର୍ତ୍ତି ପ୍ରଦାନ କରିଥାଏ । ଏହା ନିମ୍ନଗୁଡିକ ପାଇଁ ବୈଧିକ ଦାୟିତ୍ୱଗୁଡିକୁ ସୁରକ୍ଷା ଦେଇଥାଏ:

a) କୌଣସି ବ୍ୟକ୍ତି (ବୀମିତର କର୍ମଚାରୀମାନଙ୍କୁ ବହିର୍ଭୁତ କରି) ର ମୃତ୍ୟୁ/ଶାରୀରିକ କ୍ଷତ

b) (ବୀମିତର ନିଜ କିମ୍ବା ବୀମିତର ସମ୍ପତ୍ତି ବ୍ୟତୀତ) ସମ୍ପତ୍ତିର ନଷ୍ଟ

ପ୍ରିମିୟମ ଦରଗୁଡିକ କ୍ଷତିପୂର୍ତ୍ତିର ସୀମା, କୌଣସି ଜଣେ ବ୍ୟକ୍ତି, କୌଣସି ଗୋଟିଏ ଦୁର୍ଘଟଣା ଏବଂ କୌଣସି ଗୋଟିଏ ବର୍ଷ ଉପରେ ନିର୍ଭର କରନ୍ତି ।

### 5. **ବ୍ୟବସାୟିକ/ପେଶା ସଂପୃକ୍ତ ଦାୟିତ୍ୱ**

ବ୍ୟବସାୟିକ/ପେଶା ସଂପୃକ୍ତ କ୍ଷତିପୂର୍ତ୍ତି ଗୁଡିକର ଅଭିକଳ୍ପନା ସେମାନଙ୍କ ବୃତ୍ତିଗତ କର୍ତ୍ତବ୍ୟର ସମ୍ପାଦନରେ ଅବହେଳନା ଠାରୁ ଉତ୍ପନ୍ନ ହୋଇଥିବା କ୍ଷତିର ପ୍ରଦାନ ପାଇଁ ସେମାନଙ୍କ ବୈଧିକ ଦାୟିତ୍ୱ ବିରୁଦ୍ଧରେ ବୃତ୍ତିଗତ ଲୋକମାନଙ୍କୁ ବୀମା ସୁରକ୍ଷା ପ୍ରଦାନ କରିବା ପାଇଁ କରାଯାଇଛି । ସେଭଳି ସୁରକ୍ଷାଗୁଡିକ ଡାକ୍ତର, ଡାକ୍ତରଖାନା; ଇଞ୍ଜିନିୟର୍, ବାସ୍ତୁଶିଳ୍ପୀ; ଚାର୍ଟର୍ଡ ଏକାଉଣ୍ଟେଣ୍ଟ, ଆର୍ଥିକ ପରାମର୍ଶଦାତା, ଓକିଲ, ବୀମା ଦଲାଲମାନଙ୍କ ପାଇଁ ଉପଲବ୍ଧ ଅଛନ୍ତି ।

### 6. **ନିର୍ଦ୍ଦେଶକ ଏବଂ ଅଧିକାରୀମାନଙ୍କ ଦାୟିତ୍ୱ ପଲିସୀ**

ଏକ କମ୍ପାନୀର ନିର୍ଦ୍ଦେଶକ ଏବଂ ଅଧିକାରୀମାନେ ବିଶ୍ୱାସ ଓ ଦାୟିତ୍ୱର ପଦବୀ ଧାରଣ କରିଥାନ୍ତି । ସେମାନେ କମ୍ପାନୀର କାର୍ଯ୍ୟକଳାପର ପର୍ଯ୍ୟବେକ୍ଷଣ ଓ ପ୍ରବନ୍ଧନରେ ସେମାନଙ୍କ ଦ୍ୱାରା କରାଯାଇଥିବା ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ପାଇଁ, କମ୍ପାନୀର ଅଂଶଧାରକ, କର୍ମଚାରୀ, କ୍ରେଡିଟର ଏବଂ ଅନ୍ୟାନ୍ୟ ହିତଧାରକମାନଙ୍କର କ୍ଷତି ପାଇଁ ରାଶି ପ୍ରଦାନ କରିବାକୁ ଦାୟୀ ହୋଇ ପାରନ୍ତି । ସେଭଳିଆ ଦାୟିତ୍ୱକୁ ସୁରକ୍ଷା ଦେବା ପାଇଁ ଏକ ପଲିସୀ ପ୍ରସ୍ତୁତ କରାଯାଇଛି ଏବଂ ସେମାନଙ୍କ ସମସ୍ତ ନିର୍ଦ୍ଦେଶକ ମାନଙ୍କୁ ସୁରକ୍ଷା ଦେବାପାଇଁ ଏହାକୁ କମ୍ପାନୀପାଇଁ ଜାରୀ କରିଛନ୍ତି ।

### 7. **କର୍ମଚାରୀମାନଙ୍କ କ୍ଷତିପୂରଣ ବୀମା**

ଏହି ପଲିସୀ, ବୀମିତ ତାର କର୍ମଚାରୀ, ଯେଉଁମାନେ ଦୁର୍ଘଟଣା ଦ୍ୱାରା ବ୍ୟକ୍ତିଗତ କ୍ଷତି ସହ୍ୟ କରିଥାନ୍ତି କିମ୍ବା ତାର ନିଯୁକ୍ତି ସମୟରେ ଏବଂ ମଧ୍ୟରୁ ଉତ୍ପନ୍ନ ହୋଇଥିବା ରୋଗରେ ଆକ୍ରାନ୍ତ ହୋଇଥାନ୍ତି, ସେମାନଙ୍କୁ କ୍ଷତିପୂରଣ ଦେବାର ତାହାର ବୈଧିକ ଦାୟିତ୍ୱ ପରିପ୍ରେକ୍ଷୀରେ, ବୀମିତକୁ କ୍ଷତିପୂର୍ତ୍ତି ପ୍ରଦାନ କରେ । ଏହାକୁ ଶ୍ରମିକ କ୍ଷତିପୂରଣ ବୀମା ମଧ୍ୟ କୁହାଯାଏ ।

ବଜାରରେ ଦୁଇ ପ୍ରକାରର ବୀମା ପ୍ରଚଳିତ ଅଛି:

**a) ସାରଣୀ A :** କର୍ମଚାରୀ କ୍ଷତିପୂରଣ ଅଧିନିୟମ, 1923, (ଶ୍ରମିକ କ୍ଷତିପୂରଣ ଅଧିନିୟମ, 1923), ସାଂଘାତିକ ଦୁର୍ଘଟଣା ଅଧିନିୟମ, 1855 ଏବଂ ସାଧାରଣ ଆଇନ ଅନ୍ତର୍ଗତ କର୍ମଚାରୀମାନଙ୍କୁ ଦୁର୍ଘଟଣା ପାଇଁ ବୈଧିକ ଦାୟିତ୍ୱ ବିରୁଦ୍ଧରେ କ୍ଷତିପୂର୍ତ୍ତି ।

b) **ସାରଣୀ B:** ସାଂଘାତିକ ଦୁର୍ଘଟଣା ଅଧିନିୟମ, 1855 ଏବଂ ସାଧାରଣ ଆଇନ ଅନ୍ତର୍ଗତ ବୈଧିକ ଦାୟିତ୍ୱ ବିରୁଦ୍ଧରେ କ୍ଷତିପୂର୍ତ୍ତି ।

ପ୍ରିମିୟମ ଦରକୁ ପ୍ରସ୍ତାବ ଫର୍ମରେ ଘୋଷଣା କରାଯାଇଥିବା ଅନୁରୂପ କର୍ମଚାରୀମାନଙ୍କ ଆକଳିତ ମଜୁରୀ ଉପରେ ଲାଗୁ କରାଯାଇଥାଏ ।

ପଲିସୀଟିକୁ ନିମ୍ନଗୁଡିକୁ ସୁରକ୍ଷା ଦେବାପାଇଁ ବିସ୍ତାରିତ କରାଯାଇ ପାରେ:

i. ଏକ ନିର୍ଦ୍ଦିଷ୍ଟ ରାଶି ପର୍ଯ୍ୟନ୍ତ, କର୍ମଚାରୀଙ୍କ କ୍ଷତର ଚିକିତ୍ସା ପାଇଁ ବୀମିତ ଦ୍ୱାରା କରାଯାଇ ଥିବା ମେଡିକାଲ ଏବଂ ଡାକ୍ତରଖାନା ଖର୍ଚ୍ଚ

ii. ଅଧିନିୟମରେ ସୂଚୀଭୁକ୍ତ ବ୍ୟବସାୟିକ ରୋଗ ପାଇଁ ଦାୟିତ୍ୱ

iii. ଠିକାଦାରମାନଙ୍କ କର୍ମଚାରୀମାନଙ୍କ ପ୍ରତି ଦାୟିତ୍ୱ

**ସ୍ୱୟଂ ପରୀକ୍ଷା କରନ୍ତୁ 11**

ସାର୍ବଜନିକ ଦାୟିତ୍ୱ ବୀମା ଅଧିନିୟମ, 1991 ଅନ୍ତର୍ଗତ, ଅଣ–ସାଂଘାତିକ ଦୁର୍ଘଟଣା ପାଇଁ ବାସ୍ତବ ମେଡିକାଲ ଖର୍ଚ୍ଚ ସକାଶେ ପ୍ରଦାନଯୋଗ୍ୟ କ୍ଷତିପୂରଣ କେତେ ପରିମାଣର ହୋଇଥାଏ ?

I. ଟ. 6, 250

II. ଟ.12, 500

III. ଟ. 25,000

IV. ଟ. 50,000

---

**ସ୍ୱୟଂ ପରୀକ୍ଷା କରନ୍ତୁ ର ଉତ୍ତର**

**ଉତ୍ତର 1** -**ସଠିକ୍ ବିକଳ୍ପ ହେଉଛି** III

**ଉତ୍ତର 2** - **ସଠିକ୍ ବିକଳ୍ପ ହେଉଛି** I

**ଉତ୍ତର 3** - **ସଠିକ୍ ବିକଳ୍ପ ହେଉଛି** IV

**ଉତ୍ତର 4** - **ସଠିକ୍ ବିକଳ୍ପ ହେଉଛି** II

**ଉତ୍ତର 5** - **ସଠିକ୍ ବିକଳ୍ପ ହେଉଛି** I

**ଉତ୍ତର 6** - **ସଠିକ୍ ବିକଳ୍ପ ହେଉଛି** IV

**ଉତ୍ତର 7** - **ସଠିକ୍ ବିକଳ୍ପ ହେଉଛି** III

**ଉତ୍ତର 8** - **ସଠିକ୍ ବିକଳ୍ପ ହେଉଛି** II

ଉତ୍ତର 9 - ସଠିକ୍ ବିକଳ୍ପ ହେଉଛି II

ଉତ୍ତର 10 - ସଠିକ୍ ବିକଳ୍ପ ହେଉଛି III

ଉତ୍ତର 11 - ସଠିକ୍ ବିକଳ୍ପ ହେଉଛି II

# ଅଧ୍ୟାୟ G-05

# ସାଧାରଣ ବୀମା ଦାବୀ

**ଅଧ୍ୟାୟ ପରିଚୟ**

କୌଣସି ବି ବୀମା ଚୁକ୍ତିର ମର୍ମରେ ହୋଇଥାଏ ଆରମ୍ଭରେ କରାଯାଇଥିବା ଏକ ପ୍ରତିଶ୍ରୁତି, ଅର୍ଥାତ୍ ଏକ ହାନିର ଘଟଣାରେ ବୀମିତର କ୍ଷତିପୂର୍ତ୍ତିକରିବା । ଏହି ଅଧ୍ୟାୟ ହାନି ଘଟିତ ହୋଇଥିବା ସମୟଠାରୁ ସଂପୃକ୍ତ କାର୍ଯ୍ୟପ୍ରଣାଳୀ (ପ୍ରକ୍ରିୟା) ଏବଂ ସଂପୃକ୍ତ ଦସ୍ତାବିଜ ବିଷୟରେ ବର୍ଣ୍ଣନା କରେ, ଯାହା ଦାବୀ ସମାଧାନର ସମଗ୍ର ପ୍ରକ୍ରିୟାକୁ ବୁଝିବା ପାଇଁ ଅଧିକ ସରଳ କରିଦିଏ । ଏହା ବୀମିତ ଦ୍ୱାରା ହୋଇଥାଉ ଅଥବା ବୀମାକର୍ତ୍ତା ଦ୍ୱାରା ହୋଇଥାଉ, ବିବାଦଗ୍ରସ୍ତ ଦାବୀଗୁଡ଼ିକ ସହିତ ମୁକାବିଲା କରିବାର ପଦ୍ଧତିକୁ ମଧ୍ୟ ବ୍ୟାଖ୍ୟା କରେ ।

**ଅଧ୍ୟୟନ ପରିଣାମ**

A. ଦାବୀ ସମାଧାନ ପ୍ରକ୍ରିୟା

B. ସର୍ବେକ୍ଷକ ଏବଂ ହାନି ମୂଲ୍ୟାଙ୍କକମାନଙ୍କ ଭୂମିକା

---

ଏହି ଅଧ୍ୟାୟର ଅଧ୍ୟୟନ ପରେ, ଆପଣମାନେ ସକ୍ଷମ ହେବା ଉଚିତ୍:

1. ଦାବୀ ସମାଧାନ କାର୍ଯ୍ୟଗୁଡ଼ିକର ମହତ୍ୱ ସମ୍ବନ୍ଧରେ ତର୍କ କରିବା ପାଇଁ
2. ହାନିର ସୂଚନା ପାଇଁ କାର୍ଯ୍ୟପ୍ରଣାଳୀଗୁଡ଼ିକୁ ବର୍ଣ୍ଣନା କରିବା ପାଇଁ
3. ଦାବୀ ଅନୁସନ୍ଧାନ ଓ ମୂଲ୍ୟାଙ୍କନ କୁ ଆଙ୍କିବା ପାଇଁ
4. ସର୍ବେକ୍ଷକ ଏବଂ ହାନି ମୂଲ୍ୟାଙ୍କକମାନଙ୍କ ମହତ୍ୱକୁ ବ୍ୟାଖ୍ୟା କରିବା ପାଇଁ
5. ଦାବୀ ଫର୍ମଗୁଡ଼ିକର ବିଷୟବସ୍ତୁକୁ ଦୃଷ୍ଟାନ୍ତ ମାଧ୍ୟମରେ ସ୍ୱଷ୍ଟ କରିବା ପାଇଁ
6. ଦାବୀ ସମାୟୋଜନ ଏବଂ ସମାଧାନ କୁ ପରିଭାଷିତ କରିବା ପାଇଁ

## A. ଦାବୀ ସମାଧାନ ପ୍ରକ୍ରିୟା

### 1. **ଦାବୀ ସମାଧାନ ର ମହତ୍ୱ**

ଏକ ବୀମା କମ୍ପାନୀର ସବୁଠୁ ମହତ୍ୱପୂର୍ଣ୍ଣ କାର୍ଯ୍ୟ ହେଉଛି ଏକ ହାନି ଘଟଣା ଘଟିତ ହେବାରେ ପଲିସୀଧାରକମାନଙ୍କ ଦାବୀସବୁର ସମାଧାନ କରିବା । ବୀମାକର୍ତ୍ତା ପଲିସୀଧାରକକୁ ରାଶି ପ୍ରଦାନ କରି କିମ୍ବା ଏକ ତୃତୀୟ ପକ୍ଷ ଦ୍ୱାରା ପଲିସୀଧାରକ ବିରୁଦ୍ଧରେ କରାଯାଇଥିବା ଦାବୀକୁ ପ୍ରଦାନ କରି, ତତ୍କାଳିକ, ନିରପେକ୍ଷ ଓ ନ୍ୟାୟସଙ୍ଗତ ସେବା ପ୍ରଦାନ କରିବା ମାଧ୍ୟମରେ ଏହି ପ୍ରତିଶ୍ରୁତିକୁ ପୂରଣ କରିଥାଏ ।

ଗୋଟିଏ ଅଣ-ଜୀବନ ବୀମା କମ୍ପାନୀର ଏହାର ପରିଷଦ ପ୍ରକୋଷ୍ଠରେ ଅଭିଲେଖ ଥିଲା "ନିଶ୍ଚୟ ରାଶି ପ୍ରଦାନ କରନ୍ତୁ ଯଦି ଆପଣ ପାରିବେ; ଖଣ୍ଡନ କରନ୍ତୁ ଯଦି ଅନିବାର୍ଯ୍ୟ" । ଏହା ହେଉଛି ବୀମାର ମହାନ ବ୍ୟବସାୟର ଭାବନା ।

ବ୍ୟବସାୟିକ ରୂପେ ଦାବୀଗୁଡିକର ସମାଧାନ କରିବାକୁ ଏକ ବୀମା କମ୍ପାନୀ ପାଇଁ ସବୁଠୁ ବଡ଼ ବିଜ୍ଞାପନ ରୂପେ ବିଚାର କରାଯାଏ ଏବଂ ଗ୍ରାହକ ମାନସରେ ବିଶ୍ୱାସ ସମ୍ପନ୍ନ କରାଏ ।

#### a) **ତତ୍ପରତା**

ଦାବୀର ତ୍ୱରିତ ସମାଧାନ, ବୀମିତଟି ଏକ କର୍ପୋରେଟ କ୍ଲାଏଣ୍ଟ ହୋଇଥାଉ ଅଥବା ଏକ ବ୍ୟକ୍ତି କିମ୍ବା ହାନିର ଆକାର ବଡ଼ ଅଥବା ଛୋଟ ହୋଇଥାଉ, ଏହା ଅତି ମହତ୍ୱପୂର୍ଣ୍ଣ ହୋଇଥାଏ । ଏହାକୁ ନିଶ୍ଚିତ ରୂପେ ବୁଝିବା ଉଚିତ୍ ଯେ ବୀମିତ ହାନି ପରେ ଯେତେ ଶୀଘ୍ର ସମ୍ଭବ, ବୀମା କ୍ଷତିପୂରଣ ଆବଶ୍ୟକ କରେ ।

ଯଦି ତାକୁ ଟଙ୍କା ତୁରନ୍ତ ମିଳେ, ଏହା ତାର ସର୍ବାଧିକ ଉପଯୋଗରେ ଆସିଥାଏ । ଯେତେବେଳେ ବୀମିତ ଏହାକୁ ସର୍ବାଧିକ ଆବଶ୍ୟକ କରେ ହାନି ପରେ ଯେତେ ଶୀଘ୍ର ସମ୍ଭବ , ଦାବୀ ରାଶିକୁ ପ୍ରଦାନ କରିବା ବୀମା କମ୍ପାନୀ କର୍ତ୍ତବ୍ୟ ହୋଇଥାଏ ।

#### b) **ଉଚ୍ଚ ବ୍ୟବସାୟିକ ମାନଦଣ୍ଡ**

ବୀମା କାର୍ଯ୍ୟକର୍ତ୍ତାମାନେ ଏହାର ଯୋଗ୍ୟତା ଉପରେ ପ୍ରତ୍ୟେକ ଦାବୀକୁ ବିଚାର କରିଥାନ୍ତି ଏବଂ ସମସ୍ତ ଦସ୍ତାବଜ ଯାହାସବୁ ନିମ୍ନ ପ୍ରଶ୍ନଗୁଡିକର ଉତ୍ତର ଦେଇ ପାରନ୍ତି, ସେଗୁଡିକୁ ଯାଞ୍ଚ କରିବା ବିନା ଦାବୀକୁ ଅଗ୍ରାହ୍ୟ କରିବାକୁ ପକ୍ଷପାତିତା କିମ୍ବା ପୂର୍ବ-କଳ୍ପିତ ବିଚାରର ପ୍ରୟୋଗ କରି ନ ଥାନ୍ତି ।

**i.** ହାନିଟି ବାସ୍ତବରେ ଘଟିଥିଲା କି?

**ii.** ଯଦି ଘଟିଥିଲା, ହାନି କରିଥିବା ଘଟଣା ବାସ୍ତବରେ କ୍ଷତିର କାରଣ ଥିଲା କି?

**iii.** ଏହି ଘଟଣାରୁ ହୋଇଥିବା କ୍ଷତିର ମାତ୍ରା ।

**iv.** ହାନିର କାରଣ କ'ଣ ଥିଲା?

**v.** ପଲିସୀ ଅନ୍ତର୍ଗତ ହାନିଟି ସୁରକ୍ଷାପ୍ରାପ୍ତ ହୋଇଥିଲା କି?

**vi.** ଚୁକ୍ତି/ପଲିସୀ ସର୍ତ୍ତାବଳୀ ଅନୁଯାୟୀ ଦାବୀଟି ପ୍ରଦାନ ଯୋଗ୍ୟ ଅଟେ କି?

**vii.** ଯଦି ଅଟେ, କେତେ ପରିମାଣ ପ୍ରଦାନଯୋଗ୍ୟ ହୋଇଥାଏ?

ଏହିସବୁ ପ୍ରଶ୍ନର ଉତ୍ତରକୁ  ବୀମାକମ୍ପାନୀ ଦ୍ୱାରା ଆବିଷ୍କାର କରିବା ଆବଶ୍ୟକ ଅଟେ ।

ଦାବୀର ପ୍ରୋସେସ୍ କରିବା ଏକ ମହତ୍ୱପୂର୍ଣ୍ଣ କାର୍ଯ୍ୟ ଅଟେ । ସମସ୍ତ ଦାବୀ ଫର୍ମ, କାର୍ଯ୍ୟପ୍ରଣାଳୀ ଓ ପ୍ରକ୍ରିୟାକୁ କମ୍ପାନୀ ଦ୍ୱାରା ଧ୍ୟାନ ପୂର୍ବକ ଡିଜାଇନ କରାଯାଇଛି ଏହା ସୁନିଶ୍ଚିତ କରିବା ପାଇଁ ଯେ ପଲିସୀ ଅନ୍ତର୍ଗତ'ପ୍ରଦାନଯୋଗ୍ୟ' ସମସ୍ତ ଦାବୀକୁ ତତ୍କାଳିକ ରୂପେ ପ୍ରଦାନ କରାଯାଉଛି ଏବଂ ଯେଉଁଗୁଡିକ ପ୍ରଦାନଯୋଗ୍ୟ ନୁହେଁ ସେଗୁଡିକୁ ପ୍ରଦାନ କରାଯାଉ ନାହିଁ ।

ଅଭିକର୍ତ୍ତାଟି, କମ୍ପାନୀର ପ୍ରତିନିଧି ଓ ବୀମିତର ପରିଚିତ ହୋଇଥିବାରୁ, ତାକୁ ସୁନିଶ୍ଚିତ କରିବାକୁ ପଡିବ ଯେ ସମସ୍ତ ଆବଶ୍ୟକୀୟ ଫର୍ମକୁ ସଠିକ୍ ସୂଚନା ସହିତ ଉପଯୁକ୍ତ ରୂପେ ପୂରଣ କରାଯାଇଛି, ହାନୀର ପ୍ରମାଣ ଦେଉଥିବା ସମସ୍ତ ଦସ୍ତାବିଜକୁ ସଂଲଗ୍ନ କରାଯାଇଛି ଏବଂ ସମସ୍ତ ନିର୍ଦ୍ଧାରିତ କାର୍ଯ୍ୟପ୍ରଣାଳୀକୁ ସମୟ ଅନୁରୂପ ପାଳନ କରାଯାଉଛି ଓ କମ୍ପାନୀ ପାଖରେ ଉଚିତ୍ ରୂପେ ଦାଖଲ କରାଯାଉଛି । ହାନିର ସମୟରେ ଅଭିକର୍ତ୍ତାର ଭୂମିକା ବିଷୟରେ ପୂର୍ବରୁ ଆଲୋଚନା କରାଯାଇଛି ।

2. **ହାନିର ସୂଚନା କିମ୍ବା ନୋଟିସ୍**

ପଲିସୀ ସର୍ତ୍ତାବଳୀ ପ୍ରାବଧାନ ରଖେ ଯେ ହାନିକୁ ତୁରନ୍ତ ବୀମିତ ଦ୍ୱାରା ସୂଚୀତ କରାଯିବା ଉଚିତ୍ । ଏକ ତ୍ୱରିତ ସୂଚନାର ଉଦ୍ଦେଶ୍ୟ ହେଉଛି ଏହାର ପ୍ରାରମ୍ଭିକ ଚରଣରେ ଏକ ହାନିର ଅନୁସନ୍ଧାନ କରିବାକୁ ବୀମାକର୍ତ୍ତାଙ୍କୁ ସ୍ୱୀକୃତି ଦେବା । ବିଳମ୍ବନର ପରିଣାମ ହାନି ସମ୍ବନ୍ଧୀୟ ମୂଲ୍ୟବାନ ସୂଚନାର ଅଭାବ ହୋଇପାରେ । ଏହା ବୀମାକର୍ତ୍ତାଙ୍କୁ ହାନିକୁ କମ୍ କରିବା ପାଇଁ ପଦକ୍ଷେପର ପରାମର୍ଶ ଦେବାପାଇଁ ଏବଂ ଦ୍ରବକତାକୁ ସୁରକ୍ଷା ଦେବା ପାଇଁ ପଦକ୍ଷେପ ନେବାପାଇଁ ମଧ୍ୟ ସକ୍ଷମ କରିପାରେ । ହାନିର ସୂଚନା ଯେତେ ଶୀଘ୍ର ଯଥାର୍ଥ ରୂପେ ସମ୍ଭବ, ସେତେ ଶୀଘ୍ର ଦେବାକୁ ହୋଇଥାଏ ।

ପ୍ରାରମ୍ଭିକ ଯାଞ୍ଚ/ଅନୁସନ୍ଧାନ ପରେ, ଦାବୀପାଇଁ ଏକ ସଂଖ୍ୟା ଆବଣ୍ଟିତ କରାଯାଏ ଏବଂ ପଲିସୀ ସଂଖ୍ୟା, ବୀମିତର ନାମ, ହାନିର ମାତ୍ରାର ଆକଳନ ଭଳି ବିବରଣୀ ସହିତ, ଦାବୀ ପଞ୍ଜିକାରେ ପ୍ରବିଷ୍ଟ କରାଯାଏ, ଦାବୀର ପ୍ରୋସେସ୍ କରିବା ପାଇଁ ବର୍ତ୍ତମାନ ଏହା ପ୍ରସ୍ତୁତ ହୋଇଥାଏ ।

**କେତେକ ପ୍ରକାରର ପଲିସୀ (ଉ.ସ୍ୱ.ଚୋରୀ) ଅନ୍ତର୍ଗତ, ସୂଚନାଟି ପୋଲିସ ପ୍ରାଧିକାରୀମାନଙ୍କୁ ମଧ୍ୟ ଦେବାକୁ ପଡ଼ିଥାଏ । କାର୍ଗୋ ରେଳ ପାରବହନ ପଲିସୀ ଅନ୍ତର୍ଗତ ସୂଚନାଟିକୁ ରେଳବାଇରେ ଦେବାକୁ ପଡ଼ିଥାଏ ।**

3. **ଅନୁସନ୍ଧାନ ଏବଂ ମୂଲ୍ୟାଙ୍କନ**

**a) ବିହଙ୍ଗାବଲୋକନ**

ବୀମିତ ଠାରୁ ଦାବୀ ଫର୍ମର ପ୍ରାପ୍ତି ପରେ, ବୀମାକର୍ତ୍ତାମାନେ ହାନିର ଅନୁସନ୍ଧାନ ଏବଂ ମୂଲ୍ୟାଙ୍କନ ବିଷୟରେ ନିର୍ଣ୍ଣୟ ନିଅନ୍ତି । ଯଦି ଦାବୀର ପରିମାଣ କମ୍ ହୋଇଥାଏ, ହାନିର କାରଣ ଓ ମାତ୍ରାକୁ ନିର୍ଦ୍ଧାରିତ କରିବା ପାଇଁ, ବୀମାକର୍ତ୍ତାଙ୍କ ଏକ ଅଧିକାରୀ ଦ୍ୱାରା ଅନୁସନ୍ଧାନ/ଯାଞ୍ଚ କରାଯାଇଥାଏ ।

ଅନ୍ୟ ଦାବୀଗୁଡିକର ଅନୁସନ୍ଧାନକୁ ସ୍ୱତନ୍ତ୍ର ଲାଇସେନ୍ସ ପ୍ରାପ୍ତ ପ୍ରଫେଶନାଲ୍ ସର୍ବେକ୍ଷକମାନଙ୍କ ଉପରେ ନ୍ୟସ୍ତ କରାଯାଇଥାଏ ଯେଉଁମାନେ ହାନି ମୂଲ୍ୟାଙ୍କନରେ ବିଶେଷଜ୍ଞ ହୋଇଥାନ୍ତି । ସ୍ୱତନ୍ତ୍ର ସର୍ବେକ୍ଷକମାନଙ୍କ ଦ୍ୱାରା ହାନିର ମୂଲ୍ୟାଙ୍କନ ଏହି ସିଦ୍ଧାନ୍ତ ଆଧାରରେ ହୋଇଥାଏ ଯେ ଯେହେତୁ ଉଭୟ ବୀମାକର୍ତ୍ତା ଓ ବୀମିତ ହିତଧାରକ ପକ୍ଷ ହୋଇଥାନ୍ତି, ଏକ ସ୍ୱତନ୍ତ୍ର ପ୍ରଫେଶନାଲ ବ୍ୟକ୍ତିର ନିରପେକ୍ଷ ମତ ଉଭୟ ପକ୍ଷ ପାଇଁ ଏବଂ କୌଣସି ବିବାଦ ଘଟଣାରେ ଆଇନ ଅଦାଲତ ପାଇଁ ସ୍ୱୀକାର୍ଯ୍ୟ ହେବା ଉଚିତ୍ ।

**b) ଦାବୀ ମୂଲ୍ୟାଙ୍କନ**

ଅଗ୍ନି କ୍ଷେତ୍ରରେ ଦାବୀକୁ ସହାୟକ ଦସ୍ତାବିଜ ସହିତ ସର୍ବେକ୍ଷଣ ରିପୋର୍ଟର ଆଧାରରେ ମୂଲ୍ୟାଙ୍କିତ କରାଯାଏ, ଯେଉଁଠି ଆବଶ୍ୟକ ପୋଲିସ ରିପୋର୍ଟ/ଫାୟାର ବିଗ୍ରେଡ୍ ରିପୋର୍ଟ, ଯାଞ୍ଚକର୍ତ୍ତାର ରିପୋର୍ଟ ମଧ୍ୟ ପ୍ରାପ୍ତ କରାଯାଏ । ବ୍ୟକ୍ତିଗତ ଦୁର୍ଘଟଣା ଦାବୀ ପାଇଁ, ବୀମିତକୁ, ଚିକିତ୍ସା କରୁଥିବା ଡାକ୍ତରଙ୍କ ଠାରୁ ଦୁର୍ଘଟଣାର କାରଣ କିମ୍ବା ରୋଗର ସ୍ୱରୂପ ଯାହା ବି ପ୍ରକରଣ ହୋଇଥାଉ, ଏବଂ ଅପଙ୍ଗତାର ଅବଧିକୁ ବିନିର୍ଦ୍ଦିଷ୍ଟ କରୁଥିବା ଏକ ରିପୋର୍ଟ ଦାଖଲ କରିବା ଆବଶ୍ୟକ ହୋଇଥାଏ ।

ପଲିସୀ ସର୍ତ୍ତାବଳୀ ଅନ୍ତର୍ଗତ, ବୀମାକର୍ତ୍ତାମାନେ ଏକ ସ୍ୱତନ୍ତ୍ର ମେଡିକାଲ ପରୀକ୍ଷଣର ବ୍ୟବସ୍ଥା କରିବାର ଅଧିକାର ରଖିଥାନ୍ତି । "ଶ୍ରମିକ କ୍ଷତିପୂରଣ" ଦାବୀଗୁଡିକର ସହାୟକ ରୂପେ ମେଡିକାଲ ପ୍ରମାଣର ମଧ୍ୟ ଆବଶ୍ୟକତା ରହିଥାଏ । ପଶୁଧନ ଏବଂ ଗୋଧନ ଦାବୀଗୁଡିକୁ ଏକ ପଶୁ ଡାକ୍ତରଙ୍କ ରିପୋର୍ଟ ଆଧାରରେ ମୂଲ୍ୟାଙ୍କିତ କରାଯାଇ ଥାଏ ।

**ସୂଚନା**

ହାନି କିମ୍ବା କ୍ଷତିର ସୂଚନା ପ୍ରାପ୍ତି ପରେ ବୀମାକର୍ତ୍ତାମାନେ ଯାଞ୍ଚ କରନ୍ତି ଯେ:

1. ହାନି କିମ୍ବା କ୍ଷତିର ଘଟଣା ତାରିଖରେ ବୀମା ପଲିସୀଟି ପ୍ରଭାବଶୀଳ ଅଛି କି ନାହିଁ
2. ହାନି କିମ୍ବା କ୍ଷତିଟି ଏକ ବୀମିତ ଆପଦ କାରଣରୁ ହୋଇଛି କି ନାହିଁ
3. ହାନି ଦ୍ୱାରା ପ୍ରଭାବିତ ସମ୍ପତ୍ତି (ବୀମାର ବିଷୟବସ୍ତୁ) ପଲିସୀ ଅନ୍ତର୍ଗତ ବୀମିତ ହୋଇଥିବା ସମ୍ପତ୍ତି ଅଟେ କି ନାହିଁ
4. ହାନିର ସୂଚନା କୌଣସି ବିଳମ୍ବନ ବିନା ପ୍ରାପ୍ତ ହୋଇଛି କି ନାହିଁ

ମୃତ୍ୟୁ ଏବଂ ବ୍ୟକ୍ତିଗତ କ୍ଷତ ସଂପୃକ୍ତ କରୁଥିବା ମୋଟର ତୃତୀୟ ପକ୍ଷ ଦାବୀଗୁଡିକୁ ଡାକ୍ତରଙ୍କ ରିପୋର୍ଟ ଆଧାରରେ ମୂଲ୍ୟାଙ୍କିତ କରାଯାଇଥାଏ । ଏହି ଦାବୀଗୁଡିକୁ ମୋଟର ଦୁର୍ଘଟଣା ଦାବୀ ନ୍ୟାୟାଧିକରଣ ଦ୍ୱାରା ସଂଚାଳିତ ହୋଇଥାଏ ଏବଂ ପ୍ରଦାନ କରିବାକୁ ଥିବା ରାଶିକୁ ଦାବୀଦାରର ଆୟୁ ଏବଂ ଆୟ ଭଳି କାରକଗୁଡିକ ଦ୍ୱାରା ନିର୍ଣ୍ଣୟ କରାଯାଇଥାଏ ।

ତୃତୀୟ ପକ୍ଷ ସମ୍ପତ୍ତି କ୍ଷତିକୁ ସଂପୃକ୍ତ କରୁଥିବା ଦାବୀଗୁଡିକୁ ଏକ ସର୍ବେକ୍ଷଣ ରିପୋର୍ଟ ଆଧାରରେ ମୂଲ୍ୟାଙ୍କନ କରାଯାଇଥାଏ ।

- ✓ ମୋଟର ନିଜ କ୍ଷତି ଦାବୀକୁ ସର୍ବେକ୍ଷକଙ୍କ ରିପୋର୍ଟ ଆଧାରରେ ମୂଲ୍ୟାଙ୍କନ କରାଯାଇଥାଏ ।
- ✓ ଏଥିରେ ପୋଲିସ ରିପୋର୍ଟ ଆବଶ୍ୟକ ହୋଇପାରେ ଯଦି ତୃତୀୟ ପକ୍ଷ କ୍ଷତି ସଂପୃକ୍ତ ଥାଏ ।

**ସୂଚନା**

ଅନୁସନ୍ଧାନ ହାନିର ମୂଲ୍ୟାଙ୍କନଠାରୁ ଭିନ୍ନ ଅଟେ । ଅନୁସନ୍ଧାନକୁ ଏହା ସୁନିଶ୍ଚିତ କରିବା ପାଇଁ କରାଯାଏ ଯେ ଏକ ବୈଧ ଦାବୀ କରାଯାଇଛି ଏବଂ ମହତ୍ୱପୂର୍ଣ୍ଣ ବିବରଣୀକୁ ସତ୍ୟାପିତ କରାଯାଇଛି ଏବଂ ବୀମାଯୋଗ୍ୟ ହିତର ଅନୁପସ୍ଥିତି, ଆବଶ୍ୟକୀୟ ତଥ୍ୟକୁ ଲୁଚାଇବା କିମ୍ବା ମିଥ୍ୟା ଉପସ୍ଥାପନା, ଜାଣିଶୁଣି ହାନି ସୃଷ୍ଟି କରିବା, ଇତ୍ୟାଦି ଭଳି ସନ୍ଦେହସବୁକୁ ବରଖାସ୍ତ କରାଯାଇଥାଏ ।

ବୀମା ସର୍ବେକ୍ଷକମାନେ ଅନୁସନ୍ଧାନର କାର୍ଯ୍ୟକୁ ମଧ୍ୟ ନେଇଥାନ୍ତି । ଏହା ସାହାଯ୍ୟ କରିଥାଏ ଯଦି ଏକ ସର୍ବେକ୍ଷକ ଯେତେ ଶୀଘ୍ର ସମ୍ଭବ କାର୍ଯ୍ୟକୁ ହାତକୁ ନେଇଥାଏ । ତେଣୁକରି, ଦାବୀର ସୂଚନା ପାଇବା ପରେ ଯେତେ ଶୀଘ୍ର ସମ୍ଭବ, ସର୍ବେକ୍ଷକ ନିଯୁକ୍ତି କରିବାର ପ୍ରଥା ରହିଥାଏ ।

## B. ସର୍ବେକ୍ଷକ ଏବଂ ହାନି ମୂଲ୍ୟାଙ୍କକମାନଙ୍କ ଭୂମିକା

### a) **ସର୍ବେକ୍ଷକ**

ସର୍ବେକ୍ଷକମାନେ ଆଇ.ଆର୍.ଡି.ଏ.ଆଇ. ଦ୍ୱାରା ଲାଇସେନ୍ସ ପ୍ରାପ୍ତ ପ୍ରଫେଶନାଲ ହୋଇଥାନ୍ତି । ସେମାନେ ବିଶେଷ କ୍ଷେତ୍ରଗୁଡ଼ିକରେ ହାନିଗୁଡ଼ିକୁ ନିରୀକ୍ଷଣ ଓ ମୂଲ୍ୟାଙ୍କନ କରିବାରେ ବିଶେଷଜ୍ଞ ହୋଇଥାନ୍ତି । ସର୍ବେକ୍ଷକମାନଙ୍କୁ ସାଧାରଣତଃ ବୀମା କମ୍ପାନୀ ଦ୍ୱାରା ସେମାନଙ୍କୁ ନିଯୁକ୍ତ କରି, ଶୁଳ୍କ ପ୍ରଦାନ କରାଯାଇଥାଏ । ସର୍ବେକ୍ଷକ ଓ ହାନି ମୂଲ୍ୟାଙ୍କକମାନଙ୍କୁ ଏକ ଦାବୀର ସମୟରେ, ସାଧାରଣତଃ ସାଧାରଣ ବୀମା କମ୍ପାନୀମାନଙ୍କ ଦ୍ୱାରା hire କରି ନିଆଯାଇଥାଏ । ସେମାନେ ସଂଶ୍ଳିଷ୍ଟ ସମ୍ପତ୍ତିର ନିରୀକ୍ଷଣ କରନ୍ତି, ହାନିର କାରଣ ଓ ପରିସ୍ଥିତିଗୁଡ଼ିକୁ ଯାଞ୍ଚ ଓ ସତ୍ୟାପିତ କରନ୍ତି । ସେମାନେ ହାନିର ମାତ୍ରାର ଆକଳନ ମଧ୍ୟ କରନ୍ତି ଏବଂ ବୀମା କମ୍ପାନୀ ନିକଟରେ ରିପୋର୍ଟ ଦାଖଲ କରନ୍ତି ।

ସେମାନେ ଅଧିକ ହାନିକୁ ରୋକିବା ପାଇଁ ଉପଯୁକ୍ତ ପଦକ୍ଷେପ ସମ୍ବନ୍ଧରେ, ବୀମାକର୍ତ୍ତାମାନଙ୍କୁ ପରାମର୍ଶ ମଧ୍ୟ ଦେଇଥାନ୍ତି । ସର୍ବେକ୍ଷକମାନେ ବୀମା ଅଧିନିୟମ 1938, ବୀମା ନିୟମାବଳୀ 1939 ଏବଂ ଆଇ.ଆର୍.ଡି.ଏ.ଆଇ. ଦ୍ୱାରା ଜାରୀ କରାଯାଇଥିବା ବିଶେଷ ବିନିୟମନର ପ୍ରାବଧାନଗୁଡ଼ିକ ଦ୍ୱାରା ପରିଚାଳିତ ହୋଇଥାନ୍ତି ।

ରପ୍ତାନୀ ପାଇଁ 'ଯାତ୍ରା ପଲିସୀ' କିମ୍ବା 'ସାମୁଦ୍ରିକ ଖୋଲା ସୁରକ୍ଷା' କ୍ଷେତ୍ରରେ ଦେଶ ବାହାରେ କରାଯାଇଥିବା ଦାବୀଗୁଡ଼ିକୁ, ପଲିସୀରେ ନାମିତ ବିଦେଶର ଦାବୀ ବନ୍ଦୋବସ୍ତ ଅଭିକର୍ତ୍ତାମାନଙ୍କ ଦ୍ୱାରା ମୂଲ୍ୟାଙ୍କିତ କରାଯାଇଥାଏ । ଏହି ଅଭିକର୍ତ୍ତାମାନେ ହାନିର ମୂଲ୍ୟାଙ୍କନ ଏବଂ ରାଶି ପ୍ରଦାନ କରିପାରନ୍ତି, ଯାହାର ପ୍ରତିପୂର୍ତ୍ତି ସେମାନଙ୍କ ବନ୍ଦୋବସ୍ତ ଶୁଳ୍କ ସହିତ ବୀମାକର୍ତ୍ତାମାନଙ୍କ ଦ୍ୱାରା କରାଯାଇଥାଏ । ବୈକଳ୍ପିକ ରୂପେ,  ବୀମା ଦାବୀ ବନ୍ଦୋବସ୍ତ କରୁଥିବା ଅଭିକର୍ତ୍ତାମାନଙ୍କ ଦ୍ୱାରା ସମସ୍ତ ଦାବୀ ଦସ୍ତାବିଜଗୁଡ଼ିକୁ ସଂଗ୍ରହ କରାଯାଇଥାଏ ଏବଂ ସେମାନଙ୍କ ମୂଲ୍ୟାଙ୍କନ ସହିତ, ବୀମାକର୍ତ୍ତାମାନଙ୍କ ନିକଟରେ ଦାଖଲ କରାଯାଇଥାଏ ।

**ମହତ୍ତ୍ୱପୂର୍ଣ୍ଣ**

**ବୀମା ଅଧିନିୟମର ଧାରା 64** UM

ମୋଟର ନିଜ କ୍ଷତି ପାଇଁ ପଚାଶ ହଜାର ଟଙ୍କା ଠାରୁ ଅଧିକ ଏବଂ ଅନ୍ୟ ସମ୍ପତ୍ତି କ୍ଷତି ପାଇଁ ଏକ ଲକ୍ଷ ଟଙ୍କା  ଠାରୁ ଅଧିକର ଦାବୀ ପାଇଁ, ବୀମାକର୍ତ୍ତାମାନେ ସେଭଳି ଦାବୀଗୁଡ଼ିକର ମୂଲ୍ୟାଙ୍କନ ପାଇଁ ସର୍ବେକ୍ଷକମାନଙ୍କୁ ନିଯୁକ୍ତି ଦେବା ଆବଶ୍ୟକ କରିଥାନ୍ତି । ଅନ୍ୟାନ୍ୟ ଦାବୀ ପାଇଁ ବୀମାକର୍ତ୍ତାମାନେ ମୂଲ୍ୟାଙ୍କନ ପାଇଁ ଅନ୍ୟାନ୍ୟ ବ୍ୟକ୍ତି (ଏକ ସର୍ବେକ୍ଷକ କିମ୍ବା ହାନି ମୂଲ୍ୟାଙ୍କକ ରୂପେ ନିଯୁକ୍ତ ହେବା ପାଇଁ ଏହି ସମୟ ପାଇଁ ଅଯୋଗ୍ୟ ନ ହୋଇଥିବା ଏକ ବ୍ୟକ୍ତି) ଙ୍କୁ ନିଯୁକ୍ତ କରିପାରନ୍ତି ।

---

## 5. **ଦାବୀ ଫର୍ମ**

ଦାବୀ ଫର୍ମର ବିଷୟବସ୍ତୁ ପ୍ରତ୍ୟେକ ଶ୍ରେଣୀର ବୀମା ପାଇଁ ଭିନ୍ନ ଭିନ୍ନ ହୋଇଥାଏ । ସାଧାରଣ ରୂପେ ଦାବୀ ଫର୍ମକୁ, ହାନିର ପରିସ୍ଥିତି, ଯଥା ହାନିର ତାରିଖ, ସମୟ, ହାନିର କାରଣ, ହାନିର ମାତ୍ରା, ଇତ୍ୟାଦି ସମ୍ବନ୍ଧୀୟ ସଂପୂର୍ଣ୍ଣ ସୂଚନା ପାଇବାକୁ ଡିଜାଇନ୍ କରାଯାଇଥାଏ । ଅନ୍ୟ ପ୍ରଶ୍ନଗୁଡ଼ିକ ଗୋଟିଏ ଶ୍ରେଣୀର ବୀମା ଠାରୁ ଅନ୍ୟ ଏକ ପାଇଁ ଭିନ୍ନ ଭିନ୍ନ ହୋଇଥାଏ ।

**ଉଦାହରଣ**

ଏକ ଅଗ୍ନି ଦାବୀ ଫର୍ମରେ ମଗାଯାଇଥିବା ସୂଚନାର ଏକ ଉଦାହରଣ ଏଠି ତଳେ ଦିଆଯାଇଛି:

i. ବୀମିତର ନାମ, ପଲିସୀ ସଂଖ୍ୟା ଏବଂ ଠିକଣା

ii. ଅଗ୍ନିକାଣ୍ଡର ତାରିଖ, ସମୟ, କାରଣ ଏବଂ ପରିସ୍ଥିତି

iii. ନଷ୍ଟ ହୋଇଥିବା ସମ୍ପତ୍ତିର ବିବରଣୀ

iv. ଅଗ୍ନିକାଣ୍ଡ ସମୟରେ ସମ୍ପତ୍ତିର ସଠିକ୍ ମୂଲ୍ୟ । ଯେଉଁଠି ବୀମା ଅନେକଗୁଡିଏ ସାମଗ୍ରୀକୁ ଅନ୍ତର୍ଭୁକ୍ତ କରେ ଯାହା ଅନ୍ତର୍ଗତ ଦାବୀ କରାଯାଇଥାଏ । [ଦାବୀଟି ନିଶ୍ଚିତ ରୂପେ ମୂଲ୍ୟ ହ୍ରାସ ଘଷାଘଷି ହୋଇ ଖରାପ ହେବା ପାଇଁ ସ୍ୱୀକୃତି ପରେ ଘଟଣାର ସ୍ଥାନ ଓ ସମୟରେ ସମ୍ପତ୍ତିର ବାସ୍ତବ ମୂଲ୍ୟ ଆଧାରରେ ହୋଇଥିବା ଉଚିତ (ଯଦି ବିଲ୍ଡିଙ୍ଗ୍, କାରଖାନା ଓ ଯନ୍ତ୍ରପାତି ସମ୍ବନ୍ଧୀୟ ପଲିସୀଟି "ପୁନଃ ସ୍ଥାପନ ମୂଲ୍ୟ" ଆଧାରରେ ହୋଇ ନ ଥାଏ) । ଏହା ଲାଭକୁ ଅନ୍ତର୍ଭୁକ୍ତ କରିବ ନାହିଁ]

v. ଦ୍ରବତା ମୂଲ୍ୟକୁ କାଟିବା ପରେ ଦାବୀ କରାଯାଇଥିବା ରାଶି ପରିମାଣ

vi. ପରିସରର ଅବସ୍ଥିତି ଏବଂ ଦଖଲ/ବ୍ୟବହାର ଯାହା ମଧ୍ୟରେ ଅଗ୍ନିକାଣ୍ଡ ଘଟିଥିଲା

vii. କ୍ଷମତା ଯାହା ଉପରେ ବୀମିତ ମାଲିକ ରୂପେ ହୋଇଥାଉ, ବନ୍ଧକ ରୂପେ କିମ୍ବା ସେଭଳି ଅନ୍ୟ କିଛି ରୂପେ ହୋଇଥାଉ, ଦାବୀ କରିଥାଏ

viii. କୌଣସି ଅନ୍ୟ ବ୍ୟକ୍ତି କ୍ଷତିଗ୍ରସ୍ତ ସମ୍ପତ୍ତିରେ ଆଗ୍ରହ ପ୍ରକାଶ କରୁଛି କି

ix. ଅନ୍ୟ କୌଣସି ବୀମା ସେଭଳି ସମ୍ପତ୍ତି ଉପରେ ପ୍ରଭାବୀ ଅଛି କି, ଯଦି ହୋଇଥାଏ, ତାହାର ବିବରଣୀ

ଏହାର ପରେ ଆସିଥାଏ ଫର୍ମରେ ବକ୍ତବ୍ୟର ସତ୍ୟତା ଓ ସଠିକତା ଉପରେ ଘୋଷଣାପତ୍ର ଏବଂ ବୀମିତର ହସ୍ତାକ୍ଷର ଓ ତାରିଖ ।

ବୀମା କମ୍ପାନୀ ଦ୍ୱାରା ଦାବୀ ଫର୍ମର ଜାରୀର ନିହିତାର୍ଥ କିମ୍ବା ଅର୍ଥ ଏହା ନୁହେଁ ଯେ ଦାବୀ ପାଇଁ ଦାୟିତ୍ୱ ବୀମାକର୍ତ୍ତା ଦ୍ୱାରା ସ୍ୱୀକାର କରାଗଲା । ଦାବୀ ଫର୍ମଗୁଡିକୁ 'ପକ୍ଷପାତିତା ବିନା' ର ମନ୍ତବ୍ୟ ସହିତ ଜାରୀ କରାଯାଇଥାଏ ।

**ସହାୟକ ଦସ୍ତାବିଜ**

ଦାବୀ ଫର୍ମ ଅତିରିକ୍ତ ଦାବୀକୁ ସିଦ୍ଧ କରିବାପାଇଁ କେତେକ ଦସ୍ତାବିଜକୁ ଦାବୀଦାର ଦ୍ୱାରା ଦଖଲ କରିବା କିମ୍ବା ବୀମାକର୍ତ୍ତାମାନଙ୍କ ଦ୍ୱାରା ବନ୍ଧକ ରୂପେ ରଖିବା ଆବଶ୍ୟକ ହୋଇଥାଏ ।

i. ଅଗ୍ନି ଦାବୀ ପାଇଁ, ଫାୟାର ବିଗ୍ରେଡ୍ ଠାରୁ ଏକ ରିପୋର୍ଟ ଆବଶ୍ୟକ ହୋଇପାରେ ।

ii. ବାତ୍ୟାଜନିତ କ୍ଷତି ପାଇଁ, ମୌସମ କାର୍ଯ୍ୟାଳୟ ଠାରୁ ଏକ ରିପୋର୍ଟ ମଗାଯାଇପାରେ

iii. ଚୋରୀ ବୀମାରେ, ପୋଲିସ ଠାରୁ ଏକ ରିପୋର୍ଟ ଆବଶ୍ୟକ ହୋଇପାରେ ।

iv. ସାଂଘାତିକ ଦୁର୍ଘଟଣା ଦାବୀ ପାଇଁ, ମୃତ୍ୟୁ ସମୀକ୍ଷକ ଏବଂ ପୋଲିସ ଠାରୁ ରିପୋର୍ଟ ଆବଶ୍ୟକ ହୋଇପାରେ

v. ମୋଟର ଦାବୀ ପାଇଁ, ବୀମାକର୍ତ୍ତା ଡ୍ରାଇଭିଂ ଲାଇସେନ୍ସ, ପଞ୍ଜିକରଣ ପୁସ୍ତିକା, ପୋଲିସ ରିପୋର୍ଟ ଇତ୍ୟାଦିକୁ ଯାଞ୍ଚ କରିବା ପସନ୍ଦ କରିପାରେ ।

vi. ସାମୁଦ୍ରିକ କାର୍ଗୋ ଦାବୀରେ, ଦସ୍ତାବିଜଗୁଡିକର ସ୍ୱରୂପ ହାନିର ପ୍ରକାର ଅର୍ଥାତ୍ ସଂପୂର୍ଣ୍ଣ ହାନି, ନିର୍ଦ୍ଦିଷ୍ଟ ସାମାନ୍ୟ, ଅନ୍ତର୍ଦେଶୀୟ କିମ୍ବା ସମୁଦ୍ରପାରୀ ପାରବହନ ଦାବୀ ଇତ୍ୟାଦି ଅନୁସାରେ ଭିନ୍ନ ଭିନ୍ନ ହୋଇପାରନ୍ତି ।

**ସ୍ୱୟଂ ପରୀକ୍ଷା କରନ୍ତୁ 1**

ନିମ୍ନ କାର୍ଯ୍ୟଗୁଡିକ ମଧ୍ୟରୁ କାହାକୁ ଦାବୀ ସମାଧାନରେ ବ୍ୟବସାୟିକ ରୂପେ ବିବେଚିତ କରାଯାଏ ନାହିଁ ?

I. ହାନିର କାରଣ ସମ୍ବନ୍ଧୀୟ ସୂଚନା ମାଗିବାକୁ

II. ଏକ ପକ୍ଷପାତିତା ସହିତ ଦାବୀ ଉପସ୍ଥାପିତ କରିବାକୁ

III. ହାନିଟି ଏକ ବୀମିତ ଆପଦର ପରିଣାମ ଅଟେ କି ନାହିଁ, ଏହା ସୁନିଶ୍ଚିତ କରିବାକୁ

IV. ଦାବୀ ଅନ୍ତର୍ଗତ ପ୍ରଦାନଯୋଗ୍ୟ ରାଶିର ନିର୍ଦ୍ଧାରଣ କରିବାକୁ

**ସ୍ୱୟଂ ପରୀକ୍ଷା କରନ୍ତୁ 2**

ରାଜ ଏକ କାର ଦୁର୍ଘଟଣାରେ ସଂପୃକ୍ତ ହୁଏ । ତା' କାରଟି ଏକ ମୋଟର ବୀମା ବ୍ୟାପକ ପଲିସୀ ଅନ୍ତର୍ଗତ ବୀମିତ ଅଟେ । ନିମ୍ନ ମଧ୍ୟରୁ କେଉଁଟି କରିବାକୁ ରାଜ ପାଇଁ ସବୁଠୁ ଉପଯୁକ୍ତ ଅଟେ?

I. ଯେତେ ଯଥାର୍ଥ ରୂପେ ସମ୍ଭବ ସେତେ ଶୀଘ୍ର ବୀମାକର୍ତ୍ତାଙ୍କୁ ହାନି ସମ୍ବନ୍ଧରେ ସୂଚୀତ କରିବା

II. ବୀମା ନୂତନୀକରଣ ସମ୍ବନ୍ଧରେ ବୀମାକର୍ତ୍ତାଙ୍କୁ ସୂଚୀତ କରିବା

III. ଏକ ଅଧିକ କ୍ଷତିପୂରଣ ପାଇବା ପାଇଁ କାରକୁ ଆହୁରି ଅଧିକ ନଷ୍ଟ କରିବା

IV. କ୍ଷତିକୁ ଅବଜ୍ଞା କରିବା

**ସ୍ୱୟଂ ପରୀକ୍ଷା କରନ୍ତୁ 3**

ଦାବୀ ଅନୁସନ୍ଧାନ ଓ ଦାବୀ ମୂଲ୍ୟାଙ୍କନ ବିଷୟରେ ନିମ୍ନ ଉକ୍ତିଗୁଡିକ ମଧ୍ୟରୁ କେଉଁଟି ସଠିକ୍ ଅଟେ ?

I. ଦାବୀ ଅନୁସନ୍ଧାନ ଓ ଦାବୀ ମୂଲ୍ୟାଙ୍କନ ସମାନ ଅଟନ୍ତି

II. ଦାବୀ ଅନୁସନ୍ଧାନ ହେଉଛି ଦାବୀର ବୈଧତାକୁ ନିର୍ଦ୍ଧାରିତ କରିବା କିନ୍ତୁ ମୂଲ୍ୟାଙ୍କନ ହେଉଛି ହାନିଟି ଏକ ବୀମିତ ଆପଦ କାରଣରୁ ହୋଇଥିଲା କି ନାହିଁ ଏହା ଜାଣିବା ଏବଂ ୱାରେଣ୍ଟିରେ କୌଣସି ଉଲ୍ଲଘଂନ ହୋଇଥିଲା କି ଏହା ଜାଣିବା

III. ଦାବୀ ମୂଲ୍ୟାଙ୍କନ ଦାବୀର ବୈଧତାକୁ ନିର୍ଦ୍ଧାରିତ କରିବା ପାଇଁ ଚେଷ୍ଟା କରେ କିନ୍ତୁ ଅନୁସନ୍ଧାନ ହାନିର କାରଣ ଓ ମାତ୍ରା ବିଷୟରେ ଅଧିକ ଚିନ୍ତିତ ଥାଏ

IV. ଦାବୀ ଅନୁସନ୍ଧାନକୁ ଦାବୀର ପ୍ରଦାନ ପୂର୍ବରୁ କରାଯାଇଥାଏ ଏବଂ ଦାବୀ ମୂଲ୍ୟାଙ୍କନ ଦାବୀ ପ୍ରଦାନ ପରେ କରାଯାଇଥାଏ

**ସ୍ୱୟଂ ପରୀକ୍ଷା କରନ୍ତୁ 4**

ସର୍ବେକ୍ଷକମାନଙ୍କ ପାଇଁ ଲାଇସେନ୍ସ ଦେବା ପ୍ରାଧିକରଣ କିଏ ଅଟନ୍ତି ?

I. ଭାରତୀୟ ସର୍ବେକ୍ଷକ ସଂଘ

II. ସର୍ବେକ୍ଷକ ବିନିୟାମକ ଓ ବିକାଶ ପ୍ରାଧିକରଣ

III. ଭାରତୀୟ ବୀମା ବିନିୟାମକ ଓ ବିକାଶ ପ୍ରାଧିକରଣ

IV. ଭାରତ ସରକାର

***ସ୍ୱୟଂ ପରୀକ୍ଷା କରନ୍ତୁ 5***

ଏକ ବାତ୍ୟା କ୍ଷତି ଦାବୀ ଯାଞ୍ଚ କରିବା ସମୟରେ ନିମ୍ନ ଲିଖିତ ଦସ୍ତାବିଜଗୁଡିକ ମଧ୍ୟରୁ କେଉଁଟିକୁ ମଗାଯିବାର ସବୁଠୁ ଅଧିକ ସମ୍ଭାବନା ରହିଥାଏ?

I. ମୃତ୍ୟୁ ସମୀକ୍ଷକଙ୍କ ରିପୋର୍ଟ

II. ଫାୟାର ବିଗ୍ରେଡ୍ ଠାରୁ ରିପୋର୍ଟ

III. ପୋଲିସ ରିପୋର୍ଟ

IV. ମୌସମ ବିଭାଗ ଠାରୁ ରିପୋର୍ଟ

**ସ୍ୱୟଂ ପରୀକ୍ଷା କରନ୍ତୁ 6**

କେଉଁ ସିଦ୍ଧାନ୍ତ ଅନ୍ତର୍ଗତ, ବୀମାକର୍ତ୍ତା ଏକ ପଲିସୀ ଅନ୍ତର୍ଗତ ପ୍ରଦାନ କରାଯାଇଥିବା ହାନିକୁ ଏକ ତୃତୀୟ ପକ୍ଷ ଠାରୁ ପରିଶୋଧ କରାଇବା ପାଇଁ ବୀମିତର ଅଧିକାରଗୁଡିକୁ ଧାରଣ କରିପାରେ?

I. ଅଂଶଦାନ

II. ଡିସ୍ଚାର୍ଜ

III. ପ୍ରତ୍ୟାସନ/ପ୍ରତିସ୍ଥାପନ

IV. କ୍ଷତିପୂର୍ତ୍ତି

**ସ୍ୱୟଂ ପରୀକ୍ଷା କରନ୍ତୁ 7**

ଯଦି ବୀମାକର୍ତ୍ତା ନିର୍ଣ୍ଣୟ ନିଏ ଯେ ଏକ ନିର୍ଦ୍ଦିଷ୍ଟ ହାନି ପ୍ରାଦନଯୋଗ୍ୟ ନୁହେଁ କାରଣ ଏହାକୁ ପଲିସୀ ଅନ୍ତର୍ଗତ ସୁରକ୍ଷା ଦିଆଯାଏ ନାହିଁ, ତେବେ ସେସବୁ ମାମଲାର ନିର୍ଣ୍ଣୟ କିଏ ନେଇଥାଏ?

I. ବୀମାକର୍ତ୍ତାର ନିର୍ଣ୍ଣୟ ଅନ୍ତିମ ହୋଇଥାଏ

II. ଅମ୍ପାୟାର୍

III. ପଞ୍ଚ ନିର୍ଣ୍ଣାୟକ

IV. ଆଇନ ଅଦାଲତ

**ସାରାଂଶ**

a) ବ୍ୟବସାୟିକ ରୂପେ ଦାବୀଗୁଡିକର ସମାଧାନ କରିବାକୁ ଏକ ବୀମା କମ୍ପାନୀ ପାଇଁ ସବୁଠୁ ବଡ଼ ବିଜ୍ଞାପନ ରୂପେ ବିଚାର କରାଯାଏ ।

b) ପଲିସୀ ସର୍ତ୍ତାବଳୀ ପ୍ରାବଧାନ ରଖେ ଯେ ହାନିକୁ ତୁରନ୍ତ ବୀମିତ ଦ୍ୱାରା ସୂଚୀତ କରାଯିବା ଉଚିତ୍ ।

c) ଯଦି ଦାବୀର ପରିମାଣ କମ୍ ହୋଇଥାଏ, ହାନିର କାରଣ ଓ ମାତ୍ରାକୁ ନିର୍ଦ୍ଧାରିତ କରିବା ପାଇଁ, ବୀମାକର୍ତ୍ତାଙ୍କ ଏକ ଅଧିକାରୀ ଦ୍ୱାରା ଅନୁସନ୍ଧାନ/ଯାଞ୍ଚ କରାଯାଇଥାଏ । ଅନ୍ୟ ଦାବୀଗୁଡିକ ପାଇଁ ଏହାକୁ ସ୍ୱତନ୍ତ୍ର ଲାଇସେନ୍ସ ପ୍ରାପ୍ତ ପ୍ରଫେଶନାଲ୍ ସର୍ବେକ୍ଷକମାନଙ୍କ ଉପରେ ନ୍ୟସ୍ତ କରାଯାଇଥାଏ ଯେଉଁମାନେ ହାନି ମୂଲ୍ୟାଙ୍କନରେ ବିଶେଷଜ୍ଞ ହୋଇଥାନ୍ତି ।

d) ସାଧାରଣ ରୂପେ ଦାବୀ ଫର୍ମକୁ, ହାନିର ପରିସ୍ଥିତି, ଯଥା ହାନିର ତାରିଖ, ସମୟ, ହାନିର କାରଣ, ହାନିର ମାତ୍ରା, ଇତ୍ୟାଦି ସମ୍ବନ୍ଧୀୟ ସଂପୂର୍ଣ୍ଣ ସୂଚନା ପାଇବାକୁ ଡିଜାଇନ୍ କରାଯାଇଥାଏ ।

e) ଦାବୀ ମୂଲ୍ୟାଙ୍କନ ହେଉଛି ବୀମିତ ଦ୍ୱାରା ଆକ୍ରାନ୍ତ ହୋଇଥିବା ହାନିର କାରଣ ଏକ ବୀମିତ ଆପଦ ଯୋଗୁଁ ହୋଇଥିଲା କି ଏବଂ ୱାରେଣ୍ଟିର କୌଣସି ଉଲ୍ଲଙ୍ଘନ ହୋଇଥିଲା କି, ଏହା ନିର୍ଦ୍ଧାରିତ କରିବାର ପ୍ରକ୍ରିୟା । ବୀମିତ ଦ୍ୱାରା ଆକ୍ରାନ୍ତ ହୋଇଥିବା ହାନିର ମାତ୍ରା ଏବଂ ପଲିସୀ ଅନ୍ତର୍ଗତ ବୀମାକର୍ତ୍ତାର ଦାୟିତ୍ୱର ମୂଲ୍ୟାଙ୍କନ କରାଯାଏ । ଏହାକୁ ଦାବୀର ପ୍ରଦାନ ପୂର୍ବରୁ କରାଯାଇଥାଏ ।

f) ଦାବୀର ସମାଧାନ କେବଳ ପଲିସୀ ଅନ୍ତର୍ଗତ ଏକ ଡିସ୍ଚାର୍ଜ ପ୍ରାପ୍ତି କରିବା ପରେ ହିଁ କରାଯାଇଥାଏ ।

## ମୂଖ୍ୟ ପଦାବଳୀ

a) ହାନିର ସୂଚନା

b) ଅନୁସନ୍ଧାନ (ଯାଞ୍ଚ) ଏବଂ ମୂଲ୍ୟାଙ୍କନ

c) ସର୍ବେକ୍ଷକ ଏବଂ ହାନି ମୂଲ୍ୟାଙ୍କକ

d) ଦାବୀ ଫର୍ମ

e) ସମାୟୋଜନ ଏବଂ ସମାଧାନ

## ସ୍ୱୟଂ ପରୀକ୍ଷା କରନ୍ତୁର ଉତ୍ତର

ଉତ୍ତର 1 - ସଠିକ୍ ବିକଳ୍ପ ହେଉଛି II

ଉତ୍ତର 2 - ସଠିକ୍ ବିକଳ୍ପ ହେଉଛି I

ଉତ୍ତର 3 - ସଠିକ୍ ବିକଳ୍ପ ହେଉଛି II

ଉତ୍ତର 4 - ସଠିକ୍ ବିକଳ୍ପ ହେଉଛି III

ଉତ୍ତର 5 - ସଠିକ୍ ବିକଳ୍ପ ହେଉଛି IV

ଉତ୍ତର 6 - ସଠିକ୍ ବିକଳ୍ପ ହେଉଛି III

ଉତ୍ତର 7 - ସଠିକ୍ ବିକଳ୍ପ ହେଉଛି IV

# ବିଭାଗ

# ସଂଲଗ୍ନ

# ଅଧ୍ୟାୟ A-01

## ସଂଲଗ୍ନ

ଏହି ସଂଲଗ୍ନଗୁଡିକୁ ପ୍ରଦାନ କରାଯାଇଛି ଯାହାଦ୍ଵାରା ଛାତ୍ରଛାତ୍ରୀମାନେ ସାଧାରଣ ବୀମାରେ ଉପଯୋଗ ହେଉଥିବା ପ୍ରସ୍ତାବ ଫର୍ମ ବିଷୟରେ ଆହୁରି ଉତ୍ତମ ଧାରଣା ପ୍ରାପ୍ତ କରିବେ ।

### ମୋଟର ବୀମା ପ୍ରସ୍ତାବ ଫର୍ମ

### ଘରୋଇ କାର / ଦୁଇ ଚକିଆ – ପ୍ୟାକେଜ୍ ପଲିସୀ

| | | |
|---|---|---|
| ପ୍ରସ୍ତାବକଙ୍କ ନାମ | | |
| ଯୋଗାଯୋଗ ପାଇଁ ଠିକଣା | | |
| ଟେଲିଫୋନ ଏବଂ ଫ୍ୟାକ୍ସ ନମ୍ବର | ବୀମିତର ଚିହ୍ନିତକରଣ | ମୋବାଇଲ ନମ୍ବର: |
| ଇ-ମେଲ ଠିକଣା | | |
| ବ୍ୟାଙ୍କ ଆକାଉଣ୍ଟ ନମ୍ବର (SB/ଚଳିତ) | | ପ୍ୟାନ୍ (PAN) ନମ୍ବର : |
| HPA/ | | |
| ଆବଶ୍ୟକୀୟ | ପ୍ୟାକେଜ୍ ପଲିସୀ | |
| ବୀମା ଅବଧି | ଠାରୁ ସମୟ....... ତାରିଖ: | ପର୍ଯ୍ୟନ୍ତ |

**ବାହନର ବିବରଣୀ**

| ପଞ୍ଜିକରଣ ସଂଖ୍ୟା: | ଇଞ୍ଜିନ ନମ୍ବର ଏବଂ ଚ୍ୟାସିସ୍ ନମ୍ବର | ନିର୍ମାଣର ବର୍ଷ | କଳେବରର ନିର୍ମାଣ ଏବଂ ମୋଡେଲ / ପ୍ରକାର | ଘନ କ୍ଷମତା (CC) | ବସିବା କ୍ଷମତା | ରଙ୍ଗ | ବ୍ୟବହାର କରାଯାଉଥିବା ଇନ୍ଧନ |
|---|---|---|---|---|---|---|---|
| | ବୀମିତ ବାହନର ସଠିକ୍ ଚିହ୍ନିତକରଣ | | | | | | |

ପଞ୍ଜିକରଣ ପ୍ରାଧିକରଣ – ନାମ ଏବଂ ଅବସ୍ଥିତି:

ବାହନର ମୂଲ୍ୟ:

| ଇନ୍ ଭଏସ୍ ମୂଲ୍ୟ | ଇଲେକ୍ଟ୍ରିକ୍ / ଇଲେକ୍ଟ୍ରୋନିକ୍ ସହାୟକ ଉପକରଣ | ଅଣ-ବୈଦ୍ୟୁତିକ ସହାୟକ ଉପକରଣ | ପାର୍ଶ୍ଵ କାର / ଟ୍ରେଲର୍ | LPG/CNG କିଟ୍ | ମୋଟ ମୂଲ୍ୟ | IDV |
|---|---|---|---|---|---|---|
| | ଏହା ଦାବୀ ସମାଧାନ ଓ ପ୍ରିମିୟମ ପାଇଁ ଆଧାର ଅଟେ | | | | | |

| ବାହନର ଇତିହାସ | | | | | | |
|---|---|---|---|---|---|---|
| ପୂର୍ବବର୍ତ୍ତୀ ପଲିସୀ ସଂଖ୍ୟା | ସୁରକ୍ଷାର ପ୍ରକାର | ବୀମାକର୍ତ୍ତାଙ୍କ ନାମ ଏବଂ ଠିକଣା | ଅଣ-ଦାବୀ ବୋନସ୍ ର ପାତ୍ରତା | ପଲିସୀ ସମାପ୍ତିର ତାରିଖ | ଗତ 3 ବର୍ଷର ଦାବୀ ଅନୁଭୂତି | ପ୍ରଥମ କ୍ରୟ ଏବଂ ପଞ୍ଜିକରଣର ତାରିଖ |
| | | | | | | |

ସଙ୍କଟାଙ୍କନ କାରକ - ମୂଲ୍ୟ ନିର୍ଦ୍ଧାରଣ ଉପରେ ବହନ

| ବାହନର ଉପଯୋଗୀତା: | | | |
|---|---|---|---|
| ଉପଯୋଗର ଉଦ୍ଦେଶ୍ୟ | ବାହନ ପାର୍କିଙ୍ଗ୍ ର ବିବରଣୀ | ଚାଳକର ବିବରଣୀ | ଗୋଟିଏ ବର୍ଷରେ ଚାଳିଥିବା ହାରାହାରି କି.ମି. |
| ଆନନ୍ଦ ଉପଭୋଗ | ଆବୃତ୍ତ ଗ୍ୟାରେଜ୍ | ସ୍ୱୟଂ ନିଜେ | |
| ବ୍ୟବସାୟିକ | ଅନାବୃତ୍ତ ଗ୍ୟାରେଜ୍ | ବୈତନିକ/ପାରିଶ୍ରମିକ | |
| ବ୍ୟବସାୟ / ବ୍ୟାପାର | ପରିସର ମଧ୍ୟରେ | ସମ୍ବନ୍ଧୀୟ | |
| କର୍ପୋରେଟ | ସଡ଼କ ପାର୍ଶ୍ୱରେ | ବନ୍ଧୁ | |

ସ୍ୱୀକୃତ ସଙ୍କଟକୁ ବୁଝିବା ପାଇଁ ବୀମାକର୍ତ୍ତାଙ୍କୁ ସାହାଯ୍ୟ କରେ

ସଙ୍କଟ ନ୍ୟୁନୀକରଣ /ପ୍ରତିକୂଳ ସଙ୍କଟକୁ ଜାଣିବା

| ଡିସ୍କାଉଣ୍ଟ ଏବଂ ଲୋଡିଙ୍ଗ୍ : | |
|---|---|
| ସ୍ୱୈଚ୍ଛିକ ଅତିରିକ୍ତ: ଆପଣ ଅନିବାର୍ଯ୍ୟ ପିଲିସୀ ଅତିରିକ୍ତର ଉପରେ ଓ ଊର୍ଦ୍ଧ୍ୱରେ ସ୍ୱୈଚ୍ଛିକ ଅତିରିକ୍ତକୁ ଚୟନ କରିବା ପାଇଁ ଚାହାଁନ୍ତି କି | ହଁ / ନାହିଁ – ଯଦି ହଁ, ଦୟାକରି ଦୁଇଚକିଆର ପରିମାଣକୁ ବିନିର୍ଦ୍ଦିଷ୍ଟ କରନ୍ତୁ – ଟ. 500/700/1000/1500/3000 ଘରୋଇ |
| ଆପଣ ଭାରତୀୟ ଅଟୋମୋବାଇଲ ସଂଘର ସଦସ୍ୟ ଅଟନ୍ତି କି | ହଁ / ନାହିଁ ଯଦି ହଁ, ଦୟାକରି ଉଲ୍ଲେଖ କରନ୍ତୁ:<br>1. ସଂଘର ନାମ:<br>2. ସଦସ୍ୟ ସଂଖ୍ୟା: 3.ସମାପ୍ତି ତାରିଖ: |
| ବାହନଟି ARAI ଦ୍ୱାରା ଅନୁମୋଦିତ କୌଣସି ଚୋରୀ-ବିରୋଧି ଉପକରଣ ଦ୍ୱାରା ସଜ୍ଜିତ ହୋଇଛି କି | ହଁ / ନାହିଁ ଯଦି ହଁ, AASI ଦ୍ୱାରା ଜାରୀ କରାଯାଇଥିବା ପ୍ରତିଷ୍ଠାପନର ପ୍ରମାଣପତ୍ର ସଂଲଗ୍ନ କରନ୍ତୁ |
| ବାହନକୁ ଅଣ-ପାରମ୍ପରିକ ସାଧନ ଦ୍ୱାରା ଚଳାଯାଏ କି | ହଁ / ନାହିଁ ଯଦି ହଁ, ଦୟାକରି ବିବରଣୀଗୁଡିକ ଉଲ୍ଲେଖ କରନ୍ତୁ |
| ବାହନଟିକୁ ଦ୍ୱି-ଇନ୍ଧନ କିଟ୍/ ଫାଇବର୍ କାଚ ଟ୍ୟାଙ୍କ ସଜ୍ଜିତ ଦ୍ୱାରା ଚଳାଯାଏ କି | ହଁ / ନାହିଁ ଯଦି ହଁ, ଦୟାକରି ବିବରଣୀଗୁଡିକ ଉଲ୍ଲେଖ କରନ୍ତୁ |
| ଆପଣ TPPD ସୁରକ୍ଷାକୁ କେବଳ ଟ. 6000 /- ର ବୈଧାନିକ ସୀମା ପର୍ଯ୍ୟନ୍ତ ସୀମିତ ରଖିବା ପାଇଁ ଚାହାନ୍ତି କି | ହଁ / ନାହିଁ |
| ଆବଶ୍ୟକୀୟ ଅତିରିକ୍ତ ସୁରକ୍ଷା | |
| ସହାୟକ ଉପକରଣର ଚୋରୀ (ଦୁଇ ଚକିଆ କେବଳ) | |
| ଚାଳକ ପାଇଁ ବୈଧିକ ଦାୟିତ୍ୱ | |
| ବୈତନିକ ଚାଳକ ପାଇଁ PA | |
| ଅନିବାର୍ଯ୍ୟ: ମାଲିକ ଚାଳକ ପାଇଁ ବ୍ୟକ୍ତିଗତ ଦୁର୍ଘଟଣା ସୁରକ୍ଷା | |

କମ୍ପାନୀ ପଲିସୀ ଅନୁଯାୟୀ ଲୋଡିଙ୍ଗ୍ ଏବଂ ଡିସ୍କାଉଣ୍ଟ ପାଇଁ ବିଚାର କରାଯାଉଥିବା ସଙ୍କଟାଙ୍କନ କାରକ

| | |
|---|---|
| ମାଲିକ ଚାଳକ ପାଇଁ ବ୍ୟକ୍ତିଗତ ଦୁର୍ଘଟଣା ସୁରକ୍ଷା ଅନିବାର୍ଯ୍ୟ ଅଟେ । ଦୟାକରି ନାମିତୀକରଣର ବିବରଣୀ ଦିଅନ୍ତୁ:<br>(କ) ନାମିତର ନାମ ଏବଂ ଆୟୁ :<br>(ଖ) ସମ୍ବନ୍ଧ :<br>(ଗ) ସମନୁଦେଶିତର ନାମ<br>(ଯଦି ନାମିତ ଏକ ନାବାଳିକ ହୋଇଥାଏ) :<br>(ଘ) ନାମିତ ସହିତ ସମ୍ବନ୍ଧ :<br><br>1. ଅନିବାର୍ଯ୍ୟ PA ହେଉଛି ଟ. 15 ଲକ୍ଷ<br><br>2. ମାଲିକ ଚାଳକ ପାଇଁ ଅନିବାର୍ଯ୍ୟ PA ସୁରକ୍ଷାର ମଞ୍ଜୁରୀ ଦିଆଯାଇ ପାରେ ନାହିଁ ଯେଉଁଠି ଏକ ବାହନର ମାଲିକ ଏକ କମ୍ପାନୀ, ଏକ ସହଭାଗିତା ଫାର୍ମ କିମ୍ବା ଏକ ସଦୃଶ ସଂସ୍ଥା କର୍ପୋରେଟ ହୋଇଥାଏ କିମ୍ବା ଯେଉଁଠି ମାଲିକ-ଡ୍ରାଇଭର ପାଖରେ ଏକ ପ୍ରଭାବୀ ଡ୍ରାଇଭିଂ ଲାଇସେନ୍ସ ନ ଥାଏ । | ଅତିରିକ୍ତ ପ୍ରିମିୟମ ଅନ୍ତର୍ଗତ ଅତିରିକ୍ତ ବୀମା ସୁରକ୍ଷା |
| ନାମିତ ବ୍ୟକ୍ତିମାନଙ୍କ ପାଇଁ PA ସୁରକ୍ଷା | |

| | | | | | |
|---|---|---|---|---|---|
| PA ସୁରକ୍ଷା ପାଇଁ ନାମୀତ ବ୍ୟକ୍ତି | IMT-15 | ନାମିତ ବ୍ୟକ୍ତିମାନଙ୍କ ପାଇଁ ଆପଣ ବ୍ୟକ୍ତିଗତ ଦୁର୍ଘଟଣା ସୁରକ୍ଷା ଅନ୍ତର୍ଭୁକ୍ତ କରିବା ପାଇଁ ଚାହାଁନ୍ତି କି ? | | | |
| | | ନାମ | ଚୟନିତ CSI (ଟ.) | ନାମୀତ | ସମ୍ବନ୍ଧ |
| | | 1) | | | |
| | | 2) | | | |
| | | 3) | | | |
| | | ହଁ / ନା, ଯଦି ହଁ, ନାମ ଏବଂ ଚୟନିତ ପୁଞ୍ଜି ବୀମା ରାଶି (CSI) ପ୍ରଦାନ କରନ୍ତୁ:<br>(ଧ୍ୟାନ ଦିଅନ୍ତୁ: ପ୍ରତ୍ୟେକ ବ୍ୟକ୍ତି ପାଇଁ ଉପଲବ୍ଧ ସର୍ବାଧିକ CSI ଘରୋଇ କାର କ୍ଷେତ୍ରରେ ଟ. 2 ଲକ୍ଷ ଏବଂ ମୋଟର ବାହିତ ଦୁଇ ଚକିଆ କ୍ଷେତ୍ରରେ ଟ. 1 ଲକ୍ଷ ହୋଇଥାଏ) | | | |

| | |
|---|---|
| ଅନାମିତ ବ୍ୟକ୍ତି /ପିଲିଅନ/ ଅନାମିତ ଯାତ୍ରୀ ମାନଙ୍କ ପାଇଁ PA ସୁରକ୍ଷା | |
| **ଆଡ୍ ଅନ୍ ସୁରକ୍ଷା** | |
| **ଶୂନ୍ୟ ମୂଲ୍ୟ ହ୍ରାସ** | |
| **ସୌଜନ୍ୟ କାର** | |

ସୂଚନା ଯାହାର ମୂଲ୍ୟ ନିର୍ଦ୍ଧାରଣ ଉପରେ ଏକ ସମ୍ବନ୍ଧ ରହିଥାଏ, କିଛି ସାଂଖ୍ୟିକୀ ଉଦ୍ଦେଶ୍ୟରେ ମଧ୍ୟ

| | |
|---|---|
| ମେଡିକାଲ ଖର୍ଚ୍ଚ | |
| ବ୍ୟକ୍ତିଗତ ଜିନିଷପତ୍ର | |
| **ଅନ୍ୟାନ୍ୟ ବିବରଣୀ**<br>**ଆଡ୍ ଅନ୍ ସୁରକ୍ଷା କ୍ରମଶଃ** | |
| ବାହନର ଉପଯୋଗ ନିଜ ପରିସର ମଧ୍ୟରେ ସୀମିତ କି | ହଁ / ନାହିଁ |
| ବାହନଟି ବିଦେଶ ଦୂତାବାସର ଅଟେ କି | ହଁ / ନାହିଁ |
| କାରକୁ ଭିନଟେଜ କାର ରୂପେ ପ୍ରମାଣୀକରଣ କରାଯାଇଛି କି | ହଁ / ନାହିଁ |
| ବାହନର ଡିଜାଇନ ଅନ୍ଧ / ବିକଳାଙ୍ଗ ବ୍ୟକ୍ତିମାନଙ୍କ ପାଇଁ କରାଯାଇଛି କି | ହଁ / ନାହିଁ ଯଦି ହଁ, ଦୟାକରି RTA ଦ୍ୱାରା ଦିଆଯାଇଥିବା ପୃଷ୍ଠାଙ୍କନର ବିବରଣୀ ଉଲ୍ଲେଖ କରନ୍ତୁ |
| ବାହନଟି ଡ୍ରାଇଭିଂ ଟ୍ୟୁଉଶନ୍ ପାଇଁ ଉପଯୋଗ କରାଯାଏ କି | ହଁ / ନାହିଁ |
| ଭୌଗୋଳିକ କ୍ଷେତ୍ରର ବିସ୍ତାରଣର ଆବଶ୍ୟକତା ଅଛି କି | ନେପାଲ, ବାଙ୍ଗଲାଦେଶ, ଭୁଟାନ, ମାଲଦ୍ୱୀପ, ପାକିସ୍ତାନ, ଶ୍ରୀଲଙ୍କା |

ଆପଣ ଏକ ଗୋଟିଏ ପୃଷ୍ଠା ପଲିସୀ ନେବାପାଇଁ ଚାହାଁନ୍ତି କି? ହଁ / ନାହିଁ

ପରମ ସଦ୍ଭାବର ଆଧାରରେ

<u>ବୀମିତ ଦ୍ୱାରା ଘୋଷଣାପତ୍ର</u>

**ମୁଁ / ଆମେ ଏତଦ୍ଦ୍ୱାରା ଘୋଷଣା କରେ / କରୁ ଯେ ଏହି ପ୍ରସ୍ତାବ ଫର୍ମରେ ମୋ / ଆମ ଦ୍ୱାରା ଦିଆଯାଇଥିବା ଉକ୍ତିଗୁଡ଼ିକ ମୋ / ଆମ ସର୍ବୋତ୍ତମ ଜ୍ଞାନ ଓ ବିଶ୍ୱାସ ଅନୁସାରେ ସତ୍ୟ ଅଟେ ଓ୍ୱଂ ମୁଁ /ଆମେ ଏତଦ୍ଦ୍ୱାରା ଏକମତ ହୁଏ / ହେଉ ଯେ ଏହି ଘୋଷଣାପତ୍ର ମୋ /ଆମ ଏବଂ ................................................ ମଧ୍ୟରେ ହୋଇଥିବା ଚୁକ୍ତିର ଆଧାର ହେବ ।**

ମୁଁ/ଆମେ ଏତଦ୍ଦ୍ୱାରା ଏହା ମଧ୍ୟ------------------------------ ଏହି ପ୍ରସ୍ତାବ ଫର୍ମର ଦାଖଲ ପରେ କରାଯାଇଥିବା କୌଣସି ସଂଯୋଜନ କିମ୍ବା ପରିବର୍ତ୍ତନ କୁ କରାଯାଏ ତେବେ ତାହାକୁ ତୁରନ୍ତ ବୀମାକର୍ତ୍ତାମାନଙ୍କୁ ସୂଚୀତ କରାଯିବ ।

ମୁଁ/ ଆମେ ପୁଷ୍ଟି କରିବାକୁ ଚାହେଁ/ ଚାହୁଁ ଯେ ଗତ ପଲିସୀ ସମାପ୍ତି ତାରିଖଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ମୋ'/ ଆମ ବାହନର କୌଣସି ଦୁର୍ଘଟଣା ହୋଇ ନାହିଁ । ମୁଁ /ଆମେ ପୁଷ୍ଟି କରେ/ କରୁ ଯେ ମୁଁ/ଆମେ ପ୍ରିମିୟମକୁ ............................. ରେ .................................. ତାରିଖରେ ପ୍ରଦାନ କରିଛି/ କରିଛୁ ।

ଆପଣଙ୍କ ସହିତ ଉପରୋକ୍ତ ବାହନର ବୀମା ପାଇଁ, ଏହା ବୁଝାଯାଉଛି ଓ ସମ୍ମତି ପ୍ରଦାନ କରାଯାଉଛି ଯେ-------------------------(ସମୟ) ଠାରୁ ପୂର୍ବରୁ ହୋଇଥିବା କୌଣସି ଦୁର୍ଘଟଣାଠାରୁ ଉତ୍ପନ୍ନ ହୋଇଥିବା କୌଣସି ହାନି/କ୍ଷତି (ନଷ୍ଟ)/ଦାୟିତ୍ୱ ପାଇଁ ଆପଣଙ୍କ କୌଣସି ଦେୟ କିମ୍ବା ସେହି ପ୍ରକାରର କିଛି ବି ରହିବ ନାହିଁ ।

ମୁଁ /ଆମେ ଘୋଷଣା କରେ/କରୁ ଯେ ବାହନଟି ଉତ୍ତମ (ନିଷ୍କଳଙ୍କ) ସ୍ଥିତି ଏବଂ ସଡ଼କରେ ଚଳନଯୋଗ୍ୟ ଅବସ୍ଥାରେ ଅଛି ।

ସ୍ଥାନ :

ତାରିଖ:

ପ୍ରସ୍ତାବକ**ଙ୍କ** ହସ୍ତାକ୍ଷର

ଭାରତ ଗୃହ ରକ୍ଷା, ଭାରତ ସୁରକ୍ଷା ଏବଂ ଭାରତ ଲଘୁ ଉଦ୍ୟମ ର ପ୍ରସ୍ତାବ ଫର୍ମ

ଭାରତ ଗୃହ ରକ୍ଷା, ଭାରତ ସୁରକ୍ଷା ଏବଂ ଭାରତ ଲଘୁ ଉଦ୍ୟମ ର ପ୍ରସ୍ତାବ ଫର୍ମ ମାନକ ଉତ୍ପାଦ ଓ ସେମାନଙ୍କ ସମ୍ବନ୍ଧିତ ପ୍ରସ୍ତାବ ଫର୍ମ, ଅର୍ଥାତ୍ ଭାରତ ଗୃହ ରକ୍ଷା, ଭାରତ ସୁରକ୍ଷା ଏବଂ ଭାରତ ଲଘୁ ଉଦ୍ୟମକୁ ଅଧିକ ଉତ୍ତମ ରୂପେ ବୁଝିବା ପାଇଁ, ଦୟାକରି ଆଇ.ଆର୍.ଡି.ଏ.ଆଇ. ୱେବ୍ସାଇଟର ନିମ୍ନ ଲିଙ୍କ୍ କୁ ଯାଞ୍ଚ କରନ୍ତୁ ।

https://www.irdai.gov.in/ADMINCMS/cms/Uploadedfiles/StandardProducts/Annexure-I-BharatGrihaRaksha.pdf